# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୬/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, January 16/2020 | ★★★★★★

୪୬ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






ତାଇୱାନ ଏକ ସ୍ୱାଧୀନ ଦ୍ୱୀପରାଷ୍ଟ୍ର। ଏହା ଉପରେ ଆକ୍ରମଣ କଲେ ଚାଇନାକୁ ମହଙ୍ଗା ପଡ଼ିବ।

-ସାଇ ଇଙ୍ଗ୍-ୱେନ୍,
ତାଇୱାନ ରାଷ୍ଟ୍ରପତି



■ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଇରାନ ବହିର୍ବ୍ୟାପାରମନ୍ତ୍ରୀ

# ଗଲ୍ଫରେ ଉତ୍ତେଜନା ହ୍ରାସକରୁ ଭାରତ

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ଗଲ୍ଫ (ଉପସାରଗରୀୟ ଅଞ୍ଚଳ)ରେ ଲାଗିରହିଥିବା ଉତ୍ତେଜନାକୁ ହ୍ରାସ କରିବାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ତେହେରାନ ପକ୍ଷରୁ ପ୍ରଥମଥର ପାଇଁ ନୂଆଦିଲ୍ଲୀର ଭୂମିକା ଉପରେ ଏପରି ଗୁରୁତ୍ୱ ଦିଆଯାଇଛି। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖି ସ୍ଥିରତା ଆଣିବା ପାଇଁ ଭାରତ ଆଗ୍ରହୀ ବୋଲି ଭାରତ କହିଛି। ଇରାନ

■ ଟ୍ରମ୍ପଙ୍କ ଉପରେ ବର୍ଷିଲେ ଜରିଫ୍

■ ସୋଲେମାନୀଙ୍କ ହତ୍ୟା ଆମେରିକାର ଅହଂକାର ଓ ଅଜ୍ଞତାର ପରିଚୟ

■ ସମ୍ପୃକ୍ତ କ୍ଷେତ୍ରରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଭାରତ ଆଗ୍ରହୀ: ମୋଦି

ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ଜାଭେଦ ଜରିଫ୍ ତିନିଦିନିଆ ଭାରତ ଗସ୍ତରେ ଆସି ବୁଧବାର ରାଇସିନା ଡାଇଲଗ୍ ୨୦୨୦ରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ରାଇସିନା ଡାଇଲଗ୍ ୨୦୨୦ରେ ଉଦ୍‌ବୋଧନ ଦେଇ ଜରିଫ୍ ଆମେରିକା ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏବଂ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଇରାନ ସେନାର ଜେନେରାଲ କାସିମ୍ ସୋଲେମାନୀଙ୍କ ମୃତ୍ୟୁକୁ ନେଇ ଉତ୍ସବ ମନାଉଛନ୍ତି। ଆମେରିକା ସବୁକିଛିକୁ ନିଜ ଲାଭ ଦୃଷ୍ଟିରୁ ଦେଖୁଛି, ସମ୍ପୃକ୍ତ ଅଞ୍ଚଳର ହିତ ଦୃଷ୍ଟିରୁ ନୁହେଁ। ସୋଲେମାନୀଙ୍କ ହତ୍ୟା ଆମେରିକାର ଅହଂକାର ଓ ଅଜ୍ଞତାର ପରିଚୟ। ଏହି ବର୍ବରକାର୍ଯ୍ୟକୁ ଭାରତର ୪୩୦ ସହରରେ ବିରୋଧ କରାଯାଇଛି। ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ଭାରତ ବଡ଼ ଭୂମିକା ନେଉ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସମ୍ପୃକ୍ତ କ୍ଷେତ୍ରରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଭାରତ ଚାହୁଁଛି। ଚବାହାର ପ୍ରକଳ୍ପରେ ଉନ୍ନତି ଓ ଏହାକୁ ଏକ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ପରିଣତ କରିଥିବାରୁ ଇରାନ ନେତୃବୃନ୍ଦଙ୍କୁ ଧନ୍ୟବାଦ। ଇରାନ ସହିତ ଭାରତର ସମ୍ପର୍କ ଆଗକୁ ଆହୁରି ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ତାଙ୍କ କାର୍ଯ୍ୟାଳୟ ପିଏମ୍‌ଓ ସୂତ୍ରରୁ ପ୍ରକାଶ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଜାଭେଦ ଜରିଫ।

■ ଆମେରିକା, ୟୁରୋପକୁ ରୁହାନିଙ୍କ ଧମକ

## ଆଗକୁ ଭୟାବହ ପରିଣତି

**ତେହେରାନ,୧୫।୧**



୨୦୧୫ ଇରାନ ଆଣବିକ ଚୁକ୍ତିରୁ ଆମେରିକା ଓହରିଯିବା ଏକ ବଡ଼ ବିପଦ। ମଧ୍ୟପ୍ରାଚ୍ୟରେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ସୈନ୍ୟ ମୁତୟନର ପରିଣାମ ଭୟଙ୍କର ହେବ ବୋଲି ବୁଧବାର ଇରାନ ରାଷ୍ଟ୍ରପତି ହାସନ ରୁହାନି ଧମକ ଦେଇଛନ୍ତି। ଦେଶର ସରକାରୀ ଟିଭି ଚ୍ୟାନେଲରେ ଏକ କ୍ରୋଧପୂର୍ଣ୍ଣ ଭାଷଣ ଦେଇ ରୁହାନି କହିଛନ୍ତି, ମଧ୍ୟପ୍ରାଚ୍ୟରେ ଆମେରିକାର ସୈନ୍ୟ ଆଦୌ ସୁରକ୍ଷିତ ନୁହନ୍ତି। ସେହିପରି ୟୁରୋପୀୟ ସୈନ୍ୟମାନଙ୍କ ପାଇଁ ମଧ୍ୟ ଆସନ୍ତା କାଲି ବଡ଼ ବିପଦ ସୃଷ୍ଟି ହୋଇପାରେ। ଆମେରିକା ତା'ର ପୂର୍ବ ଅପରାଧଗୁଡ଼ିକ ପାଇଁ ତେହେରାନକୁ କ୍ଷମାମାଗିବା ଉଚିତ। ୱାଶିଂଟନ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିରତା ଓ ଅସୁରକ୍ଷା ସୃଷ୍ଟି ପାଇଁ ଉଦ୍ୟମ କରୁଥିବାରୁ ତୁରନ୍ତ ସେନା ପ୍ରତ୍ୟାହାର ନ କଲେ ପରିଣାମ ଭୋଗିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ୟୁରୋପୀୟ ସଂଘ (ଇୟୁ) ଆଣବିକ ଚୁକ୍ତିକୁ ନେଇ ନିଜ ପ୍ରତିଶ୍ରୁତି ପାଳନ କରୁ। ଇୟୁ ଏକ ସ୍ୱାଧୀନ ବ୍ଲକ୍ ଭାବେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ତେଣୁ ଇୟୁ ମଧ୍ୟ ଇରାନକୁ କ୍ଷମାମାଗିବା ଦରକାର। ଏହି ଅବସରରେ ସେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କୁ ତାଚ୍ଛଲ୍ୟ କରିଛନ୍ତି। କାରଣ ବୋରିସ୍ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ନୂଆ ଆଣବିକ ଚୁକ୍ତି ପାଇଁ ପରାମର୍ଶ ଦେଇଥିଲେ। ଟ୍ରମ୍ପ କେବେହେଲେ ନିଜ ପ୍ରତିଶ୍ରୁତି ରକ୍ଷା କରୁ ନ ଥିବାରୁ ବୋରିସ୍‌ଙ୍କ ପ୍ରସ୍ତାବ ହାସ୍ୟାସ୍ପଦ ବୋଲି କ୍ଷୁବ୍ଧ ରୁହାନି କହିଛନ୍ତି। ପ୍ରକାଶ ଯେ ଇରାକ ରାଜଧାନୀ ବାଗଦାଦସ୍ଥିତ ବିମାନବନ୍ଦରରେ ଗତ ୩ ତାରିଖରେ ଇରାନର କୁଦ୍‌ସ ଫୋର୍ସ କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକା ଡ୍ରୋନ୍ ଆକ୍ରମଣରେ ହତ୍ୟା କରିଥିଲା। ସେବେଠୁ ଦୁଇଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି।

## ୩୧ରୁ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୧୫।୧(ପି.ଟି.)**



ଜାନୁୟାରୀ ୩୧ରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ଏପ୍ରିଲ ୩ ପର୍ଯ୍ୟନ୍ତ ଚାଲିବ। ୩୧ ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଅଧିବେଶନ ଦୁଇ ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଫେବୃୟାରୀ ୧୧ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୨ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

## ରୁଷିଆ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**ମସ୍କୋ,୧୫।୧**



ରୁଷିଆ ପ୍ରଧାନମନ୍ତ୍ରୀ ଡିମିଟ୍ରି ମେଡ୍‌ଭେଡେଭ୍ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କୁ ଦେଇଥିଲେ। ପୁଟିନ ମେଡ୍‌ଭେଡେଭ୍‌ଙ୍କୁ ତାଙ୍କ ସେବା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ମେଡ୍‌ଭେଡେଭଙ୍କୁ ରାଷ୍ଟ୍ରପତୀୟ ସୁରକ୍ଷା ପରିଷଦର ଉପମୁଖ୍ୟ କରିବା ପାଇଁ ପୁଟିନ୍ ଯୋଜନା କରିଛନ୍ତି। ପୁଟିନଙ୍କ ସହ ଦୀର୍ଘଦିନ ଧରି ଘନିଷ୍ଠ ଥିବା ମେଡ୍‌ଭେଡେଭ୍ ୨୦୧୨ରୁ ପ୍ରଧାନମନ୍ତ୍ରୀ ଥିଲେ। ଏହା ପୂର୍ବରୁ ସେ ୨୦୦୮ରୁ ୨୦୧୨ ରୁଷିଆର ରାଷ୍ଟ୍ରପତି ରହିଥିଲେ।

■ ଜାତିସଂଘରେ କଶ୍ମୀର ପ୍ରସଙ୍ଗ

## ଚାଇନାକୁ ବିରୋଧ କରିବ ଫ୍ରାନ୍ସ

**ନୂଆଦିଲ୍ଲୀ,୧୫।୧(ପି.ଟି.)**

ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଚାଇନା ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇବାକୁ ଯାଉଛି। ତେବେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହାକୁ ବିରୋଧ କରିବାକୁ ଥିବାରୁ ବେଜିଂର ଉଦ୍ୟମ ସଫଳ ହୋଇ ନ ପାରେ ବୋଲି କୁହାଯାଉଛି। ପୂର୍ବଭଳି ଏଥର ମଧ୍ୟ ଫ୍ରାନ୍ସ ଏହାକୁ ବିରୋଧ କରିବ ବୋଲି ସ୍ପଷ୍ଟ କରିଛି। ଏକ ଆଫ୍ରିକୀୟ ଦେଶ ପ୍ରସଙ୍ଗରେ ସୁରକ୍ଷା ପରିଷଦରେ ଆଲୋଚନା ହେବାକୁ ଥିବାବେଳେ ଚାଇନା ଉଦ୍ଦେଶ୍ୟମୂଳକ ଭାବେ କଶ୍ମୀର ପ୍ରସଙ୍ଗକୁ ଏଜେଣ୍ଡାରେ ସ୍ଥାନ ଦେବାକୁ ଅନୁରୋଧ କରିଛି। ତେବେ କଶ୍ମୀର ପ୍ରସଙ୍ଗରେ ଫ୍ରାନ୍ସର ଆଭିମୁଖ୍ୟ ସ୍ପଷ୍ଟ ଏବଂ ଅପରିବର୍ତ୍ତିତ। ଏହି ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ ହେବା ଆବଶ୍ୟକ। ଏକଥା ଫ୍ରାନ୍ସ ପୂର୍ବରୁ ଅନେକ ଥର କହିଆସିଛି। ଗତମାସରେ ଚାଇନା ରୁଦ୍ଧଦ୍ୱାର ବୈଠକରେ କଶ୍ମୀର ପ୍ରସଙ୍ଗରେ ଆଲୋଚନା ପାଇଁ ଉଦ୍ୟମ କରିଥିଲା। ତେବେ ଫ୍ରାନ୍ସ, ଆମେରିକା, ବ୍ରିଟେନ୍ ଓ ରୁଷିଆର ବିରୋଧ ଯୋଗୁ ତାହା ସଫଳ ହୋଇପାରି ନ ଥିଲା।

## ହାଇକୋର୍ଟ ଗଲେ ସେନ୍‌ଗାର

**ନୂଆଦିଲ୍ଲୀ,୧୫।୧:** ଉନ୍ନାଓ ନାବାଳିକା ବଳାତ୍କାର ମାମଲାରେ ତଳକୋର୍ଟ ଦ୍ୱାରା ଡିସେମ୍ବର ୨୦ରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ନିଲମ୍ବିତ ଭାଜପା ବିଧାୟକ କୁଲଦୀପ ସେନ୍‌ଗାର ବୁଧବାର ଦିଲ୍ଲୀ ହାଇକୋର୍ଟରେ ଏହାକୁ ଚାଲେଞ୍ଜ କରିଛନ୍ତି। ନାବାଳିକା ଅପହରଣ ଓ ବଳାତ୍କାର ଭଳି ସଙ୍ଗିନ ଦଫା ତାଙ୍କ ବିରୋଧରେ ଲଗାଯାଇଥିଲା। ଆଇପିସିର ବିଭିନ୍ନ ଧାରା ସହ ପୋକ୍ସୋ ଆଇନ ଅନୁଯାୟୀ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା।

## ଜାଲିକାଟ୍ଟୁ ପ୍ରତିଯୋଗିତା ବେଳେ ୩୫ ଆହତ

**ମଦୁରାଇ,୧୫।୧(ପି.ଟି.)**

ପୋଙ୍ଗଲ ପର୍ବ ଅବସରରେ ତାମିଲନାଡୁର ବିଭିନ୍ନ ସ୍ଥାନରେ ବାର୍ଷିକ ଷଣ୍ଢ କାବୁ କରିବା ପ୍ରତିଯୋଗିତା (ଜାଲିକାଟ୍ଟୁ)ରେ ଭାଗନେଇ ୩୫ ଜଣ ଆହତ ହୋଇଛନ୍ତି। ବୁଧବାର ପୋଙ୍ଗଲ ପର୍ବ ବେଶ୍ ଜାକଜମକରେ ଆରମ୍ଭ ହୋଇଥିଲା। ଏଥିରେ ୭୦୦ ଷଣ୍ଢ ଓ ୭୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଗୋଟିଏ ପରେ ଗୋଟିଏ ବଳବାନ୍ ଷଣ୍ଢଙ୍କୁ ପଡିଆ ମଧ୍ୟକୁ ଛଡ଼ାଯାଇଥିଲା ଓ ଯୁବକମାନେ ସେମାନଙ୍କ ଚୂଳ ଧରି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ବୁଧବାର ଅବନ୍ତିପୁରମ୍ ସମେତ ବିଭିନ୍ନ ଗ୍ରାମାଞ୍ଚଳ ଓ ସହରରେ ଜାଲିକାଟ୍ଟୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଓ ଶୁକ୍ରବାର ମଧ୍ୟ କେତେକ ସ୍ଥାନରେ ଏହି ପ୍ରତିଯୋଗିତା ହେବ।



## ଏନ୍‌କାଉଣ୍ଟରରେ ହିଜ୍‌ବୁଲ ଆତଙ୍କବାଦୀ ନିହତ

**ଜମ୍ମୁ,୧୫।୧(ପି.ଟି.)**

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ବୁଧବାର ଯବାନଙ୍କ ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ଗୋଣ୍ଡାନା ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଯବାନ ଓ ପୋଲିସର ଗୁଳିବିନିମୟ ହୋଇଥିଲା ବୋଲି ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଦେବେନ୍ଦର ଆନନ୍ଦ କହିଛନ୍ତି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଯବାନମାନେ ଉକ୍ତ ଅଞ୍ଚଳକୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଗୁଳିବିନିମୟ ବେଳେ ହିଜ୍‌ବୁଲ୍ ସଂଗଠନର ଶୀର୍ଷ ବର୍ଗର ଆତଙ୍କବାଦୀ ହାରୁନ୍ ୱାନି ନିହତ ହୋଇଛନ୍ତି। ଅନ୍ୟଜଣେ ଆତଙ୍କବାଦୀ ତୁଷାରାବୃତ ଅଞ୍ଚଳକୁ ଖସିପଳାଇଥିବାବେଳେ ତାଙ୍କୁ ଧରିବା ଲାଗି ତଲାସି ଅଭିଯାନ ଜାରି ରହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ୍, ୭୩ ରାଉଣ୍ଡ ଗୁଳି, ଏକ ଚାଇନା ଗ୍ରେନେଡ ଏବଂ ରେଡିଓ ସେଟ୍ ଜବତ ହୋଇଛି।

## ଭୀମ ଆର୍ମି ମୁଖ୍ୟଙ୍କୁ ଜାମିନ



**ନୂଆଦିଲ୍ଲୀ,୧୫।୧(ପି.ଟି.):** ସିଏଏ ବିରୋଧୀ ବିକ୍ଷୋଭ ବେଳେ ଗିରଫ ହୋଇଥିବା ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଦିଲ୍ଲୀର ଏକ କୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ସେ ୪ ସପ୍ତାହ ଦିଲ୍ଲୀରେ ରହିପାରିବେ ନାହିଁ କି ବିଧାନସଭା ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ଧାରଣା ଦେଇପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ କାମିନୀ ଲଉ ୨୫ ହଜାର ଟଙ୍କାର ବେଲ୍ ବଣ୍ଡ ଜରିଆରେ ଆଜାଦଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଆଜାଦ ଓ ତାଙ୍କ ସହଯୋଗୀମାନେ ଡିସେମ୍ବର ୨୦ରେ ଜାମା ମସ୍‌ଜିଦରୁ ଯନ୍ତରମନ୍ତର ପର୍ଯ୍ୟନ୍ତ ସିଏଏ ବିରୋଧୀ ବିକ୍ଷୋଭ କରି ଗିରଫ ହୋଇଥିଲେ।



[ଇତିହାସର ଆଇନାରେ]

### ଜାନୁୟାରୀ ୧୬ର ପ୍ରମୁଖ ଘଟଣା

୧୯୪୨ ଜାନୁୟାରୀ ୧୬ରେ ନ୍ୟୁୟର୍କରୁ କାଲିଫର୍ନିଆ ଅଭିମୁଖେ ଯାଉଥିବା ଦୁଇ ଇଞ୍ଜିନ ବିଶିଷ୍ଟ ଏକ ଡୋଗଲାଗ୍ ବିମାନ ଦୁର୍ଘଟଣାର ଶିକାର ହେବାରୁ ଏଥିରେ ଥିବା ସମସ୍ତ ୨୨ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୦ ଜାନୁୟାରୀ ୧୬ରେ ସିପିଆଇଏମ୍‌ର ବରିଷ୍ଠ ନେତା ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ ପ୍ରାଣ ହରାଇଥିଲେ। ୧୯୭୭ରୁ ୨୦୦୦ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ।

## ଏସ୍‌ସିଓ ସମ୍ମିଳନୀ ପାଇଁ ଇମ୍ରାନ୍‌ଙ୍କୁ ନିମନ୍ତ୍ରଣ କରିବ ଭାରତ

**ନୂଆଦିଲ୍ଲୀ,୧୫।୧:** ଚଳିତବର୍ଷ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କୁ ଭାରତ ପକ୍ଷରୁ ନିମନ୍ତ୍ରଣ କରାଯିବ ବୋଲି ଜଣାପଡ଼ିଛି। ଭାରତ ପ୍ରଥମଥର ପାଇଁ ଏସ୍‌ସିଓ ସମ୍ମିଳନୀ ଆୟୋଜନ କରିବାକୁ ଯାଉଥିବାବେଳେ ଏଥିରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସରକାରୀ ମୁଖ୍ୟ ଯୋଗଦେବେ। ପ୍ରଟୋକଲ ଓ ପରମ୍ପରା ଅନୁସାରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ନିମନ୍ତ୍ରଣପତ୍ର ପଠାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଇମ୍ରାନ୍ ଏଥିରେ ଯୋଗଦେବେ ନା ନାହିଁ ସେନେଇ ଇସ୍‌ଲାମାବାଦ ନିଷ୍ପତ୍ତି ନେବ। ପ୍ରକାଶ ଯେ, ଏହି ଅର୍ଥନୈତିକ ଓ ନିରାପତ୍ତା ବ୍ଲକ୍‌ରେ ଆରମ୍ଭରୁ ରୁଷିଆ, କଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ ଓ ଉଜ୍‌ବେକିସ୍ତାନ ଥିବାବେଳେ ୨୦୧୭ରେ ଭାରତ ଓ ପାକିସ୍ତାନକୁ ସାମିଲ କରାଯାଇଛି। ୨୦୨୦ରେ ଭାରତ ଏସ୍‌ସିଓର ସରକାରୀ ମୁଖ୍ୟମାନଙ୍କ ପରିଷଦର ସମ୍ମିଳନୀ ଆୟୋଜନ କରିବ ବୋଲି ଗତବର୍ଷ ତାସ୍‌କେଣ୍ଟ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା।

## ଇଲେକ୍ଟୋରାଲ ବଣ୍ଡରୁ ଭାଜପାକୁ ମିଳିଛି ୧୪୫୦ କୋଟି

**ନୂଆଦିଲ୍ଲୀ,୧୫।୧(ପି.ଟି.):** ଶାସକ ଭାଜପା ୨୦୧୮-୧୯ ବର୍ଷରେ ୨୪୧୦ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି। ସେଥିରୁ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ସଂଗ୍ରହ ହୋଇଛି ୧୪୫୦.୮୯ କୋଟି ଟଙ୍କା। କଂଗ୍ରେସ ଇଲେକ୍ଟୋରାଲ ବଣ୍ଡ ବିକ୍ରିରୁ ୩୮୩.୨୬ କୋଟିଟଙ୍କା ଉଠାଇଥିବାବେଳେ ମୋଟ ୯୧୮.୦୩ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରିଥିବା ଆସୋସିଏଶନ୍ ଫର ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି। ୬ଟି ଜାତୀୟ ଦଳ ମଧ୍ୟରୁ ଭାଜପା,କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସେମାନଙ୍କ ଆୟ ଘୋଷଣା କରିଛନ୍ତି।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧ ବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୨.୮ |
| ଚାନ୍ଦବାଲି | ୨୮.୦ | ୧୩.୫ |
| କଟକ | ୨୯.୦ | ୧୫.୦ |
| ପାରାଦ୍ୱୀପ | ୨୭.୧ | ୧୬.୩ |
| ଭୁବନେଶ୍ୱର | ୨୯.୨ | ୧୬.୦ |
| ଗୋପାଳପୁର | ୨୮.୬ | ୧୫.୭ |
| ପୁରୀ | ୨୫.୬ | ୧୪.୮ |
| ଅନୁଗୋଳ | ୨୮.୭ | ୯.୬ |
| ବାରିପଦା | -- | ୧୩.୦ |
| ଝାରସୁଗୁଡ଼ା | ୩୦.୪ | ୧୨.୪ |
| କେନ୍ଦୁଝର | ୨୮.୭ | ୧୧.୫ |
| ସମ୍ବଲପୁର | ୩୦.୩ | ୧୧.୬ |
| ସୁନ୍ଦରଗଡ଼ | ୨୫.୦ | ୧୧.୦ |
| ହୀରାକୁଦ | ୨୯.୧ | ୧୩.୬ |
| ତାଳଚେର | ୩୧.୧ | ୧୦.୦ |
| ଭବାନୀପାଟଣା | ୩୦.୦ | ୧୧.୮ |
| ବଲାଙ୍ଗୀର | ୩୧.୦ | ୧୨.୩ |
| କୋରାପୁଟ | ୩୦.୦ | ୧୦.୬ |
| ଫୁଲବାଣୀ | -- | -- |
| ଟିଟିଲାଗଡ଼ | ୩୦.୪ | ୯.୧ |
| ମାଲକାନଗିରି | ୩୧.୦ | ୧୧.୦ |
| ସୋନପୁର | ୨୫.୮ | ୭.୪ |
| ଦାରିଙ୍ଗିବାଡ଼ି | ୨୭.୦ | ୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ଗର୍ଭବତୀଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ ଯବାନ

**ଶ୍ରୀନଗର,୧୫।୧(ପି.ଟି.)**



ଅଣ୍ଟାଏ ବରଫରେ ବୋହିଲେ ୫ କି.ମି.

ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ଉତ୍ତର କଶ୍ମୀରର ଏକ ଗ୍ରାମରେ ଜଣେ ଗର୍ଭବତୀ ମହିଳାଙ୍କୁ ସେନା ଯବାନମାନେ ଅଣ୍ଟାଏ ଗଭୀର ତୁଷାର ମଧ୍ୟରେ ପାଖାପାଖି ୫ କିଲୋମିଟର ବୋହିନେଇ ହସ୍ପିଟାଲରେ ପହଞ୍ଚାଇଥିଲେ। ଉକ୍ତ ମହିଳା ଏକ ସୁସ୍ଥ ଶିଶୁ ଜନ୍ମ ଦେଇଛନ୍ତି। ଯବାନମାନଙ୍କ ଏହି ଦୁଃସାହସିକ କାର୍ଯ୍ୟକୁ ସୋସିଆଲ ମିଡିଆ ସମେତ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ପ୍ରବଳ ତୁଷାରପାତ ମଧ୍ୟରେ ଚିନାର କର୍‌ପସ୍‌ର ଯବାନମାନେ ଯେଉଁ ବୀରତ୍ୱ ଓ ସହଯୋଗ ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଉତ୍ତର କଶ୍ମୀରର ବାରମୁଲ୍ଲା ଅନ୍ତର୍ଗତ ଟଙ୍ଗମାର୍ଗ ନିକଟ ଦାର୍ଦପୋରା ଗାଁରେ ଶମିମା ନାମ୍ନୀ ମହିଳା ମଙ୍ଗଳବାର ଗର୍ଭବେଦନା ଅନୁଭବ କରିଥିଲେ। ତୁଷାରପାତ ଜାରି ରହିଥିବାରୁ ତାଙ୍କୁ ହସ୍ପିଟାଲ ନେବାରେ ପରିବାର ଅସମର୍ଥ ଥିଲେ। ଉଭୟ ମାଆ ଓ ଗର୍ଭସ୍ଥ ଶିଶୁଙ୍କ ଜୀବନ ପ୍ରତି ବିପଦ ଥିଲା। କୌଣସି ଉପାୟ ନ ପାଇ ମହିଳାଙ୍କ ସ୍ୱାମୀ ରିୟାଜ ମୀର୍ ସେନା ଟିମ୍‌କୁ ଫୋନ୍ କରିଥିଲେ। ଖବର ପାଇବା ପରେ ଟିମ୍ କମାଣ୍ଡର ସଙ୍ଗେ ସଙ୍ଗେ ଜଣେ ଘରୋଇ ମେଡିକାଲ ଅଫିସରଙ୍କୁ ସାଙ୍ଗରେ ଧରି ୫ କିମି ଚାଲି ମହିଳାଙ୍କ ଘରେ ପହଞ୍ଚିଥିଲେ। ସେନା ୟୁନିଟ କାଳବିଳମ୍ବ ନ କରି କାର୍ଯ୍ୟରେ ଲାଗିଯାଇଥିଲା। ସେମାନେ ତିନୋଟି ଟିମ୍‌ରେ ବିଭକ୍ତ ହୋଇଯାଇଥିଲେ। ଗୋଟିଏ ଟିମ୍ ରାସ୍ତାରୁ ବରଫ ହଟାଇବା କାର୍ଯ୍ୟରେ ଲାଗିବା ସହ ଅନ୍ୟ ଟିମ୍ ହେଲିପ୍ୟାଡ଼ ପର୍ଯ୍ୟନ୍ତ ତୁଷାର ସଫା କରିଥିଲେ। ତୃତୀୟ ଟିମ୍ କାନିସପୋରା ପର୍ଯ୍ୟନ୍ତ ରାସ୍ତାରୁ ବରଫ ହଟାଇଥିଲେ।

ସେନାର ୧୦୦ ଯବାନ ଓ ୨୫ ଜଣ ସ୍ଥାନୀୟ ଲୋକେ ୬ ଘଣ୍ଟାର ଅକ୍ଲାନ୍ତ ଉଦ୍ୟମ ପରେ ମହିଳାଙ୍କୁ ଅଣ୍ଟାଏ ତୁଷାର ମଧ୍ୟରେ ଷ୍ଟ୍ରେଚରରେ ନେଇ ଉପ୍ଲୋନାରେ ପହଞ୍ଚାଇଥିଲେ। ସେଠାରୁ ସେନା ମେଡିକାଲ ଅଫିସରଙ୍କ ସହ ତାଙ୍କୁ ସୈନ୍ୟବାହିନୀ ଆମ୍ବୁଲାନ୍ସରେ ବାରମୁଲ୍ଲା ହସ୍ପିଟାଲ ନିଆଯାଇଥିଲା। ହସ୍ପିଟାଲ ପର୍ଯ୍ୟନ୍ତ ଯବାନମାନେ ରାସ୍ତାରୁ ବରଫ ହଟାଇଥିଲେ ଏବଂ ମହିଳା ସନ୍ତାନ ପ୍ରସବ କରିବା ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୬/୨୦୨୦ | Bhubaneswar, Thursday, January 16/2020 | ପୃଷ୍ଠା-୧




**ବାଘୁଣୀ ହତ୍ୟା ଉପରେ ଆଧାରିତ ଫିଲ୍ମରେ ବିଦ୍ୟା**

ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ ମହାରାଷ୍ଟ୍ରର ଚର୍ଚ୍ଚିତ ବାଘୁଣୀ ଅବ୍‌ନୀର ହତ୍ୟା ଘଟଣା ଉପରେ ଆଧାରିତ ଫିଲ୍ମରେ ଜଣେ ଫରେଷ୍ଟ ଅଫିସର ଭୂମିକାରେ ନଜରକୁ ଆସିବେ।

୦୭

୧୬

**ରୋହିତ ଦିନିକିଆ କ୍ରିକେଟର ଅଫ୍ ଦି ଇୟର**

ଭାରତୀୟ ଓପନର ରୋହିତ ଶର୍ମା ୨୦୧୯ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।




**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**

ପୃଷ୍ଠା - ୮ ଓ ୯


### ଆଜିର ସମ୍ପାଦକୀୟ

କ୍ଷୀରରେ କର୍କଟକାରକ ଆଫ୍ଲାଟକ୍ସିନ

### ଆଜିର ମନ୍ତବ୍ୟ

“ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ ଭାରତ।

**–ଜାଭେଦ ଜରିଫ୍, ଇରାନ ବହିର୍ବ୍ୟାପାର ମନ୍ତ୍ରୀ**

### କିଛି ତଥ୍ୟ

ଡାଟା ଆନାଲିଟିକ୍ସ ଦ୍ୱାରା ୩୫୦ କୋଟି ଟଙ୍କାର ମିଥ୍ୟା ଆଇଜିଏସ୍‌ଟି ରିଫଣ୍ଡ ସଞ୍ଚୟ କରିବାରେ ସରକାର ସକ୍ଷମ ହୋଇଛନ୍ତି। **– ରାଜସ୍ୱ ବିଭାଗ**


Vencobb FRESH CHICKEN — Taste the difference!

15.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 76 | 127 | 137 |
| CTC | 76 | 127 | 137 |
| DKL | 78 | 129 | 139 |
| BDK | 77 | 128 | 138 |
| BLS | 77 | 128 | 138 |
| ANG | 79 | 131 | 141 |
| BHM | 77 | 128 | 138 |

*Conditions Apply

Issued in the Interest of Consumers


# ପ୍ରବାସୀ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍

## ସୁରକ୍ଷା, ସହାୟତାକୁ ଗୁରୁତ୍ୱ ଦେଇ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା ଓ ସହାୟତା ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରବାସୀ ଶ୍ରମିକମାନଙ୍କୁ ଚିହ୍ନଟ କରାଯିବ। ସେମାନେ ଯେପରି ରାଜ୍ୟ ଭିତରେ ନିଯୁକ୍ତି ସୁଯୋଗ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ମୁଖ୍ୟମନ୍ତ୍ରୀ ବୁଧବାର ସ୍ଥାନୀୟ ଜୟଦେବ ଭବନ ପରିସରରେ ଇ-ଶ୍ରମିକ ସମାଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଏହା ଘୋଷଣା କରିଛନ୍ତି। ପ୍ରବାସୀ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ମଧ୍ୟ ଗଠନ କରାଯାଇଛି। ସରକାରଙ୍କ ପକ୍ଷରୁ ଜିଲା ଓ ରାଜ୍ୟସ୍ତରରେ ପ୍ରବାସୀ ଶ୍ରମିକମାନଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବ।

ସବୁ ବର୍ଗର ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ୨୦୧୫ରେ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ରାଜ୍ୟର ୧୧ଟି ଦାଦନପ୍ରବଣ ଜିଲା ଏବଂ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଥମିକ ଭାବେ ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ୧୧ ଜିଲାକୁ ବୃଦ୍ଧି କରାଯାଇଥିଲା। ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନାରେ ୨୪ ଘଣ୍ଟିଆ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ଏବଂ ପ୍ୟାକେଜ୍ ଘୋଷିତ ହୋଇଛି। ରାଜ୍ୟ ଭିତରେ ଶ୍ରମିକମାନଙ୍କ ସହାୟତା ପାଇଁ ୧୫୫୩୬୮ ଏବଂ ରାଜ୍ୟ ବାହାର ପାଇଁ ୧୮୦୦-୨୪୫-୬୭୦୩ ହେଲ୍ପଲାଇନ୍ ନମ୍ବର ଖୋଲାଯାଇଛି। ଇ-ଶ୍ରମିକ ସମାଧାନ କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିଭଳି ଘୋଷଣା କରାଯାଇଥିବା ପ୍ୟାକେଜ୍‌ଗୁଡ଼ିକ ମଧ୍ୟରେ ୪ ଜିଲା(କଳାହାଣ୍ଡି, ନୂଆପଡ଼ା, ବରଗଡ଼, ବଲାଙ୍ଗୀର)ର ୨୦ ବ୍ଲକର ୪୭୭ ଗ୍ରାମପଞ୍ଚାୟତକୁ ମୁଖ୍ୟତଃ ଦୃଷ୍ଟିକେନ୍ଦ୍ରିତ କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଉକ୍ତ ୨୦ ବ୍ଲକରେ ଅତିରିକ୍ତ ୧୦୦ ଦିନର କାର୍ଯ୍ୟ ସହ ବର୍ଦ୍ଧିତ ମଜୁରି ପ୍ରଦାନ କରାଯିବ। ଅଣକୁଶଳୀ ଶ୍ରମିକଙ୍କ ମଜୁରି ୧୮୮ ଟଙ୍କାରୁ ୨୮୬.୩୦ ଟଙ୍କାକୁ ବୃଦ୍ଧି ପାଇଛି। ସେହି ୨୦ ବ୍ଲକର ସବୁ ପଞ୍ଚାୟତକୁ ଜୀବିକା ମିଶନର ‘ସଘନ ପଞ୍ଚାୟତ’ ଭାବେ ଗ୍ରହଣ କରାଯିବ। ଏହି ପଞ୍ଚାୟତଗୁଡ଼ିକର ସମସ୍ତ ମହିଳାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ରେ ସାମିଲ କରାଯିବ। ଏହି ସଦସ୍ୟାମାନଙ୍କ ପାଇଁ ବୀମା ବ୍ୟବସ୍ଥା ମଧ୍ୟ ରହିବ ବୋଲି ଜଣାପଡିଛି। ବ୍ୟାଙ୍କିଙ୍ଗ୍ ସୁବିଧା ପାଇଁ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ମଧ୍ୟରୁ ବ୍ୟାଙ୍କ୍‌ମିତ୍ର ନିଯୁକ୍ତି କରାଯିବ। ଏହିସବୁ ପରିବାରର ୧୮ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ଯୁବତୀଯୁବକ ☞ପୃଷ୍ଠା-୨



**ଇ-ଶ୍ରମିକ ସମାଧାନ ଆରମ୍ଭ**

- ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି
- ୪ ଜିଲାର ୨୦ ବ୍ଲକ ପାଇଁ ସ୍ୱତନ୍ତ୍ର ଯୋଜନା
- ଖୋଲିଲା ୨୪ ଘଣ୍ଟିଆ ହେଲ୍ପ ଲାଇନ୍
- ନିଯୁକ୍ତ ହେବେ ଶ୍ରମିକ ମିତ୍ର

## ୩୧ରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୧୫।୧

ଦେଶର ବିଭିନ୍ନ ବ୍ୟାଙ୍କ ସଂଘଗୁଡିକ ପକ୍ଷରୁ ଚଳିତ ମାସ ୩୧ରୁ ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ବେତନ ସଂଶୋଧନ ନେଇ ହୋଇଥିବା ଆଲୋଚନା ବିଫଳ ହେବା ଯୋଗୁ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ) ପକ୍ଷରୁ ଏଭଳି ଧର୍ମଘଟ ଡାକରା ଦିଆଯାଇଛି। ଏହାବାଦ ମାର୍ଚ୍ଚ ୧୧ରୁ ୧୩ ତାରିଖ ଯାଏ ତିନିଦିନିଆ ଧର୍ମଘଟ ଡାକରା ଦିଆଯାଇଥିବା ୯ ଶ୍ରମିକ ସଙ୍ଗଠନକୁ ପ୍ରତିନିଧିତ୍ୱ କରୁଥିବା ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। **(ଅଧିକ ଖବର: ବିଜ୍‌ନେସ୍ ପୃଷ୍ଠା)**


**ସାରଦା ମାଇନ୍ସକୁ ସୁପ୍ରିମକୋର୍ଟଙ୍କ ଝଟକା**

**ବେଆଇନ ଖନନ ପାଇଁ ୯୩୩ କୋଟି ଜମା ନିର୍ଦ୍ଦେଶ**

....... ୯ .......

**୬୫ ଟୋଲ୍ ପ୍ଲାଜାରେ ଫାଷ୍ଟାଗ୍ ନିୟମ କୋହଳ**

....... ୨ .......


# ବିଳମ୍ବ ହୋଇପାରେ ଦୋଷୀଙ୍କ ଫାଶୀ

ନୂଆଦିଲ୍ଲୀ,୧୫।୧ (ପି.ଟି./ଆଇଏଏନ୍‌ଏସ୍)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଜାନୁୟାରୀ ୨୨ରେ ଫାଶୀ ଦିଆଯିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଆବେଦନ (ମର୍ସି ପିଟିଶନ) ଦାଏର କରିଛନ୍ତି। ଏଥିପାଇଁ ସେମାନଙ୍କୁ ଫାଶୀ ଦିଆଯିବାରେ ବିଳମ୍ବ ହୋଇପାରେ ବୋଲି ଦିଲ୍ଲୀ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଦିଲ୍ଲୀ ପଟିଆଲା ହାଉସ୍‌କୋର୍ଟ ଗତ ୭ ତାରିଖରେ ନିର୍ଭୟା ମାମଲାର ଦୋଷୀ ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫)ଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରିଥିଲେ। ଆସନ୍ତା ୨୨ ତାରିଖ ସକାଳ ୭ଟାରେ ତିହାର ଜେଲରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଯିବ ବୋଲି ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ସ୍ପଷ୍ଟ କରିଥିଲେ। ବିନୟ ଓ ମୁକେଶ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି କ୍ୟୁରେଟିଭ ପିଟିଶନ ଦାଏର କରିଥିଲେ, ଯାହାକୁ ଜଷ୍ଟିସ୍ ଏନ୍. ଭି. ରମନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ମଙ୍ଗଳବାର ଖାରଜ କରିସାରିଛନ୍ତି। ସୁପ୍ରିମକୋର୍ଟ ଉକ୍ତ ଆବେଦନକୁ ଖାରଜ କରିବାର କିଛି ସମୟ ପରେ ମୁକେଶ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଆବେଦନ କରିଛନ୍ତି। ଏଥିଯୋଗୁ ସମସ୍ତ ୪ ଦୋଷୀଙ୍କୁ ଫାଶୀ ଦିଆଯିବାରେ ବିଳମ୍ବ ହୋଇପାରେ ବୋଲି ଦିଲ୍ଲୀ ସରକାର ଓ ତିହାର ଜେଲ୍ କର୍ତ୍ତୃପକ୍ଷ ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଦିଲ୍ଲୀ ସରକାରଙ୍କ ☞ପୃଷ୍ଠା-୨

**ନିର୍ଭୟା ମାମଲା**

- ରାଷ୍ଟ୍ରପତିଙ୍କ ନିକଟରେ ଦୟା ଆବେଦନ କରିଛନ୍ତି ମୁକେଶ ସିଂ
- ରାଷ୍ଟ୍ରପତି ଉକ୍ତ ପିଟିଶନକୁ ଖାରଜ କରିବାର ୧୪ ଦିନ ପରେ ହିଁ ଫାଶୀ ଦିଆଯାଇପାରିବ
- ହାଇକୋର୍ଟଙ୍କୁ ଜଣାଇଲେ ତିହାର ଜେଲ କର୍ତ୍ତୃପକ୍ଷ ଓ ଦିଲ୍ଲୀ ସରକାର




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିନ୍ସ
ପରିବାରବର୍ଗ


ଟିମ୍ ଟିମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏନ୍‌ଆଇଏକୁ ଅସାମ୍ବିଧାନିକ ଘୋଷଣା କରାଯାଉ

## ସୁପ୍ରିମକୋର୍ଟ ଗଲେ ଛତିଶଗଡ଼ ସରକାର

ନୂଆଦିଲ୍ଲୀ,୧୫।୧(ପି.ଟି.)

ଉପା ସରକାର ବେଳେ ଦେଶରେ ଲାଗୁ ହୋଇଥିବା ଜାତୀୟ ତଦନ୍ତ ଏଜେନ୍ସି (ଏନ୍‌ଆଇଏ) ଆଇନକୁ ଛତିଶଗଡ଼ର କଂଗ୍ରେସ ନେତୃତ୍ୱାଧୀନ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହି ଆଇନ ସାର୍ବଭୌମତ୍ୱକୁ ପ୍ରଭାବିତ କରିବା ସହ କେନ୍ଦ୍ର ହାତରେ ନିରଙ୍କୁଶ କ୍ଷମତା ଦେଇଥିବାରୁ ଏହାକୁ ଅସାମ୍ବିଧାନିକ ଓ ପକ୍ଷପାତିତା ଘୋଷଣା କରିବା ପାଇଁ ଛତିଶଗଡ଼ ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ୨୦୦୮ ନଭେମ୍ବର ୨୬ ମୁମ୍ବାଇ ଆକ୍ରମଣ ପରେ ତତ୍କାଳୀନ ମନମୋହନ ସିଂ ସରକାର ଏହି ଆଇନ ଆଣିଥିଲେ। ସେତେବେଳେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ। ଉକ୍ତ ଆଇନ ଅନୁଯାୟୀ ରାଜ୍ୟ ସରକାରଙ୍କ ଅନୁମତି ବିନା ଏନ୍‌ଆଇଏ ଦେଶର ଯେକୌଣସି ସ୍ଥାନରେ ଆତଙ୍କବାଦୀ ଆକ୍ରମଣର ତଦନ୍ତ କରିପାରିବ। ଏହି ଆଇନକୁ ଚ୍ୟାଲେଞ୍ଜ କରିବାରେ ଛତିଶଗଡ଼ ପ୍ରଥମ ରାଜ୍ୟ। ସମ୍ବିଧାନର ଅନୁଚ୍ଛେଦ ୧୩୧ ଅନୁଯାୟୀ କେନ୍ଦ୍ର-ରାଜ୍ୟ ମଧ୍ୟରେ କୌଣସି ମାମଲାକୁ ନେଇ ବିବାଦ ଦେଖାଦେଲେ ରାଜ୍ୟ ସରକାର ସିଧା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାର କ୍ଷମତା ରହିଥିବାରୁ ଛତିଶଗଡ଼ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ଦିନକ ପୂର୍ବରୁ କେରଳ ସରକାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଆଇନକୁ କଂଗ୍ରେସ ଶାସିତ ଭୂପେଶ ବାଘେଲ ସରକାର ଚ୍ୟାଲେଞ୍ଜ କରିବା ଚର୍ଚ୍ଚାର ବିଷୟ ହୋଇଛି।

## ବିଳମ୍ବ ହୋଇପାରେ ...

ଓକିଲ ରାହୁଲ ମେହରା କହିଛନ୍ତି, ରାଷ୍ଟ୍ରପତିଙ୍କ ପାଖରେ ମୁକେଶଙ୍କ ଆବେଦନ ବିଚାରାଧୀନ ଥିବାରୁ ତାହା ଖାରଜ ନ ହେବା ଯାଏ ଦୋଷୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବା ଅସମ୍ଭବ। ରାଷ୍ଟ୍ରପତି ଉକ୍ତ ପିଟିଶନକୁ ଖାରଜ କରିବାର ୧୪ ଦିନ ପରେ ହିଁ ଦୋଷୀଙ୍କୁ ଫାଶୀ ଦିଆଯାଇ ପାରିବ ବୋଲି ଜେଲ ନିୟମରେ ଉଲ୍ଲେଖ ରହିଛି।

ସେହିପରି ଡେଥ୍ ୱାରେଣ୍ଟକୁ ଦିଲ୍ଲୀ ହାଇକୋର୍ଟରେ ମଧ୍ୟ ମୁକେଶ ଚ୍ୟାଲେଞ୍ଜ କରିଛନ୍ତି। ଏନେଇ ବିଚାରପତି ଜଷ୍ଟିସ୍ ମନମୋହନ ଓ ସଙ୍ଗୀତା ଧିଙ୍ଗ୍ରା ସାଇଗଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବୁଧବାର ଶୁଣାଣି ହୋଇଥିଲା। ମୁକେଶଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀମାନେ ଖଣ୍ଡପୀଠଙ୍କୁ କହିଥିଲେ ଯେ ସେମାନେ ଉକ୍ତ ୱାରେଣ୍ଟ ବିରୋଧରେ ସେସନ୍ସ କୋର୍ଟକୁ ଯିବେ। ସରକାରୀ ଓକିଲ ରାହୁଲ ମେହରା ମୁକେଶଙ୍କ ପିଟିଶନକୁ ବିରୋଧ କରିଥିଲେ। ଖଣ୍ଡପୀଠ କହିଥିଲେ, ଆପଣଙ୍କ ଘର ଅବ୍ୟବସ୍ଥିତ ଅଛି। ନିଜ ଘରକୁ ବ୍ୟବସ୍ଥିତ କରନ୍ତୁ। ସମସ୍ୟା ହେଉଛି ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ। ସବୁକିଛି ଉଚିତ ମାର୍ଗରେ ଯାଉନାହିଁ। ଜାନୁୟାରୀ ୭ରେ ଟ୍ରାଏଲ କୋର୍ଟ ଜାରି କରିଥିବା ଡେଥ୍ ୱାରେଣ୍ଟରେ କିଛି ତ୍ରୁଟି ନାହିଁ। ତେଣୁ ଆବେଦନକାରୀ ସେସନ୍ସ କୋର୍ଟ କିମ୍ବା ସୁପ୍ରିମକୋର୍ଟକୁ ଯାଇପାରନ୍ତି କହି ମୁକେଶଙ୍କ ପିଟିଶନର ଶୁଣାଣି ଆଗକୁ ବଢ଼ାଇବାକୁ ହାଇକୋର୍ଟ ମନାକରିଦେଇଛନ୍ତି। ପ୍ରକାଶ ଯେ, ଉପରୋକ୍ତ ୪ ଦୋଷୀ ଓ ଅନ୍ୟ ୨ ଜଣ ୨୦୧୨ ଡିସେମ୍ବର ୧୬ରେ ନିର୍ଭୟାଙ୍କୁ ଦିଲ୍ଲୀରେ ଗଣବଳାତ୍କାର କରି ଚଳନ୍ତା ବସରୁ ଫିଙ୍ଗିଦେଇଥିଲେ। ପୀଡ଼ିତା ସିଙ୍ଗାପୁରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଡିସେମ୍ବର ୨୯ରେ ଆଖି ବୁଜିଦେଇଥିଲେ। ଏହି ମାମଲାରେ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି। ତେବେ ଏଥିରୁ ମୁକୁଳିଯିବା ପାଇଁ ସେମାନେ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପ୍ରବାସୀ ଶ୍ରମିକଙ୍କ ପାଇଁ ...

ସରକାରଙ୍କ ପ୍ଲେସମେଣ୍ଟ ଲିଙ୍କ୍‌ଡ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓରମାସ୍ ମାଧ୍ୟମରେ କରାଯାଉଛି। ଏହି ୨୦ ବ୍ଲକରେ ପକ୍କାଘର ସୁବିଧାରୁ ବଞ୍ଚିତ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଘର ତୋଳାଯିବ। ପ୍ରବାସୀ ଶ୍ରମିକଙ୍କ ସହାୟତା ପାଇଁ ପ୍ରତି ପଞ୍ଚାୟତରେ ଶ୍ରମିକ ମିତ୍ର ନିଯୁକ୍ତ କରାଯିବ। ଆର୍ଥିକ ସଶକ୍ତୀକରଣ ଲାଗି ବିଡିଓଙ୍କ ନିରାପତ୍ତା ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଶ୍ରମିକମାନେ ଆବେଦନ କରିପାରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏହାକୁ ଲାଗୁ କରିବା ପାଇଁ କାର୍ଯ୍ୟ କରିବେ। ଗୃହ ବିଭାଗ ସହାୟତାରେ ଜିଲାସ୍ତରରେ ମାନବଚାଲାଣ ନିରୋଧୀ ୟୁନିଟ୍‌କୁ ସଶକ୍ତ କରାଯାଇଛି। ଏହା ଖୁବ୍‌ଶୀଘ୍ର ତାମିଲନାଡୁ, ଗୁଜରାଟ, କର୍ନାଟକ, କେରଳକୁ ସମ୍ପ୍ରସାରିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ରାଜ୍ୟରେ ଦାଦନ ଶ୍ରମିକ ସମସ୍ୟା ହ୍ରାସ କରିବା ସହ ସେମାନଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଷଷ୍ଠସ୍ଥ ଶୁଭଚନ୍ଦ୍ର ପ୍ରଭାବରେ ଖର୍ଚ୍ଚାନ୍ତ ହେବେ ସିନା ଅଟକି ରହିଥିବା କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ଶନି ଦୃଷ୍ଟ ଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ଲାଗି ରହିବ। ଜମିଜମା, କଳ କାରଖାନା, ଜଳ, ତୈଳ ବ୍ୟବସାୟରୁ ଲାଭବାନ ହେବେ। ଫେରିବା ବାଟରେ ବନ୍ଧୁ ଠାରୁ ଅର୍ଥ ସାହାଯ୍ୟ ପାଇପାରନ୍ତି।

**ବୃଷ** ଆଜିର ଭାଗ୍ୟଭାବସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ଏବଂ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ଅଷ୍ଟାଗ୍ରହ ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେବାର ସୂଚନା ରହିଛି।

**ମିଥୁନ** କର୍ମାଧିପ କେନ୍ଦ୍ରସ୍ଥ କିନ୍ତୁ ପାପଗ୍ରହ ଯୁକ୍ତ କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ଝମେଲା ଅଧିକ ବଢ଼ି ଯାଇପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ଓ ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ଦିଗୁଣା ହେବାର ଆଶଙ୍କା ରହିଛି। ଆଲୋଚନା ପରିସରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** ଦୁଃସ୍ଥାନସ୍ଥ ଗ୍ରହମାନେ ପାରିବାରିକ ବ୍ୟୟବୃଦ୍ଧି ଓ ଛୋଟକଥାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଆଜି ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିବାର ସୂଚନା ରହିଛି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରି କାମ କରିବା ଭଲ ହେବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଧନାଧିପ ଷଷ୍ଠସ୍ଥ ଯୋଗୁ ଅଭାବ ଓ ଧାର କରଜ ହେତୁ ମନ ବେଶି ବିବ୍ରତ ହେବ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିମ୍ବା ସନ୍ତାନଙ୍କ ବିଶୃଙ୍ଖଳିତ କାମଲାଗି ଅପମାନିତ ହୋଇପାରନ୍ତି।

**କନ୍ୟା** ଲାଭାଧିପ ରାଶିରେ ଥିବାରୁ ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇ ଖୁସି ହେବେ। ସାମାଜିକ ସ୍ତରରେ କୌଣସି ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିପାରେ। ଉପରିସ୍ଥଙ୍କ ଆଲୋଚନା ବିଷୟରେ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ପାଇ ପାରି ନ ଥିବା ଜିନିଷଟି ପାଇ ଖୁସି ହୋଇପାରନ୍ତି।

**ତୁଳା** ଦ୍ୱାଦଶସ୍ଥ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଦୂରଯାତ୍ରା କିମ୍ବା ବିଶେଷ ଭ୍ରମଣଜନିତ କ୍ଳାନ୍ତି ସୃଷ୍ଟି କରିବ। ଅବହେଳା ଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ରାଜନୈତିକ ଆଲୋଚନା କ୍ଷେତ୍ରରେ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବାର ସୂଚନା ରହିଛି।

**ବିଛା** ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଓ ଉଚ୍ଚସମ୍ପର୍କରୁ ଖୁସି ରହିବେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ସଭାସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖପ୍ରକାଶ କରିପାରନ୍ତି।

**ଧନୁ** ଚତୁର୍ଥାଧିପ ପାପପ୍ରଭାବସ୍ଥ ଯୋଗୁ ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ବିଷୟରେ ଅଯଥା ଚିନ୍ତା କରି ଅଶାନ୍ତି ଅନୁଭବ କରି ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବା ସହ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇପାରିବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଷଷ୍ଠାଷ୍ଟମାଧିପତି ଦ୍ୱୟ ରାଶିରେ ରହି ବିବାଦୀୟ ଚିନ୍ତା କିମ୍ବା ପରିସ୍ଥିତି ସୃଷ୍ଟି କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଶିଳ୍ପ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘର ସୀମାକୁ ନେଇ ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କୁମ୍ଭ** ଆଜି ଯାହା କରନ୍ତୁ କିମ୍ବା ଯୁଆଡେ ଯାଆନ୍ତୁ ନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ ପାଇବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି କିନ୍ତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ସହାୟତା ମାନସିକ ଭାରସାମ୍ୟ ରଖିବ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ନିଜ ଲୋକଙ୍କ ଠାରୁ ସ୍ନେହ, ଶ୍ରଦ୍ଧା ପାଇ ଖୁସି ହେବେ।

**ମୀନ** ଅତୀତ କଥାକୁ ନେଇ ମନ ଭାରାକ୍ରାନ୍ତ ରହିବା ସହ ପାରିବାରିକ ପ୍ରତିରୋଧ ହେତୁ କାମ ଅଟକି ଯାଇପାରେ। ମୁଖଭାବରୁ ମଙ୍ଗଳ ଅଷ୍ଟମସ୍ଥ ହେତୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ରେବତୀ ନକ୍ଷତ୍ରର ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଗୁରୁବାର, ଜାନୁୟାରୀ ୧୬ ତାରିଖ, ରାଶି ନକ୍ଷତ୍ର-ହସ୍ତା /କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ହସ୍ତା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ୭।୫୦ମି. ଗତେ, ଘ୧।୨୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୮ମି. ଗତେ ଘ୨।୪୦ମି. ମଧ୍ୟେ ରାହୁକାଳ।

■ ଓ୍ୱାନ୍ ନେଶନ, ଓ୍ୱାନ୍ ରାଶନ

# ଏପ୍ରିଲ ପହିଲାରୁ ସବୁ ସହରାଞ୍ଚଳରେ ଲାଗୁହେବ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ଓ୍ୱାନ୍ ନେଶନ୍, ଓ୍ୱାନ୍ ରାଶନ ବ୍ୟବସ୍ଥା ଲାଗୁ ହେବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ରାଶନ ପାଉଥିବା ସହରାଞ୍ଚଳ ହିତାଧିକାରୀ ଯେ କୌଣସି ସହରରୁ ରାଶନ କାର୍ଡ ଦେଖାଇ ଚାଉଳ ଓ ଗହମ ନେଇପାରିବ। ଯେଉଁ ସହରରେ ହିତାଧିକାରୀମାନେ କାମ କରୁଥିବେ କିମ୍ବା ସ୍ଥାନାନ୍ତର ହୋଇଥିବେ ସେମାନେ ସେଠାରେ ଥିବା ଯେକୌଣସି ରାଶନ ଦୋକାନରୁ ଖାଦ୍ୟସାମଗ୍ରୀ ନେଇପାରିବେ। ସହରାଞ୍ଚଳଗୁଡ଼ିକରେ ହିତାଧିକାରୀଙ୍କ ୧୦୦ ପ୍ରତିଶତ ଆଧାର ଲିଙ୍କ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ଫେବୃୟାରୀ ପହିଲାରୁ ହିତାଧିକାରୀଙ୍କୁ ୨ ମାସର (ଫେବୃୟାରୀ ଓ ମାର୍ଚ୍ଚ) ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯିବ। ସମସ୍ତ ହିତାଧିକାରୀଙ୍କ ଆଧାରକାର୍ଡ ସଂଯୋଗକୁ ବାଧ୍ୟତାମୂଳକ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳଗୁଡ଼ିକରେ ପରୀକ୍ଷାମୂଳକ ଭାବେ ଫେବୃୟାରୀରୁ ଆଧାରକୁ ନେଇ ରାଶନ ଯୋଗାଇ ଦିଆଯିବ। ଏହା ପରେ ଏପ୍ରିଲ ପହିଲାରୁ କଡ଼ାକଡ଼ି ଭାବେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଆଧାର ପଞ୍ଜୀକୃତ ସମସ୍ତ ହିତାଧିକାରୀ କାର୍ଡ ଦେଖାଇ ନିକଟସ୍ଥ ଡିଲରଙ୍କ ନିକଟରୁ ରାଶନ ନେଇପାରିବେ। ସହରାଞ୍ଚଳଗୁଡ଼ିକରେ ମୋଟ ୧୯୪୬ ଡିଲର ରହିଛନ୍ତି। ସେମାନଙ୍କୁ ଆଇଆର୍‌ଆଇଏସ୍ ସ୍କାନର ମେଶିନ ଯୋଗାଇ ଦିଆଯାଇଛି। ଆଙ୍ଗୁଠି ଛାପ ସମସ୍ୟା ହେଲେ ଆଇଆର୍‌ଆଇଏସ୍ ମେଶିନ ଜରିଆରେ ହିତାଧିକାରୀଙ୍କ ଆଖିକୁ ଯାଞ୍ଚ କରି ରାଶନ ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ ସେପ୍ଟେମ୍ବର ପହିଲାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ପାଇଲଟ୍ ପ୍ରକଳ୍ପ ଭାବେ ଓ୍ୱାନ୍ ନେଶନ୍, ଓ୍ୱାନ୍ ରାଶନ ବ୍ୟବସ୍ଥା ଲାଗୁ କରାଯାଇଛି। ବିଏମ୍‌ସି ଅଞ୍ଚଳର ୧୨୭ଟି ସରକାରୀ ପାଇକାରି ଦୋକାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଅନ୍‌ଲାଇନ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏହାକୁ ନିୟମିତ ତଦାରଖ କରାଯାଉଛି। ବିଏମ୍‌ସି ଅଞ୍ଚଳରେ ଇଣ୍ଟରନେଟ ସୁବିଧା ଥିବାରୁ ଏଠାରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯାଇଛି। ଅଙ୍ଗୁଳିଛାପ କିମ୍ବା ଆଖି ସଙ୍କେତ ମାଧ୍ୟମରେ ହିତାଧିକାରୀଙ୍କୁ ରାଶନ ଯୋଗାଇ ଦିଆଯାଉଛି। ତେବେ ଯେଉଁମାନଙ୍କର ଆଙ୍ଗୁଠି ଚିହ୍ନ ନେଉ ନ ଥିବ, ହିତାଧିକାରୀ ବୟସ୍କ, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ, କୁଷ୍ଠରୋଗୀମାନଙ୍କୁ ବିନା ଆଧାରକାର୍ଡରେ ରାଶନ ଯୋଗାଇ ଦିଆଯାଉଛି। ସହରାଞ୍ଚଳ ପରେ ଗ୍ରାମାଞ୍ଚଳରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାର କେତେକ ଦୁର୍ଗମ ଅଞ୍ଚଳ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନାହିଁ। ସେଠାରେ ହିତାଧିକାରୀଙ୍କୁ କେବଳ ନିଜ ଅଞ୍ଚଳର ସରକାରୀ ପାଇକାରି ଦୋକାନରୁ ରାଶନ ନେବାକୁ ଅନୁମତି ଦିଆଯିବ। ଇଣ୍ଟରନେଟ ସୁବିଧା ନ ହେବା ଯାଏ ସେହି ହିତାଧିକାରୀ କେବଳ ଗୋଟିଏ ସ୍ଥାନରୁ ରାଶନ ନେବେ। ରାଜ୍ୟର ସମସ୍ତ ଅଞ୍ଚଳରେ ଓ୍ୱାନ୍ ନେଶନ୍, ଓ୍ୱାନ୍ ରାଶନ ବ୍ୟବସ୍ଥା ହୋଇଗଲେ ଓଡ଼ିଶାକୁ ଅନ୍ୟ ରାଜ୍ୟ ସହ ସଂଯୋଗ କରାଯିବ। ଫଳରେ ରାଜ୍ୟ ବାହାରେ ରହୁଥିବା ହିତାଧିକାରୀମାନେ ଦେଶର ଯେ କୌଣସି ସ୍ଥାନରୁ ଖାଦ୍ୟ ସାମଗ୍ରୀ ନେଇପାରିବେ। କେନ୍ଦ୍ର ସରକାର ମଧ୍ୟ ତୁରନ୍ତ ଆଧାର ଲିଙ୍କ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ମୋଟ ୩ କୋଟି ୨୬ ଲକ୍ଷ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ରହିଛନ୍ତି।

# ୬୫ ଟୋଲ ପ୍ଲାଜାରେ ଫାଷ୍ଟାଗ୍ ନିୟମ କୋହଳ

## ମଙ୍ଗୁଳି ସମେତ ଅନ୍ୟ ପ୍ଲାଜା ସାମିଲ

ନୂଆଦିଲ୍ଲୀ,୧୫।୧

ମଙ୍ଗୁଳି ସମେତ ଅଧିକ କାରବାର କରୁଥିବା ଦେଶର ୬୫ ଟୋଲ୍ ପ୍ଲାଜାରେ ବୁଧବାରଠାରୁ ଆସନ୍ତା ଗୋଟିଏ ମାସ ଲାଗି ଫାଷ୍ଟାଗ ନିୟମ କୋହଳ କରାଯାଇଛି। ଏ ନେଇ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଛି। ଅଧିକ ନଗଦ କାରବାରକୁ ଦୃଷ୍ଟିରେ ରଖି ଏହିସବୁ ଟୋଲ ପ୍ଲାଜାଗୁଡ଼ିକରେ ଫାଷ୍ଟାଗ ବ୍ୟବସ୍ଥା କୋହଳ କରାଯିବା ନେଇ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୩୦ ଦିନ ମଧ୍ୟରେ ୬୫ ଟୋଲ ପ୍ଲାଜାରେ ଟୋଲ ଆଦାୟ ଲେନ୍ ମଧ୍ୟରୁ ୨୫% ଲେନ୍‌କୁ ହାଇବ୍ରିଡ ଲେନ ଭାବେ ପରିବର୍ତ୍ତିତ କରିବା ଲାଗି କୁହାଯାଇଛି। ଏହି ସବୁ ଲେନ୍‌ଗୁଡ଼ିକରେ ଉଭୟ ନଗଦ ଏବଂ ଫାଷ୍ଟାଗ ପଦ୍ଧତିରେ ଟୋଲ ଆଦାୟ କରାଯାଇ ପାରିବ। ଏହି ଟୋଲ ପ୍ଲାଜାଗୁଡ଼ିକ ମଧ୍ୟରେ ୧୬ ନମ୍ବର ଜାତୀୟ ରାଜପଥସ୍ଥିତ ମଙ୍ଗୁଳି ଟୋଲ ପ୍ଲାଜା ସାମିଲ ରହିଛି। ଏହିସବୁ ଟୋଲ ପ୍ଲାଜାଗୁଡ଼ିକରେ ଅଧିକ ନଗଦ କାରବାର ହେଉଥିବାରୁ ଏହାକୁ ନେଇ ଏନ୍‌ଏଚ୍‌ଏଆଇ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ଟୋଲ ପ୍ଲାଜାର ଦୁଇପାର୍ଶ୍ୱରେ ଥିବା ହାଇବ୍ରିଡ ଲେନଗୁଡ଼ିକରେ ଅଧିକ ଗାଡି ଭିଡ ଜମୁଥିଲା। ଗାଡି ଚାଳକଙ୍କ ଅସୁବିଧାକୁ ଧ୍ୟାନରେ ରଖି ଏହି ଟୋଲ ପ୍ଲାଜାର ୨୫% ଲେନକୁ ଅସ୍ଥାୟୀ ଭାବେ ହାଇବ୍ରିଡ ଲେନରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏଚ୍‌ଏଆଇକୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିୟମ କୋହଳ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଫାଷ୍ଟାଗ ବ୍ୟବସ୍ଥା ଲାଗୁ କରିବା ଗାଡି ଭିଡ ଦୂରକରିବା ଦିଗରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ।

## classifieds Everyday
0674-2580101, 2549302

automobile
**SALE**

TATA Indigo private Regd. No. personal use in good condition. 9439778849. D-67742

real estate
**SALE**

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68538

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

Gharabari plot housing approved 30' road, provision for concrete road, transformer, park 7km. Kalpana Square, Bhubaneswar. 9861990662. D-68757

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

ଭୁବନେଶ୍ୱର Tata Motor frontରେ 30' Road, Electric poll ସହିତ plot ବିକ୍ରି ହେଉଛି। 7077213675, 9439101373. D-16195

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851.** D-68471

1BHK flat at Lingipur, Bhubaneswar and Puri road, it is located on the main road side very attractive location 693sqft. first floor with car parking. Price-26.5lacs. Contact: 8104317396. D-68473

**Jagatpur (Bhairapur) ଠାରେ ମେନ୍‌ରୋଡ୍ ଠାରୁ 200 ମିଟର ଦୂରତାରେ ଘରବାରି plot sqft. ୪୫୦ଟଙ୍କାରେ ମିଳୁଅଛି (Registration, Mutation, Boundary wall ସହିତ) 8480957388, 8480957368.** D-16210

**GENERAL**
**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

to-let

2BHK ground floor 10,000/- car parking near KIIT University for family, BBSR. 9777618089. D-61074

2BHK 12000/- 2nd floor for family near Damana Chhak, BBSR. 9658197163. D-61073

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

Commercial plot with building NH roadside at Khordha for Bank, Godown, School purpose. 9337122647. D-67741

healthcare

Rejuvenate and ayurvedic full body massage by smart therapist. 9114402304. D-68946

Herbal full body massage by smart / expert therapist. Contact: 8338067247. D-68957

Male therapist full body massage with relax, BBSR. Contact: 8328868891, D-16182

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Ayurvedic full body massage ladies & gents smart therapist, 9668814589. D-68750

Sai herbal spa refresh your body with smart, expert therapist. 7608062524. D-68954

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

**ASTROLOGY**

For 100% Vastu solutions send your problems by Whatsapp "AKANKSHYA VASTU" 7978736177. D-68230

**AFFIDAVIT**

By virtue of an affidavit before the Executive Magistrate, Jharsuguda I Chumki Mitra Majumdar, W/o- Subrata Majumdar, R/o- Kalimandir Road, PO/Dist.- Jharsuguda declare that after marriage I have changed my name from Chumki Mitra to Chumki Mitra Majumdar for all purposes. D-37389

Affidavit before Notary, Bhubaneswar, I have changed my name from Niloofar Nahid to Nilofar Nahid for all purpose. D-16207

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦାବିନ୍ଦରଙ୍କୁ ବହିଷ୍କାର ପାଇଁ ସୁପାରିସ

୨ ହିଜବୁଲ୍ ଆତଙ୍କବାଦୀଙ୍କ ସହ ଧରାପଡ଼ି ଗିରଫ ହୋଇଥିବା ଜମ୍ମୁ-କଶ୍ମୀର ଡିଏସ୍‌ପି ଦାବିନ୍ଦର ସିଂଙ୍କୁ ବହିଷ୍କାର କରିବା ପାଇଁ ରାଜ୍ୟ ପୋଲିସ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି। ଏବେ ସେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଆତଙ୍କବାଦୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଦାବିନ୍ଦରଙ୍କୁ ଜେରା କରୁଛନ୍ତି। ସେ ଜେରା ବେଳେ କ'ଣ କହିଛନ୍ତି ତାହା ଏବେ ଗଣମାଧ୍ୟମକୁ କୁହାଯାଇପାରିବ ନାହିଁ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଦିଲ୍‌ବାଗ ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସବୁ ପର୍ଯ୍ୟଟନ ସ୍ଥଳୀରେ




## ୟୁପିଏସ୍‌ସି ଫଳ ପ୍ରକାଶିତ

**ନୂଆଦିଲ୍ଲୀ,୧୫।୧:** ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ମେନ୍ସ ୨୦୧୯ର ଲିଖିତ ପରୀକ୍ଷା ଫଳ ଏହାର ଅଫିସିଆଲ ୱେବସାଇଟ୍‌ରେ ପ୍ରକାଶ ପାଇଛି। ଯେଉଁମାନେ ୨୦୧୯ ୟୁପିଏସ୍‌ସି ପ୍ରିଲିମ୍‌ରେ କୃତକାର୍ଯ୍ୟ ହୋଇ ମେନ୍ ପରୀକ୍ଷା ଦେଇଥିଲେ, ସେମାନେ କମିଶନ ୱେବସାଇଟ upsc.nic.inରୁ ଫଳାଫଳ ଦେଖିବା ସହ ଡାଉନଲୋଡ କରିପାରିବେ। ଏହି ପରୀକ୍ଷା ସେପ୍ଟେମ୍ବର ୨୦ରୁ ୨୯ ମଧ୍ୟରେ ହୋଇଥିଲା। ଯେଉଁମାନେ କୃତକାର୍ଯ୍ୟ ହୋଇଥିବେ ସେମାନେ ଅନଲାଇନରେ ଡିଏଏଫ୍-୨ ପୂରଣ କରି ଦାଖଲ କରିବେ। ଏହା ୟୁପିଏସ୍‌ସି ୱେବସାଇଟ upsconline.nic.inରେ ଉପଲବ୍ଧ। ଡିଏଏଫ୍-୨ ଦାଖଲ କରିବା ସମୟସୀମା ଜାନୁଆରୀ ୧୭ରୁ ୨୭ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିଛି। ଏହାପରେ ସେମାନେ ସାକ୍ଷାତକାର ପରୀକ୍ଷା ଦେଇପାରିବେ। ଏହା ଆସନ୍ତା ଫେବୃୟାରୀ ମାସରେ ନୂଆଦିଲ୍ଲୀସ୍ଥିତ ୟୁପିଏସ୍‌ସି କାର୍ଯ୍ୟାଳୟରେ ହେବ। ଏଥିପାଇଁ ଜାନୁୟାରୀ ୨୭ରୁ ପ୍ରାର୍ଥୀମାନେ କମିଶନଙ୍କ ୱେବସାଇଟରୁ ଇ-ସମନ ଲେଟର ଡାଉନଲୋଡ କରିପାରିବେ।

### ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୪୩୯୬୮୩୯୯୯




# ବଦଳୁଛି ଜଳବାୟୁ, ହଜିଯାଉଛି ଶୀତ

- ଏ ବର୍ଷ ବଢ଼ିବ ତାତି
- ଆଉ ୩ ଦିନ ପ୍ରବଳ କୁହୁଡ଼ି
- ୨୩ରୁ ପୁଣି ଲେଉଟିବ ଶୀତ

**ଭୁବନେଶ୍ୱର,୧୫।୧ (ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନର ସଙ୍କେତ ସବୁଠି ଦେଖାଗଲାଣି। ବର୍ଷା କମିବା ସହିତ ଅନ୍ୟାନ୍ୟ ଋତୁ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଲାଣି। ଗତ କିଛି ବର୍ଷ ହେବ ଜଳବାୟୁର ଏଭଳି ଅନିୟମିତତା ଚିନ୍ତାର କାରଣ ପାଲଟିଛି। ଶୀତଦିନ କମିବା ସାଙ୍ଗକୁ ତାତିର ପ୍ରଭାବ ବଢ଼ିଚାଲିଛି। ଏହାର ଭୟଙ୍କର ପ୍ରଭାବ ମଧ୍ୟ ଖାଦ୍ୟଶସ୍ୟ ଉପରେ ପଡ଼ିବା ଆରମ୍ଭ ହେଲାଣି। ପରିବର୍ତ୍ତିତ ଜଳବାୟୁକୁ କିପରି ମୁକାବିଲା କରାଯାଇପାରିବ ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜଳବାୟୁ ଆକ୍ସନ ପ୍ଲାନ ପ୍ରସ୍ତୁତ କଲେଣି। ଚଳିତ ବର୍ଷ ଶୀତର ପ୍ରକୋପ ଦେଖିବାକୁ ମିଳିଲା ନାହିଁ। ରାଜ୍ୟରେ ଶୀତଲହରି ମଧ୍ୟ ସ୍ୱାଭାବିକ ହୋଇ ନାହିଁ। କାଁ ଭାଁ କିଛି ଦିନ ଛାଡ଼ିଦେଲେ ଅନ୍ୟ ସବୁଦିନ ସ୍ୱାଭାବିକଠାରୁ ସର୍ବନିମ୍ନ ତାପମାତ୍ରା ଉପରେ ରହୁଛି। ଚଳିତ ବର୍ଷ ଡିସେମ୍ବରରେ ଆଦୌ ଶୀତ ଲହରି ହୋଇ ନ ଥିବା ବେଳେ ଜାନୁୟାରୀରେ ୬ରୁ ୭ ଦିନ ଥଣ୍ଡାବାୟୁ ପ୍ରବାହ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଶୀତର ପ୍ରକୋପ ବେଳକୁ ବେଳ ଦୁର୍ବଳ ହୋଇଯାଉଥିବା ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି। ଚଳିତ ବର୍ଷ ଆରବ ସାଗରରେ ଅଧିକ ବାତ୍ୟା ଯୋଗୁ ଦେଶର ଜଳବାୟୁରେ ଅଚାନକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ବାତ୍ୟା ଯୋଗୁ ଦେଶ ଭିତରକୁ ଜଳୀୟକଣା ବହୁମାତ୍ରାରେ ପ୍ରବେଶ କରୁଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସି ପାରୁନାହିଁ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବା ପରେ ଉତ୍ତର-ପୂର୍ବ ଦିଗରୁ ଥଣ୍ଡାବାୟୁ ପ୍ରବାହିତ ହୋଇଥାଏ। ଗୁରୁଚାପ ପ୍ରଭାବରେ ଖରାଟିଆ ପାଗ ରହିଥାଏ। ଫଳରେ ଉତ୍ତରା ପବନ ରାଜ୍ୟକୁ ପ୍ରବେଶ କରିଥାଏ। ଅନ୍ୟପକ୍ଷରେ ଚଳିତ ବର୍ଷ ୱେଷ୍ଟର୍ନ ଡିଷ୍ଟରବାନ୍ସ (ପଶ୍ଚିମା ବିଭ୍ରାଟ) ଯୋଗୁ ଜଳବାୟୁରେ ପରିବର୍ତ୍ତନ ହୋଇଛି। ଅଧିକାଂଶ ସମୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ମଧ୍ୟ ହେଉଛି। ଦିନର ତାପମାତ୍ରା କମ୍ ରହିଲେ ମଧ୍ୟ ରାତିରେ କମୁ ନାହିଁ। ଉଭୟ ଦିନ ଓ ରାତିର ତାପମାତ୍ରାରେ ୫ରୁ ୬ ଡିଗ୍ରୀ ଫରକ ରହିବା ବେଳେ ଏବେ ୧୩ରୁ ୧୬ ଡିଗ୍ରୀ ସେଲସିୟସ ଯାଏ ପାର୍ଥକ୍ୟ ରହୁଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୮ ଜାନୁୟାରୀ ୧୫ ତାରିଖରେ ଦାରିଙ୍ଗିବାଡିର ସର୍ବନିମ୍ନ ତାପମାତ୍ରା ୬ରୁ ୭ ଡିଗ୍ରୀ ସେଲସିୟସ୍ ଥିବା ବେଳେ ୨୦୧୯ରେ ୯.୫ ଏବଂ ୨୦୨୦ରେ ୯ ଡିଗ୍ରୀ ସେଲସିୟସ ରହିଛି। ଏହି ସମୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ହାରାହାରି ୧୨ ଡିଗ୍ରୀ ସେଲସିୟସ ରହିବା ବେଳେ ଚଳିତ ବର୍ଷ ୧୮ରୁ ୧୯ ଡିଗ୍ରୀ ସେଲସିୟସ ରହିଛି। କହିବାକୁ ଗଲେ ଗତ କିଛି ବର୍ଷ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ପାର୍ଥକ୍ୟ ରହୁଛି। ଗତ ବର୍ଷ ଡିସେମ୍ବରରୁ ରାଜ୍ୟକୁ ଉତ୍ତର ଦିଗରୁ ଥଣ୍ଡାବାୟୁ ପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ଚଳିତ ବର୍ଷ ଜାନୁୟାରୀ ୫ ତାରିଖ ଯାଏ ଥଣ୍ଡା ବାୟୁ ପ୍ରବାହ ଆରମ୍ଭ ହୋଇ ନ ଥିଲା। କେବଳ ଶୀତ କମୁନି ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ମଧ୍ୟ ବେହାଲ କରିବ ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି। ଫେବୃୟାରୀ ପ୍ରଥମ ସପ୍ତାହରୁ ତାପମାତ୍ରା ବଢ଼ିବା ଆରମ୍ଭ ହେବ। ମାର୍ଚ୍ଚରୁ ମେ ମାସ ଯାଏ ତାତି ଅସ୍ତବ୍ୟସ୍ତ କରିବ।

ମାତ୍ର ୫ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ସୋନପୁରରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୭.୬, ଅନୁଗୋଳ ୯.୬, ଟିଟିଲାଗଡ଼ ୯.୧ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଭାଗରେ ଘନକୁହୁଡ଼ି ଜୀବନ ଯାତ୍ରାକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ସମ୍ବଲପୁର, ମାଲକାନଗିରି, ରାୟଗଡ଼ା, କେନ୍ଦୁଝର, ଢେଙ୍କାନାଳ ଏବଂ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୩ରୁ ପୁଣି ଶୀତ ବଢ଼ିବ ବୋଲି ଅନୁମାନ କରାଯାଇଛି।

Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR-751 008
ରାଜଭବନ
ଭୁବନେଶ୍ୱର-୭୫୧୦୦୮
ଜାନୁଆରୀ ୧୬, ୨୦୨୦



**ବାର୍ତ୍ତା**

ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ଏବଂ ପେଟ୍ରୋଲିୟମ୍ ସଂରକ୍ଷଣ ଗବେଷଣା ସଂଘ (ପିସିଆରଏ) ସୌଜନ୍ୟରୁ ତୈଳ କମ୍ପାନୀମାନଙ୍କ ପକ୍ଷରୁ ୨୦୨୦ ଜାନୁଆରୀ ୧୬ଠାରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ଏକ ମାସବ୍ୟାପୀ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ **'ସକ୍ଷମ-୨୦୨୦'** ଅନୁଷ୍ଠିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଜନସାଧାରଣଙ୍କୁ ତୈଳ ଓ ଗ୍ୟାସ୍ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧ କରାଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ । ପାରମ୍ପରିକ ଶକ୍ତି ଉତ୍ସରୁ ପ୍ରସ୍ତୁତ ଇନ୍ଧନର ବହୁଳ ବ୍ୟବହାର ଉପରେ ଅଙ୍କୁଶ ଲଗାଇ ଏହାର ପ୍ରଭାବରୁ ଜାତୀୟ ଅର୍ଥନୀତିକୁ ମୁକ୍ତ ରଖିବା ସହିତ ପରିବେଶ ଏବଂ ଜୀବଜଗତକୁ ରକ୍ଷା କରିବା ଅବଶ୍ୟମ୍ଭାବୀ ହୋଇପଡ଼ିଛି । ଏହା ଅତି ଖୁସିର କଥା ଯେ ଏହି ସଚେତନତା କାର୍ଯ୍ୟକ୍ରମ ସ୍ୱରୂପ ପେଟ୍ରୋଲିୟମ ସାମଗ୍ରୀର ସମୁଚିତ ବ୍ୟବହାରର ମାର୍ଗ ଓ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଛି । **"ସକ୍ଷମ-୨୦୨୦"** ରାଜ୍ୟର ଜନସାଧାରଣଙ୍କ ମନରେ ତୈଳ ଓ ଗ୍ୟାସ୍‌ର ସଂରକ୍ଷଣ ଦିଗରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସକ୍ଷମ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

**"ସକ୍ଷମ-୨୦୨୦"**ର ସମସ୍ତ ସଫଳତା କାମନା କରୁଅଛି ।

(ଗଣେଶୀ ଲାଲ)

# ପ୍ରଫେସର ଡା. ସରସ୍ୱତୀ ସ୍ୱାଇଁଙ୍କ ପରଲୋକ

**କଟକ ଅଫିସ/ ବାଲିପାଟଣା, ୧୫।୧ (ଡି.ଏନ.ଏ)**



ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ସହଧର୍ମିଣୀ ତଥା ସାମାଜିକ କର୍ମୀ ପ୍ରଫେସର ଡା. ସରସ୍ୱତୀ ସ୍ୱାଇଁଙ୍କର ଏସ୍‌ସିବି ମେଡିକାଲରେ ବୁଧବାର ଭୋର ପ୍ରାୟ ୫ଟା ୩୨ ମିନିଟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ଗତ ୧ ତାରିଖରୁ ସେ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ଏସସିବି ମେଡିକାଲ କଲେଜ ଏବଂ ଭିଏସ୍‌ଏସ୍ ମେଡିକାଲରେ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ। ଚାକିରିରୁ ଅବସର ନେବା ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ନିହାର୍ଡ ନାମରେ ଏକ ଏନ୍‌ଜିଓ ଗଠନ କରି ସ୍ୱାସ୍ଥ୍ୟ ବିଭାଗ ସଂକ୍ରାନ୍ତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଥିଲେ। ଏଥିସହ ବସ୍ତିଗୁଡ଼ିକରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ସହିତ ବହୁ ସାମାଜିକ ଆନ୍ଦୋଳନରେ ଜଡ଼ିତ ଥିଲେ। ବାଲିପାଟଣା ବ୍ଲକ ଅଧୀନ ଭଉଁରା ନିଜିଗଡ଼ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ପୁତୁରା ସୌମ୍ୟ ରଞ୍ଜନ ରାୟ ମୁଖାଗ୍ନି ଦେଇଥିଲେ।

### ବିହାର ମୁଖ୍ୟମନ୍ତ୍ରୀଙ୍କ ଶୋକ

ଡା. ସ୍ୱାଇଁଙ୍କ ବିୟୋଗରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରସ୍ୱତୀ ସ୍ୱାଇଁ ଡାକ୍ତର ରାମ ମନୋହର ଲୋହିଆଙ୍କର ଅନୁଗାମୀ ଥିଲେ। ସେ ଲୋକନାୟକ ଜୟପ୍ରକାଶ ନାରାୟଣ, ସ୍ୱର୍ଗତ କର୍ପୂରୀ ଠାକୁର ଏବଂ ସ୍ୱର୍ଗତ ମଧୁ ଲିମାୟେଙ୍କ ବିଚାରରେ ବିଶେଷ ପ୍ରଭାବିତ ହୋଇଥିଲେ। ସମାଜବାଦୀ ଆଦର୍ଶର ବିଭିନ୍ନ ଦିଗକୁ ମଜଭୁତ କରିବାରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଥିଲା। ତାଙ୍କ ସହ ମୋର ବେଶ୍ ଆତ୍ମୀୟତା ଥିଲା। ତାଙ୍କ ପରଲୋକରେ ସମାଜବାଦ କ୍ଷେତ୍ର ସହିତ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଅପୂରଣୀୟ କ୍ଷତି ଘଟିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦିବଂଗତ ଆତ୍ମାର ଶାନ୍ତି କାମନା କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।




ରେନ୍‌ବୋ ଚିଲ୍‌ଡ୍ରେନ୍‌ସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍, ହାଇଦ୍ରାବାଦ ଦ୍ୱାରା
ପେଡିଆଟ୍ରିକ୍ କାର୍ଡିଓଲୋଜି କ୍ଲିନିକ୍
ସ୍ଥାନ: ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱର
ଭାରତର ଏକମାତ୍ର ଶିଶୁ ହୃଦ୍‌ରୋଗ ଚିକିତ୍ସାଳୟ
- ଆର୍‌ସିଏଚ୍‌ଆଇରୁ ବରିଷ୍ଠ ଶିଶୁ ହୃଦ୍‌ଚିକିତ୍ସକ
ବିଶେଷ ଭାବେ ହାଇଦ୍ରାବାଦରୁ ଆସୁଛନ୍ତି!!
ଶନିବାର, 18 ଜାନୁୟାରୀ 2020
ପୂର୍ବାହ୍ନ 10 ଘଟିକାରୁ ଅପରାହ୍ନ 3 ଘଟିକା
ବିବରଣୀ ପାଇଁ କଲ୍ କରନ୍ତୁ: 1800 2122
www.rchi.in

# ୧୭ରେ ଭାଜପା ରାଜ୍ୟ ସଭାପତି ନିର୍ବାଚନ

- ଆଜି ନାମାଙ୍କନ ଦାଖଲ
- ଦୌଡ଼ରେ ପଶ୍ଚିମରୁ ୩, ଉପକୂଳରୁ ୨ ନେତା
- ୨୧ ରାଷ୍ଟ୍ରୀୟ ପରିଷଦ ସଭ୍ୟ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟ ଭାଜପା ପାଇବ ନୂଆ ମଙ୍ଗୁଆଳ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଡିସେମ୍ବର ଶେଷ ସୁଦ୍ଧା ସଭାପତି ଚୟନ ହେବାକୁ ଥିଲା। ମାତ୍ର ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷରେ ପ୍ରଚାର ପାଇଁ ସଭାପତି ଚୟନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଦଳର ରାଜ୍ୟ ସଭାପତି ନିର୍ବାଚନ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହୋଇ ସେହିଦିନ ନୂଆ ସଭାପତିଙ୍କ ନାମ ଘୋଷଣା ହେବ। ଏଥିଲାଗି ଗୁରୁବାର ଅପରାହ୍ନ ୩ଟାରେ ଆଗ୍ରହୀ ପ୍ରାର୍ଥୀମାନେ ରାଜ୍ୟ କାର୍ଯ୍ୟାଳୟଠାରେ ନାମାଙ୍କନପତ୍ର ଦାଖଲ କରିପାରିବେ। ସେହିଦିନ ନାମାଙ୍କନପତ୍ର ଯାଞ୍ଚ କରାଯିବା ପରେ ଶୁକ୍ରବାର ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ସକାଳ ୧୦ଟାରେ ଆରମ୍ଭ ହେବ। ଅପରାହ୍ନ ସାଢେ ଗୋଟାଏ ସମୟରେ ଭୋଟ ଗଣତି କରାଯିବା ପରେ ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଭାଜପା ରାଜ୍ୟ ସହନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଦୀପ୍ତ କହିଛନ୍ତି ଯେ, ଯଦି ରାଜ୍ୟ ସଭାପତି ପଦ ପାଇଁ ଜଣେ ପ୍ରାର୍ଥୀ ରୁହନ୍ତି, ତେବେ ଶୁକ୍ରବାର ସକାଳ ୧୧ଟାରେ ନାମ ଘୋଷଣା କରିଦିଆଯିବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଢି ନାମ ଘୋଷଣା କରିବା ସହିତ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବେ। ରାଜ୍ୟ ସଭାପତି ନିର୍ବାଚନ ସହ ୨୧ ଲୋକ ସଭା କ୍ଷେତ୍ରରୁ ନିର୍ବାଚିତ ୨୧ଜଣ ରାଷ୍ଟ୍ରୀୟ ପରିଷଦ ସଭ୍ୟଙ୍କ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ଏମାନେ କେନ୍ଦ୍ରୀୟ ସଭାପତି ନିର୍ବାଚନରେ ଅଂଶଗ୍ରହଣ କରି ଭୋଟ ଦେବେ। ଏହି ଅବସରରେ ଦୁଇଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସମେତ ରାଷ୍ଟ୍ରୀୟ ସହସାଧାରଣ ସମ୍ପାଦକ ସୌଦାନ ସିଂ, ରାଜ୍ୟ ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ, ସମସ୍ତ ବିଧାୟକ, ଏମ୍‌ପି, ବିଧାନସଭା ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀ, ପୂର୍ବତନ ଏମ୍‌ପି ଓ ବିଧାୟକ, ସମସ୍ତ ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସମସ୍ତ ବ୍ଲକ ଅଧ୍ୟକ୍ଷ, ମ୍ୟୁନିସିପାଲିଟି ଅଧ୍ୟକ୍ଷ, ପୂର୍ବତନ ଜିଲା ସଭାପତି, ଜିଲାର ସମସ୍ତ ନିର୍ବାଚନ ଅଧିକାରୀ ଓ ସହ-ଅଧିକାରୀ ପ୍ରମୁଖ ଉପସ୍ଥିତ ରହିବେ ବୋଲି ସୁଦୀପ୍ତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଭାଜପା ରାଜ୍ୟ ସଭାପତି ପଦ ପାଇଁ ବହୁ ନେତା ଚାହିଁ ବସିଛନ୍ତି। ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ଦମ୍‌ରେ ଲବି, ଦାବି ଚଳାଇଛନ୍ତି। ତେବେ ଦଳ କାହାକୁ ସଭାପତି ପଦରେ ବସାଇବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ସାଧାରଣ ନିର୍ବାଚନରେ ଭାଜପା ପଶ୍ଚିମ ଓଡିଶାରେ ଭଲ ପ୍ରଦର୍ଶନ କରିପାରିଛି। ଅନ୍ୟପକ୍ଷରେ ୨୦୦୪ ପରଠାରୁ ଭାଜପା ରାଜ୍ୟ ସଭାପତି ପଦ ପଶ୍ଚିମ ଓଡିଶା ନେତାଙ୍କ ହାତରେ ରହିଆସିଛି। ସେଥିଲାଗି ଉପକୂଳରେ ଦଳର ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ଏହି ଅଞ୍ଚଳର ବିଧାୟକ ଏବଂ ଏମ୍‌ପି ନ ଥିବା ନେତାଙ୍କ ହାତରେ ସଭାପତି ପଦବୀ ଟେକି ଦିଆଯିବାର ସମ୍ଭାବନା ରହିଛି। ଅନ୍ୟପଟେ ସହମତି ଭିତ୍ତିରେ ଜଣେ ନେତାଙ୍କ ନାମରେ ମୋହର ଲଗାଇ ଦିଆଯିବାର ପ୍ରୟାସ କରାଯାଉଛି। ହେଲେ ଏହା ସମ୍ଭବ ନୁହେଁ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପଶ୍ଚିମ ଓଡିଶାରୁ ମଧ୍ୟ ଦଳର ୩ଜଣ ଟାଣୁଆ ନେତା ସଭାପତି ପଦ ପାଇଁ ପ୍ରବଳ ଉଦ୍ୟମ କରୁଥିବା ବେଳେ ଉପକୂଳରୁ ଦୁଇଜଣ ନେତାଙ୍କ ନାମକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ରହିଛି।

ପ୍ରକୃତ ରୂପାନ୍ତର ହେଲା- ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି, ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। -ଶ୍ରୀମା



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# କ୍ଷୀରରେ କର୍କଟକାରକ ଆଫ୍ଲାଟକ୍ସିନ

କିଛିବର୍ଷ ପୂର୍ବେ ପଞ୍ଜାବ ସରକାର ପଟିୟାଲାରେ ଏକ ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ)କୁ ଗୋଟିଏ ଗୋଶାଳା ଚଳାଇବାକୁ କହିଥିଲେ। ସେମାନେ ଏ ପ୍ରସ୍ତାବରେ ଏହି ସର୍ତ୍ତରେ ରାଜି ହୋଇଥିଲେ ଯେ, ଗାଈଙ୍କ ଲାଗି ଆବଶ୍ୟକ ଖାଦ୍ୟ ପୌରପାଳିକା ଯୋଗାଇଦେବ। ପୌରପାଳିକା ଚାରା ବା ସବୁଜ ଗୋଖାଦ୍ୟ ଯୋଗାଇ ଦେବା ପାଇଁ ଜଣେ ବ୍ୟକ୍ତିଙ୍କୁ ଠିକା ଦେଲା। ସେ ଚାଷୀମାନଙ୍କଠାରୁ ଏହା ଆଣି ଗୋଶାଳାକୁ ଯୋଗାଇଲେ। ଦିନେ ଏହି ଚାରା ଖାଇ ଘଣ୍ଟାଏ ଭିତରେ ୧୮ଟି ଗାଈ ମରିଗଲେ। ଏହି ଘଟଣାର ତଦନ୍ତ କରି ଚାରାରେ କ'ଣ ଦୋଷ ଥିଲା ତାହା ଦେଖିବା ବଦଳରେ ଗୋସେବକମାନଙ୍କ ଚାପରେ ଗୋଶାଳାର ଏନ୍‌ଜିଓ ତତ୍ତ୍ୱାବଧାରକଙ୍କୁ ଗିରଫ କରାଗଲା। ପରେ ଗୋସେବକମାନେ ଗୋଶାଳାକୁ ନିଜ ହାତକୁ ନେଇ ଚଳାଇଲେ। ତା'ପରେ ୪୦ଟି ଗାଈ ପୁଣି ମରିଗଲେ ଓ ଗୋଶାଳା ପୂରା ବନ୍ଦ ହୋଇଗଲା। ଭାରତରେ ଏହା ହେଉଛି ସମସ୍ୟା ସମାଧାନର ଏକ ଅଜବ ଉପାୟ। ପୌରପାଳିକାର କେହି ଜଣେ ହେଲେ ବି ଗାଈଙ୍କୁ ବିଷାକ୍ତ ଖାଦ୍ୟ ଯୋଗାଇଥିବା ଠିକାଦାର କିମ୍ବା କୃଷକଙ୍କୁ ଦାୟୀ କରି ନ ଥିଲେ। ସେହି ପରିସ୍ଥିତିରେ ମୁଁ ଦୁଇଟି ଜିନିଷ ଉପରେ ତଦନ୍ତ କରିଥାନ୍ତି। ଗୋଟିଏ ହେଲା ଘାସ ବଢାଇବା ଲାଗି ବ୍ୟବହାର କରାଯାଇଥିବା କୀଟନାଶକ ଏବଂ ଅନ୍ୟଟି ସେଥିରେ ଥିବା ବିଷାକ୍ତ ତତ୍ତ୍ୱ ଆଫ୍ଲାଟକ୍ସିନ।

ଦି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ସାରା ଦେଶରେ ଦୁଗ୍ଧ ଉପରେ ଏକ ସର୍ଭେ କରି ଏହାର ରିପୋର୍ଟ ଅକ୍ଟୋବର, ୨୦୧୯ରେ ପ୍ରକାଶ କରିଛି। ସେମାନେ କ୍ଷୀରରେ ଆଫ୍ଲାଟକ୍ସିନ ନାମକ ଏକ କର୍କଟରୋଗକାରକ ବିପଜ୍ଜନକ ବିଷାକ୍ତ ଉପାଦାନ ଅନୁମୋଦିତ ମାତ୍ରାଠାରୁ ଯଥେଷ୍ଟ ବେଶି ରହିଥିବା ପାଇଛନ୍ତି।। ଦିଲ୍ଲୀ, ତାମିଲନାଡୁ ଓ କେରଳରେ ଦୁଗ୍ଧରେ ଆଫ୍ଲାଟକ୍ସିନ ସବୁଠୁ ବେଶି ଥିବା ଲକ୍ଷ୍ୟ କରାଯାଇଥିଲା। ଆସ୍ପରଜିଲସ୍ ବଂଶ ଅନ୍ତର୍ଗତ ଏ. ଫ୍ଲାଭସ୍, ଏ. ପାରାସିଟିକସ୍ ଓ ଏ. ନୋମିୟସ୍ ପରି କବକ ବା ଫିମ୍ପିରୁ ଜାତ ୨୦ଟି ବିଷାକ୍ତ ତତ୍ତ୍ୱ ହିଁ ଆଫ୍ଲାଟକ୍ସିନ। ଆଫ୍ଲାଟକ୍ସିନ ଦ୍ୱାରା ସଂକ୍ରମିତ ଶସ୍ୟରେ ପ୍ରାୟତଃ ଆଫ୍ଲାଟକ୍ସିନ ବି-୧ ଦେଖିବାକୁ ମିଳିଥାଏ। ଗାଈ, ମଇଁଷି, ଛେଳି, ମେଣ୍ଢା ଆଫ୍ଲାଟକ୍ସିନ ବି-୧ ଓ ବି-୨ ଥିବା ଚାରା ଖାଇବା ଦ୍ୱାରା ସେମାନଙ୍କ ଲିଭରରେ ଆଫ୍ଲାଟକ୍ସିନ ଏମ୍-୧ ଓ ଏମ୍-୨ ସୃଷ୍ଟି ହୋଇ ତାଙ୍କ କ୍ଷୀରରେ ଝରିଥାଏ। ଏହାକୁ ଆମେ ପିଇଥାଉ। ଆଫ୍ଲାଟକ୍ସିନ ଉଭୟ ତୀବ୍ର ଓ ଦୀର୍ଘସ୍ଥାୟୀ ବିଷାୟନର କାରଣ ହୋଇଥାଏ। ଆଫ୍ଲାଟକ୍ସିନ ବି-୧ ଓ ଏମ୍-୧ ଭାରି ବିଷାକ୍ତ ଓ ଏହା ଲିଭରକୁ ନଷ୍ଟ କରିଦିଏ। ଏହା ବି ସିରୋସିସ ଓ କ୍ୟାନ୍‌ସରର କାରଣ ହୋଇଥାଏ। ଏହି ଦୁଇଟିକୁ ଇଣ୍ଟରନ୍ୟାଶ୍‌ନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର (ଆଇଏଆର୍‌ସି) ଦ୍ୱାରା କର୍କଟରୋଗକାରକ ଭାବେ ଚିହ୍ନଟ କରାଯାଇଛି।

ବିଶ୍ୱର ଗ୍ରୀଷ୍ମପ୍ରଧାନ ଅଞ୍ଚଳରେ ଆଫ୍ଲାଟକ୍ସିନ ସୃଷ୍ଟିକାରୀ କବକ ଶସ୍ୟକୁ ବେଶି ସଂକ୍ରମିତ କରିଥାଏ। ବାଦାମ, ମକା, କପା ମଞ୍ଜିକୁ ସବୁବେଳେ ଏହା ସଂକ୍ରମଣ କରିଥାଏ। ଏହା ଗହମ, ତୈଳବୀଜ, ଫଳ, କାସାଭା (ଆରାରୁଟ ଜାତୀୟ ମୂଳ) ଓ ଡାଲିଜାତୀୟ ଶସ୍ୟକୁ ମଧ୍ୟ ସଂକ୍ରମଣ କରେ। ମଦରେ ବି ଏହା ଦେଖିବାକୁ ମିଳିଥାଏ। ଏ. ଫ୍ଲାଭସ, ଏ. ପାରାସିଟିକସ୍ ମାଟିରେ ବଢନ୍ତି ଓ ଛୋଟ ଗଛ, ଘାସ ଓ ଶସ୍ୟକୁ ନଷ୍ଟ କରିଥାନ୍ତି। ଏମାନେ ୨୫ ଡିଗ୍ରୀ ତାପମାତ୍ରାରେ ଭଲ ଭାବେ ବୃଦ୍ଧିପାଉଥିଲେ ବି ୧୦ରୁ ୧୨ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ବୃଦ୍ଧିପାଇବା ଆରମ୍ଭ କରନ୍ତି। ମରୁଡି ପରିସ୍ଥିତିରେ ଶସ୍ୟରେ ଆସ୍ପରଜିଲସ୍ ସଂକ୍ରମଣ ହେବାର ଆଶଙ୍କା ଅଧିକ ଥାଏ। କିନ୍ତୁ ଏହା ଯେ କୌଣସି ସମୟରେ ହୋଇପାରେ। ଏପରିକି ଶସ୍ୟ ଅମଳ ହେବାପରେ ଷ୍ଟୋର କରି ରଖିବାବେଳେ ବି ସଂକ୍ରମଣ ହୋଇଥାଏ। ଶସ୍ୟକୁ ଭଲଭାବେ ନ ଶୁଖାଇଲେ ସେଥିରେ ଜଳୀୟ ଅଂଶ ଅଧିକ ରହେ ଓ ଏହାଦ୍ୱାରା ଆସ୍ପରଜିଲସ୍ ସଂକ୍ରମଣ ହୋଇଥାଏ। ମୂଷା ଓ କୀଟମାନେ ମଧ୍ୟ କୋଠି ବା ଅମାରଗୁଡିକରେ କବକ ସଂକ୍ରମଣକୁ ଆହୁରି ସହଜ କରିଦିଅନ୍ତି। ପୂରା ଖାଦ୍ୟଚକ୍ର ମଧ୍ୟରେ ଆଫ୍ଲାଟକ୍ସିନ ପ୍ରଦୂଷଣ ହୋଇପାରେ। ଏହା ଶସ୍ୟକ୍ଷେତ୍ରରୁ ଆରମ୍ଭକରି ଭଣ୍ଡାର ପ୍ରକ୍ରିୟା ଏପରିକି ପରିବହନ ଓ ଖାଦ୍ୟ ପ୍ରକ୍ରିୟାକରଣ ଯାଏ ଏହି ସଂକ୍ରମଣ ସଂଘଟିତ ହୋଇଥାଏ।

ପ୍ରାଣୀମାନେ ସଂକ୍ରମିତ ଖାଦ୍ୟ ଖାଇବା ଦ୍ୱାରା ଆଫ୍ଲାଟକ୍ସିନ ଅଣ୍ଡା, କ୍ଷୀର ଓ ମାଂସରେ ରହିଯାଏ। ମାନବ ଖାଦ୍ୟଶୃଙ୍ଖଳରେ କ୍ଷୀର ହେଉଛି ଆଫ୍ଲାଟକ୍ସିନର ମୁଖ୍ୟ ଉତ୍ସ। ଏଥିରେ ଏମ୍-୧ ଓ ବି-୧ ରହିଥାଏ। ଥରେ କ୍ଷୀରରେ ଆଫ୍ଲାଟକ୍ସିନ ରହିଗଲେ ତାହାକୁ ଫୁଟାଇଲେ କି ପ୍ରେସର କୁକିଂ କିମ୍ବା ପାଶ୍ଚରାଜେଶନ ଦ୍ୱାରା ଦୂର କରାଯାଇପାରେ ନାହିଁ।

ଏହି ବିଷାକ୍ତ ତତ୍ତ୍ୱ ଦ୍ୱାରା କେବଳ କ୍ୟାନ୍‌ସର ନୁହେଁ, ୧ କେଜିରେ ୧ ମିଗ୍ରା ଆଫ୍ଲାଟକ୍ସିନ ଥିବା ଖାଦ୍ୟ ଦ୍ୱାରା ଆଫ୍ଲାଟକ୍ସିକୋସିସ୍ ହେବାର ଆଶଙ୍କା ବି ରହିଥାଏ। ଏହାଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ମୁଣ୍ଡ ବୁଲାଇବା, ବାନ୍ତିହେବା, ଅଣ୍ଟାବିନ୍ଧିବା ଏବଂ ମାଂସପେଶୀ ସଙ୍କୋଚନ ଭଳି ସମସ୍ୟା ଦେଖାଯାଇଥାଏ। ଜଣ୍ଡିସ, ଦୁର୍ବଳତା ପ୍ରକାଶ ପାଇବା ସହ ଯକୃତ ସାଂଘାତିକ ଭାବେ ଆକ୍ରାନ୍ତ ହୋଇଥାଏ ଓ ଏହାଦ୍ୱାରା ମୃତ୍ୟୁ ଘଟିବାର ଆଶଙ୍କା ବି ରହିଥାଏ।

କେନିଆର ନାଇରୋବିରେ ୨୦୧୮ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ଦୁଗ୍ଧ ପିଉଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ଉପରେ ଆଫ୍ଲାଟକ୍ସିନ ଗମ୍ଭୀର ପ୍ରଭାବ ପକାଇଥାଏ। ଏହା ୫ ବର୍ଷ ବୟସରୁ କମ୍ ପିଲାମାନଙ୍କ ବିକାଶରେ ବାଧା ସୃଷ୍ଟି କରେ। ଏଫ୍‌ଏସ୍‌ଏସ୍‌ଏଆଇ ମାନକ ଅନୁସାରେ ପ୍ରତି ୧ କିଲୋଗ୍ରାମ୍ ଦୁଗ୍ଧରେ ଆଫ୍ଲାଟକ୍ସିନର ଅନୁମୋଦିତ ମାତ୍ରା ହେଉଛି ୦.୫ ନାନୋଗ୍ରାମ୍। ଏଫ୍‌ଏସ୍‌ଏସ୍‌ଏଆଇ ସର୍ଭେରୁ ଜଣାଯାଏ ଯେ, ପ୍ରାୟ ୧୦ ପ୍ରତିଶତ ଦୁଗ୍ଧ ନମୁନା ପ୍ରଦୂଷିତ। ଏଥିରୁ ଚିନ୍ତାକରନ୍ତୁ ଭାରତର ଜନସଂଖ୍ୟାର ୧୦ ପ୍ରତିଶତ ଯେଉଁମାନେ ଦୁଗ୍ଧ ପିଉଛନ୍ତି ସେମାନେ ପ୍ରତିଦିନ ଏହି ବିଷାକ୍ତ ତତ୍ତ୍ୱକୁ ଗ୍ରହଣ କରୁଛନ୍ତି। ଲକ୍ଷ ଲକ୍ଷ ଶିଶୁଙ୍କ ମଧ୍ୟରୁ ୩୮ ପ୍ରତିଶତଙ୍କର ବିକାଶ ହୋଇପାରୁନାହିଁ ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ଆଫ୍ଲାଟକ୍ସିନ ଆମ ଡିଏନ୍‌ଏକୁ କ୍ଷତି କରିଥାଏ। ଏହା ଡିଏନ୍‌ଏର ଆନୁବଂଶିକତାରେ ପରିବର୍ତ୍ତନ ଆଣି ସମସ୍ୟା ସୃଷ୍ଟିକରେ ଯାହା ପରିବାରର ଆଗାମୀ ସବୁ ପିଢିକୁ ପ୍ରଭାବିତ କରିଥାଏ। ଏହା ପ୍ରାଣୀମାନଙ୍କ ପାଇଁ ବି କ୍ଷତିକାରକ। ପ୍ରାଣୀମାନଙ୍କଠାରେ ମାଂସପେଶୀ ସଙ୍କୋଚନ କିମ୍ବା କ୍ୟାନ୍‌ସର ଦେଖାଦେବା ପରେ ସେମାନେ ହଠାତ୍ ମରିଯାନ୍ତି। ୧୯୬୧ରେ ଇଂଲଣ୍ଡରେ ୧୦,୦୦୦ ଟୁର୍କୀଙ୍କର ମୃତ୍ୟୁ ଘଟିଥିଲା। ଆଫ୍ଲାଟକ୍ସିନ ପ୍ରଥମେ ସେଠାରେ ଆବିଷ୍କାର କରାଯାଇଥିଲା। ଆଫ୍ଲାଟକ୍ସିନ ଦ୍ୱାରା ପ୍ରଦୂଷିତ ବାଦାମ ଖାଇବା ଦ୍ୱାରା ରୋଗଗ୍ରସ୍ତ ହୋଇ ଏହି ପକ୍ଷୀଗୁଡିକର ମୃତ୍ୟୁ ହୋଇଥିଲା।

ଆମେ କୃଷକମାନଙ୍କୁ କବକ ବୃଦ୍ଧି ନ ପାଇବା ଲାଗି ଶସ୍ୟକୁ ଠିକ୍‌ଭାବେ ସଂରକ୍ଷିତ କରି ରଖିବା ଓ କ୍ଷେତରେ କେମିତି କବକ ବୃଦ୍ଧି ନ ପାଇବ ତାହା ଯାଞ୍ଚ କରିବାକୁ ଶିକ୍ଷା ଦେବା ଉଚିତ। ଭାରତରେ ଏହା ଏକ ବଡ଼ ସମସ୍ୟା। କିନ୍ତୁ ଏହା ଉପରେ ଏଯାବତ୍ କିଛି ବି ପଦକ୍ଷେପ ନିଆଯାଇନାହିଁ।

ଗାଈ ଓ ମଇଁଷିଙ୍କ ଖାଦ୍ୟ ପ୍ରତି ଆମେ ଧ୍ୟାନ ଦେଉଛୁ କି? ନା। ଯେଉଁଠି ପରିମାଣ ଉପରେ ଗୁରୁତ୍ୱ ଦିଆଯାଏ ସେଠି କ୍ୱାଲିଟି କଥା ପଚାରେ କିଏ? ଭାରତରେ ପଶୁ ଚାରା ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଭାରତ ସମେତ ୬୦ଟି ଦେଶ ଦୁଗ୍ଧରେ ଆଫ୍ଲାଟକ୍ସିନର ସର୍ବୋଚ୍ଚ ସ୍ତର କିଲୋଗ୍ରାମ୍ ପ୍ରତି ୦.୦୫ ମାଇକ୍ରୋଗ୍ରାମ୍ ରଖିଛନ୍ତି। ୟୁରୋପୀୟ ସଂଘ କ୍ଷୀର ଦେଉଥିବା ଗାଈଙ୍କୁ ଦିଆଯାଉଥିବା ଚାରା ପାଇଁ ଏହି ସ୍ତର ବି ନିର୍ଦ୍ଧାରଣ କରିଛି। କିନ୍ତୁ ଭାରତରେ ଚାରା ଲାଗି କୌଣସି ନିୟମ ନାହିଁ। ଚାରାକୁ ପରୀକ୍ଷା କରିବା ଲାଗି ଏକ ବ୍ୟବସ୍ଥା ରହିବା ଉଚିତ। ଏହାକୁ ଦୁଗ୍ଧ ଉତ୍ପାଦନକାରୀଙ୍କ ପାଇଁ ବାଧ୍ୟତାମୂଳକ କରାଯିବା ଦରକାର। ୧୦ ବର୍ଷରେ ଥରେ ଦୁଗ୍ଧ ପରୀକ୍ଷା କରିବା ବଦଳରେ ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ନିୟମିତ ପରୀକ୍ଷା କରାଯିବା ଉଚିତ। ତାଜା, ଗଚ୍ଛିତ ତଥା ଜୀବାଣୁମୁକ୍ତ କୁହାଯାଉଥିବା ଦୁଗ୍ଧ, ପାଉଡର ଦୁଗ୍ଧର ଯାଞ୍ଚ ଲାଗି ଇଏଲ୍‌ଆଇଏସ୍‌ଏ, ଟିଏଲ୍‌ସି କିମ୍ବା ଏଚ୍‌ପିଏଲ୍‌ସି ଟେଷ୍ଟ କରାଯିବା ଦରକାର। ଯଦି ଆଫ୍ଲାଟକ୍ସିନର କିଛି ସୂଚନା ମିଳେ, ତେବେ କୃଷକମାନେ ବଜାରରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦୁଗ୍ଧଜାତୀୟ ଖାଦ୍ୟ ଫେରାଇ ନେବା ସହ ବଜାରକୁ ଦୁଗ୍ଧ ଯୋଗାଣ ବନ୍ଦ କରିବା ଉଚିତ।

Email: gandhim@nic.in

# ସୌନ୍ଦର୍ଯ୍ୟର ପରିଭାଷା



**ଅଲେଖ ଚନ୍ଦ୍ର ମିଶ୍ର**

କୁହାଯାଏ 'ଓମ୍ୟାନ୍ ଇଜ୍ ଦ ମୋଷ୍ଟ ବ୍ୟୁଟିଫୁଲ୍ କ୍ରିଏଶନ ଅଫ୍ ଗଡ୍' (ନାରୀ ଈଶ୍ୱରଙ୍କର ସବୁଠାରୁ ସୁନ୍ଦର ସୃଷ୍ଟି)। କାହାରି କାହାରି ମତରେ 'ମେନ୍ ଆର୍ ଫ୍ରମ୍ ମାର୍ସ, ଓମେନ୍ ଆର୍ ଫ୍ରମ୍ ଭେନସ୍' (ପୁରୁଷର ଉତ୍ପତ୍ତି ମଙ୍ଗଳ ଗ୍ରହରୁ, ନାରୀର ଉତ୍ପତ୍ତି ଶୁକ୍ର ଗ୍ରହରୁ)। ନାରୀର ସୌନ୍ଦର୍ଯ୍ୟ ଉପରେ ଆଧାରିତ ଏପରି ଅନେକ ବଚନିକା ରହିଛି ଏବଂ ନଖରୁ କେଶଯାଏ ନାରୀର ଅଙ୍ଗବିନ୍ୟାସ ଯୁଗଯୁଗ ଧରି କବି କଳ୍ପନାର ଅସରନ୍ତି ଉତ୍ସ ହୋଇ ଆସିଛି।

କିନ୍ତୁ ପରିତାପର ବିଷୟ, ଏହି ସୌନ୍ଦର୍ଯ୍ୟ ହିଁ ନାରୀ ପାଇଁ ବେଳେବେଳେ କାଳ ହୁଏ। ସୁନ୍ଦରୀ ନାରୀଟି ପ୍ରତି ଅନ୍ୟମାନଙ୍କର ଦୃଷ୍ଟି ଆପେଆପେ ଟାଣି ହୋଇଯାଏ। କିନ୍ତୁ ସେ ଦୃଷ୍ଟିରେ ନକାରାତ୍ମକ ଭାବ ରହିଲେ ସମସ୍ୟା ସୃଷ୍ଟି ହୁଏ। କିଏ ଷ୍ଟ୍ରିଟ୍ ରୋମିଓମାନଙ୍କର ହାବୁଡ଼ରେ ପଡ଼େ ତ କିଏ ଏକତରଫା ପ୍ରେମର ଶରବ୍ୟ ହୁଏ। କିଏ ଏସିଡ୍ ମାଡରେ ବିକଳାଙ୍ଗ ହୋଇଯାଏ ତ କିଏ ପାଶବିକ ଅତ୍ୟାଚାରର ଶିକାର ହୁଏ।। ନାରୀ ପ୍ରତି ପୁରୁଷର ସ୍ୱଭାବସୁଲଭ ଦୁର୍ବଳତା ଯୁଗଯୁଗ ଧରି ରହି ଆସିଛି। ସେ ପୁରାଣବର୍ଣ୍ଣିତ ମେନକା-ବିଶ୍ୱାମିତ୍ର, ପରାଶର-ମତ୍ସ୍ୟଗନ୍ଧା, ଅହଲ୍ୟା-ସୂର୍ଯ୍ୟ-ଇନ୍ଦ୍ର, ଦମୟନ୍ତୀ-ଦେବତାକୁଳ, ଚିନ୍ତାମଣି-ବିଲ୍ୱମଙ୍ଗଳ, ଲକ୍ଷହୀରା-ବିଷ୍ଣୁ ଦାଶ ଇତ୍ୟାଦି ଆଖ୍ୟାୟିକା ହେଉ ଅଥବା ଇତିହାସ ପୃଷ୍ଠାର ପଦ୍ମିନୀ-ଆଲ୍ଲାଉଦ୍ଦିନ୍, କ୍ଲିଓପାଟ୍ରା-ଆଣ୍ଟୋନି, ସଲୋମନ୍-ସିନ୍ଡ୍ରେଲା, କାରୁବାକୀ-ଅଶୋକ ଆଦିଙ୍କର ଉପାଖ୍ୟାନ ହେଉ ଏମିତି ଅନେକ ଦୃଷ୍ଟାନ୍ତ ରହିଛି।

କୈଶୋରରେ ପିତାମାତାଙ୍କ ପାଇଁ, ଯୌବନରେ ପତିଙ୍କ ପାଇଁ, ଏକାକୀ ବାହାରକୁ ଗଲେ ନିଜ ପାଇଁ ଏବଂ ଅକାଳ ବୈଧବ୍ୟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ ସୁନ୍ଦରୀ ନାରୀଟିଏ। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରୁ ଜଣେ ଅତି ସୁନ୍ଦର ଓ ଅନ୍ୟଜଣକ କଦାକାର ହୋଇଥିଲେ ଦାମ୍ପତ୍ୟ ସୂତ୍ରର ବୁଝାମଣା ଭିତରେ ତାହା ଅବଶ୍ୟ ଗୌଣ ପାଲଟିଯାଏ। କିନ୍ତୁ ଏକ ଗୁପ୍ତ ଅଭାବବୋଧର ଗ୍ଲାନି ରହିଥାଏ। ଏହା ଯଦି ଅହଂଭାବର ରୂପ ନେଲା ତେବେ ପାରିବାରିକ ବୁଝାମଣା ବିପର୍ଯ୍ୟସ୍ତ ହୋଇପଡ଼େ। କେତେକ କ୍ଷେତ୍ରରେ ଅଯଥା ସନ୍ଦେହ ସୃଷ୍ଟି ହୋଇ ଛାଡ଼ପତ୍ର ପର୍ଯ୍ୟନ୍ତ କଥା ଯାଏ। କିଛିଦିନ ତଳେ ଉତ୍ତରପ୍ରଦେଶରେ ଘଟିଛି ଏହିପରି ଅବୁଝାମଣାର ଏକ ଦୁଃଖଦ ଘଟଣା। ପିଲିଭିଟ୍‌ର ରେଖା ଲୋଦି ନାମ୍ନୀ ଜଣେ ୩୦ ବର୍ଷୀୟା ମହିଳା ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ। ତାଙ୍କର ଅତି ରମଣୀୟ ଅଙ୍ଗସୌଷ୍ଠବ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରୁଥିବାରୁ ତାଙ୍କର ସ୍ୱାମୀ ନିର୍ମଳକୁମାର ତାଙ୍କୁ ସନ୍ଦେହ କରିବାକୁ ଲାଗିଲେ। ଫଳରେ ଅଯଥା ଅବୁଝାମଣାରୁ ତ୍ରାହି ପାଇବା ପାଇଁ ରେଖା ନିଜର ସୁନ୍ଦର ମୁହଁକୁ ପୋଡ଼ି କଳାକାଠ କରିଦେଲେ।

ଏସବୁର ମୂଳ କାରଣ ହେଲା ସୌନ୍ଦର୍ଯ୍ୟର ଅବମୂଲ୍ୟାୟନ। ସୌନ୍ଦର୍ଯ୍ୟ ଈଶ୍ୱରଦତ୍ତ। ଯାହା ଆଖିକୁ ଦିଶେ ତାହା ପ୍ରକୃତ ସୌନ୍ଦର୍ଯ୍ୟ ନୁହେଁ। ବହିଃପ୍ରକୃତି (ଦୈହିକ ସୌନ୍ଦର୍ଯ୍ୟ) ସହିତ ଅନ୍ତଃପ୍ରକୃତି (ଅନ୍ତର୍ନିହିତ ସୁଗୁଣ)କୁ ତୁଳନାକଲେ ସୌନ୍ଦର୍ଯ୍ୟର ଠିକ୍ ମୂଲ୍ୟାୟନ ହୁଏ। ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ତା'ର ରୂପରେ ନ ଥାଏ, ଥାଏ ତା'ର ଗୁଣରେ। ଦୟା, କ୍ଷମା, ସ୍ନେହ, ମମତା, ଶ୍ରଦ୍ଧା, ସମ୍ମାନ, ଲଜ୍ଜା, ପ୍ରେମ ଇତ୍ୟାଦି ଯାହା ହୃଦୟରେ ନାହିଁ ତା'ର ସମସ୍ତ ଦୈହିକ ସୌନ୍ଦର୍ଯ୍ୟ ମହାକାଳ ଫଳ ସଦୃଶ। ଦୈହିକ ସୌନ୍ଦର୍ଯ୍ୟ ତ କ୍ଷଣସ୍ଥାୟୀ, ଯାହା ବୟଃକ୍ରମେ ମଳିନ ପଡ଼ିଯାଏ। କିନ୍ତୁ ଅନ୍ତର୍ନିହିତ ସଦ୍‌ଗୁଣ ମୃତ୍ୟୁ ପର୍ଯ୍ୟନ୍ତ ଅତୁଟ ରହେ। ଶାରୀରିକ ସୌନ୍ଦର୍ଯ୍ୟ ହୁଏତ ନାରୀ ପାଇଁ କାଳ ହୋଇପାରେ। କିନ୍ତୁ ଅନ୍ତରର ସୌନ୍ଦର୍ଯ୍ୟ ତା'ର ଚିର ଆଭୂଷଣ। ତଥାପି ମଣିଷ ସୌନ୍ଦର୍ଯ୍ୟର ପରିଭାଷା ବୁଝି ନ ପାରି କେବେକେବେ ଭୁଲ୍ କରେ। ସୁପରଷ୍ଟାର ସ୍ୱର୍ଗତ ରାଜେଶ୍ ଖାନ୍ନାଙ୍କର ସେଇ ଅଭୁଲା ଗୀତଟିକୁ ଥରେ ମନେ ପକାନ୍ତୁ- ''ଦିଲ୍ କୋ ଦେଖୋ, ଚେହେରା ନ ଦେଖୋ, ଦିଲ୍ ସଚ୍ଚା ଔର ଚେହେରା ଝୁଟା।''

ସାରଦାଶ୍ରୀ, ଶାସ୍ତ୍ରୀନଗର, ଭୁବନେଶ୍ୱର,
ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ଜାତିବାଦରୁ ଉପରକୁ ଉଠି ଜଣେ ମୁସଲମାନ ଯୁବକ ନିଃସ୍ୱାର୍ଥ ସେବା କରି ଯୁବପିଢିଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଛନ୍ତି । ସେ ହେଉଛନ୍ତି ଉତ୍ତରପ୍ରଦେଶର ସୁଲତାନପୁରନିବାସୀ ଅବଦୁଲ ହକ୍। ସେ ଅଚିହ୍ନା ଶବର ଅନ୍ତିମ ସଂସ୍କାର କରୁଛନ୍ତି। ଭାରତୀୟ ନାଗରିକଙ୍କୁ ହକ୍ ବିଦେଶରୁ ଫେରାଇ ଆଣିବାରେ ସରକାର ଓ ଗରିବ ଲୋକମାନଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରୁଛନ୍ତି। ଯେଉଁମାନଙ୍କର ବିଦେଶରେ ମୃତ୍ୟୁ ଘଟୁଛି ସେମାନଙ୍କ ମୃତଦେହ ସ୍ୱଦେଶ ଫେରାଇ ଆଣିବାରେ ପରିବାରକୁ ସେ ସହଯୋଗ କରୁଛନ୍ତି। ୪ ବର୍ଷ ମଧ୍ୟରେ ଏବେ ସୁଦ୍ଧା ଅବଦୁଲ ୬ରୁ ଅଧିକ ମୃତଦେହ ବିଦେଶରୁ ଆଣିସାରିଲେଣି। ବିଦେଶରେ ବନ୍ଦୀ ୨୫ ଯୁବକଙ୍କୁ ଉଦ୍ଧାର କରିବାରେ ବି ସେ ପ୍ରମୁଖ ଭୂମିକା ନେଇଛନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାରୁ ତାଙ୍କ ପାଖକୁ ସାହାଯ୍ୟ ପାଇବା ଲାଗି କଲ୍ ଆସୁଛି। ଦଲାଲମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପରିଚୟ ନ ଥାଇ ରୋଜଗାର ଆଶାରେ ବିଦେଶ ଯାଇ ସେଠାରେ ଜେଲ୍‌ରେ ଯନ୍ତ୍ରଣା ପାଉଥିବା ଲୋକଙ୍କୁ, ଦୁର୍ଘଟଣାରେ ମୃତ୍ୟୁ ଘଟୁଥିବା କିମ୍ବା ହତ୍ୟାର ଶିକାର ହେଉଥିବା ଲୋକଙ୍କ ମୃତଦେହକୁ ଦେଶକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛନ୍ତି। ପ୍ରଥମେ ୨୦୧୬ରେ କୋତବାଲି ସରାୟକଲ୍ୟାଣ ନିବାସୀ ଦଳିତ ବର୍ଗର ବ୍ୟକ୍ତି ରୁପିଙ୍କ ମୃତଦେହ ସୌଦି ଆରବରୁ କିଭଳି ଆସିପାରିବ ସେଥିଲାଗି ତାଙ୍କ ପରିବାର ସହ କଥା ହୋଇ ରୁପିଙ୍କ ପୁଅଙ୍କୁ ନେଇ ସେତେବେଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ଯୋଗାଯୋଗ କରିବା ପରେ ମୃତଦେହକୁ ସେଠାରୁ ଆଣିଥିଲେ। ୨୦୧୮ରେ ସୌଦି ଆରବର ରିୟାଧ ସହରରୁ ଅର୍ଥାଭାବରୁ ଘରକୁ ଫେରିପାରୁ ନ ଥିବା ମହମ୍ମଦ ଏର୍‌ସାଦଙ୍କୁ ଫେରାଇ ଆଣିବାରେ ମୁଖ୍ୟ ଭୂମିକା ନେଇଥିଲେ। ତାଙ୍କର ଏହି କାର୍ଯ୍ୟକୁ ଏବେ ସମସ୍ତେ ପ୍ରଶଂସା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଜାନୁୟାରୀ ୧୯୯୫**

- ଦେଶରେ ମୌଳିକ ଟେଲିଫୋନ ସେବା ଓ ସେଲ୍ୟୁଲାର ମୋବାଇଲ ଫୋନ ପରିଚାଳନା ପାଇଁ ଆଶାୟୀ ଘରୋଇ ଅପରେଟରଙ୍କ ଲାଗି ଦୂରସଞ୍ଚାର ବିଭାଗ ପକ୍ଷରୁ ବହୁ ପ୍ରତୀକ୍ଷିତ ନିୟମାବଳୀ ଘୋଷଣା କରାଯାଇଛି।
- ସାଗର ଦ୍ୱୀପର ମାୟାଗୋବିନ୍ଦ ଘାଟ ନିକଟସ୍ଥ ହାତୀପୀଠଠାରେ ଲଞ୍ଚ ବୁଡ଼ିଯିବା ଫଳରେ ୪୦ ଜଣଙ୍କ ମୃତ୍ୟୁ।
- ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ଭାବେ ଘୋଷଣା କରାଯିବା ଦାବିକୁ ଆମେରିକାର ଅଗ୍ରାହ୍ୟ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | | 2 | D | | | E | | | | 3 | | 8 |
| | 2 | | | | | | | 4 | C | | | | | |
| | 9 | | | | | | | 5 | 1 | D | | 2 | 6 | 7 |
| D | E | | 7 | | 3 | 6 | | | 8 | | | | C | |
| | 4 | | | | | | | | | 6 | 7 | 5 | | |
| | 3 | | B | | | | 9 | | 2 | | D | | | 0 |
| B | | | | 4 | | 7 | D | | | 5 | 6 | | | A |
| | | | | | | | | | 9 | E | | | 4 | D |
| 0 | | | 3 | | 2 | 8 | | | | 4 | | | 9 | |
| | | | | 9 | A | 0 | | | 7 | | | | | B |
| 9 | | 6 | | | 4 | | 1 | | E | C | | | | |
| | 7 | D | | | | 4 | | | | 0 | A | E | | 6 |
| 1 | | | | 8 | C | | | | | | | A | B | 9 |
| A | | | | | 0 | 3 | | 7 | 6 | | 9 | | 1 | |
| 3 | | | | | 7 | | | 0 | 5 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | 0 | E | 5 | 4 | 7 | 9 | 6 | 3 | 8 | B | 2 | D | A |
| 8 | E | 7 | C | A | 0 | 2 | 4 | 1 | D | 5 | 9 | 6 | B | 3 |
| 9 | 3 | B | 1 | 7 | 6 | 0 | D | A | 2 | 4 | C | 8 | 5 | E |
| 4 | 6 | A | D | 8 | 2 | 3 | B | 5 | 0 | E | 1 | 7 | 9 | C |
| D | 5 | 2 | B | 3 | 9 | 8 | E | C | A | 6 | 7 | 0 | 4 | 1 |
| E | A | 1 | 2 | 9 | C | D | 6 | 7 | 5 | 0 | 3 | B | 8 | 4 |
| 0 | 8 | C | 7 | 4 | A | 9 | 5 | 2 | B | 1 | 6 | 3 | E | D |
| 2 | 9 | 4 | 6 | 0 | D | A | 3 | B | 8 | C | E | 5 | 1 | 7 |
| 6 | B | 5 | 8 | 1 | 3 | 4 | C | E | 7 | D | 2 | 9 | A | 0 |
| 7 | D | 3 | 5 | B | E | 1 | 8 | 0 | 9 | A | 4 | C | 6 | 2 |
| 1 | 4 | 6 | 3 | 2 | B | 5 | A | 8 | C | 7 | D | E | 0 | 9 |
| A | 7 | 8 | 9 | E | 1 | C | 0 | 4 | 6 | 3 | 5 | D | 2 | B |
| 5 | 0 | 9 | 4 | D | 7 | B | 1 | 3 | E | 2 | 8 | A | C | 6 |
| 3 | C | D | 0 | 6 | 8 | E | 2 | 9 | 1 | B | A | 4 | 7 | 5 |
| B | 2 | E | A | C | 5 | 6 | 7 | D | 4 | 9 | 0 | 1 | 3 | 8 |

ଗତକାଲିର ଉତ୍ତର

# ସ୍ମାର୍ଟ ସିଟିରେ ଟ୍ରାଫିକ୍ ସମସ୍ୟା

**ଅଂଶୁମାନ ଦାଶ**

ବର୍ତ୍ତମାନର ସ୍ମାର୍ଟ ଯୁଗ ସହ ତାଳଦେଇ ଯିବାକୁ ହେଲେ ଆବଶ୍ୟକ ରହିଛି ଉତ୍କୃଷ୍ଟ ଗମନାଗମନର ବ୍ୟବସ୍ଥା। ଯେଉଁ ଦେଶରେ ଏହି ବ୍ୟବସ୍ଥା ଯେତେ ଉନ୍ନତ ସେହି ଦେଶ ସେତେ ବିକଶିତ। ଏହି ଗମନାଗମନ ବ୍ୟବସ୍ଥାକୁ ସନ୍ତୁଳିତ କରିଥାଏ ଟ୍ରାଫିକ୍ ବ୍ୟବସ୍ଥା। ସ୍ମାର୍ଟ ସିଟି ବା ବଡ ବଡ ସହରମାନଙ୍କରେ ଅଧିକ ସଂଖ୍ୟାରେ ସ୍କୁଲ୍, କଲେଜ, ଜୀବିକା, ଚିକିତ୍ସାଳୟ, ଏୟାର୍‌ପୋର୍ଟ, ଷ୍ଟେସନ୍, ମାର୍କେଟ୍ ଓ ଶପିଂ ମଲ୍ ପରି ସୁବିଧା ମିଳୁଥିବାରୁ ଆଖପାଖ ତଥା ଦୂର ଅଞ୍ଚଳରୁ ଅନେକ ଲୋକ ନିଜ ଜୀବିକା ଅନ୍ୱେଷଣ ତଥା ଲକ୍ଷ୍ୟ ପୂରଣ ନିମନ୍ତେ ଆସିଥା'ନ୍ତି। ତେଣୁ ସହରମାନଙ୍କରେ ଜନସଂଖ୍ୟା ଓ ଯାନବାହନର ଦ୍ରୁତ ବୃଦ୍ଧି ଅବଶ୍ୟମ୍ଭାବୀ ଏବଂ ଟ୍ରାଫିକ୍‌ଜନିତ ଭିଡର ପରିସୀମାରେ ବୃଦ୍ଧି ମଧ୍ୟ ଅବ୍ୟାହତ। ଏକ ସର୍ଭେରୁ ଜଣାଯାଇଛି ଭାରତର ରାଜଧାନୀ ଦିଲ୍ଲୀରେ ଜଣେ ସାଧାରଣ ଲୋକ ତା'ର ଚାକିରି ଜୀବନ ଭିତରେ ହାରାହାରି ତିନିବର୍ଷ ସମୟ ଟ୍ରାଫିକ୍‌ରେ କାଟିଥାଏ। ୨୦୧୦ ମସିହା ଅଗଷ୍ଟ ମାସରେ ୫୦ ଲେନ୍ ବିଶିଷ୍ଟ ମଙ୍ଗୋଲିଆରୁ ବେଜିଙ୍ଗ୍ ରାଜପଥରେ ପୃଥିବୀର ସବୁଠାରୁ ବଡ ଟ୍ରାଫିକ୍ ଜାମ୍ ହୋଇଥିଲା, ଯାହା କି ୧୦ ଦିନ କାଳ ଲାଗି ରହିଥିଲା ଏବଂ ଯାତ୍ରୀମାନଙ୍କୁ ରାସ୍ତା ଉପରେ ରାତ୍ରିଯାପନ କରିବାକୁ ପଡିଥିଲା। ଭାରତରେ ପ୍ରତିବର୍ଷ ରୋଡ୍ ଟ୍ରାଫିକ୍‌ଜନିତ ଦୁର୍ଘଟଣାରେ ହାରାହାରି ଏକ ଲକ୍ଷ ଚାଳିଶି ହଜାର ଲୋକ ପ୍ରାଣ ହରାଇଥା'ନ୍ତି ଏବଂ ସଂଖ୍ୟାଧିକ ଲୋକ ପଙ୍ଗୁ ପାଲଟି ଥା'ନ୍ତି।

ରାଜଧାନୀ ଭୁବନେଶ୍ୱର ସମେତ ଦେଶର ଅନ୍ୟାନ୍ୟ ସ୍ମାର୍ଟ ସହରରେ ବିଗତ ଦଶନ୍ଧି ମଧ୍ୟରେ ଅନେକ ରାସ୍ତାର ପ୍ରଶସ୍ତୀକରଣ, ଜବରଦଖଲ ଉଚ୍ଛେଦ, ସଂଖ୍ୟାଧିକ ଫ୍ଲାଏଓଭରର ନିର୍ମାଣ ଆଦି ପଦକ୍ଷେପ ଟ୍ରାଫିକ୍ ସମସ୍ୟାକୁ ସାମୟିକ ଭାବେ ସରଳ କରିଛି। ଏଥିପାଇଁ କିନ୍ତୁ ବଳିପଡିଛନ୍ତି ହଜାର ହଜାର ସଂଖ୍ୟାର ରାସ୍ତାକଡର ବୃକ୍ଷଲତା। ଗ୍ରୀଷ୍ମର ପ୍ରଚଣ୍ଡ ତାପରେ ବାଟୋଇଟି ଚଲାପଥରେ ବୃକ୍ଷର ଶୀତଳ ଛାୟାର ଆଶ୍ୱସ୍ତି ପାଇବାର ସୁଯୋଗ ଆଉ ନାହିଁ। ନିଜ ସ୍ୱାର୍ଥ ପାଇଁ ମଣିଷ ସମାଜ ଲକ୍ଷ ଲକ୍ଷ ଗଛ ସହ ଭାଙ୍ଗିଦେଲା ଗଛଡାଳରେ ସୁନ୍ଦର ବସା କରି ରହୁଥିବା ଚଢେଇମାନଙ୍କ ଘର। ପର୍ଯ୍ୟାବରଣ ସହ ମଣିଷ ସମାଜର ଖେଳୁଆଡ ନୀତି ସମୟକ୍ରମେ ମହଙ୍ଗା ପଡୁଛି ଏବଂ ପରିବେଶ ପ୍ରଦୂଷଣଜନିତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିକଟ ଅତୀତରେ ମେଟ୍ରୋ ସହର ମୁମ୍ବାଇର ଫୁସ୍‌ଫୁସ୍ କୁହାଯାଉଥିବା ଠାଣେରେ ଥିବା 'ଆରେ' ଜଙ୍ଗଲକୁ ମେଟ୍ରୋ ଟ୍ରେନ୍‌ର ସମ୍ପ୍ରସାରଣ ପ୍ରକଳ୍ପ ନିମନ୍ତେ ଲୋପ କରିବାର ନିଷ୍ପତ୍ତି ପରିବେଶବିତ୍‌ଙ୍କ ମତରେ ଦୁର୍ଭାଗ୍ୟଜନକ। କ୍ଷତିପୂରଣ ବାବଦରେ ବହୁ ସଂଖ୍ୟାରେ ବୃକ୍ଷରୋପଣ କରି ନିଜକୁ ଦୋଷମୁକ୍ତ ଘୋଷଣା କରୁ। ହେଲେ ବୃକ୍ଷର ଚାରାସବୁକୁ ଗୋଟିଏ ପ୍ରାପ୍ତ ବୟସ୍କ ଘଞ୍ଚଜଙ୍ଗଲରେ ଉପନୀତ ହେବା ପାଇଁ କେତେ ସମୟ ଲାଗିଥାଏ ତା'ର ହିସାବ ଆମେ କରି ନ ଥାଉ।

ରାସ୍ତାର ଆକାର ଅନୁସାରେ ଯାନବାହନର ସଂଖ୍ୟା ଅଧିକ ହେବା ଏବଂ ପାର୍କିଂ ପାଇଁ ସ୍ଥାନର ଅଭାବ ଟ୍ରାଫିକ୍ ପରିସ୍ଥିତିକୁ ଗୁରୁତର କରିଛି। ଏପରି ସ୍ଥଳେ ବ୍ୟକ୍ତିଗତ ଯାନ ଅପେକ୍ଷା ଟାଉନ୍ ବସ୍ ସେବା, ମେଟ୍ରୋ ଆଦି ସାର୍ବଜନିକ ପରିବହନ ବ୍ୟବସ୍ଥାର ଉପଯୋଗକୁ ପ୍ରାଧାନ୍ୟ ଦେବା ନିତାନ୍ତ ଜରୁରୀ। ଏହି ସେବାର ହାରାହାରି ସଂଖ୍ୟା-ସୀମା ବୃଦ୍ଧି ହେବା ଆବଶ୍ୟକ। ଦିଲ୍ଲୀର ରୋଡ୍ ଟ୍ରାଫିକ୍ ସମସ୍ୟାର ସମାଧାନ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଯୁଗ୍ମ ଅଯୁଗ୍ମ ନୀତିର ପ୍ରୟୋଗ କଲେ, ଯାହାଦ୍ୱାରା ସମସ୍ତ ଯୁଗ୍ମ ଗାଡିକୁ ଏବଂ ଅଯୁଗ୍ମ ଗାଡିକୁ ଯଥାକ୍ରମେ ଦିନେ ଛଡା ଦିନେ ବ୍ୟବଧାନରେ ଚାଲିବାକୁ ନିର୍ଦ୍ଦେଶ ଦିଆଗଲା। ଏହାଦ୍ୱାରା ଗାଡିମୋଟର ଧୂଆଁ, ଧୂଳି ଓ ଶବ୍ଦଜନିତ ପ୍ରଦୂଷଣ ମଧ୍ୟ ନିମ୍ନଗାମୀ ହେଲା।

ଅନେକ ସମୟରେ ରାସ୍ତାମାନଙ୍କରେ ଗୋରୁଙ୍କ ରାଜୁତି ମଧ୍ୟ ଦେଖିବାକୁ ମିଳିଥାଏ, ଯାହା କି ବହୁବାର ଦୁର୍ଘଟଣାର କାରଣ ହୋଇଥାଏ। ସନ୍ଧ୍ୟା ସମୟରେ ସଙ୍କୁଚିତ ରାସ୍ତା ଉପରେ ଚା-ପାନ-ସିଗାରେଟ୍ ଦୋକାନ କଡରେ ମୋଟରସାଇକେଲ୍ ରଖି ଯୁବଦଳଙ୍କ ଏକ ଗୋଷ୍ଠୀ ଖଟିରେ ବ୍ୟସ୍ତ ଥିବାର ନମୁନା ବହୁତ ସ୍ଥାନରେ ଦେଖିବାକୁ ମିଳିଥାଏ। ବଡ ଗାଡି ଯିବା ପାଇଁ ହର୍ନ ମାରିଲେ ସେମାନଙ୍କ ପ୍ରତିକ୍ରିୟାରୁ ରାସ୍ତାପାର୍ଶ୍ୱକୁ ଅକ୍ତିଆର କରିବା ସେମାନଙ୍କର ବ୍ୟକ୍ତିଗତ ଅଧିକାର ପରି ମନେହୁଏ। ହର୍ନ ମାରିବା କିମ୍ବା ଓଭରଟେକ୍‌କୁ କେନ୍ଦ୍ରକରି ମରଣାନ୍ତକ ଝଗଡା ହେବା ସେମାନଙ୍କ ବିକୃତ ମାନସିକତାକୁ ସୂଚାଇଥାଏ, ଯାହା କି ଦୁର୍ଭାଗ୍ୟଜନକ ଏବଂ ଦୁଃଖଦ।

ଭାରତରେ ରାସ୍ତା ଦୁର୍ଘଟଣାର ପରିସଂଖ୍ୟାନ ଉଦ୍‌ବେଗଜନକ। ବେପରୁଆ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ହେଲ୍‌ମେଟ୍ ନ ପିନ୍ଧିବା ତଥା ଖରାପ ରାସ୍ତା ଅବସ୍ଥା ଏଥିପାଇଁ ଦାୟୀ। ନିକଟ ଅତୀତରେ କେରଳ ଏବଂ ମହାରାଷ୍ଟ୍ରରେ ରାସ୍ତାରେ ଥିବା ଗର୍ତ୍ତରେ ସନ୍ତୁଳନ ହରାଇ ଜଣେ ପୁରୁଷ ଏବଂ ମହିଳା ପ୍ରାଣ ହରାଇଥିବା ଖବର ଚର୍ଚ୍ଚାଭୁକ୍ତ ହୋଇଥିଲା। କେରଳରେ ସମାନ ଗର୍ତ୍ତରେ ପଡି ଜଣେ ମହିଳା ଆହତ ହେବାର କିଛି କ୍ଷଣ ପରେ ହିଁ ପୁରୁଷ ଜଣକ ସେଠାରେ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ମୃତ୍ୟୁବରଣ କରିଥିଲେ। ମହାରାଷ୍ଟ୍ରରେ ବାହାଘର ଠିକ୍ ହୋଇଥିବା ମହିଳା ଜଣକ ବିବାହ ପାଇଁ ବଜାରରୁ ଜିନିଷ କିଣି ନିଜ ଭାଇଙ୍କ ସହ ଫେରୁଥିବାବେଳେ ଗର୍ତ୍ତରେ ପଡିଯିବାରୁ ପଛରୁ ଆସୁଥିବା ଦ୍ରୁତଗାମୀ ଟ୍ରକ୍ ଦ୍ୱାରା ଦୁର୍ଘଟଣାର ଶିକାର ହେଲେ। ଏହିପରି ଅଗଣିତ ମର୍ମାନ୍ତକ ଦୁର୍ଘଟଣାର ଖବର ନିତିଦିନ ଶୁଣିବାକୁ ମିଳିଥାଏ। ପାଶ୍ଚାତ୍ୟ ରାଷ୍ଟ୍ରରେ ଗାଡି ଚଳାଇବା ବେଳେ ଟୁ ସେକେଣ୍ଡ୍ ଥିଓରିକୁ ପାଳନ କରିଥାନ୍ତି। ଅର୍ଥାତ୍ ଚାଲିବା ସମୟରେ ଦୁଇ ଯାନ ମଧ୍ୟରେ ବ୍ୟବଧାନ ୨ ସେକେଣ୍ଡର ଦୂରତା ହୋଇଥାଏ, ଯାହା କି ହାରାହାରି ୧୬ ମିଟର। କିନ୍ତୁ ଆମ ଦେଶରେ ଏହାର ବ୍ୟତିକ୍ରମ ଦେଖାଯାଏ ଏବଂ ସ୍ୱଳ୍ପ ବ୍ୟବଧାନରେ ଗାଡି ଚାଳନା କରିବା ଦୁର୍ଘଟଣାର କାରଣ ହୋଇଥାଏ। ରାସ୍ତା ଦୁର୍ଘଟଣାର ସଚେତନତା ପାଇଁ ପ୍ରତିବର୍ଷ ୧୧ରୁ ୧୭ ଜାନୁୟାରୀ ପର୍ଯ୍ୟନ୍ତ ରୋଡ୍ ସେଫ୍ଟି ସପ୍ତାହ ରୂପେ ପାଳନ କରାଯାଏ।

ସଂପ୍ରତି ଭୁବନେଶ୍ୱର ଟ୍ରାଫିକ୍ କଣ୍ଟ୍ରୋଲ୍ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ଜ୍ଞାନକୌଶଳ adaptive traffic signal systemର ବିନିଯୋଗର ଯୋଜନା ସ୍ୱାଗତଯୋଗ୍ୟ। Artificial intelligence ବିଦ୍ୟା ଉପରେ ପର୍ଯ୍ୟବସିତ ଏହି କମ୍ପ୍ୟୁଟର୍ ସିଷ୍ଟମ୍ ଟ୍ରାଫିକ୍‌ରେ ଲୋକମାନଙ୍କ ଘନତ୍ୱ ହିସାବରେ ନିଜ timerକୁ ନିଜେ ପରିବର୍ତ୍ତନ କରିଥାଏ। ଏହି ସିଷ୍ଟମ୍‌ର ସଫଳ ରୂପାୟନ ପାଇଁ ଆବଶ୍ୟକ ଉନ୍ନତ ଧରଣର ଉପକରଣ ସହ ଉପଯୁକ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର୍, ଯାହା କି ବ୍ୟୟସାପେକ୍ଷ। ତେଣୁ ପର୍ଯ୍ୟାୟକ୍ରମେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହାର ବ୍ୟବହାରକୁ ପ୍ରାଥମିକତା ଦିଆଯିବାର କଳ୍ପନା ଅଛି।

କେବଳ ଟ୍ରାଫିକ୍ ନିୟମକୁ କଡାକଡି କରିବା ଦ୍ୱାରା ଦୁର୍ଘଟଣାକୁ ରୋକିବା ସମ୍ଭବ ନୁହେଁ। ଏହା ସହ ଉନ୍ନତମାନର ରାସ୍ତା ତିଆରି ତଥା ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଗଲେ ଦେଶରେ ଟ୍ରାଫିକ୍‌ଜନିତ ଦୁର୍ଘଟଣା ନିଶ୍ଚୟ ହ୍ରାସ ହେବ। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ଯଥେଷ୍ଟ ସଚେତନତା ଏବଂ ପ୍ରଶାସନର ତତ୍ପରତା ନିତାନ୍ତ ଜରୁରୀ।

ଶିଶୁପାଳଗଡ଼, ଭୁବନେଶ୍ୱର, ମୋ- ୯୪୩୭୫୬୫୩୯୩

## ଚିରନ୍ତନୀ

ଦୂର ଗାଆଁ କୋଳେ ବୁଡୁଥିଲା ମୋର
ଗୋଧୂଳି-ବେଳ
ଶିଶୁସାଥି ମେଳେ ବସୁଥିଲା କେତେ
ସୁଖର ହାଟ
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀ ତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !

(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତର୍ଜମା ହେଉ

ମହାଶୟ,

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଚାଲିଥିବା ଆନ୍ଦୋଳନରେ ହିଂସା, ପୋଡାଜଳାରେ ଲିପ୍ତ ରହି ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବା ଓ ସେମାନଙ୍କଠାରୁ ପିଟୁଣି ଟିକସ ଆଦାୟ କରିବାକୁ ଉତ୍ତରପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାର ପରିଭାଷାକୁ ନେଇ ଯେଉଁ ବ୍ୟକ୍ତି ଓ ସଂଗଠନମାନେ ଭିନ୍ନ ମତ ପୋଷଣ କରୁଛନ୍ତି ଓ ଯେଉଁ କାରଣ ପାଇଁ ଆନ୍ଦୋଳନ ଓ ହିଂସାକାଣ୍ଡ ହେଉଛି ସେ ସମ୍ପର୍କରେ ତର୍ଜମା ହେବା ଜରୁରୀ। ଏକ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ଯେକୌଣସି ବିବାଦୀୟ ପ୍ରସଙ୍ଗରେ ଅଧିକ ଆଲୋଚନା, ପର୍ଯ୍ୟାଲେଚନା ତର୍ଜମାର ଆବଶ୍ୟକତା ରହିଛି। ଏହାଦ୍ୱାରା ଏକ ନିଷ୍କର୍ଷରେ ପହଞ୍ଚିବା ସହଜ ଓ ସମ୍ଭବ ହୋଇଥାଏ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବ୍ୟାଙ୍କରଙ୍କ କୁତ୍ସିତ କାରନାମା

ସିଣ୍ଡିକେଟ ବ୍ୟାଙ୍କର ଦୁଇ ପୂର୍ବତନ ଅଧିକାରୀଙ୍କୁ ଋଣ ଦେବାରେ ଜାଲିଆତି କରି ୧.୯୬କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ଗିରଫ କରିବା ଖବର ପ୍ରକାଶ ପାଇଛି। ଜାଲ୍ କାଗଜପତ୍ର ଓ ଫଟୋ ବ୍ୟବହାର କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷ ଲେଖାଏ ଋଣ ମଞ୍ଜୁର କରି ମୋଟ ୧.୯୬ କୋଟି ଟଙ୍କାର ଋଣ ହଡପ କରାଯାଇଥିଲା। ତେବେ ପରବର୍ତ୍ତୀ କାଳରେ ଋଣ ଅନାଦାୟ ଯୋଗୁ ଏହା ପଦାକୁ ଆସିବା ପରେ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସମାନେ କ'ଣ ଜାଣି ନ ଥିଲେ ଯେ କିସ୍ତି ଖିଲାପ ହେଲେ ଧରପଗଡରେ ସେମାନଙ୍କର ଜାଲିଆତି ପଦାକୁ ଆସିବ ବୋଲି। ପୁଣି ଦୁଇଜଣ ଦାୟିତ୍ୱସମ୍ପନ୍ନ ବ୍ୟାଙ୍କ ଅଧିକାରୀଙ୍କ ପକ୍ଷରେ ଏହା ଶୋଭା ପାଏନାହିଁ। ଏପରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଅବସରକାଳରେ ଜୀବନର ବାକି ଅଂଶ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟାଇବା ପରିବର୍ତ୍ତେ ଜେଲ ଯାଇ ମାନସିକ ତଥା ଶାରୀରିକ ନିର୍ଯାତନାର ଶିକାର ହେବା ନିଜର ଅପରିଣାମଦର୍ଶିତାର ପରିଚାୟକ। ତେଣୁ କୁହାଯାଏ- ଆପଣା କଳା କର୍ମମାନ ଆଗୁ ହୋଇବ ସାବଧାନ। ନିଜ କୃତକର୍ମର ଫଳ ନିଜେ ଭୋଗ କରିବନି ତ ଆଉ କିଏ କରିବ। ଈଶ୍ୱର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆକାଶ ମେଘାଚ୍ଛନ୍ନ ଥିଲେ ଯେପରି ସୂର୍ଯ୍ୟ ଦେଖାଯାନ୍ତି ନାହିଁ, ମନରେ ଅହଂଭାବ ଥିଲେ ଈଶ୍ୱର ସେହିପରି ଦୂରେଇ ଯାଇଥାନ୍ତି।

- ଶ୍ରୀ ରାମକୃଷ୍ଣ ପରମହଂସ

# ଓଡ଼ିଶାରେ ଦେଶର ପ୍ରଥମ ଆଇସିସି ମହିଳା ଉଦ୍ୟୋଗୀ କମିଟି

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଓଡ଼ିଶାରେ ଭାରତର ପ୍ରଥମ ଆଇସିସି ମହିଳା ଉଦ୍ୟୋଗୀ କମିଟି (ଆଇଡବ୍ଲ୍ୟୁଇସି) ଓ ମହିଳା ଲିଡରଶିପ୍ ସମ୍ମିଳନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଇଣ୍ଡିଆନ୍ ଚାମ୍ବର୍ ଅଫ୍ କମର୍ସ(ଆଇସିସି)ର ଷ୍ଟେଟ୍ ଚାପ୍ଟର ଆଇଡବ୍ଲ୍ୟୁଇସିର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜର ଖୁସି ବ୍ୟକ୍ତ କରିବା ସହ କହିଥିଲେ, ଉଦ୍ୟୋଗର ବିକାଶ ପାଇଁ ଆଇସିସିର ପ୍ରଥମ ମହିଳା କମିଟି ଗଠନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏହି କମିଟିରେ ବିଭିନ୍ନ କ୍ଷେତ୍ର ଓ ବର୍ଗର ପ୍ରତିଷ୍ଠିତ ମହିଳା ଉଦ୍ୟୋଗୀମାନେ ରହିଛନ୍ତି, ଯେଉଁମାନେ ମିଳିତଭାବେ ଆଗାମୀ ଦିନରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଓଡ଼ିଶା ସରକାର ମହିଳା ସଶକ୍ତୀକରଣକୁ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। 'ମିଶନ ଶକ୍ତି', 'ଷ୍ଟାର୍ଟ-ଅପ୍ ଓଡ଼ିଶା', 'ସ୍କିଲ୍‌ଡ-ଇନ୍-ଓଡ଼ିଶା' ଭଳି ଏକାଧିକ କାର୍ଯ୍ୟକ୍ରମ ଏବଂ ଯୋଜନା ମାଧ୍ୟମରେ ମହିଳାଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। 'ମେକ୍-ଇନ୍-ଓଡ଼ିଶା' ମାଧ୍ୟମରେ ଓଡ଼ିଶାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହାଦ୍ୱାରା ଉଭୟ ନିବେଶକାରୀ ଏବଂ ଓଡ଼ିଶାବାସୀ କିଭଳି ଉପକୃତ ହୋଇପାରିବେ ତାହା ଉପରେ ପ୍ରାଥମିକତା ଦିଆଯାଉଛି। ଆଗାମୀଦିନରେ ଏହି କମିଟି ମହିଳାଙ୍କୁ ଉଦ୍ୟୋଗ କ୍ଷେତ୍ରକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।

ସମ୍ମିଳନୀରେ ପ୍ରମୁଖ ଅତିଥିଭାବେ ବ୍ଲସମ୍ କୋଚର ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସାମନ୍ତା କୋଚର, ବଲିଉଡ୍ ଅଭିନେତ୍ରୀ ତଥା ଖ୍ୟାତନାମା ମଡେଲ୍ ମୁଗ୍ଧା ଗଡ୍‌ସେ, ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଶାଲୁ ଏଲ୍. ଚାଣ୍ଡେଲ, ବ୍ୟୁଟି ଲଞ୍ଚ୍‌ପ୍ୟାଡ୍‌ର ଏଡିଟୋରିଆଲ୍ ଚିଫ୍ ରିତୁ ଝା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କମିଟିରେ ଥିବା ସଦସ୍ୟ ତଥା ରାଜ୍ୟର ୪୦ ଜଣ ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ମହିଳା ସଶକ୍ତୀକରଣ, ଶିକ୍ଷା, ଦକ୍ଷତା ବିକାଶ, ନିଯୁକ୍ତି, ଉଦ୍ୟମିତା ଓ ବ୍ୟବସାୟ ବିକାଶ ନୂତନଭାବେ ଗଠିତ ହୋଇଥିବା ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ ମହିଳା ଉଦ୍ୟୋଗୀଙ୍କ ସାମ୍ନାରେ ରହିଥିବା ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିବା ଦିଗରେ ଏହା କାର୍ଯ୍ୟ କରିବ। କମିଟିରେ ମୋଟ ୪୦ଜଣ ସଦସ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରମୁଖ ମହିଳା ବିଜ୍‌ନେସ୍ ଲିଡରଙ୍କଠାରୁ ଆରମ୍ଭ କରି ମହିଳା ଉଦ୍ୟୋଗୀ ଏବଂ କର୍ପୋରେଟ୍ ଲିଡର ପ୍ରମୁଖ ସାମିଲ ଅଛନ୍ତି। ଆଗାମୀ ଦିନରେ ଏହି କମିଟି ବାଣିଜ୍ୟ ମେଳା, ଦେଶର ପ୍ରମୁଖ ବିଜ୍‌ନେସ୍ ଲିଡରଙ୍କ ଦ୍ୱାରା ସେମିନାର, ଇଣ୍ଡଷ୍ଟ୍ରି ଭିଜିଟ୍, ୱିମେନ୍‌ସ ଅଣ୍ଟରପ୍ରିନ୍ୟୁଅର୍‌ଶିପ୍ ଆୱାର୍ଡ, ଡିଜିଟାଲ ମାର୍କେଟିଙ୍ଗ୍, ବ୍ରାଣ୍ଡ ବିଲ୍ଡିଙ୍ଗ୍, ନେଟ୍‌ୱର୍କିଙ୍ଗ୍ ସେସନ୍ ଆଦି ଆୟୋଜନ କରିବ ବୋଲି ଏହାର ସଂଯୋଜିକା ସୁକୀର୍ତ୍ତି ପଟ୍ଟନାୟକ ଏବଂ ସହ ସଂଯୋଜିକା ଚିଦାତ୍ମିକା ଖଟୁଆ ସୂଚନା ଦେଇଥିଲେ। ଆଇସିସିର ଡାଇରେକ୍ଟର ଜେନେରାଲ ଡ. ରାଜୀବ ସିଂ ପ୍ରାରମ୍ଭିକ ଅଭିଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇସିସି ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଏମ୍.ସି. ଥୋମାସ୍, ସହ ଅଧ୍ୟକ୍ଷ ଜେ.ବି. ପାଣି ପ୍ରମୁଖ ଉପସ୍ଥିତ ଥିଲେ।





ମହିଳା ଲିଡରଶିପ୍ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।



ସମ୍ମିଳନୀରେ ଉପସ୍ଥିତ ଅତିଥି, ମହିଳା ଉଦ୍ୟୋଗୀ ଓ ଅନ୍ୟମାନେ।

## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବ କମିଟି
- ୪୦ ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା
- ଯୋଗଦେଲେ ସାମନ୍ତା କୋଚର, ଶାଲୁ ଏଲ୍. ଚାଣ୍ଡେଲ, ମୁଗ୍ଧା ଗଡ୍‌ସେ

## ସେନାବାହିନୀ ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ



ଆର୍ମ ଫୋର୍ସ ତଥା ସେନାବାହିନୀ ହେଉଛି ମହିଳାମାନଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସଂସ୍ଥା। ଏହାଠାରୁ ସୁରକ୍ଷିତ ସ୍ଥାନ ଆଉ କେଉଁଠାରେ ନାହିଁ। ଜଣେ ସେନା ଅଧିକାରୀଭାବେ ଏହା ମୁଁ ନିଜେ ଅନୁଭବ କରିଛି। ପ୍ରଶିକ୍ଷଣରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ, ଏଠାରେ କେବେ ଲିଙ୍ଗଗତ ଭେଦଭାବ କରାଯାଏନାହିଁ। ମୋର ୧୬ବର୍ଷର ଚାକିରି ଜୀବନରେ ଏହା ମୁଁ ନିଜେ ଅନୁଭବ କରିନି କି କିଏ ଅନୁଭବ କରୁଥିବା ଦେଖିବାକୁ ପାଇନି। ନିଜ ଦେଶର ସେବା କରିବା ପାଇଁ ଅଧିକରୁ ଅଧିକ ମହିଳା ସେନାରେ ଯୋଗଦେବା ଉଚିତ। ଏହି ୟୁନିଫର୍ମରେ ଯେଉଁ ମର୍ଯ୍ୟାଦା, ଗୌରବ ଓ ସ୍ୱାଭିମାନ ରହିଛି ତାହା ଆଉ କେଉଁଥିରେ ନାହିଁ।

- ଶାଲୁ ଏଲ୍. ଚାଣ୍ଡେଲ, ୱିଙ୍ଗ୍ କମାଣ୍ଡର, ଭାରତୀୟ ବାୟୁସେନା

## ଓଡ଼ିଶାର ମହିଳାଙ୍କୁ ଆଗକୁ ବଢ଼ାଇବ



ଆଇସିସି ୱିମେନ୍‌ସ ଏଣ୍ଟରପ୍ରିନ୍ୟୁଅର୍‌ଶିପ୍ କମିଟି ଗଠନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପରସ୍ପରକୁ ସାହାଯ୍ୟ କରି ଆଗକୁ ବଢ଼ିବା ପାଇଁ ମହିଳା ଉଦ୍ୟୋଗୀମାନଙ୍କୁ ଏହା ବିଶେଷ ଭାବେ ସାହାଯ୍ୟ କରିବ। ଏହାଦ୍ୱାରା ଗୋଟିଏ ଛାତ ତଳେ ସମସ୍ତେ ଏକାଠି ହେବେ। ଯେଉଁମାନେ ପଛରେ ରହିଯାଉଥିଲେ ସେମାନେ ଆଗକୁ ଆସିପାରିବେ ଏବଂ କିଛି ନୂଆ କରିବାକୁ ସାହସ କରିପାରିବେ। ମହିଳାମାନଙ୍କ ଉପସ୍ଥିତି ସବୁ କ୍ଷେତ୍ରରେ ରହିଛି ଏବଂ ସେମାନେ ପ୍ରତ୍ୟେକ କାର୍ଯ୍ୟରେ ନିଜର ଉତ୍କର୍ଷତା ପ୍ରତିପାଦନ କରୁଛନ୍ତି। ଏହି କମିଟି ଓଡ଼ିଶାର ମହିଳାମାନଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ।

- ମୁଗ୍ଧା ଗଡ୍‌ସେ, ଅଭିନେତ୍ରୀ ଓ ମଡେଲ

## ଅସମ୍ଭବକୁ ସମ୍ଭବ କରିପାରିବେ ମହିଳା



ହୃଦୟରୁ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ। ପାଖରେ କିଛି ନ ଥାଇ କେବଳ ଦୃଢ଼ ମନୋବଳ ଥିଲେ ବି ଜଣେ ପାନ ବିକାଳୀ ଦିନେ ଭଲ ଲିଡର୍ ହୋଇପାରିବ। ମହିଳାମାନେ ଆଜି ସବୁକ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରୁଛନ୍ତି। ମହିଳାମାନେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେମାନେ ଚାହିଁଲେ ଅସମ୍ଭବକୁ ବି ସମ୍ଭବ କରିପାରିବେ। ଜୀବନରେ ଯାହା ବି କରୁଛ ତାହାକୁ ଉପଭୋଗ କର। ଜଣେ ଉଦ୍ୟୋଗୀ ହେଉଛି ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ। ତେଣୁ ଯାହା ବି ନିଷ୍ପତ୍ତି ନେଉଛ ଚତୁରତାର ସହ ନେବା ଉଚିତ।

- ସାମନ୍ତା କୋଚର, ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା, ବ୍ଲୋସମ୍ କୋଚର ଗ୍ରୁପ୍ ଅଫ୍ କମ୍ପାନିଜ୍

## ଶ୍ରୀଲିଙ୍ଗରାଜ ମନ୍ଦିରରେ ମକର ସଂକ୍ରାନ୍ତି

**ପୁରୁଣା ଭୁବନେଶ୍ୱର, ୧୫।୧ (ଡି.ଏନ.ଏ.):** ମକର ସଂକ୍ରାନ୍ତି ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବୁଧବାର ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଭୋରୁ ଠାକୁରଙ୍କ ଦୈନନ୍ଦିନ ନୀତି ଆଳତି, ଅବକାଶ ପରେ ସାହାଣମେଲା ଦର୍ଶନ ହୋଇଥିଲା। ଏହି ଅବସରରେ ମନ୍ଦିରରେ ମକର ବେଢ଼ା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଆସିଥିବା ବେଳେ ଏଡିଏମ ଅରୁଣ କୁମାର ବେହେରା ଏବଂ ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ତାଙ୍କୁ ସ୍ୱାଗତ କରିଥିଲେ। କମଳକାନ୍ତି ବଡୁ ପୂଜାର୍ଚ୍ଚନା କରିଥିଲେ। ପରେ ସେ ଦେବୀପାଦହରା ପୁଷ୍କରିଣୀ ବୁଲି ଦେଖିଥିଲେ।

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
- ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ।
- ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha
Invites applications for
2 (Two) weeks Skill-cum-Entrepreneurship Development Programme (SEDP) on Food Processing Industries to be conducted during January to March, 2020 at Livelihood Business Incubator (LBI) Centre, IED, Bhubaneswar. This programme is sponsored by Odisha Small Industries Corporation Limited, Cuttack.
Course Content : Entrepreneurial Motivational Inputs (one week) : Opportunity Guidance on Food Processing units, Market Survey and Identification of projects, Preparation of Project reports, Role of Financial Institutions and supporting agencies, Statutory norms and laws, Food laws such as EPO/PFA/ECA/BIS/AGMARK, Basic Management Inputs, Financial Management, Field visit to local Food Processing units.
Product Inputs (one week) : Product inputs on food processing like Soya Paneer, Jam, Jelly, Mixture, Spices grinding, THR products, Chowmin, Noodles etc. with practical demonstration.
Eligibility: Persons having aptitude to take up self-employment venture as career can apply. Preference will be given to SC/ST candidates. The programme is of non-residential and no TA/DA will be paid for attending the training.
Education: +2 and above. However, educational qualification would be relaxed from 10 +2 to 10th class in case of SC/ST/OBC/Women and other deserving candidates having aptitude for entrepreneurship as a career.
Age: 18 to 35 years (Relaxation for SC/ST/OBC/Women/PH candidates.
Intake capacity per batch: 25 to 30 candidates through selection interview.
Last Date for submission of application : 28th January, 2020.
Date of Selection Interview : 29th January, 2020 at IED Office.
Interested candidates can apply online or download the application form from Institute's website www.ideodisha.nic.in and send the application indicating Name, Address, Date of Birth, Qualification, Caste (with proof), Gender, Mobile No., Identified projects (if any), Investment capability, Banker name etc. alongwith 2 nos. recent passport size photographs and copy of Aadhar card to the Institute / e-mail to iedodisha87@gmail.com. For further queries, please contact In-charge Training Officer on his mobile no.8144339229 / 9437163828.
CHIEF EXECUTIVE OFFICER (CEO), IED, ODISHA, Bhubaneswar
123, Sector-A, Zone-A, Mancheswar Industrial Estate, Rasulgarh, Bhubaneswar-751010, Phone : 0674-2587176/2585609
Email : iedodisha87@gmail.com, Web : www.iedodisha.nic.in

# ସାମାଜିକ କର୍ମୀ ସ୍ଥିତପ୍ରଜ୍ଞଙ୍କ ସ୍ମୃତିସଭା





ବଲଙ୍ଗା,୧୫।୧(ଡି.ଏନ୍.ଏ.)

ସାମାଜିକ କର୍ମୀ ତଥା ରାଜନେତା ସ୍ଥିତପ୍ରଜ୍ଞ ହୋତାଙ୍କ ଦଶାହ ଅବସରରେ ବୁଧବାର ନିଜ ଗ୍ରାମ ବଲଙ୍ଗାସ୍ଥିତ ବକ୍ରେଶ୍ୱର ମେଳଣ ପଡ଼ିଆରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇ ସ୍ଥିତପ୍ରଜ୍ଞଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜୀବନଦାର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥିତପ୍ରଜ୍ଞ ଜଣେ ନିର୍ଭୀକ ବ୍ୟକ୍ତି ଥିଲେ। ତାଙ୍କର ପରଲୋକ ବିଜେଡିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଲା ବୋଲି ମନ୍ତ୍ରୀ ଦାଶ କହିଥିଲେ। ବିଜୁ ଜନତା ଦଳର ପଞ୍ଚାୟତ ସଭାପତି କୃପାସିନ୍ଧୁ ଦତ୍ତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପୁରୀ-ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ର, ଅଜିତ୍ ଚାନ୍ଦ ଦାସ, ଶ୍ରୀକର ପ୍ରଧାନ, ଆଇନଜୀବୀ ସୁବାସ ଚନ୍ଦ୍ର ପତି, ବରେନ ବେହେରା, ସୁମନ୍ତ ଦାସ, ତ୍ରିଲୋଚନ କର, ନିକୁଞ୍ଜ କିଶୋର ରଥ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ଯୋଗଦେଇ ସ୍ଥିତପ୍ରଜ୍ଞଙ୍କ ଆତ୍ମାର ସଦ୍‌ଗତି କାମନା ପୂର୍ବକ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥିତପ୍ରଜ୍ଞଙ୍କ ବଡ଼ଭାଇ ଶୁଭ୍ରାଂଶୁ ହୋତା, ହିମାଂଶୁ ଭୂଷଣ ହୋତା ଓ ଜ୍ୟୋତିର୍ମୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଡ଼ମ ଶୁଦ୍ଧିପତ୍ର
(୧) ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୬୦, ତାରିଖ: ୨୬।୧୨।୨୦୧୯ (ଦୁଇ ପ୍ୟାକେଟ ପ୍ରଣାଳୀ ସହିତ ଖୋଲା ଟେଣ୍ଡର), (୨) ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୬୧, ତାରିଖ: ୨୬।୧୨।୨୦୧୯ (ଦୁଇ ପ୍ୟାକେଟ ପ୍ରଣାଳୀ ସହିତ ଖୋଲା ଟେଣ୍ଡର)।
ମାଟି କାମର ସ୍ୱତନ୍ତ୍ରତା, ଟେଣ୍ଡର ଅଫର୍ ସହିତ ବାଲାଷ୍ଟ ପରୀକ୍ଷଣ ରିପୋର୍ଟ ଦାଖଲ ପାଇଁ ସର୍ତ୍ତ, ପିଏସ୍‌ସି ସ୍ଲିପର୍ ଇତ୍ୟାଦିର ସ୍ୱତନ୍ତ୍ରତା ସଂକ୍ରାନ୍ତରେ କେତେକ ପରିବର୍ତ୍ତନ କରାଯାଇଛି ଏବଂ ତାହାର ବିବରଣୀ "ଆଇଆରଇପିଏସ୍" ୱେବ୍‌ସାଇଟ୍‌ରେ ଟେଣ୍ଡର ନଂ: ସିଇସି/ବିଏସ୍‌ପି/୧୯-୨୦/୬୦ ଓ ଟେଣ୍ଡର ନଂ.: ସିଇସି/ବିଏସ୍‌ପି/୧୯-୨୦/୬୧ ପ୍ରତି ୧ମ ଶୁଦ୍ଧିପତ୍ର ଭାବେ ଉପଲବ୍ଧ ଏବଂ ଏହା ଟେଣ୍ଡରର ଅଂଶବିଶେଷ ହେବ। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଅଧିକ ବିବରଣୀ ପାଇଁ ଆମ ୱେବ୍‌ସାଇଟ୍: www.ireps.gov.in ପରିଦର୍ଶନ କରନ୍ତୁ।
ଡେପୁଟି ଚିଫ୍ ଇଞ୍ଜିନିୟର୍ (ସିଓଏନ୍), ବିଳାସପୁର
CPR/10/405
South East Central Railway @secrail

ଏସ୍.ଇ. ରେଳପଥ ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଏଚ୍‌କ୍ୟୁ-୧୯-୨୦-୪୦, ଏବଂ (୨) ସିକେପି-ସେଣ୍ଟ୍ରାଲ-୧୯-୨୦-୪୪।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କ୍ର.ସଂ., କାର୍ଯ୍ୟର ନାମ:** (୧) ଆର୍‌କେଏସ୍‌ଏନ୍-ଏସ୍‌ଡବ୍ଲ୍ୟୁଆର୍ ଷ୍ଟେଶନ ୪ ଗୋଟି ମଧ୍ୟରେ ଆର୍‌ସିସି ବକ୍ସ (୨ମି x ୨ମି) ଦ୍ୱାରା ବିଭିନ୍ନ ଆକାରର ଲାଟେରାଇଟ୍ ଷ୍ଟୋନ୍ ସ୍ଲାବ୍ ସେତୁଗୁଡ଼ିକର ପୁନରୁଦ୍ଧାର (ବକ୍ସ ପୁଶିଂ କୌଶଳ ଦ୍ୱାରା)। **ଟେଣ୍ଡର ମୂଲ୍ୟ:** ₹୩,୪୦,୦୮,୮୧୦.୨୭, **ଇଏମ୍‌ଡି:** ₹୩,୨୦,୧୦୦/- (୨) ତା୩୦।୦୯।୨୦୨୧ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ ଏସ୍‌ଏସ୍‌ଇ (ପି.ୱେ)/ଡିଏମ୍‌ଏଫ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ସିପିଇ (କିମି ଏକ୍ସ-୪୩୮/୦) ରୁ ବିଏକ୍ସଏଫ୍ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ କଲ)। **ଟେଣ୍ଡର ମୂଲ୍ୟ:** ₹୧,୨୬,୪୨,୭୩୨.୭୯, **ଇଏମ୍‌ଡି:** ₹୨,୧୩,୨୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୨ ପାଇଁ ₹୫,୦୦୦/-। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୦।୦୨।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1250)

ଜାତୀୟ ଟୀକାକରଣ ଦିବସ
ପଲ୍ସ ପୋଲିଓ ଅଭିଯାନ
୧୯ ଜାନୁଆରୀ, ୨୦୨୦
DSPL - 234
ଦୁଇ ବୁନ୍ଦା ପୋଲିଓ ଏହି ଦିନ
ଶିଶୁକୁ ଦେବ ନୂଆ ଜୀବନ
ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ପୋଲିଓର ମାତ୍ରା ନିଶ୍ଚୟ ଖୁଆନ୍ତୁ ଏବଂ ପୋଲିଓ ସଂକ୍ରମଣକୁ ଆଉ ଫେରିବାପାଇଁ ସୁଯୋଗ ଦିଅନ୍ତୁ ନାହିଁ।





ତେଣୁ ଆସନ୍ତୁ, ସମସ୍ତେ ଏକାଠି ହୋଇ ଆମ ଦେଶରେ ପୋଲିଓ ରୋଗକୁ ପ୍ରତିରୋଧ କରିବା।
ଅଧିକ ଜାଣିବା ପାଇଁ ଆଶା/ଅଙ୍ଗନୱାଡିକର୍ମୀ /ସାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ।
मन की बात | World Health Organization | Rotary | CDC | unicef



ଆଲୋକ ନ ଥିବା ଦୀପ ଓ ବୁଝି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
- ସାଇମନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟର ଫର୍ ଭଲ୍ୟୁଣ୍ଟାରି ସର୍ଭିସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ଶାନ୍ତିଆପଲ୍ଲୀ ବସ୍ତି, ଶହୀଦ ନଗର, ପୂର୍ବାହ୍ନ ୧୦ଟା।
- ସ୍ୱାଧିକାରର ସପ୍ତମ ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ମା' ତାରିଣୀ ବୈଦିକ ବ୍ରାହ୍ମଣ ସମିତି ପକ୍ଷରୁ ମା' ତାରିଣୀଙ୍କ ତୃତୀୟ ବାର୍ଷିକ ଉତ୍ସବ, ବାଲିଆପଟା, ଜିଜିପି କଲୋନୀ, ରସୁଲଗଡ଼, ଅପରାହ୍ନ ୧ଟା।
- ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ହିନ୍ଦୀ ପରିଷଦର ମିଳିତ ଆନୁକୂଲ୍ୟରେ ସେମିନାର, ସ୍କୁଲ ପରିସର, ଭଟଖୁରି, ଗଙ୍ଗପଡ଼ା, ଅପରାହ୍ନ ୪ଟା ୩୦।
- ବସନ୍ତ ନାୟକଙ୍କ ୮୩ତମ ଜୟନ୍ତୀ ଅବସରରେ ବସନ୍ତ ନାୟକ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶିଶୁପାଳଗଡ଼ ମହୋତ୍ସବ, ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା।
- ଲାବଣ୍ୟ ଥିଏଟର ପକ୍ଷରୁ ହାସ୍ୟରସାତ୍ମକ ନାଟକ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ନିମନ୍ତେ ପାଣି ପଞ୍ଚାୟତ ରଥ ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଫକୀରମୋହନ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୪ଟା।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟୋତ୍ସବ ଓ ସାହିତ୍ୟୋତ୍ସବର ଉଦ୍‌ଯାପନୀ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୫ଟା ୩୦।

### ପୋଲିସ ସମ୍ମୁଖରେ ପଗଡ଼ି ଖୋଲି ପଞ୍ଜାବୀ ଯୁବକଙ୍କୁ ମାଡ଼ ଘଟଣା

# ଓଡ଼ିଶା ଛାଡ଼ି ପଳାଇବୁ: ପରବିନ୍ଦର

- ଗିରଫ ସଂଖ୍ୟା ୩ରେ ପହଞ୍ଚିଲା, ମିଳିଗଲା ଜାମିନ
- ମଙ୍ଗଳବାର ପିସିଆର୍ ଇନ୍‌ଚାର୍ଜ ନିଲମ୍ବିତ ହୋଇଥିଲେ



ପରବିନ୍ଦର ପାଲ୍ ସିଂ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ଆକ୍ରମଣକାରୀଙ୍କୁ ଚିହ୍ନଟ ପାଇଁ ପୋଲିସ ଡାକିଲା। ଏକାଧିକ ପୋଲିସର ଉପସ୍ଥିତିରେ ହିଁ ଅଭିଯୁକ୍ତମାନେ ମୋତେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କଲେ। ମୋ ପଗଡ଼ିକୁ ତଳେ କଚାଡ଼ି ଅସମ୍ମାନିତ କଲେ। ମୋ ଜାତିକୁ ନେଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ନାନା ଆକ୍ଷେପ ମଧ୍ୟ କଲେ। କେହି ମୋତେ ସହାୟତାର ହାତ ବଢ଼ାଇବାକୁ ଆସିଲେନି। ଖୋଦ୍ ପୋଲିସ ଦେଖଣାହାରି ସାଜିଥିଲା। ଲାଗୁଥିଲା ଏଠାରେ ପୋଲିସ-ଅପରାଧୀ ସବୁ ସମାନ। ମୋର ଜାନ୍ ଚାଲିଯାଇଥାନ୍ତା ପଛେ, ମୋ ଜାତିର ଇଜ୍ଜତ ପଗଡ଼ିକୁ ଫିଙ୍ଗି ଯେପରି ଆକ୍ରମଣ କଲେ ତାହା ମୋତେ ଭାରି କଷ୍ଟ ଦେଉଛି। ମୋତେ ବଞ୍ଚିବାକୁ ଇଚ୍ଛା ହେଉନି। ଘଟଣା ପରଠାରୁ ମୁଁ ଓ ମୋ ପରିବାର ଭୟ ଆଶଙ୍କାରେ ରହିଛୁ। ଓଡ଼ିଶା ପୋଲିସ ଉପରେ ମୋର ଭରସା ପାଉନି। ଆବଶ୍ୟକ ପଡ଼ିଲେ ଓଡ଼ିଶା ଛାଡ଼ି ନିଜ ରାଜ୍ୟକୁ ପଳାଇବୁ ବୋଲି ମଙ୍ଗଳବାର ଲକ୍ଷ୍ମୀସାଗର ଥାନାଞ୍ଚଳରେ ଆକ୍ରମଣର ଶିକାର ହୋଇଥିବା ପଞ୍ଜାବର ପରବିନ୍ଦର ପାଲ୍ ସିଂ ଗଣମାଧ୍ୟମକୁ କହିଛନ୍ତି।

ପରବିନ୍ଦରଙ୍କ ଏଭଳି କ୍ଷୋଭ ଓ ଭୟ ଓଡ଼ିଶା ପୋଲିସ ପାଇଁ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ ଆରମ୍ଭରୁ କଡ଼ା ପଦକ୍ଷେପ ନେଇଛି। ମଙ୍ଗଳବାର ରାତିରେ ପୋଲିସ ଲକ୍ଷ୍ମୀସାଗର ଅଞ୍ଚଳର ଦୀପକ ମହାନ୍ତି ଓ ଶଙ୍କର ରାଉତଙ୍କୁ ଗିରଫ କରିଥିବାବେଳେ ବୁଧବାର ଅନ୍ୟତମ ଅଭିଯୁକ୍ତ ଦୀପକ କୁମାର ଜେନାଙ୍କୁ ଗିରଫ କରିଛି। ପରବିନ୍ଦରଙ୍କ ଅଭିଯୋଗକ୍ରମେ ମାମଲା ନଂ.୧୫/୧୦ରେ ୩ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ ଘଟଣା ପରେ ପିସିଆର୍ ଭ୍ୟାନ୍ ଇନ୍‌ଚାର୍ଜ ତଥା ପୂର୍ବତନ ସେନା କର୍ମଚାରୀ ସୁବାସ ଚନ୍ଦ୍ର ରାଉତଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଆଗାମୀ ୩ ଦିନରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାକୁ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବୁଧବାର ସନ୍ଧ୍ୟାରେ ଅତିରିକ୍ତ ପୋଲିସ କମିଶନର ତଥା ଡିସିପି ଅନୁପ କୁମାର ସାହୁ ପରବିନ୍ଦରଙ୍କ ଘରେ ପହଞ୍ଚି ତାଙ୍କଠାରୁ ପଚାରିବୁଝିଥିଲେ। ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କହି ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ମିଳିଥିବା ଶେଷ ରିପୋର୍ଟ ଅନୁସାରେ, କୋର୍ଟରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହା ଶୁଣିବା ପରେ ଆକ୍ରମଣର ଶିକାର ପରବିନ୍ଦର ଓ ପରିବାର ଲୋକେ ଆହୁରି ଭୟଭୀତ ଅବସ୍ଥାରେ ରହିଛନ୍ତି।

ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ପରବିନ୍ଦର ପରିବାର ସହ ରୁହନ୍ତି। ଏଥିସହ ସେ ଉକ୍ତ ଆପାର୍ଟମେଣ୍ଟ ଆସୋସିଏଶନର ଟ୍ରେଜରର ଅଛନ୍ତି। ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତ ଦୀପକ, ଶଙ୍କର ଓ ଅନ୍ୟ ୬ଜଣ ଆପାର୍ଟମେଣ୍ଟ ଆଗରେ କାର୍ ରଖି ଖଟି କରୁଥିଲେ। ପରବିନ୍ଦର ତାଙ୍କ ଝିଅକୁ ସ୍କୁଲରୁ ଆଣି ଫେରୁଥିବାବେଳେ ଅଭିଯୁକ୍ତମାନ ବାଟରୁ କାର୍ ନ ହଟାଇ ତାଙ୍କୁ ଆକ୍ରମଣ କରିଥିଲେ। ପରବିନ୍ଦର ଜୀବନ ବଞ୍ଚାଇବାକୁ ଆପାର୍ଟମେଣ୍ଟ ଭିତରକୁ ଦୌଡ଼ି ପଳାଇ ନଂ.୧୦୦ରେ ପୋଲିସକୁ ଖବର ଦେଇଥିଲେ। ପିସିଆର୍ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପରବିନ୍ଦରଙ୍କୁ ଡାକିଥିବାବେଳେ ସେଠାରେ ଉପସ୍ଥିତ ଅଭିଯୁକ୍ତମାନେ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ।

### ଅସନ୍ତୋଷ ପ୍ରକାଶ କଲା ଶିରୋମଣି ଅକାଳୀ ଦଳ

ପରବିନ୍ଦରଙ୍କ ଉପରେ ଆକ୍ରମଣକୁ ନେଇ ଶିରୋମଣି ଅକାଳୀ ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦଳର ଜାତୀୟ ମୁଖପାତ୍ର ମଞ୍ଜିନ୍ଦର ଏସ୍ ଶୀର୍ଷା ଟୁଇଟ୍ କରି କ୍ରୋଧ ଓ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ କହିଛନ୍ତି, ପରବିନ୍ଦରଙ୍କ ଉପରେ ହୋଇଥିବା ନିଷ୍ଠୁର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଯୋଜନାବଦ୍ଧ ଭାବେ ପରବିନ୍ଦରଙ୍କୁ ଆକ୍ରମଣ କରାଯାଇଛି। କାରଣ ଭାଇରାଲ ଭିଡିଓରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏପରି ଘଟିବା ଅତି ନିନ୍ଦନୀୟ ବୋଲି ପ୍ରକାଶ କରିଛନ୍ତି।

### ପୋଲିସ କମିଶନର, ସରକାରଙ୍କୁ ଘେରିଲେ ବିରୋଧୀ

ପିସିଆର୍ ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଓ ଏଭଳି ଆଉ କେତେକ ଘଟଣାକୁ ନେଇ କମିଶନରେଟ ପୋଲିସ ଏବଂ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। କଂଗ୍ରେସ କହିଛି, ପୋଲିସର ଖାମଖିଆଲ ମନୋଭାବ ଲାଗି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଚାଲିଛି। ଲୋକେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପଞ୍ଜାବୀ ଯୁବକଙ୍କୁ ଯେପରି ପୋଲିସ ଉପସ୍ଥିତିରେ ଆକ୍ରମଣ କରାଗଲା ସେପରି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଗୃହ ରାଷ୍ଟ୍ରମନ୍ତ୍ରୀ, ପୋଲିସ କମିଶନର, ଡିଜିପି ଓ ଡିସିପି ନୈତିକତାର ସହ ଉତ୍ତରଦାୟିତ୍ୱ ନିଅନ୍ତୁ ବାଲି କଂଗ୍ରେସ ଦାବି କରିଛି। ସେହିପରି ଭାଜପା ପୋଲିସ-ଅପରାଧୀଙ୍କ ସମ୍ପର୍କକୁ ନେଇ ଅଭିଯୋଗ ଉଠାଇଛି। ରାଜଧାନୀରେ ଦକ୍ଷ ବୋଲି କୁହାଯାଉଥିବା କମିଶନରେଟ ପୋଲିସ ଉପସ୍ଥିତିରେ ଏପରି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏହା ପୋଲିସର କି ପ୍ରକାର ମାନସିକତା ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି। ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବିଜେଡି କହିବା ସହ ଭାଜପା ରାଜନୀତି କରୁଛି ବୋଲି ମୁଖପାତ୍ର ସସ୍ମିତ ପାତ୍ର ଗଣମାଧ୍ୟମକୁ କହିଛନ୍ତି।

## ବିଦ୍ୟୁତ୍ ତାର ଲାଗି ଶ୍ରମିକଙ୍କ ମୃତ୍ୟୁ

**ବନ୍ତଲା,୧୫।୧(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳରେ ଥିବା ଏକ ପ୍ଲାଣ୍ଟେଶନରେ ବନ୍ୟଜନ୍ତୁ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଲାଗି ବୁଧବାର ଅପରାହ୍ନରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ହରିଡାମୁଣ୍ଡା ଗ୍ରାମର କୁନୁ ପରିଡ଼ା (୧୮)। ଖବରପାଇ ବନ୍ତଲା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କୁନୁଙ୍କ ସହ ହରିଡାମୁଣ୍ଡା ଗ୍ରାମର କୁନା ସ୍ୱାଇଁ, ଚିନ୍ମୟ ପରିଡା, ସିଦ୍ଧାନ୍ତ ପରିଡା, ଅକ୍ଷୟ ପରିଡା, ଅଜୟ ଦେହୁରୀ, ବିସମ୍ବର ପରିଡା, ଶ୍ରୀତମ ପରିଡା, ବିଜୟ ପରିଡା ଓ କୃଷ୍ଣ ମୋହନ ବେହେରା ଭୁବନେଶ୍ୱରର ଜଣେ ଠିକାଦାରଙ୍କ ଜରିଆରେ ଆସି ଏଠାରେ କାମ କରୁଥିଲେ। ବୁଧବାର ଅପରାହ୍ନ ୧ଟା ୧୦ରେ ଖାଇବା ପାଇଁ କ୍ୟାମ୍ପକୁ ଯାଉଥିବା ବେଳେ ବନ୍ୟଜନ୍ତୁ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ବିଛାଯାଇଥିବା ତାର ଡେଙ୍ଗିଯିବାକୁ କୁନୁ ଉଦ୍ୟମ କରିଥିଲେ। ଉକ୍ତ ତାରରେ ବିଦ୍ୟୁତ୍ ଥିବା ସେ ଜାଣିପାରି ନ ଥିଲେ ବୋଲି ଉପସ୍ଥିତ ଶ୍ରମିକ କୁନା, ଚିନ୍ମୟ, ସିଦ୍ଧାନ୍ତ, ଅକ୍ଷୟ, ଅଜୟ, ବିଶମ୍ବର, ଶ୍ରୀତମ, ବିଜୟ, କୃଷ୍ଣ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନ୍ତଲା ଥାନା ଦାୟିତ୍ୱରେ ଥିବା ପ୍ରୋବେଶନର ଡିଏସ୍‌ପି ସୌରଭ ଓତା କୁହନ୍ତି, ଘଟଣା ପୁରୁଣାକୋଟ ଥାନା ଅଞ୍ଚଳରେ ଘଟିଛି। ମୃତ ଶ୍ରମିକଙ୍କ ପରିବାରବର୍ଗ ରାତିରେ ପହଞ୍ଚିଛନ୍ତି। ପୁରୁଣାକୋଟ ଥାନା ଅଧିକାରୀଙ୍କୁ ଏ ନେଇ ଜଣାଯାଇଛି। ମୃତ ଶ୍ରମିକଙ୍କ ବାପା ସତ୍ୟବାଦୀ ପରିଡା (୭୦) କହିଛନ୍ତି, ମୋବାଇଲ କିଣିବା ପାଇଁ ଅର୍ଥ ଯୋଗାଡ଼ ଉଦ୍ଦେଶ୍ୟରେ ପୁଅ ଏଠାକୁ କାମ କରିବା ପାଇଁ ଆସିଥିଲା। ମୋ ପୁଅକୁ ମାରିଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ମୋ ବସ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାଡ଼

### ମହିଳା ଯାତ୍ରୀଙ୍କୁ ଗାଳିଗୁଲଜ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୫।୧ (ବ୍ୟୁରୋ):** ମୋ ବସ୍‌କୁ ବଳପୂର୍ବକ ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ମହିଳା ଯାତ୍ରୀଙ୍କୁ ଗାଳିଗୁଲଜ କରିଥିବା ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ଅକୁ ପ୍ରଧାନ ଓରଫ ବଲ। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ମୋ ବସ୍ ବରମୁଣ୍ଡାରୁ ଖଣ୍ଡଗିରି ଆସୁଥିବାବେଳେ ବିନା ଷ୍ଟପେଜରେ ରାସ୍ତା ମଝିରେ ଅଭିଯୁକ୍ତ ଅକୁ ବସ୍ ଆଗରେ ଠିଆହୋଇ ଅଟକାଇଥିଲେ। ଏନେଇ ବସ୍ ଡ୍ରାଇଭର ବିରକ୍ତି ଭାବ ପ୍ରକାଶ କରିବାରୁ ଅକୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ବସ୍‌ର ମହିଳା ଯାତ୍ରୀ ସବିତା ମଲ୍ଲିକ ବାରଣ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଅକୁ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଖଣ୍ଡଗିରି ଥାନା ସମ୍ମୁଖରେ ଡ୍ରାଇଭର ବସ୍‌କୁ ଅଟକାଇବା ସହ ସମସ୍ତ ଯାତ୍ରୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ମହିଳା ଯାତ୍ରୀ ସବିତା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା ପରେ ବୁଧବାର କୋର୍ଟ ଚାଲାଣ କରିଥିଲା।

# ଭାଷା, ସାହିତ୍ୟର ଉନ୍ନତି ବିନା ଜାତିର ବିକାଶ ଅସମ୍ଭବ

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ଭାଷା ଓ ସାହିତ୍ୟର ଉନ୍ନତି ବିନା କୌଣସି ଜାତିର ବିକାଶ ସମ୍ଭବ ନୁହେଁ। ତେବେ ଆମ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଲାଗି ଫକୀରମୋହନଙ୍କ ଅନେକ ଅବଦାନ ରହିଛି। ତେଣୁ ଏ ଜାତି ଫକୀରମୋହନଙ୍କୁ ଚିରଦିନ ମନେରଖିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଛନ୍ତି। ଉତ୍ତର ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ (ନୋସାକା) ପକ୍ଷରୁ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଫକୀରମୋହନ ଜୟନ୍ତୀ ଓ ମକର ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ପଟ୍ଟନାୟକ କହିଛନ୍ତି, ଫକୀରମୋହନ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା। ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଫକୀରମୋହନ ବିରାଜମାନ ବୋଲି ସେ କହିଥିଲେ। ଏହି ଅବସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ମା' ସରସ୍ୱତୀ ଓ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନୋସାକା ଅଧ୍ୟକ୍ଷ ଗୌତମବୁଦ୍ଧ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ, ସଂକ୍ରାନ୍ତୀ ପୁରୁଷ ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ କଥା-ସାହିତ୍ୟର ପ୍ରାଣପ୍ରତିଷ୍ଠାତା ଥିଲେ। ତାଙ୍କୁ ସ୍ମରଣ କରିବା ସହ ଉତ୍ତର ଓଡ଼ିଶାର ବିକାଶ ପାଇଁ ଆଗାମୀ ଦିନରେ ନୋସାକା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଦାସ କହିଛନ୍ତି। ସେହିପରି ନୋସାକା ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ସଭାପତି ସରୋଜ ଦାଶ, କାର୍ଯ୍ୟକାରୀ ସଭାପତି ବେଣୁଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ନୋସାକା ଉପାଧ୍ୟକ୍ଷ ରାମଜୀବନ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।




ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ନୋସାକାର କର୍ମକର୍ତ୍ତା।

## ସଚିବାଳୟ ବ୍ୟକ୍ତିଗତ ସଚିବ ସଂଘର ବାର୍ଷିକୋତ୍ସବ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ଆଜିର ବସ୍ତୁବାଦୀ ଦୁନିଆର କିଏ ଟଙ୍କା ପଛରେ ତ କିଏ ପ୍ରତିପତିଶାଳୀ ହେବା ଲକ୍ଷ୍ୟରେ ଗର୍ବ ଓ ଅହଂକାରକୁ ନେଇ ଚାଲୁଛନ୍ତି। ଏଥିଯୋଗୁ ମନରେ ଶାନ୍ତି ନାହିଁ କି ସନ୍ତୋଷ ନାହିଁ। ଅହରହ ଅଶାନ୍ତିର ଜ୍ୱାଳାରେ ଆଉଟପାଉଟ ହେଉଥିବା ମଣିଷ ଶାନ୍ତି ଖୋଜୁଛି। କେଉଁଠି ମିଳିବ ଶାନ୍ତି; ଏଭଳି ଏକ ମାନବଧର୍ମୀ ବିଷୟବସ୍ତୁକୁ ନେଇ ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସାଂସ୍କୃତିକ ସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଛି ନାଟକ 'ଶାନ୍ତିର ସନ୍ଧାନେ'। ଏଥିରେ ବିଭିନ୍ନ ଭୂମିକାରେ ଅକ୍ଷୟ, ବିଘ୍ନରାଜ, ବିଜନ, ଚିତ୍ତ, ବୈକୁଣ୍ଠ, ଅମୂଲ୍ୟ, ପ୍ରକାଶ, ରବି, ପ୍ରଶାନ୍ତ, ଦିଲ୍ଲୀପ, ପ୍ରଭୁପଦ, ବିଶ୍ୱଜିତ, ବୀରେନ୍ଦ୍ର, ମିଲି, ଲୋରି, ସୀମା, କମଳିନୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନାଟକ ମଞ୍ଚସ୍ଥ ହେବା ପୂର୍ବରୁ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ସଂଘର ସ୍ମରଣିକା ଉନ୍ମୋଚନ କରିଥିଲେ। ଏଥିସହିତ ନାଟକରେ ଭାଗ ନେଇଥିବା କଳାକାର ଓ ନିର୍ଦ୍ଦେଶକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସଂଘର ସଭାପତି ଲିଙ୍ଗରାଜ ସାହୁ, ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନ, ସାଂସ୍କୃତିକ ସମ୍ପାଦିକା କମଳିନୀ ମଲ୍ଲିକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଖୋଲିଲା ୟୁନିଟ୍-୧ ଗଣେଶ ମଣ୍ଡପ

### ନିଜ ଅଧୀନକୁ ନେଲେ ଦେବୋତ୍ତର କମିଶନର

**ଭୁବନେଶ୍ୱର, ୧୫।୧ (ବ୍ୟୁରୋ):** ୪ ମାସ ବନ୍ଦ ରହିବା ପରେ ଖୋଲିଛି ବିବାଦୀୟ ୟୁନିଟ୍-୧ ଗଣେଶ ମଣ୍ଡପ। ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇ ଦେବୋତ୍ତର କମିଶନର ମଣ୍ଡପକୁ ନିଜ ଅଧୀନକୁ ନେଇ ସର୍ବସାଧାରଣଙ୍କ ପାଇଁ ଖୋଲିଛନ୍ତି। ପୂର୍ବରୁ ଅର୍ଥାତ୍ ଡିସେମ୍ବର ୧୯ରେ ହାଇକୋର୍ଟ ଏ ସଂକ୍ରାନ୍ତ ମାମଲାର ଶୁଣାଣିକରି ୨୦ ତାରିଖରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଉପସ୍ଥିତିରେ ଦେବୋତ୍ତର କମିଶନରଙ୍କୁ ମଣ୍ଡପ ଚାବି ଓ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମିଶନର ଚୌଧୁରୀ ଉପସ୍ଥିତ ନ ଥିବାରୁ ଏହି କାର୍ଯ୍ୟ ସମାପନ ହୋଇପାରି ନ ଥିଲା। ପରେ ୧୪ ତାରିଖରେ ହାଇକୋର୍ଟ ପୁନର୍ବାର ଏହାର ଶୁଣାଣି କରି ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ଚାବି ଓ ଦାୟିତ୍ୱ ହସ୍ତାନ୍ତର କରିବାକୁ କହିଥିଲେ। ହେଲେ ବୁଧବାର ମଧ୍ୟ ବିଏମ୍‌ସି କମିଶନର ଚୌଧୁରୀ କିମ୍ବା ଅନ୍ୟ କୌଣସି ଅଧିକାରୀ ଉପସ୍ଥିତ ନ ରହିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେବୋତ୍ତର କମିଶନର ମଣ୍ଡପକୁ ନିଜ ଅଧୀନକୁ ନେଇଛନ୍ତି। ଏଥିସହ ତାଲା ଭାଙ୍ଗି ମଣ୍ଡପ ଖୋଲାଯାଇଛି। ଏଣିକି ଦେବୋତ୍ତର କମିଶନରଙ୍କ ଅଧୀନରେ ଗଣେଶ ମଣ୍ଡପ ପରିଚାଳନା ହେବ। ମଣ୍ଡପ ଭିତରେ ଥିବା ଦିଅଁ କିପରି ପୂଜା ପାଇବେ, ମଣ୍ଡର ରାଜସ୍ୱ ଆଦି ସମସ୍ତ ପ୍ରସଙ୍ଗ ଦେବୋତ୍ତର କମିଶନର ବୁଝିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ମଣ୍ଡପର ଉପରେ ଥିବା ଘର ଓ ତଳ ମହଲାକୁ ଭଡ଼ାରେ ଲଗାଇ ହାଟ ସଂଘ ସେଥିରୁ ରାଜସ୍ୱ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଏହା ପରେ ବିଏମ୍‌ସି ମଣ୍ଡପକୁ ଜବରଦଖଲମୁକ୍ତ କରି ନଜ ଅଧୀନକୁ ନେଇଥିଲା। ତେବେ ଏ ସଂକ୍ରାନ୍ତରେ ବିଏମ୍‌ସିର ମତାମତ ମିଳିପାରିନି।

## ଗୋଖୀବାବାଙ୍କ ପୀଠରେ ମକରମେଳା

**ପୁରୁଣା ଭୁବନେଶ୍ୱର, ୧୫। ୧ (ଡି.ଏନ.ଏ.):** ସ୍ଥାନୀୟ ସୁନ୍ଦରପଦାସ୍ଥିତ ଗୋଖୀବାବାଙ୍କ ପୀଠରେ ମକରମେଳା ବୁଧବାର ଆରମ୍ଭ ହୋଇଛି। ମଙ୍ଗଳବାର ବିଧିମୁତାବକ ବାବାଙ୍କ ଗାଦି ପୂଜା, କଳସ ଯାତ୍ରା କରାଯାଇଥିଲା। ବୁଧବାର ସକାଳୁ ଅନ୍ୟାନ୍ୟ ନୀତି ସହ ପୂଜାର୍ଚ୍ଚନା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାନସିକଧାରୀ ନଡିଆ ବାଡେଇବା ଆରମ୍ଭ କରିଥିଲେ। ୧୦୮ ନଡିଆ ବାଡେଇଲେ ଗୋଖୀବାବା ମାନସିକ କରିଥିବା ବ୍ୟକ୍ତିଙ୍କ ମନସ୍କାମନା ପୂରଣ କରିଥାନ୍ତି। ସନ୍ଧ୍ୟା ସୁଦ୍ଧା ପ୍ରାୟ ୧୭୧ ଜଣ ମାନସିକଧାରୀ ୧୦୮ ଲେଖାଏ ନଡିଆ ବାଡେଇଥିବା ଗୋଖୀବାବା ମେଳା କମିଟିର ଜିତେନ୍ଦ୍ର ନନ୍ଦ ସୂଚନା ଦେଇଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ଖଣ୍ଡଗିରି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସମାରୋହରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷା ଦର୍ଶନ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଅନ୍ୟାନ୍ୟ ସ୍ଥାନ ଅଧିକାର କରିଛି। ଏଥିରେ ଯେଉଁ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ ଭାଗ୍ୟବାନ। ପିଲାମାନଙ୍କ ଉପରେ ଶିକ୍ଷାର ବୋଝ ନ ଲଦି ସେମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସ୍ୱାବଲମ୍ବୀ ଭାବେ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ସାହିତ୍ୟିକ ଡ. ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଅଜିତ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ।



ମୁକ୍ତେଶ୍ୱର ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶୀ ନୃତ୍ୟ, ଅଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ

**ମୁକ୍ତେଶ୍ୱର ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

**ପୁରୁଣା ଭୁବନେଶ୍ୱର, ୧୫। ୧ (ଡି.ଏନ.ଏ.)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶୀ ନୃତ୍ୟ। ବିକାଶ ଶୁକ୍ଲା ଓ ସାଥୀଙ୍କ ଦ୍ୱାରା ମଞ୍ଚସ୍ଥ ଶିବ ବନ୍ଦନା 'ଓମ୍ ନମଃ ଶିବାୟ'ରୁ ସନ୍ଧ୍ୟାର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଆମେରିକାରୁ ଆସିଥିବା ପଲ୍ଲବୀ ଦାସ ମଙ୍ଗଳାଚରଣରେ ଶିବ ବନ୍ଦନା 'ଶିବମ୍ ଧୀ ମୋହି' ପରିବେଷଣ କରିଥିଲେ। ପରେ ପରେ ସେ ବେଣୁଧର ଦାସଙ୍କ ରଚନାରେ ରାଗ ଝିନଝୋଟି ଓ ତାଳ ଖେମଟା ଉପରେ ପର୍ଯ୍ୟବସିତ ଅଭିନୟ 'କୃଷ୍ଣାନୁରାଗୀ' ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ଦର୍ଶକଙ୍କୁ ପ୍ରଥମେ ମନ୍ତ୍ରମୁଗ୍ଧ କରିଥିଲା ତାଳ ଏକତାଳୀରେ ନିବଦ୍ଧ ସୁରଜ ସାହୁ ଓ ମନୋଜ ପ୍ରଧାନଙ୍କ ଦ୍ୱାରା ପରିବେଷିତ 'ଚକ୍ରବାକ ପଲ୍ଲବୀ'। ପରେ ପରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟ ସଂରଚନାରେ ସେମାନେ 'ଅର୍ଦ୍ଧନାରୀଶ୍ୱର' ପରିବେଷଣ କରିଥିଲେ। ସନ୍ଧ୍ୟାର ଶେଷ ଆକର୍ଷଣ ଥିଲା ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ। ସେମାନଙ୍କ ଦ୍ୱାରା ପ୍ରଥମ ପ୍ରସ୍ତୁତିରେ ରାଗ ଶଙ୍କରାଭରଣ ଓ ତାଳ ଏକତାଳି ଉପରେ ପର୍ଯ୍ୟବସିତ ମଙ୍ଗଳାଚରଣ-ଓମ୍ ନମଃ ଶିବାୟ ପରେ ମଞ୍ଚସ୍ଥ ହୋଇଥିଲା ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ନୃତ୍ୟ ସଂରଚନାରେ ଗତୀବିଳାଶ ପଲ୍ଲବୀ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ଡ.ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଏବଂ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୀତୁଆ ସନ୍ଧ୍ୟାର ଏହି ସାଂସ୍କୃତିକ ଆସରରେ ବହୁ ମାତ୍ରାରେ ଦର୍ଶକ ଉପସ୍ଥିତ ରହି ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟକୁ ଉପଭୋଗ କରିଥିଲେ।



ଫିଟ୍ ଓ ସ୍ଲିମ୍ ରହିବା ଲାଗି ସବୁବେଳେ ବ୍ରେକ୍‌ଫାଷ୍ଟରେ ମୁଁ ଇଡ୍‌ଲି, ଚଟ୍‌ନି ଓ ସମ୍ବର ଖାଇଥାଏ।

-କାଟ୍ରିନା କୈଫ୍,
ବଲିଉଡ୍ ଅଭିନେତ୍ରୀ



# କ୍ୟାନ୍‌ସର ଦୂର କରିବ ହଳଦୀ

## ଶ୍ରୀ ଚିତ୍ର ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ମିଳିଲା ଆମେରିକା ପେଟେଣ୍ଟ

**ଥିରୁଭାନନ୍ଥପୁରମ୍:** ହଳଦୀର ବହୁ ଔଷଧୀୟ ଗୁଣ ରହିଛି। କ୍ୟାନ୍‌ସର ଭଳି ଦୂରାରୋଗ୍ୟ ରୋଗର ଚିକିତ୍ସା ନିତ୍ୟ ବ୍ୟବହାର୍ଯ୍ୟ ହଳଦୀ ଦ୍ୱାରା ଏବେ ସମ୍ଭବ ହୋଇପାରିବ। ଆଧୁନିକ ଜ୍ଞାନକୌଶଳ ଦ୍ୱାରା କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ବହୁ ଅଗ୍ରଗତି ହୋଇଛି। ତେବେ ମଧ୍ୟ ଘରୋଇ ଜ୍ଞାନକୌଶଳ ତଥା ଦେଶୀ ଚିକିତ୍ସା ଦ୍ୱାରା ମଧ୍ୟ କ୍ୟାନ୍‌ସର ସେଲ୍‌କୁ ନଷ୍ଟ କରାଯାଇପାରୁଛି। ହଳଦୀ ବ୍ୟବହାର ଦ୍ୱାରା ଏଭଳି ଜ୍ଞାନକୌଶଳ ବିକଶିତ କରିପାରିଥିବା କେରଳର ଥିରୁଭାନନ୍ଥପୁରମ୍‌ର ଶ୍ରୀ ଚିତ୍ର ତିରୁନାଲ୍ ଇନଷ୍ଟିଚ୍ୟୁଟ୍ ମେଡିକାଲ ସାଇନ୍ସେସ୍‌କୁ ଆମେରିକାର ପେଟେଣ୍ଟ ମିଳିଛି। କ୍ୟାନ୍‌ସର ପ୍ରଭାବିତ ସ୍ଥାନରେ ହଳଦୀର ବ୍ୟବହାର ଦ୍ୱାରା ବେଶ୍ ସୁଫଳ ମିଳିପାରିଥିବା ଶ୍ରୀ ଚିତ୍ରା ତିରୁନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ ସାଇନ୍ସେସ୍‌ର ମୁଖ୍ୟ ଲିସୀ କ୍ରିଷ୍ଣନ୍ ସୂଚନା ଦେଇଛନ୍ତି। ହଳଦୀରେ ଥିବା ଆଣ୍ଟି କ୍ୟାନ୍‌ସର ଗୁଣ ଯୋଗୁ ଏହା ସମ୍ଭବ ହୋଇପାରିଥାଏ। ଏହା ସହଜରେ ରକ୍ତରେ ଅବଶୋଷିତ ହେବା ସହିତ ରକ୍ତ ଜମାଟ ପ୍ରକ୍ରିୟାକୁ ପ୍ରତିରୋଧ କରିଥାଏ। ମାନବ ରକ୍ତର ଫ୍ରିବ୍ରିନ୍‌ରେ ଥିବା ଆଲ୍‌ବୁମିନ୍ ରକ୍ତ ଜମାଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଏହା କ୍ୟାନ୍‌ସର କୋଷିକାକୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥାଏ। ହଳଦୀ ବ୍ୟବହାର ଦ୍ୱାରା ଧୀରେ ଧୀରେ କ୍ୟାନ୍‌ସର କୋଷିକା ନଷ୍ଟହେବା ସହିତ ଏହା ନିକଟବର୍ତ୍ତୀ କୋଷିକାକୁ ସୁରକ୍ଷିତ ଏବଂ ସଶକ୍ତ ହୋଇପାରିଥାନ୍ତି। ପେଟେଣ୍ଟ ମିଳିବା ପରେ ଏବେ ଶ୍ରୀ ଚିତ୍ର ତିରୁନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ ସାଇନ୍ସେସ୍ ପକ୍ଷରୁ ଏହି ଜ୍ଞାନକୌଶଳକୁ ଅନ୍ୟ ଘରୋଇ ତଥା ଅନ୍ତର୍ଜାତୀୟ ଚିକିତ୍ସା ସଂସ୍ଥାକୁ ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶକ ଆଶା କିଶୋର କହିଛନ୍ତି।



# ୫୩ ବର୍ଷରେ ଭାନୁପ୍ରିୟା

## ଫିଲ୍ମ ପାଇଁ ଅଧାରୁ ଛାଡିଥିଲେ ପାଠପଢ଼ା



**ମୁମ୍ବାଇ:** ସାଉଥ୍‌ର ସୁନ୍ଦରୀ ଫିଲ୍ମ ଅଭିନେତ୍ରୀ ଭାନୁପ୍ରିୟା ବୁଧବାର ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୬୭ ଜାନୁୟାରୀ ୧୫ରେ ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର କୁରେକାନହାଲଠାରେ ଜନ୍ମଗ୍ରହଣ କରିଥିଲେ। ଫିଲ୍ମ ପାଇଁ ସେ ଅଧାରୁ ପାଠପଢ଼ା ଛାଡିଦେଇଥିଲେ। ୧୭ ବର୍ଷ ବୟସରେ ପ୍ରଥମକରି ସେ ଫିଲ୍ମରେ ଡେବ୍ୟୁ କରିଥିଲେ। ତାଙ୍କର ପ୍ରଥମ ଫିଲ୍ମ 'ମେଲ୍ଲା ପେସୁଙ୍ଗଲ୍' ୧୯୮୩ରେ ରିଲିଜ୍ ହୋଇଥିଲା। ୯୦ ଦଶକରେ ସେ ବଲିଉଡ୍‌ରେ ପାଦଦେଇଥିଲେ। 'ଦୋସ୍ତି ଦୁଶମନୀ', 'ଇନ୍‌ସାଫ୍ କି ପୁକାର', 'ଖୁଦ୍‌ଗର୍ଜ', 'ମର୍ ମିଟେଙ୍ଗେ', 'କସମ୍ ବର୍ଦି କି' ଆଦି ୧୫୦ରୁ ଅଧିକ ଫିଲ୍ମରେ ସେ ନିଜ ଅଭିନୟ ପ୍ରତିଭାର ପରିଚୟ ଦେଇଛନ୍ତି। ୧୯୯୮ ଜୁନ୍ ୧୪ରେ ସେ ଆଦର୍ଶ କୌଶଲଙ୍କୁ ବିବାହ କରିଥିଲେ। ତେବେ ୨୦୦୩ରେ ଝିଅ ଅଭିନୟାଙ୍କ ଜନ୍ମ ପରେ ୨୦୦୫ରେ ତାଙ୍କର ବିବାହ ବିଚ୍ଛେଦ ହୋଇଯାଇଥିଲା।



# ଅଦରକାରୀ ପାର୍ଟସ୍‌ରେ ଦିବ୍ୟାଙ୍ଗ ତିଆରି କଲେ ଇ-ବାଇକ୍

**ସୁରଟ୍:** ଦୃଢ଼ ଇଚ୍ଛାଶକ୍ତି ଆଗକୁ ବାଟ କଢାଇନିଏ ଯାହା ହୋଇଛି ବିଷ୍ଣୁ ପଟେଲଙ୍କ କ୍ଷେତ୍ରରେ। ଗୁଜରାଟର ସୁରଟ୍ ନିବାସୀ ବିଷ୍ଣୁ ଜଣେ ଦିବ୍ୟାଙ୍ଗ। ବୟସ ୬୦ ବର୍ଷ। ପିଲାବେଳୁ ସେ ପୋଲିଓରେ ଆକ୍ରାନ୍ତ ହେବା ପରେ ଚାଲି ପାରୁନାହାନ୍ତି। ବେଶି ପଢି ନାହାନ୍ତି । ଭଲ ଭାବେ ବି ଶୁଣିପାରନ୍ତିନି। କିନ୍ତୁ କୌଣସି ପ୍ରଶିକ୍ଷଣ ନ ନେଇ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରି ସେ ତିଆରି କରିଛନ୍ତି ଇ-ବାଇକ। ଏଥିରେ ପୁରୁଣା ମୋଟର ସାଇକେଲ ପାର୍ଟସ୍ , ଲାପ୍‌ଟପ୍ ଓ ମୋବାଇଲ ବ୍ୟାଟେରି ବ୍ୟବହାର କରିଛନ୍ତି। ବିଷ୍ଣୁଙ୍କ ଏହି ସଫଳତାକୁ ବିଶିଷ୍ଟ ଶିଳ୍ପପତି ତଥା ମହିନ୍ଦ୍ରା ଗ୍ରୁପର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ପ୍ରଶଂସା କରିବା ସହ ଏଥିଲାଗି ୧ କୋଟି ଟଙ୍କାର ଫଣ୍ଡ୍ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ବିଷ୍ଣୁ ଏକ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଏହା ଭିତରୁ ସମୟ ବାହାର କରି ସେ ଇ- ବାଇକ ତିଆରି କରିଛନ୍ତି। ଆନନ୍ଦ ମହିନ୍ଦ୍ରା ସାହାଯ୍ୟ ଘୋଷଣା କରିବାପରେ ସେ ଅଧିକ ଇ- ବାଇକ ନିର୍ମାଣ କରିବାକୁ ଆଶାବାନ୍ଧିଛନ୍ତି। ଏହାପରେ ସୌରଶକ୍ତି ଉପଯୋଗ କରି ବାଇକ୍ ନିର୍ମାଣ କରିବେ ବୋଲି କହିଛନ୍ତି ବିଷ୍ଣୁ।

# ବେଡ୍ ଲାଇଟ୍ ବି ବଢ଼ାଏ ମେଦବହୁଳତା



**ଲଣ୍ଡନ:** କେତେକ ଶୋଇଲାବେଳେ ବେଡ୍ ଲାଇଟ୍ ଲଗାଇଥାନ୍ତି । ଅଧିକ ଆଲୋକରେ ଶୋଇବାକୁ ଭଲ ପାଉଥିବା ଲୋକେ ଏପରି କରନ୍ତି। ତେବେ ବେଡ୍‌ଲାଇଟ୍ ଜଳାଇ ଶୋଇବା ଦ୍ୱାରା ମେଦବହୁଳତା ବଢିଥାଏ ବୋଲି ଲଣ୍ଡନର ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୟାନ୍‌ସର ରିସର୍ଚ୍ଚରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବଡି ମାସ୍ ଇଣ୍ଡେକ୍ସ, ଅଣ୍ଟା ଓ ନିତମ୍ବର ଅନୁପାତ, ଅଣ୍ଟା ଉଚ୍ଚତାର ଅନୁପାତ ଏବଂ ଅଣ୍ଟାର ପରିଧି ଏସବୁ ବେଡ୍ ଲାଇଟ୍ ପ୍ରଭାବରେ ବୃଦ୍ଧି ପାଇଥାଏ। ଗବେଷଣାରେ ୫ଟି ରାଷ୍ଟ୍ରର ଲୋକଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ବେଡ୍ ଲାଇଟ୍ ଜଳାଇ ଶୋଉଥିବା ଅନେକ ମହିଳା ସ୍ତନ କର୍କଟରେ ପୀଡିତ ହୋଇଥାନ୍ତି । ଶୋଇବା ସମୟରେ ଆଲୋକ ଶରୀରର ମେଟାବୋଲିଜିମ୍ ପ୍ରକ୍ରିୟା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଫଳରେ ଖାଦ୍ୟ ଠିକ୍‌ଭାବେ ହଜମ ନ ହୋଇ ମେଦବହୁଳତା ଦେଖାଯାଏ। ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଇଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ବାଘୁଣୀର ବିବାଦୀୟ ହତ୍ୟା ଉପରେ ଆଧାରିତ ଫିଲ୍ମରେ ନଜର ଆସିବେ ବିଦ୍ୟା

**ମୁମ୍ବାଇ:** ବିଦ୍ୟା ବଲାନ୍ ବଲିଉଡ୍‌ର ଜଣେ ବହୁମୁଖୀ ଅଭିନେତ୍ରୀ। ତାଙ୍କ ଫିଲ୍ମ ପ୍ରାୟତଃ ନାରୀ କେନ୍ଦ୍ରିକ ହୋଇଥିବାବେଳେ ଫିଲ୍ମରେ ସୁସ୍ଥ ସମାଜ ପାଇଁ ବାର୍ତ୍ତା ମଧ୍ୟ ରହିଥାଏ। ତେବେ ୨୦୨୦ରେ ରିଲିଜ୍ ହେବାକୁ ଯାଉଛି ବିଦ୍ୟାଙ୍କ ଫିଲ୍ମ 'ଶକୁନ୍ତଳା ଦେବୀ'। ଏହାପରେ ସେ ପୁଣି ଏକ ସତ୍ୟ ଘଟଣା ଉପରେ ଆଧାରିତ ଫିଲ୍ମରେ ନଜରକୁ ଆସିବେ, ଯାହାକୁ ନେଇ ଆଜିକାଲି ଚର୍ଚ୍ଚା ଜୋର୍ ଧରିଛି।

ବିଦ୍ୟାଙ୍କ ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚା ହେବା ମଧ୍ୟ ସ୍ୱାଭାବିକ। ଘଟଣାଟି ଦିନେ ସାରା ଦେଶକୁ ପ୍ରତିକ୍ରିୟାଶୀଳ କରିଦେଇଥିଲା। ଖବରର ଶିରୋନାମାରେ ସ୍ଥାନିତ ବାଘୁଣୀ ଅବ୍‌ନୀର ହତ୍ୟା ଉପରେ ଆଧାରିତ ଫିଲ୍ମରେ ବିଦ୍ୟାଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି।

୨୦୧୮ ନଭେମ୍ବରରେ ମହାରାଷ୍ଟ୍ରର ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ମହାରାଷ୍ଟ୍ରର ପାଣ୍ଡରକାଓଡ଼ା ଅଞ୍ଚଳରେ ବାଘୁଣୀ ଅବ୍‌ନୀ ୧୩ ଜଣଙ୍କୁ ଶିକାର କରିଥିଲା। ବାଘୁଣୀର ଏଭଳି ରକ୍ତମୁଖା ରୂପ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇଦେଇଥିଲା। ସ୍ଥାନୀୟ ଅଞ୍ଚଳରେ ଅବ୍‌ନୀକୁ ନେଇ ଭୟ ଓ ଆତଙ୍କ ବଢ଼ିଚାଲିଥିବାରୁ ତାକୁ ହତ୍ୟା କରାଯାଇଥିଲା। ଏହି ଚର୍ଚ୍ଚିତ ତଥା ବିବାଦୀୟ ହତ୍ୟାକୁ ନେଇ ସାରା ଦେଶରୁ ପ୍ରତିକ୍ରିୟା ଆସିଥିଲା। ଏହା ଏକ ମୁଖ୍ୟ ପ୍ରସଙ୍ଗ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଗଣମାଧ୍ୟମର ଶିରୋନାମାରେ ସ୍ଥାନ ପାଇଥିଲା। ତେବେ ଏହି ଘଟଣା ଉପରେ ବିଦ୍ୟାଙ୍କ ଆଗାମୀ ଫିଲ୍ମ ଆଧାରିତ। ଫିଲ୍ମରେ ସେ ଜଣେ ଫରେଷ୍ଟ ଅଫିସର ଭାବେ ନଜରକୁ ଆସିବେ ବୋଲି ଜଣାପଡ଼ିଛି। ଏଭଳି ଚରିତ୍ର ପାଇଁ ଜଣେ ଦକ୍ଷ କଳାକାର ଓ କୁଶଳୀ ଅଭିନେତ୍ରୀଙ୍କର ଆବଶ୍ୟକ ହେଉଥିବାବେଳେ ବିଦ୍ୟା ଏଥିପାଇଁ ଏକଦମ୍ ଫିଟ୍ ବୋଲି କୁହାଯାଉଛି। ଅନ୍ୟପଟେ ମେ' ୮ରେ ତାଙ୍କ ଫିଲ୍ମ 'ଶକୁନ୍ତଳା ଦେବୀ' ରିଲିଜ୍ ହେଉଛି। ଏହା ଏକ ବାୟୋପିକ୍ ହୋଇଥିବାବେଳେ ହ୍ୟୁମାନ୍ କମ୍ପ୍ୟୁଟର କୁହାଯାଉଥିବା ଶକୁନ୍ତଳା ଦେବୀଙ୍କ ଜୀବନୀ ଉପରେ ଆଧାରିତ।




# ରାସ୍ତା ମରାମତି କଲେ ୮୫ ଛାତ୍ରୀଛାତ୍ର



**ଔରଙ୍ଗାବାଦ୍:** ପାଠପଢ଼ିବା ସହ ଏହାକୁ ସମାଜ ମଙ୍ଗଳ କାର୍ଯ୍ୟରେ ଲଗାଇବା ଅତି ଗୁରୁତ୍ୱପୂର୍ଣ୍ଣ। କେତେକ ଏଥିରେ ଅସଫଳ ରହିଥାନ୍ତି। ତେବେ ମହାରାଷ୍ଟ୍ରର ଔରଙ୍ଗାବାଦ୍ ଜିଲାର ଡଭଣ୍ଡି ଗାଁରେ ସ୍କୁଲକୁ ଯିବା ପାଇଁ ରାସ୍ତା ଖରାପ ଥିବାରୁ ୮୫ ଜଣ ଛାତ୍ରୀଛାତ୍ର କାହାର ସହାୟତା ନ ନେଇ ୧୦ କି.ମି. ରାସ୍ତା ମରାମତି କରିଛନ୍ତି। ଛୋଟ ଛୋଟ ପିଲାଙ୍କ ଏଭଳି କାର୍ଯ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରାସ୍ତାରେ ଥିବା ଖାଲଖମାକୁ ପିଲାମାନେ ପଥର ଓ ମାଟି ଭର୍ତ୍ତିକରି ସମତୁଲ କରିଛନ୍ତି। ଏଥିପାଇଁ ପିଲାମାନେ ଜାନୁୟାରୀ ୧୦ରୁ ସ୍କୁଲ ବନ୍ଦକରି ଏହି ମରାମତି କାମରେ ଲାଗିପଡ଼ିଥିଲେ। ଖରାପ ରାସ୍ତା ଯୋଗୁ ଏଠାରେ ବସ୍‌ସେବା ବନ୍ଦ ହୋଇଯାଇଥିଲା। ଫଳରେ ପିଲାମାନେ ଚାଲିଚାଲି ସ୍କୁଲକୁ ଯାଉଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ସ୍ଥାନୀୟ ୧୦ କି.ମି. ଲମ୍ବ ରାସ୍ତାର ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲା। ତେବେ କୌଣସି କାରଣରୁ କାମ ଅଧାରେ ଅଟକି ଯାଇଥିଲା।

# ହିନ୍ଦୁ ରୀତିନୀତିରେ ମାଙ୍କଡ଼ର ଅନ୍ତିମ ସଂସ୍କାର



**ଦଭାନ୍‌ଗିରି:** ଅନେକ ସମୟରେ ପଶୁମାନଙ୍କର ବ୍ୟବହାର ସମସ୍ତଙ୍କୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ପଶୁ ଓ ଲୋକମାନଙ୍କ ମଧ୍ୟରେ ନିବିଡ଼ତା ବଢିଯାଏ, ଯାହା ଘଟିଛି କର୍ନାଟକର ଛନ୍ନାଗିରି ତହସିଲ ଅନ୍ତର୍ଗତ ଏସ୍‌ଭିଆର୍ କଲୋନୀରେ। ଏହି କଲୋନୀକୁ କିଛିଦିନ ତଳେ ଦଳେ ମାଙ୍କଡ଼ ଆସିଥିଲେ। ଏମାନେ କଲୋନୀ ବାସିନ୍ଦାଙ୍କର କୌଣସି କ୍ଷତି କରି ନ ଥିଲେ। ପିଲାମାନଙ୍କ ସହ ଖେଳୁଥିଲେ। ଏମାନଙ୍କ ମଧ୍ୟରୁ ଗୋଟିଏ ମାଙ୍କଡ଼ ହଠାତ୍ ମରିଯିବା ପରେ ଲୋକମାନେ ଦୁଃଖରେ ଭାଙ୍ଗି ପଡିଥିଲେ। କଲୋନୀବାସୀ ମାଙ୍କଡ଼ଟିର ଅନ୍ତିମ ସଂସ୍କାର ହିନ୍ଦୁ ରୀତିନୀତିରେ ସମାପନ କରିଥିଲେ। ପରେ ମୃତ ମାଙ୍କଡ ପାଇଁ ଏକ ମନ୍ଦିର ନିର୍ମାଣ କରିବାର ଯୋଜନା କରି ପଞ୍ଚାୟତକୁ ଏଥିଲାଗି ଅର୍ଥ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପଞ୍ଚାୟତ ଏହା ପ୍ରଦାନ କରିବା ପରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଯାଇଛି । ଯେଉଁଠାରେ ମାଙ୍କଡ଼ର ଅନ୍ତିମ ସଂସ୍କାର କରାଯାଇଥିଲା ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଉଛି।

# ମିଛ କହିଲେ ହାଡ଼ ଦୁର୍ବଳ ହୁଏ

**ଫରିଦାବାଦ୍:** ଜଣେ ବ୍ୟକ୍ତି ଶାରୀରିକ ଭାବେ ସୁସ୍ଥ ରହିବା ଫଳରେ ଅନେକ ରୋଗଠାରୁ ଦୂରେଇ ରହିଥାଆନ୍ତି। ଫଳରେ ଶରୀରର ହାଡ଼ ମଜଭୁତ ହେବା ସହ ଫ୍ରାକ୍ଚର ହେବାର ସମ୍ଭାବନା ମଧ୍ୟ କମ୍ ଥାଏ। କିନ୍ତୁ ଏହାର ବିପରୀତରେ କାର୍ଯ୍ୟ କରିବା (ଯଥା-ଅଧିକାଂଶ ସମୟ ବସିରହିବା, ମିଛ କହିବା ଓ କୌଣସି କାର୍ଯ୍ୟ କରିବା ସମୟରେ ଆବଶ୍ୟକତାଠାରୁ ଅଧିକ ଶକ୍ତି ବ୍ୟବହାର କରିବା) ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ, ଯାହାର ପ୍ରଭାବ ଅସ୍ଥି ଉପରେ ମଧ୍ୟ ପଡ଼େ। ମଣିଷ ଶରୀରରେ ୩୦ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଯୁବାବସ୍ଥାରେ ଅସ୍ଥି ନିର୍ମାଣ ଜାରି ରହିଥାଏ। ଏହାପରେ ଧୀରେଧୀରେ ଶରୀରର ଓଜନ କମିବା ସହ ହାଡ଼ ମଧ୍ୟ ଦୁର୍ବଳ ହେବା ଆରମ୍ଭ ହୁଏ। ୫୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ କ୍ଷେତ୍ରରେ ଅଷ୍ଟିଓପେରୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ। ଏହି ରୋଗରେ ଅସ୍ଥିରେ ଛିଦ୍ର ହେବା ସହ ଏହାର ଘନତ୍ୱ ଓ ଗୁଣବତ୍ତା ବିଗିଡ଼ି ଯାଏ। ବୟସ ବଢ଼ିବା ସାଙ୍ଗକୁ ଅଷ୍ଟିଓପେରୋସିସ୍ ହେବାର ଆଶଙ୍କା ବଢ଼େ ଓ ହାଡ଼ ଫ୍ରାକ୍ଚର ହେବାର ସମ୍ଭବନା ବୃଦ୍ଧି ପାଏ। ତେବେ ପୁରୁଷଙ୍କ ତୁଳନାରେ ମହିଳାମାନେ ୪ଗୁଣ ଅଧିକ ମାତ୍ରାରେ ଅଷ୍ଟିଓପେରୋସିସ୍‌ର ଶିକାର ହୋଇଥାନ୍ତି ବୋଲି ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଫରିଦାବାଦ୍‌ସ୍ଥିତ ଫରଟିସ୍ ଏସକର୍ଟ୍ସର ଆଡିସିନାଲ ଡିରେକ୍ଟର ଅଫ୍ ଅର୍ଥୋପେଡିକ୍ସ ଆଣ୍ଡ ଜଏଣ୍ଟ ରିପ୍ଲେସମେଣ୍ଟ ଡା. ହରିଶ ଘୁଟା କୁହନ୍ତି, ଜଣେ ବ୍ୟକ୍ତିଙ୍କ ଶରୀରରେ ବୋନ୍ ଫ୍ରାକ୍ଚର ହେବା ତାଙ୍କ ପରିବେଶ, ପୋଷଣ ଓ ଜିନ୍ ଉପରେ ନିର୍ଭର କରେ। ଏଥିସହ ଆଉ ଏକ ଷ୍ଟଡିରୁ ଜଣାପଡ଼ିଛି, ଯେବେ ଜଣେ ବ୍ୟକ୍ତି କୌଣସି ପରିସ୍ଥିତିର ମୁକାବିଲା କରିବାରେ ଅସମର୍ଥ ହୋଇଥାଏ, ସେତେବେଳେ ମାନସିକ ଚାପ ବଢ଼ିବା ସଙ୍ଗେ ସଙ୍ଗେ ମନରୁ ସକାରାତ୍ମକ ଚିନ୍ତାଧାରା ଦୂରେଇଯାଏ, ଏବଂ ଏହାର ପ୍ରଭାବରେ ଶରୀରର ଅସ୍ଥି ଦୁର୍ବଳ ହୋଇଥାଏ।



# ବିଶ୍ୱକୁ ପ୍ରଭାବିତ କରିବ ଅଷ୍ଟ୍ରେଲିଆ ଜଙ୍ଗଲ ନିଆଁ

**ୱାଶିଂଟନ୍:** ଅଷ୍ଟ୍ରେଲିଆ ଜଙ୍ଗଲ ନିଆଁରୁ ବାହାରିଥିବା ଧୂଆଁ ସମଗ୍ର ପୃଥିବୀର ୪୦ ହଜାର ୭୫ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିବା ସମ୍ଭାବନା ରହିଛି। ଏବେସୁଦ୍ଧା ଅଧା ଅଂଶରେ ବ୍ୟାପି ସାରିଲାଣି। ନାସା ବୈଜ୍ଞାନିକ ସାଟେଲାଇଟ୍ ମାଧ୍ୟମରେ ଏହାକୁ ଟ୍ରାକ୍ କରିଛନ୍ତି। ଏହି ଧୂଆଁ ଟାସ୍‌ମାନିଆ ସାଗର ଏବଂ ପ୍ରଶାନ୍ତ ମହାସାଗର ପାର କରି ଆଗକୁ ବଢ଼ି ଚାଲିଛି। ଅଷ୍ଟ୍ରେଲିଆ ଜଙ୍ଗଲ ନିଆଁରେ ଏପର୍ଯ୍ୟନ୍ତ ୨୫ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୦୦ରୁ ଅଧିକ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଆକଳନ କରାଯାଇଛି।

ନାସା ଅନୁଯାୟୀ, ୮ ଜାନୁୟାରୀ ପର୍ଯ୍ୟନ୍ତ ଧୂଆଁ ୧୧ ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିଲା। ଏହି ଧୂଆଁ ନ୍ୟୁଜିଲାଣ୍ଡ ଉପକୂଳ ଅଞ୍ଚଳ ଛାଡ଼ି ଦକ୍ଷିଣ ଆମେରିକା ନିକଟରେ ପହଞ୍ଚି ସାରିଛି। ଏହାପରେ ସିଡ୍‌ନୀ, ମେଲବୋର୍ନ, ଏଡିଲେଡ୍, କାନ୍‌ବରା ଧୂଆଁରେ ଆଚ୍ଛାଦିତ ହୋଇପଡ଼ିଛି। ନାସା କହିବା ଅନୁସାରେ, କିଛି ସପ୍ତାହ ମଧ୍ୟରେ ଧୂଆଁ ଅଷ୍ଟ୍ରେଲିଆ ଆକାଶରେ ପୁଣି ଛାଇଯିବ। ଏହି ଧୂଆଁ ଆଗାମୀ ଦିନରେ ଝଡ଼ର ରୂପ ନେଇପାରେ। ବୈଜ୍ଞାନିକମାନେ କୁହନ୍ତି, ଜଙ୍ଗଲରେ ଲାଗିଥିବା ନିଆଁ ଯୋଗୁ ବାୟୁମଣ୍ଡଳ ଉତ୍ତପ୍ତ ହେବା ସହ ପ୍ରବଳ ଗରମ ଅନୁଭୂତ ହେବ। ଏହି ଧୂଆଁ ବାୟୁମଣ୍ଡଳର ଉପରିଭାଗ ଏବଂ ସମତାପ ମଣ୍ଡଳର ନିମ୍ନଭାଗରେ ପ୍ରାୟ ୧୫ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚି ପାରିବ। ଫଳରେ ଏହି ଧୂଆଁରେ ସମଗ୍ର ବିଶ୍ୱ ପ୍ରଭାବିତ ହେବ।





# ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

## PART – I (OBJECTIVE)

### Physical Science

**1. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ। [1×5=5**

(i) ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଦ୍ରବଣରେ ସୃଷ୍ଟି ହେଉଥିବା ଅଦ୍ରବଣୀୟ ପଦାର୍ଥକୁ କ'ଣ କୁହାଯାଏ ?

(ii) ଏକ ସବଳ କ୍ଷାରକ ଓ ଦୁର୍ବଳ ଅମ୍ଳର ଲବଣର pH ମୂଲ୍ୟ କେତେ ?

(iii) ଧାତବ ଅକ୍ସାଇଡ୍‌ରୁ ଧାତୁ ପାଇବା ପାଇଁ କାର୍ବନକୁ ବ୍ୟବହାର କରିବା ବ୍ୟତୀତ ଆଉ କେଉଁ ପ୍ରତିକ୍ରିୟା ବ୍ୟବହାର କରାଯାଏ ?

(iv) କେଉଁ ସକ୍ରିୟ ଗ୍ରୁପରେ କାର୍ବନ ନଥାଏ ?

(v) କେଉଁ ଗ୍ରୁପରେ ଥିବା ମୌଳିକଗୁଡ଼ିକ ନିଷ୍କ୍ରିୟ ଅଟନ୍ତି ?

**2. ଶୂନ୍ୟସ୍ଥାନ ପୂରଣ କର। [1×5=5**

(i) ପରିପାକ ପ୍ରକ୍ରିୟାରେ ଶ୍ୱେତସାରରୁ ______ ସୃଷ୍ଟି ହୁଏ।

(ii) ______ ପ୍ରତିକ୍ରିୟାରେ ଗୋଟିଏ କ୍ଷାରକର ପ୍ରଭାବକୁ ଗୋଟିଏ ଅମ୍ଳ ପ୍ରତିହତ କରେ।

(iii) ଥରମିଟ୍ ପ୍ରତିକ୍ରିୟାରେ ଫାଟିଯାଇଥିବା ଯନ୍ତ୍ରାଂଶକୁ ଯୋଡ଼ିବା ପାଇଁ ଏଲୁମିନିୟମ୍ ସହ ______ ବ୍ୟବହୃତ ହୋଇଥାଏ।

(iv) LPG ର ମୁଖ୍ୟ ଉପାଦାନ ହେଉଛି ______।

(v) ନିୟନ୍ ପରମାଣୁର ______ ଟି କକ୍ଷ ଥାଏ।

**3. ଠିକ୍ ଉକ୍ତି ପାଇଁ ☑ ଓ ଭୁଲ୍ ଉକ୍ତି ପାଇଁ ☒ ଦିଆଯାଇଥିବା ବକ୍ସରେ ଲେଖ। [1×5=5**

(i) ତମ୍ବା ନିର୍ମିତ ପାତ୍ର କିଛିଦିନ ବାହାରେ ପଡ଼ିରହିଲେ ସେଥିରେ ସବୁଜରଙ୍ଗର ଆସ୍ତରଣ ସୃଷ୍ଟି ହୁଏ।

(ii) କ୍ଲୋର-ଆଲକାଲି ପ୍ରଣାଳୀରେ NaOH ଦ୍ରବଣ କ୍ୟାଥୋଡ୍‌ଠାରେ ଉତ୍ପନ୍ନ ହୁଏ।

(iii) ଅଧିକାଂଶ ଧାତୁର ଧାତୁପିଣ୍ଡ ହେଉଛି ଅକ୍ସାଇଡ୍।

(iv) $C_4H_9OH$ ର ପୂର୍ବବର୍ତ୍ତୀ ଯୌଗିକ $C_2H_5OH$ ଅଟେ।

(v) କ୍ୟାଲସିୟମ୍ ପରମାଣୁର ଆକାର ପୋଟାସିୟମ୍‌ଠାରୁ ଅଧିକ; କିନ୍ତୁ ସୋଡ଼ିୟମ୍‌ଠାରୁ କମ୍।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $NH_4OH$ | (a) ବିଦ୍ୟୁତ୍ ବିଶ୍ଳେଷଣ |
| (ii) Ca | (b) ଗୋଟିଏ ଇଲେକଟ୍ରନ୍ ଯୁଗଳ |
| (iii) $H_2$ | (c) ବିଦ୍ୟୁତ୍ ସ୍ରୋତ |
| (iv) +Ve | (d) କ୍ଷାରକ |
| (v) ଏମିଟର | (e) ଫେଜ୍ ଲାଇନ୍ |

**5. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ। [1×5=5**

(i) ସିଲଭର୍ କ୍ଲୋରାଇଡ୍‌ର କାର୍ଯ୍ୟ ଲେଖ।

(ii) ବ୍ଲିଚିଂ ପାଉଡ଼ର କିପରି ଉତ୍ପନ୍ନ ହୁଏ ?

(iii) ଜିଙ୍କ୍ ଧାତୁପିଣ୍ଡର ରୋଷ୍ଟିଂ ପ୍ରଣାଳୀକୁ ସମୀକରଣରେ ଦର୍ଶାଅ।

(iv) ଆଲକିନ୍ କାହାକୁ କୁହାଯାଏ ?

(v) ଗୋଟିଏ ଗ୍ରୁପରେ ଥିବା ମୌଳିକଗୁଡ଼ିକର କକ୍ଷ ସଂଖ୍ୟାରେ କି ପରିବର୍ତ୍ତନ ଘଟେ ?

### Life Science

**6. ଶୂନ୍ୟସ୍ଥାନ ପୂରଣ କର। [1×5=5**

(i) କୋଷଝିଲ୍ଲୀ ଗଠନରେ ______ ର ମୁଖ୍ୟ ଭୂମିକା ଥାଏ।

(ii) ଆମର ବକ୍ଷ ଗହ୍ୱର ଓ ଉଦର ଗହ୍ୱର ______ ଦ୍ୱାରା ପୃଥକ୍ ହୋଇଥାଏ।

(iii) 'ପ୍ରତ୍ୟେକ ବ୍ୟକ୍ତିର ରକ୍ତ ବର୍ଗ ନିର୍ଦ୍ଦିଷ୍ଟ'– ଏହି ତଥ୍ୟ ______ ପ୍ରଦାନ କରିଥିଲେ।

(iv) ଶ୍ୱାସନଳୀର ଦ୍ୱାରକୁ ______ କୁହାଯାଏ।

(v) ଭୂଣପୋଷର ଗୁଣସୂତ୍ର ସଂଖ୍ୟା ______ ହୋଇଥାଏ।

**7. ଗୋଟିଏ ଶବ୍ଦରେ ଉତ୍ତର ଦିଅ। [1×5=5**

(i) ଶ୍ୱସନ ପ୍ରକ୍ରିୟାରେ ମାଇଟୋକଣ୍ଡ୍ରିଆରେ କେଉଁ ପ୍ରକ୍ରିୟା ସାମାହିତ ହୋଇଥାଏ ?

(ii) ହିମୋଗ୍ଲୋବିନ୍ ଗଠନ ପାଇଁ କେଉଁ ଧାତୁସାର ଆବଶ୍ୟକ ?

(iii) କେଉଁ ପ୍ରୋଟିନ୍ ରକ୍ତ ଜମାଟ ବାନ୍ଧିବାକୁ ଦିଏ ନାହିଁ ?

(iv) ସୁଷୁମ୍ନାକାଣ୍ଡର ବାହ୍ୟ ଆବରଣକୁ କ'ଣ କୁହାଯାଏ ?

(v) ସିନ୍‌କୋନା ଗଛରେ ଥିବା ଉପକ୍ଷାରର ନାମ କ'ଣ ?

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [1×5=5**

(i) ଏକକ ସଞ୍ଚାଳନ କ'ଣ ?

(ii) ୟୁରିଆ କିପରି ପ୍ରସ୍ତୁତ ହୁଏ ?

(iii) ଫେରନ୍ତା ସଂକେତ ନିୟନ୍ତ୍ରଣ କ'ଣ ?

(iv) ଟ୍ୟୁବେକ୍ଟୋମୀ କ'ଣ ?

(v) ଷ୍ଟ୍ରୋମା କ'ଣ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି 'ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର। [1×5=5**

| | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| (i) | ଫଳ ଝଡ଼ିବା : ଏଥିଲିନ୍ | ଫଳ ଧରିବା : ______। |
| (ii) | ବିଖଣ୍ଡନ : ଅଲିଙ୍ଗୀ ଜନନ | ପୁନରୁଦ୍ଭବନ : ______। |
| (iii) | O : ସର୍ବଜନ ଦାତା | AB : ______। |
| (iv) | ଯୁଗ୍ମକ : n | ଯୁଗ୍ମଜ : ______। |
| (v) | ପିନିଆଲ୍ ଗ୍ରନ୍ଥି : ଜୈବିକ ଘଡ଼ି | ଏଡ୍ରିନାଲ ଗ୍ରନ୍ଥି : ______। |

**10. ଠିକ୍ ଉକ୍ତି ପାଇଁ ☑ ଓ ଭୁଲ୍ ଉକ୍ତି ପାଇଁ ☒ ଦିଆଯାଇଥିବା ବକ୍ସରେ ସୂଚାଅ। [1×5=5**

(i) ରାଫ୍ଲେସିଆରେ ପରଜୀବୀୟ ପୋଷଣ ଦେଖାଯାଏ।

(ii) ଅସରପା ଗାଲିଦ୍ୱାରା ଶ୍ୱାସକ୍ରିୟା କରେ।

(iii) ଯକୃତରୁ କ୍ଷରିତ ଏରିଥ୍ରୋପୋଏଟିନ୍ ଲୋହିତ ରକ୍ତକଣିକା ତିଆରିରେ ସାହାଯ୍ୟ କରେ।

(iv) ଟେପ୍‌ଟାକୃମି ଶିଖାକୋଷ ଦ୍ୱାରା ରେଚନ କ୍ରିୟା କରେ।

(v) ମନୁଷ୍ୟଠାରେ 12ଯୋଡ଼ା କରୋଟି ସ୍ନାୟୁ ରହିଛି।

## PART – II (SUBJECTIVE)

**11.(i)** ସ୍ଫଟିକ ଜଳଥିବା ଚାରୋଟି ଯୌଗିକର ଅଣୁ ସଙ୍କେତ ଲେଖ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଭଙ୍ଗା ହାଡ଼କୁ ଠିକ୍ ସ୍ଥାନରେ ରଖିବା ପାଇଁ ବ୍ୟବହାର କରାଯାଏ – ରାସାୟନିକ ସମୀକରଣ ସହ ଆଲୋଚନା କର। [4

**କିମ୍ବା,** କାର୍ବନର ବିଭିନ୍ନ ରୂପର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚନା କର। "କାର୍ବନ ବହୁସଂଖ୍ୟାରେ ଯୌଗିକ ସୃଷ୍ଟି କରିବାକୁ ସମର୍ଥ"– କାରଣସହ ଏହି ଉକ୍ତିକୁ ପ୍ରତିପାଦନ କର।

**(ii)** ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀ ଓ ଆଧୁନିକ ପର୍ଯ୍ୟାୟ ସାରଣୀ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପ୍ରଭେଦଗୁଡ଼ିକର ଏକ ତୁଳନାତ୍ମକ ବିବରଣୀ ଲେଖ। ମେଣ୍ଡେଲିଫ୍‌ଙ୍କ ମୌଳିକଗୁଡ଼ିକର ଶ୍ରେଣୀକରଣରେ ଥିବା ତ୍ରୁଟିଗୁଡ଼ିକ ଆଲୋଚନା କର। [4

**କିମ୍ବା,** ଗୋଟିଏ ଦୀର୍ଘ ଓ ସଳଖ ପରିବାହୀରେ ବିଦ୍ୟୁତ୍ ପ୍ରବାହଜନିତ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ପ୍ରକୃତି ଅନୁଧ୍ୟାନ ପାଇଁ ଚିତ୍ର ସହ ଏକ ପରୀକ୍ଷା ବର୍ଣ୍ଣନା କର ଏବଂ ପରୀକ୍ଷାଲବ୍ଧ ତଥ୍ୟ ଓ ସିଦ୍ଧାନ୍ତଗୁଡ଼ିକ ଲେଖ।

**12.(i)** ଥଣ୍ଡା ଜଳ, ଉତ୍ତପ୍ତ ଜଳ ଏବଂ ବାମ୍ପ - ପ୍ରତ୍ୟେକ ସହ ଧାତୁର ରାସାୟନିକ ପ୍ରତିକ୍ରିୟା ସମୀକରଣ ସହ ଗୋଟିଏ ଲେଖାଏଁ ଉଦାହରଣ ଦେଇ ଆଲୋଚନା କର। [3

**କିମ୍ବା,** **Fe, Pb, H, Cu** – ଏହା ପ୍ରତିକ୍ରିୟାଶୀଳତା ଅନୁକ୍ରମର ଏକ ଅଂଶ। ଏହାକୁ ଭିତ୍ତିକରି ଧାତୁଗୁଡ଼ିକର ପ୍ରତିକ୍ରିୟାଶୀଳତାର ତିନୋଟି ବୈଶିଷ୍ଟ୍ୟ ଉଦାହରଣ ସହ ଆଲୋଚନା କର।

**(ii)** ସମୀପ ଦୃଷ୍ଟି କ'ଣ ଏବଂ ଦୂର ଦୃଷ୍ଟି କ'ଣ ଲେଖ। ମାନବ ଚକ୍ଷୁର କେଉଁ ବିକୃତି ଯୋଗୁଁ ପ୍ରତ୍ୟେକ ଦୋଷ ହୋଇଥାଏ ବୁଝାଅ। ଲେନ୍‌ସ ବ୍ୟବହାର କରି ପ୍ରତ୍ୟେକ ଦୋଷ କିପରି ଦୂରୀଭୂତ ହୁଏ, ଚିତ୍ର ଅଙ୍କନ କରି ଦର୍ଶାଅ। [3

**କିମ୍ବା,** ଆଲୋକ ପ୍ରତିସରଣର ନିୟମଗୁଡ଼ିକ ଲେଖ। ପ୍ରତିସରଣାଙ୍କ କ'ଣ ଲେଖ ଏବଂ ଏହା କେଉଁ କେଉଁ କାରକ ଉପରେ ନିର୍ଭର କରେ ବୁଝାଅ। ପ୍ରତିସରଣାଙ୍କ ଆଲୋକର ବେଗ ସହିତ କିପରି ସଂପର୍କିତ ?

**(iii)** ଭୂଲମ୍ବଭାବେ ଥିବା ଏକ ବିଦ୍ୟୁତ୍ ସ୍ରୋତ ବହନକାରୀ ବୃତ୍ତାକାର କୁଣ୍ଡଳୀ ଦ୍ୱାରା ସୃଷ୍ଟ ଚୁମ୍ବକୀୟ କ୍ଷେତ୍ର ଦର୍ଶାଉଥିବା ଏକ ଚିତ୍ର ଅଙ୍କନ କର ଏବଂ ଏହାର ପ୍ରକୃତିଗୁଡ଼ିକ ଲେଖ। ଚୁମ୍ବକୀୟ କ୍ଷେତ୍ରର ଦିଗ ଦର୍ଶାଇବା ପାଇଁ ସାହାଯ୍ୟ କରୁଥିବା ନିୟମ ଉଲ୍ଲେଖ କର। [3

**କିମ୍ବା,** ପରୀକ୍ଷା ଦ୍ୱାରା ଓମ୍‌ଙ୍କ ନିୟମର ସତ୍ୟତା ପ୍ରତିପାଦନ ପାଇଁ ଆବଶ୍ୟକ ପରିପଥର ନାମାଙ୍କିତ ଚିତ୍ର ଅଙ୍କନ କର । ଏଥି ନିମନ୍ତେ ବ୍ୟବହୃତ ବୈଦ୍ୟୁତିକ ଉପକରଣଗୁଡ଼ିକର ନାମ ଲେଖ ଓ ପ୍ରତ୍ୟେକର କାର୍ଯ୍ୟକାରିତା ଆଲୋଚନା କର ।

**13.(A)** କୌଣସି ଧାତୁ ନାଇଟ୍ରିକ୍ ଏସିଡ୍ ସହ ପ୍ରତିକ୍ରିୟା କଲେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ ହୁଏ ନାହିଁ କାହିଁକି ବୁଝାଅ।[2

**କିମ୍ବା,** ଏନୋଡାଇଜିଙ୍ଗ୍ କାହିଁକି ଓ କିପରି କରାଯାଏ ଉଲ୍ଲେଖ କର।

**(B)** ସଂରଚନା ଆଇସୋମର୍ କ'ଣ? ଗ୍ରାଫିକ୍ ସଂକେତ ସହ ଉଦାହରଣ ଦିଅ। [2

**କିମ୍ବା,** ଗୋଟିଏ ବିଦ୍ୟୁତ୍ ଉପାଂଶର ପ୍ରତିରୋଧକୁ ସ୍ଥିର ରଖି ତା'ର ଦୁଇପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତରକୁ ଅଧା କରିଦିଆଗଲା। ତା' ଭିତରେ ପ୍ରବାହିତ ହେଉଥିବା ବିଦ୍ୟୁତ୍ ସ୍ରୋତ କିଭଳି ପରିବର୍ତ୍ତିତ ହେବ ?

**(C)** ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମରୁ କ'ଣ ବୁଝ ? [2

**କିମ୍ବା,** ପ୍ରେରିତ ବିଦ୍ୟୁତ୍ ସ୍ରୋତର ସାମର୍ଥ୍ୟ କେଉଁ କାରକଗୁଡ଼ିକ ଉପରେ ନିର୍ଭର କରେ ?

**(D)** ଅର୍ଦ୍ଧଧାତୁ କ'ଣ ବୁଝାଅ। ଦୁଇଟି ଅର୍ଦ୍ଧଧାତୁର ଉଦାହରଣ ଲେଖ। [2

**କିମ୍ବା,** କାର୍ବନ ପରମାଣୁ, **$C^{4+}$** ଆୟନ କିମ୍ବା **$C^{4-}$** ଆୟନ୍ ସୃଷ୍ଟି କରିପାରେ ନାହିଁ କାହିଁକି ବୁଝାଅ।

**14.(A)** ଆଲୋକଶ୍ଳେଷଣରେ ଆଲୋକ ପ୍ରକ୍ରିୟାର ଏକ ବିବରଣୀ ଦିଅ। [4

**କିମ୍ବା,** ସମବିଭାଜନରେ ନ୍ୟଷ୍ଟି ବିଭାଜନର ବିଭିନ୍ନ ଅବସ୍ଥା ବର୍ଣ୍ଣନା କର। (ଚିତ୍ର ଅନାବଶ୍ୟକ)

**(B)** ଦ୍ୱୈତ ସଞ୍ଚାଳନ କ'ଣ ? ମନୁଷ୍ୟ ଶରୀରରେ ଦ୍ୱୈତ ସଞ୍ଚାଳନ ପ୍ରକ୍ରିୟାରେ କିପରି ରକ୍ତସଞ୍ଚାଳନ ହୋଇଥାଏ ? [4

**କିମ୍ବା,** ତାପଗତି ବିଜ୍ଞାନର ନିୟମ ସହ ପରିସଂସ୍ଥାରେ ଶକ୍ତିପ୍ରବାହର ଏକ ବିବରଣୀ ଦିଅ । (ଚିତ୍ର ଅନାବଶ୍ୟକ)

**15.(A)** ବାୟୁ ଉପଜୀବୀ ଶ୍ୱସନ ଓ ବାୟୁ ଅପଜୀବୀ ଶ୍ୱସନ ମଧ୍ୟରେ ପ୍ରଭେଦ ଦର୍ଶାଅ। [3

**କିମ୍ବା,** ଟିସୁପୋଷଣ କ'ଣ ବୁଝାଅ।

**(B)** ଗୋଟିଏ ଉଦାହରଣ ସହ ଅବଶେଷାଙ୍ଗ ବୁଝାଅ। [3

**କିମ୍ବା,** ଡିମ୍ବାଣୁ ଜନନର କେବଳ ପରିପକ୍ୱନ ପ୍ରାବସ୍ଥାରୁ କିପରି ଡିମ୍ବାଣୁ ଉତ୍ପନ୍ନ ହୋଇଥାଏ, ସଂକ୍ଷେପରେ ଲେଖ।

**(C)** ଗୋବର ଗ୍ୟାସ୍ ପ୍ଲାଣ୍ଟର ନାମାଙ୍କିତ ଚିତ୍ର ଅଙ୍କନ କର।[3

**କିମ୍ବା,** ମାନବ ମସ୍ତିଷ୍କର ଚିତ୍ର ଅଙ୍କନ କରି ଏହାର ବିଭିନ୍ନ ଅଂଶ ଦର୍ଶାଅ।

**16.(A)** ପାକସ୍ଥଳୀରେ ଖାଦ୍ୟର କି ପରିବର୍ତ୍ତନ ଘଟେ ? [2

**କିମ୍ବା,** ବେଙ୍ଗ ଲାର୍ଭା ଅବସ୍ଥାରେ ଓ ଶୀତସୁପ୍ତିବେଳେ କିପରି ଶ୍ୱାସକ୍ରିୟା କରେ ?

**(B)** ଉଦ୍ଭିଦର ସଂବାହୀ ଟିସୁର ନାମ ଓ କାର୍ଯ୍ୟ ଲେଖ। [2

**କିମ୍ବା,** ଗ୍ଲୋମେରୁଲସ୍ କିପରି ଗଠିତ ହୋଇଥାଏ ?

**(C)** ଥାଇରଏଡ୍ ଗ୍ରନ୍ଥିର ଅବସ୍ଥିତି ଓ କାର୍ଯ୍ୟ ଲେଖ। [2

**କିମ୍ବା,** ଯୁଗ୍ମକ ଓ ଯୁଗ୍ମଜ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

**(D)** ଦ୍ୱିସଙ୍କରଣ ପରୀକ୍ଷଣ କ'ଣ ? $F_2$ ପିଢ଼ିରେ ମିଳିଥିବା ଅନୁପାତର ଫଳାଫଳ କ'ଣ ଥିଲା ? [2

**କିମ୍ବା,** ସେକ୍ସ କ୍ରୋମୋଜୋମ୍ ଓ ଅଟୋଜୋମ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

## ANSWERS: Part - I (Objective)

**1.** (i) ଅବକ୍ଷେପ (ii) 7ରୁ ଅଧିକ (iii) ବିସ୍ଥାପନ (iv) OH (v) 18

**2.** (i) ଗ୍ଲୁକୋଜ୍ (ii) ପ୍ରଶମନୀକରଣ (iii) ଫେରିକ୍ ଅକ୍ସାଇଡ୍ (iv) ବ୍ୟୁଟେନ୍ (v) 2,

**3.** (i) ☑ (ii) ☒ (iii) ☑ (iv) ☒ (v) ☒

**4.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $NH_4OH$ | (d) କ୍ଷାରକ |
| (ii) Ca | (a) ବିଦ୍ୟୁତ୍ ବିଶ୍ଳେଷଣ |
| (iii) $H_2$ | (b) ଗୋଟିଏ ଇଲେକଟ୍ରନ୍ ଯୁଗଳ |
| (iv) +Ve | (e) ଫେଜ୍ ଲାଇନ୍ |
| (v) ଏମିଟର | (c) ବିଦ୍ୟୁତ୍ ସ୍ରୋତ |

**5.** (i) ସିଲ୍‌ଭର୍ କ୍ଲୋରାଇଡ୍ କଳା ଧଳା ଫଟୋଉଠା କାର୍ଯ୍ୟରେ ବ୍ୟବହୃତ ହୁଏ। (ii) ଶୁଷ୍କ ଶମିତ ଚୂନ ସହିତ କ୍ଲୋରିନ୍‌ର ରାସାୟନିକ ପ୍ରତିକ୍ରିୟା ଘଟି ବ୍ଲିଚିଂ ପାଉଡ଼ର ଉତ୍ପନ୍ନ ହୁଏ। (iii) $2ZnS + 3O_2 \xrightarrow{\text{ତାପ}} 2ZnO + 2SO_2$ (iv) ହାଇଡ୍ରୋକାର୍ବନର କାର୍ବନ କାର୍ବନ ମଧ୍ୟରେ ଦୁଇଟି ବନ୍ଧ ରହିଲେ ତାକୁ ଆଲକିନ୍ କୁହାଯାଏ। (v) ଗ୍ରୁପରେ ଉପରୁ ତଳକୁ ଗଲେ ମୌଳିକର କକ୍ଷ ସଂଖ୍ୟାର ଗୋଟିଏ ଲେଖାଏଁ ହାରରେ ବୃଦ୍ଧି ଘଟିଥାଏ।

**6.** (i) ସ୍ନେହସାର (ii) ମଧ୍ୟଛଦା (iii) ଲ୍ୟାଣ୍ଡଷ୍ଟେଇନ୍‌ର (iv) ଗ୍ଲଟିସ୍ (v) 3n

**7.** (i) କ୍ରେବ୍‌ସ ଚକ୍ର (ii) ଲୌହ (iii) ହିପାରିନ୍ (iv) ମେନିଞ୍ଜେସ୍ (v) କୁଇନାଇନ୍

**8.** (i) ରକ୍ତ ଥରେମାତ୍ର ହୃତ୍‌ପିଣ୍ଡ ମଧ୍ୟଦେଇ ସଞ୍ଚାଳିତ ହେଲେ ତା'କୁ ଏକକ ସଞ୍ଚାଳନ କୁହାଯାଏ। (ii) ଯକୃତରେ ଅଙ୍ଗାରକାମ୍ଳ ଓ ଏମୋନିଆର ରାସାୟନିକ ସଂଯୋଗରୁ ୟୁରିଆ ପ୍ରସ୍ତୁତ ହୁଏ। (iii) ଶରୀରର ହରମୋନ୍ କ୍ଷରଣ ବ୍ୟବସ୍ଥାକୁ ଫେରନ୍ତା ସଂକେତ ନିୟନ୍ତ୍ରଣ କୁହାଯାଏ। (iv) ସ୍ତ୍ରୀ ଶରୀରର ଦୁଇଟିଯାକ ଡିମ୍ବବାହୀ ନଳୀକୁ କାଟି ବାନ୍ଧି ଦିଆଯିବାକୁ ଟ୍ୟୁବେକ୍ଟୋମୀ କୁହାଯାଏ। (v) କ୍ଲୋରୋପ୍ଲାଷ୍ଟରେ ଥିବା ଜେଲିପରି ରସକୁ ଷ୍ଟ୍ରୋମା କୁହାଯାଏ।

**9.** (i) ଅକ୍‌ସିନ୍ (ii) ସ୍ୱତନ୍ତ୍ର ବ୍ୟବସ୍ଥା (iii) ସର୍ବଜନ ଗ୍ରହୀତା (iv) 2n (v) ଆପଦ୍‌କାଳୀନ ଗ୍ରନ୍ଥି

**10.** (i) ☑ (ii) ☒ (iii) ☒ (iv) ☑ (v) ☑

## ANSWERS: Part - II (Subjective)

**11.(i) (a) ସ୍ଫଟିକ ଜଳ ଥିବା ଚାରୋଟି ଯୌଗିକର ଅଣୁସଂକେତ:**

(i) କପର ସଲ୍‌ଫେଟ୍ ($CuSO_4 . 5H_2O$)

(ii) ଧୋଇବା ସୋଡ଼ା ($Na_2CO_3 . 10H_2O$)

(iii) ଫେରସ ସଲଫେଟ୍ ($FeSO_4 . 7H_2O$)

(iv) ଜିପ୍‌ସମ୍ ($CaSO_4 . 2H_2O$)

**(b) ପ୍ଲାଷ୍ଟର ଅଫ୍ ପ୍ୟାରିସ୍ :**

(i) $CaSO_4 . 2H_2O \xrightarrow[373K]{\Delta} CaSO_4 . \frac{1}{2} H_2O$

(ii) ଜିପ୍‌ସମ୍‌କୁ 373K ତାପମାତ୍ରାରେ ଉତ୍ତପ୍ତ କଲେ, ଏହା ଜଳ ଅଣୁ ହରାଇ କ୍ୟାଲସିୟମ୍ ସଲ୍‌ଫେଟ୍ ହେମିହାଇଡ୍ରେଟ୍‌ରେ ପରିଣତ ହୁଏ। ଏହାକୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ କୁହାଯାଏ ଏବଂ ଏହା ଭଙ୍ଗାହାଡ଼ ଯୋଡ଼ିବାରେ ବ୍ୟବହୃତ ହୁଏ।

**କିମ୍ବା,**

**କାର୍ବନର ବିଭିନ୍ନ ରୂପର ବୈଶିଷ୍ଟ୍ୟ :**

(a) **ହୀରା :** ହୀରାରେ ପ୍ରତ୍ୟେକ କାର୍ବନ ପରମାଣୁ ଅନ୍ୟ ଚାରୋଟି କାର୍ବନ ପରମାଣୁ ସହିତ ସଂଯୁକ୍ତ ହୋଇ ଏକ ଦୃଢ଼ ତ୍ରିବିମୀୟ ସଂରଚନା ଗଠନ କରେ। ପଦାର୍ଥଗୁଡ଼ିକ ମଧ୍ୟରେ ହୀରା ସବୁଠାରୁ ବେଶୀ ଶକ୍ତ। ଏହାର ରାସାୟନିକ ଧର୍ମ ଗ୍ରାଫାଇଟ୍‌ର ରାସାୟନିକ ଧର୍ମ ସହ ସମାନ। ଅତି ଉଚ୍ଚ ଚାପ ଓ ତାପମାତ୍ରା ପ୍ରୟୋଗ କରି ବିଶୁଦ୍ଧ କାର୍ବନରୁ ହୀରା ସଂଶ୍ଳେଷିତ ହୋଇପାରେ।

(b) **ଗ୍ରାଫାଇଟ୍ :** ଗ୍ରାଫାଇଟ୍‌ରେ ପ୍ରତ୍ୟେକ କାର୍ବନ ପରମାଣୁ ଅନ୍ୟ ତିନୋଟି କାର୍ବନ ପରମାଣୁ ସହିତ ଏକ ସମତଳରେ ବନ୍ଧ ଗଠନ କରି ଏକ ଷଡ଼ଭୁଜୀୟ ବିନ୍ୟାସ ଦେଇଥାଏ। ଏହି ବନ୍ଧଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଦ୍ୱିବନ୍ଧ। ଏହା କୋମଳ ଓ ହାତକୁ ଚିକ୍‌କଣ ବା ତେଲିଆ ଜଣାପଡ଼େ। ଏହା ଅଧାତୁ ହେଲେ ମଧ୍ୟ ବିଦ୍ୟୁତ୍ ପରିବହନ କରେ।

(c) **ଫୁଲରିନ୍ :** ପ୍ରଥମେ ଚିହ୍ନିତ ହୋଇଥିବା କାର୍ବନର ଏହି ରୂପଟି ହେଲା C-60, ଯେଉଁଥିରେ କାର୍ବନ ପରମାଣୁଗୁଡ଼ିକ ଫୁଟବଲ ଆକାରରେ ସଜ୍ଜିତ ହୋଇ ରହିଥାଏ। ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥପତି ବକ୍‌ମିନ୍‌ଷ୍ଟରଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ଭୂପରିମାଣ ବିଦ୍ୟାସମ୍ବନ୍ଧୀୟ ଗମ୍ବୁଜ ପରି ଦେଖା ଯାଉଥିବାରୁ ଏହି ଅଣୁକୁ ଫୁଲରିନ୍ ନାମ ଦିଆଯାଇଥିଲା।

**କାର୍ବନ୍ ବହୁ ସଂଖ୍ୟାରେ ଯୌଗିକ ସୃଷ୍ଟି କରିବାର କାରଣ :**

(a) **କାଟିନେସନ :** କାର୍ବନ୍‌ର ଅନ୍ୟ କାର୍ବନ୍ ପରମାଣୁ ସହିତ ବନ୍ଧ ଗଠନ କରି ବୃହତ୍ ଅଣୁ ସୃଷ୍ଟି କରିବା ଗୁଣକୁ କାଟିନେସନ୍ କୁହାଯାଏ। ଏହି ଯୌଗିକଗୁଡ଼ିକ କାର୍ବନର ଦୀର୍ଘ ଶୃଙ୍ଖଳ, ଶାଖାଯୁକ୍ତ ଶୃଙ୍ଖଳ କିମ୍ବା ଚକ୍ରୀୟ ସଜ୍ଜା ହୋଇପାରେ। ଏହାଛଡ଼ା ପ୍ରତ୍ୟେକ କାର୍ବନ୍ ପରମାଣୁ ଅନ୍ୟ ପରମାଣୁ ସହିତ ଏକବନ୍ଧ ଦ୍ୱାରା ସଂଯୁକ୍ତ ହୋଇ ପୃକ୍ତ ଯୌଗିକ ଏବଂ ଦ୍ୱିବନ୍ଧ କିମ୍ବା ତ୍ରିବନ୍ଧ ଦ୍ୱାରା ସଂଯୁକ୍ତ ହୋଇ ଅପୃକ୍ତ ଯୌଗିକ ଗଠନ କରିଥାଏ।

(b) **ଚତୁଃସଂଯୋଜ୍ୟତା :** କାର୍ବନ୍ ଚତୁଃସଂଯୋଜୀ ହୋଇଥିବାରୁ ଏହା କାର୍ବନ୍‌ର ଅନ୍ୟ ଚାରୋଟି ପରମାଣୁ କିମ୍ବା ଏକସଂଯୋଜୀ ବିଶିଷ୍ଟ ଅନ୍ୟ ମୌଳିକର ପରମାଣୁ ସହ ବନ୍ଧ ଗଠନ କରିବାପାଇଁ ସମର୍ଥ ହୋଇଥାଏ। ଅନ୍ୟ ଅଧିକାଂଶ ମୌଳିକ ସହ କାର୍ବନ ଗଠନ କରୁଥିବା ବନ୍ଧ ଖୁବ୍ ଶକ୍ତ ହେବା ଫଳରେ ଏଗୁଡ଼ିକ ଅସାଧାରଣ ଭାବେ ସ୍ଥାୟୀ। କାର୍ବନ୍‌ର ଶକ୍ତ ବନ୍ଧ ଗଠନର ଗୋଟିଏ କାରଣ ହେଉଛି ଏହାର ଆକାର ଛୋଟ।

**(ii)** ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀ ଓ ଆଧୁନିକ ପର୍ଯ୍ୟାୟ ସାରଣୀ ମଧ୍ୟରେ ଥିବା ସାମଞ୍ଜସ୍ୟ :

(a) ଉଭୟ ପର୍ଯ୍ୟାୟ ସାରଣୀରେ ପର୍ଯ୍ୟାୟ ସଂଖ୍ୟା 7।

(b) ଉଭୟ ପର୍ଯ୍ୟାୟ ସାରଣୀରେ ପ୍ରଥମ ମୌଳିକଟି ହାଇଡ୍ରୋଜେନ୍।

**ପାର୍ଥକ୍ୟ :**

**ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀ:**

(a) ଏଥିରେ 7 ଟି ପର୍ଯ୍ୟାୟ ଓ 9 ଟି ଗ୍ରୁପ୍ ରହିଛି।

(b) ପାରମାଣବିକ ବସ୍ତୁତ୍ୱକୁ ଭିତ୍ତି କରି ଏହି ପର୍ଯ୍ୟାୟ ସାରଣୀଟି ପ୍ରସ୍ତୁତ।

(c) ଏହି ପର୍ଯ୍ୟାୟ ସାରଣୀରେ କେତେଗୁଡ଼ିକ ସ୍ଥାନ ଫାଙ୍କା ରଖାଯାଇଥିଲା।

(d) ଏହି ପର୍ଯ୍ୟାୟ ସାରଣୀରେ ମୋଟ 63 ଟି ମୌଳିକ ସ୍ଥାନ ପାଇଥିଲା।

**ଆଧୁନିକ ପର୍ଯ୍ୟାୟ ସାରଣୀ:**

(a) ଏଥିରେ 7 ଟି ପର୍ଯ୍ୟାୟ ଓ 18 ଟି ଗ୍ରୁପ୍ ରହିଛି।

(b) ପାରମାଣବିକ କ୍ରମାଙ୍କକୁ ଭିତ୍ତି କରି ଏହି ପର୍ଯ୍ୟାୟ ସାରଣୀଟି ପ୍ରସ୍ତୁତ।

(c) ଏହି ପର୍ଯ୍ୟାୟ ସାରଣୀରେ କୌଣସି ଫାଙ୍କା ସ୍ଥାନ ରଖାଯାଇ ନାହିଁ।

(d) ଏହି ପର୍ଯ୍ୟାୟ ସାରଣୀରେ ମୋଟ 63 ଟି ମୌଳିକରୁ ଅଧିକ ସଂଖ୍ୟକ ମୌଳିକ ସ୍ଥାନିତ ହୋଇଥିଲେ।

**ତ୍ରୁଟି:**

(a) ହାଇଡ୍ରୋଜେନ୍‌କୁ ମେଣ୍ଡଲିଫ୍‌ଙ୍କ ସାରଣୀରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯାଇପାରିବ ନାହିଁ। କାରଣ ହାଇଡ୍ରୋଜେନ୍ ପରମାଣୁର କ୍ଷାରୀୟ ଧାତୁ ଓ ହାଲୋଜେନ୍ ଗ୍ରୁପ ସହିତ ସାମଞ୍ଜସ୍ୟତା ରହିଛି।

(b) ମୌଳିକର ଆଇସୋଟୋପ୍ ଗୁଡ଼ିକ ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ନିୟମ ପାଇଁ ଏକ ସମସ୍ୟା ସୃଷ୍ଟି କଲା; ଯଥା - ହାଇଡ୍ରୋଜେନ୍‌ର ତିନୋଟି ଆଇସୋଟୋପ୍ ଥିଲେ ମଧ୍ୟ ଏମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯାଇ ନାହିଁ। (ଏହିପରି ଠିକ୍ ଅନ୍ୟ ସାମଞ୍ଜସ୍ୟ, ପାର୍ଥକ୍ୟ ଓ ତ୍ରୁଟି ଦର୍ଶାଇଥିଲେ ଅନୁରୂପ ନମ୍ବର ପାଇବେ।)

**କିମ୍ବା,**




**ଚିତ୍ର : ସଳଖ ପରିବାହୀ ଜନିତ ଚୁମ୍ବକୀୟ କ୍ଷେତ୍ର**

**ପରୀକ୍ଷା:**

(a) ଗୋଟିଏ 12V ବ୍ୟାଟେରୀ, ଗୋଟିଏ ରିଓଷ୍ଟାଟ୍, ଗୋଟିଏ ଏମିଟର, ଗୋଟିଏ ପ୍ଲଗ୍ କି ଓ ଖଣ୍ଡିଏ ଲମ୍ବା ସଳଖ ମୋଟା ତମ୍ବା ତାର ନେଇ ଏକ ଆୟତାକାର କାର୍ଡ଼ବୋର୍ଡ଼ ମଧ୍ୟରେ ପ୍ରବେଶ କରାଅ ଯେପରିକି ତାରଟି କାର୍ଡ଼ବୋର୍ଡ଼ର ସମତଳ ପ୍ରତି ଲମ୍ବ ଭାବେ ରହିବ।

(b) କାର୍ଡ଼ବୋର୍ଡ଼ଟି ଦୃଢ଼ଭାବେ ତାରକୁ ଧରି ରଖିବ ଏବଂ ତାରର ପ୍ରାନ୍ତ ସହ ପଙ୍‌କ୍ତିରେ ରିଓଷ୍ଟାଟ୍, ଏମିଟର, ବ୍ୟାଟେରୀ ଓ ପ୍ଲଗ୍ କି ସଂଯୋଗ କର।

(c) କିଛି ଲୁହାଗୁଣ୍ଡ ନେଇ କାର୍ଡ଼ବୋର୍ଡ଼ ଉପରେ ସମାନ ଭାବେ ବିଞ୍ଚି ଦିଅ। ପ୍ଲଗ୍ କିକୁ ବନ୍ଦ କରି ପରିପଥରେ ବିଦ୍ୟୁତ୍ ପ୍ରବାହ କରାଅ ଏବଂ କାର୍ଡ଼ବୋର୍ଡ଼କୁ ଆଙ୍ଗୁଳି ଟିପରେ ଅଳ୍ପ ଆଘାତ କର।

**ପରୀକ୍ଷାଲବ୍ଧ ତଥ୍ୟ :**

(a) କାର୍ଡ଼ବୋର୍ଡ଼କୁ ଆଙ୍ଗୁଳି ଟିପରେ ଅଳ୍ପ ଆଘାତ କଲେ ଲୁହାଗୁଣ୍ଡ ତାର ଚାରିପାଖେ ସମକେନ୍ଦ୍ରିକ ବୃତ୍ତ ଆକାରରେ ସଜାଇ ହୋଇଯିବ।

(b) ତାରରେ ବିଦ୍ୟୁତ୍ ପ୍ରବାହ ବଢ଼ିଲେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଚୁମ୍ବକୀୟ କ୍ଷେତ୍ରର ପରିମାଣ ବଢ଼ିବ।

(c) ତାରରେ ବିଦ୍ୟୁତ୍ ପ୍ରବାହକୁ ଅପରିବର୍ତ୍ତିତ ରଖି କମ୍ପାସ୍‌କୁ ତାର ଠାରୁ ଦୂରକୁ ନେଲେ କମ୍ପାସ୍ ସୂଚୀର ବିକ୍ଷେପ କମିବ ଏବଂ ତାର ଠାରୁ ଦୂରତା ବଢ଼ିଲେ ସମକେନ୍ଦ୍ରିକ ବୃତ୍ତମାନଙ୍କ ମଧ୍ୟରେ ଦୂରତା ବଢ଼ିବ।

**ସିଦ୍ଧାନ୍ତ :**

(a) ଗୋଟିଏ ଦୀର୍ଘ ଓ ସଳଖ ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ପରିବାହୀର ଚାରିପଟେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ।

(b) ଚୁମ୍ବକୀୟ କ୍ଷେତ୍ରରେଖାଗୁଡ଼ିକ ପରିବାହୀ ଚାରିପଟେ ସମକେନ୍ଦ୍ରିକ ବୃତ୍ତ ଦ୍ୱାରା ଚିହ୍ନିତ ହୁଏ।

**12.(i) (a)ଥଣ୍ଡା ଜଳ ସହ ପ୍ରତିକ୍ରିୟା:** ସୋଡ଼ିୟମ ଏବଂ ପୋଟାସିୟମ ଭଳି ଧାତୁ ଥଣ୍ଡା ଜଳ ସହ ତୀବ୍ର ପ୍ରତିକ୍ରିୟା କରନ୍ତି। ଏଠାରେ ପ୍ରତିକ୍ରିୟା ଖୁବ୍ ତୀବ୍ର ଏବଂ ତାପ ଉତ୍ପାଦୀ ହୋଇଥିବାରୁ ଉତ୍ପନ୍ନ ହେଉଥିବା ହାଇଡ୍ରୋଜେନ୍‌ରେ ସଙ୍ଗେ ସଙ୍ଗେ ନିଆଁ ଲାଗିଯାଏ।

$2Na(s) + 2H_2O(l) \rightarrow 2NaOH(aq) + H_2(g) +$ ତାପ

**(b) ଉତ୍ତପ୍ତ ଜଳ ସହ ପ୍ରତିକ୍ରିୟା :** ମାଗ୍ନେସିୟମ୍ ଧାତୁ ଉତ୍ତପ୍ତ ଜଳ ସହ ପ୍ରତିକ୍ରିୟା କରି ମାଗ୍ନେସିୟମ୍ ହାଇଡ୍ରକ୍‌ସାଇଡ୍ ଏବଂ ହାଇଡ୍ରୋଜେନ୍ ଉତ୍ପନ୍ନ କରେ ।

$Mg + 2H_2O \rightarrow Mg(OH)_2 + H_2$

**(c) ବାମ୍ପ ସହ ପ୍ରତିକ୍ରିୟା :** ଏଲୁମିନିୟମ୍, ଲୌହ ପରି ଧାତୁ ଥଣ୍ଡା କିମ୍ବା ଗରମ ପାଣିରେ ଆଦୌ ପ୍ରତିକ୍ରିୟା କରେ ନାହିଁ। କିନ୍ତୁ ଏହି ଧାତୁ ବାମ୍ପ ସହ ପ୍ରତିକ୍ରିୟା କରି ଧାତବ ଅକ୍ସାଇଡ୍ ଏବଂ ହାଇଡ୍ରୋଜେନ୍ ଗ୍ୟାସ୍ ସୃଷ୍ଟି କରେ।

$2Al(s) + 3H_2O(g) \rightarrow Al_2O_3(s) + 3H_2(g)$

**କିମ୍ବା,**

(a) Fe, Pb, H, Cu ପ୍ରତିକ୍ରିୟାଶୀଳତାର ଅନୁକ୍ରମ ଅନୁଯାୟୀ ହାଇଡ୍ରୋଜେନ୍‌ର ଉପରେ Pb ଓ Fe ଥିବାରୁ ଏହା ଅଧିକ ପ୍ରତିକ୍ରିୟାଶୀଳ।

(b) Cu ପ୍ରତିକ୍ରିୟାଶୀଳତାର ଅନୁକ୍ରମ ଅନୁଯାୟୀ ହାଇଡ୍ରୋଜେନ୍‌ର ତଳେ ଥିବାରୁ ଏହା Fe ଓ Pb ଠାରୁ କମ୍ ପ୍ରତିକ୍ରିୟାଶୀଳ।

ଏହି ଚାରୋଟି ମଧ୍ୟରୁ Fe ସବୁଠାରୁ ଅଧିକ ପ୍ରତିକ୍ରିୟାଶୀଳ।

(c) ଏହି ଚାରୋଟି ମଧ୍ୟରେ ତିନୋଟି ଧାତୁ ଥିବା ବେଳେ କେବଳ ହାଇଡ୍ରୋଜେନ୍ ଏକ ଅଧାତୁ।

(ଅନ୍ୟ ଠିକ୍ ଉଦାହରଣ ଦେଇ ବୈଶିଷ୍ଟ୍ୟ ଲେଖିଲେ ମଧ୍ୟ ଅନୁରୂପ ନମ୍ବର ପାଇବ)

**(ii) ସମୀପ ଦୃଷ୍ଟି :**

ସମୀପ ଦୃଷ୍ଟି ଥିଲେ ଦୂର ବସ୍ତୁ ସ୍ପଷ୍ଟ ଦେଖି ହୁଏ ନାହିଁ; ମାତ୍ର ନିକଟରେ ଥିବା ବସ୍ତୁ ସ୍ପଷ୍ଟ ଦେଖାଯାଏ।

**ସମୀପ ଦୃଷ୍ଟି ବିକୃତିର କାରଣ :**

ଯଦି କୌଣସି କାରଣରୁ ଚକ୍ଷୁ ଲେନସ୍‌ର ବକ୍ରତା ବଢ଼ିଯାଏ କିମ୍ବା ଚକ୍ଷୁ ଗୋଲକ ଲମ୍ବିଯାଏ, ତାହାହେଲେ ଦୂର ବସ୍ତୁରୁ ଆସୁଥିବା ଆଲୋକ ରଶ୍ମିଗୁଚ୍ଛ ମୁକୁରିକା ପରିବର୍ତ୍ତେ ବା ପୂର୍ବରୁ କାଚାଭରସ ଭିତରେ ପ୍ରତିବିମ୍ବ ସୃଷ୍ଟି ହୁଏ।

**ଦୂର ଦୃଷ୍ଟି :**

ଦୂର ଦୃଷ୍ଟି ଥିବା ବ୍ୟକ୍ତି ଦୂର ବସ୍ତୁକୁ ସ୍ପଷ୍ଟ ଦେଖିପାରେ, କିନ୍ତୁ ନିକଟ ବସ୍ତୁକୁ ସ୍ପଷ୍ଟ ଭାବରେ ଦେଖିପାରେ ନାହିଁ।

**ଦୂର ଦୃଷ୍ଟି ବିକୃତିର କାରଣ :**

ଯଦି କୌଣସି କାରଣରୁ ଚକ୍ଷୁ ଲେନସ୍‌ରେ ଫୋକସ୍ ଦୂରତା ବଢ଼ିଗଲେ ଅର୍ଥାତ୍ ଚକ୍ଷୁ ଲେନ୍‌ସର ପାୱାର କମିଯାଏ। ଫଳରେ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ନ ପଡ଼ି ତା'ର ପଛ ପାଖରେ ପଡ଼େ, ତେଣୁ ନିକଟ ବସ୍ତୁ ସ୍ପଷ୍ଟ ଦେଖାଯାଏ ନାହିଁ।

**ସମୀପ ଦୃଷ୍ଟିର ଦୂରୀକରଣ ଚିତ୍ର :**




**ଦୂର ଦୃଷ୍ଟିର ଦୂରୀକରଣ ଚିତ୍ର :**




**କିମ୍ବା,**

(a) **ଆଲୋକର ପ୍ରତିସରଣର ଦୁଇଟି ନିୟମ :**

**ପ୍ରଥମ ନିୟମ :** ଆପତିତ ରଶ୍ମି, ପ୍ରତିସୃତ ରଶ୍ମି ଓ ଆପତନ ବିନ୍ଦୁଠାରେ ଦୁଇଟି ସ୍ୱଚ୍ଛ ମାଧ୍ୟମରେ ବ୍ୟବଧାନ ପୃଷ୍ଠପ୍ରତି ଅଙ୍କିତ ଅଭିଲମ୍ବ ଗୋଟିଏ ସମତଳରେ ରହେ।

**ଦ୍ୱିତୀୟ ନିୟମ :** ଦୁଇଟି ନିର୍ଦ୍ଦିଷ୍ଟ ମାଧ୍ୟମ ଓ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଣ୍ଣର ଆଲୋକ ପାଇଁ ଆପତନ କୋଣର ସାଇନ୍ ଓ ପ୍ରତିସରଣ କୋଣର ସାଇନର ଅନୁପାତ ଏକ ସ୍ଥିରାଙ୍କ।

(b) **ପ୍ରତିସରଣାଙ୍କ** $= \frac{\sin i}{\sin r} =$ ସ୍ଥିରାଙ୍କ (n)

ଏଠାରେ ଆପତନ କୋଣ (i) ଏବଂ ପ୍ରତିସରଣ କୋଣ (r) ଅଟେ। ଏହି ସ୍ଥିରାଙ୍କକୁ ପ୍ରଥମ ମାଧ୍ୟମ ତୁଳନାରେ ଦ୍ୱିତୀୟ ମାଧ୍ୟମର ପ୍ରତିସରଣାଙ୍କ କୁହାଯାଏ।

(c) **ପ୍ରତିସରଣାଙ୍କ ନିର୍ଭର କରୁଥିବା କାରକ :**

(i) ମାଧ୍ୟମ ଦ୍ୱୟର ପ୍ରକୃତି (ii) ଆଲୋକର ବର୍ଣ୍ଣ।

(ଅନ୍ୟ ଠିକ୍ ଉତ୍ତର ପାଇଁ ମଧ୍ୟ ଅନୁରୂପ ନମ୍ବର ପାଇବ)

(d) ପ୍ରତିସରଣାଙ୍କର ଆଲୋକର ବେଗ ସହ ସଂପର୍କ :

$n = \frac{\text{ଆଲୋକର ବାୟୁରେ ବେଗ}}{\text{ଆଲୋକର ମାଧ୍ୟମରେ ବେଗ}} = \frac{C}{V}$

ବା, ମାଧ୍ୟମର ପ୍ରତିସରଣାଙ୍କ ବଢ଼ିଲେ ଆଲୋକର ବେଗ କମେ।

**(iii)** ଚିତ୍ର :




**ପ୍ରକୃତି :**

(a) ବିଦ୍ୟୁତ୍ ସ୍ରୋତ ବହନ କରୁଥିବା ବୃତ୍ତାକାର ପରିବାହୀ କ୍ଷେତ୍ରରେ ତାରଠାରୁ ଦୂରେଇ ଗଲେ ସମକେନ୍ଦ୍ରିକ ବୃତ୍ତର ଆକାର ବଢ଼ିଯିବ ଏବଂ କୁଣ୍ଡଳୀର କେନ୍ଦ୍ର ଆଡ଼କୁ ବୃତ୍ତଗୁଡ଼ିକ ସରଳରେଖା ଭଳି ଦେଖାଯିବ ।

(b) ପରିବାହୀରେ ବିଦ୍ୟୁତ୍ ସ୍ରୋତର ପରିମାଣ ବଢ଼ିଲେ ସଂପୃକ୍ତ ଚୁମ୍ବକୀୟ କ୍ଷେତ୍ରର ପରିମାଣ ବଢ଼ିବ।

**ନିୟମ:** ଏଠାରେ ସୃଷ୍ଟି ହୋଇଥିବା ଚୁମ୍ବକୀୟ କ୍ଷେତ୍ରର ଦିଗ ଦର୍ଶାଇବା ପାଇଁ ସାହାଯ୍ୟ କରୁଥିବା ନିୟମଟି ହେଲେ ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ।

**କିମ୍ବା,**




ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ, ରେଳ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲଙ୍କ ସମେତ ମୋଦି ସରକାରଙ୍କ ୩୬ ମନ୍ତ୍ରୀ ଆଗାମୀ ୧୮ରୁ ୨୪ ତାରିଖ ମଧ୍ୟରେ ୫ ମାସରୁ ଊର୍ଦ୍ଧ୍ୱକାଳ ଜମ୍ମୁ-କଶ୍ମୀର ଗସ୍ତରେ ଯିବେ। ଧାରା ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀର ଓ ଲଦାଖକୁ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ କରିବା ପରେ ମନ୍ତ୍ରୀଗୋଷ୍ଠୀ ସେଠାରେ ୫୧ଟି ସ୍ଥାନ ଗସ୍ତକରି ଲୋକଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ଜମ୍ମୁ-କଶ୍ମୀରରେ ୨ଜି ସେବା ଆଂଶିକ ଆରମ୍ଭ କରାଯାଇଥିବାବେଳେ ଇଣ୍ଟରନେଟ ସେବା ଏବେ ବନ୍ଦରହିଛି।



## ସାରଦା ମାଇନ୍ସକୁ ସୁପ୍ରିମକୋର୍ଟଙ୍କ ଝଟକା

# ବେଆଇନ ଖନନ ପାଇଁ ୯୩୩ କୋଟି ଜମା ନିର୍ଦ୍ଦେଶ

- ଗଚ୍ଛିତ ଲୁହାପଥର ବିକିବାକୁ ମିଡ୍‌ଇଷ୍ଟକୁ ଅନୁମତି
- ତଦାରଖ କରିବେ ରାଜ୍ୟ ସରକାର

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ସାରଦା ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏମ୍‌ପିଏଲ୍)କୁ ଲାଗିଛି ସୁପ୍ରିମକୋର୍ଟଙ୍କ ବଡ଼ ଝଟକା। ଆସନ୍ତା ମାସକ ମଧ୍ୟରେ ବେଆଇନ ଖଣି ଖନନ ପାଇଁ ୯୩୩ କୋଟି ଟଙ୍କା ଜମା କରିବାକୁ ସର୍ବୋଚ୍ଚ ଅଦାଲତ ଉକ୍ତ ସଂସ୍ଥାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଖଣି କାର୍ଯ୍ୟ ଆରମ୍ଭ କରିବାକୁ ମଧ୍ୟ କହିଛନ୍ତି। ବୁଧବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ, ଜଷ୍ଟିସ୍ ବି.ଆର. ଗଭାଇ ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ସାରଦା ମାଇନ୍ସକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ଜମା ଦେବା ସହ ଖଣି ସମ୍ପର୍କିତ ସମସ୍ତ ନିୟମ ଓ ଅନ୍ୟାନ୍ୟ ବାଧ୍ୟତାମୂଳକ ବ୍ୟବସ୍ଥାକୁ ପାଳନ କରିବା ନେଇ ଏକ ସତ୍ୟପାଠ ଦାଖଲ କରିବା ପରେ ଖଣିକାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

୨୦୧୭ ଅଗଷ୍ଟରେ ଯେଉଁ ଲିଜ୍‌ଧାରୀ ବିନା ପରିବେଶ ମଞ୍ଜୁରୀରେ ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି, ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଜରିମାନା ରାଶି ପଇଠ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ଏସ୍‌ଏମ୍‌ପିଏଲ୍ ସମେତ କେତେକ ଲିଜ୍‌ଧାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେତେ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି ତାହାର ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି (ସିଇସି)କୁ ଦାୟିତ୍ୱ ଦେଇଥିଲେ। ସିଇସି ରିପୋର୍ଟ ଅନୁଯାୟୀ, ସାରଦା ମାଇନ୍ସ ପରିବେଶ ମଞ୍ଜୁରୀ ଉଲ୍ଲଂଘନ କରି ୨୦୦୧-୦୨ରୁ ୨୦୧୦-୨୦୧୧ ମଧ୍ୟରେ ବେଆଇନ ଭାବେ ୧,୩୫,୩୪,୭୦୩ ଟନ୍ ଅଧିକ ଉତ୍ତୋଳନ କରିଥିଲା। ଏଥିପାଇଁ ସମ୍ପୃକ୍ତ ସଂସ୍ଥାକୁ ୯୩୩,୬୦,୭୯,୬୮୯ ଟଙ୍କା ଦେବାକୁ ଧାର୍ଯ୍ୟ କରାଯାଇଛି। ଜରିମାନା ରାଶି ପଇଠ କରି ଖଣିକାର୍ଯ୍ୟ ଆରମ୍ଭ କରିବା ନେଇ ରାଜ୍ୟ ସରକାର କିମ୍ବା ସିଇସିଙ୍କର କୌଣସି ଆପତ୍ତି ନ ଥିବା କୋର୍ଟ ଉଲ୍ଲେଖ କରିଛନ୍ତି। ଖଣି ବନ୍ଦ ଦ୍ୱାରା ବହୁ କ୍ଷତି ହେବା ସହ ଲିଜ୍ ଅବଧି ପୂରିବାକୁ ଆଉ ୬ ମାସ ବାକିଥିବାରୁ ପୁଣି କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦେବା ସକାଶେ ଏସ୍‌ଏମ୍‌ପିଏଲ୍ କୋର୍ଟଙ୍କୁ ଆବେଦନ କରିଛି।

ସୂଚନାଯୋଗ୍ୟ, ସାରଦା ମାଇନ୍ସ କେନ୍ଦୁଝର ଜିଲାର ଠାକୁରାଣୀ ଲୁହାପଥର ଖଣି ଲିଜ୍ ନେଇଛି। ବେଆଇନ ଉତ୍ତୋଳନ ପାଇଁ ଏହି ଖଣିକୁ ୨୦୧୪ ମାର୍ଚ୍ଚରୁ ବନ୍ଦ କରିଦିଆଯାଇଛି। ଉକ୍ତ ଖଣିକୁ ଚାଲୁ କରିବାକୁ ଏସ୍‌ଏମ୍‌ପିଏଲ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏଥିସହିତ ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ସ ଲିମିଟେଡକୁ ୨୦୧୮ ଜାନୁୟାରୀ ପୂର୍ବରୁ ଖନନ ହୋଇଥିବା ଲୁହାପଥରକୁ ବିକ୍ରି କରିବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆସନ୍ତା ୩ ମାସରେ ସାରିବାକୁ ଶୀର୍ଷ ଅଦାଲତ କହିଛନ୍ତି। ଏଥିପାଇଁ ତଦାରଖ କର୍ତ୍ତୃପକ୍ଷଙ୍କୁ ଦୁଇ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ କହିଛନ୍ତି। ବିକ୍ରି ହେବାକୁ ଥିବା ଖଣିଜ ପଦାର୍ଥର ସମସ୍ତ ଅର୍ଥ ସ୍ପେଶାଲ ପର୍ପସ ଭେହିକିଲ (ଏସ୍‌ପିଭି)ରେ ଜମା ଦେବାକୁ ଉକ୍ତ ସଂସ୍ଥାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣି ଖନନ ପାଇଁ ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ୍ସ ଲିମିଟେଡକୁ ଜରିମାନା ବାବଦରେ ୯୨୪,୭୫,୨୪,୨୮୩ ଟଙ୍କା ଜମା ଦେବାକୁ ନୋଟିସ ଜାରି କରାଯାଇଥିଲା। ଜରିମାନା ରାଶି ପଇଠ ନ କରିବାରୁ ଉକ୍ତ ସଂସ୍ଥାର ରଏଡା-୧ ଲୁହାପଥର ଖଣିକୁ ୨୦୧୮ ଜାନୁୟାରୀରୁ ବନ୍ଦ କରିଦିଆଯାଇଥିଲା। ଏହି ଖଣିରୁ ଉକ୍ତ କମ୍ପାନୀ ୨୩,୫୧,୦୨୭.୮୩ ଟନ ଲୁହାପଥର ଉତ୍ତୋଳନ କରି ବିକ୍ରି କରିବା ସହ ନିଜର ଇସ୍ପାତ ପ୍ଲାଣ୍ଟ ପାଇଁ ଡିସ୍‌ଚାର୍ଜ ପଏଣ୍ଟରେ ଗଦା କରି ରଖିଥିଲା।

## ଜାତିଭିତ୍ତିକ ଜନଗଣନା

# କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ

### ଏସ୍‌ଇବିସିଙ୍କ ପାଇଁ ରହୁ ସ୍ୱତନ୍ତ୍ର ଗଣନା ବ୍ୟବସ୍ଥା

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ରାଜ୍ୟରେ ସାମାଜିକ-ଆର୍ଥିକ ଦୃଷ୍ଟିକୋଣକୁ ବିଚାର କରି ଜନସଂଖ୍ୟାର ଗଣନା କରାଯାଉ। ୨୦୨୧ ଜନଗଣନା ଫର୍ମରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଭଳି ସାମାଜିକ ଆର୍ଥିକ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହୁ। ଏହି ମର୍ମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଗତ ୧୩ ତାରିଖରେ ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବ ରାଜୀବ ଗୌବଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠି ଲେଖାଯିବାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଚଳିତ ମାସ ୧୧ରେ ରାଜ୍ୟ କ୍ୟାବିନେଟ୍ ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ଗୃହୀତ କରିସାରିଛି।

ଚିଠିରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଏସ୍‌ଇବିସିଙ୍କ ସଂଖ୍ୟା ଗଣନା ପାଇଁ ଜନଗଣନା ଫର୍ମରେ ସ୍ୱତନ୍ତ୍ର ବ୍ୟବସ୍ଥା ରହୁ। ଶେଷଥର ପାଇଁ ୧୯୩୧ରେ ଜାତିଭିତ୍ତିକ ଜନଗଣନା କରାଯାଇଥିଲା। ବର୍ତ୍ତମାନ ସମୟରେ ସବୁବର୍ଗର ପରିସଂଖ୍ୟାନ ଠିକ୍ ନ ଥିବାରୁ ଏଭଳି ଜନଗଣନାର ଆବଶ୍ୟକତା ରହିଛି। ରାଜ୍ୟରେ ଓବିସି ଏବଂ ଏସ୍‌ଇବିସିଙ୍କ ପ୍ରକୃତ ସଂଖ୍ୟା ଜଣାପଡ଼ିବା ଦ୍ୱାରା ସେମାନଙ୍କ ପାଇଁ ଯୋଜନା ପ୍ରଣୟନରେ ସହାୟକ ହେବ। ଏହା ଦ୍ୱାରା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସହ ପ୍ରଗତି ହୋଇପାରିବ। ତେଣୁ ଆଗାମୀ ୨୦୨୧ ଜନଗଣନାରେ ଏସ୍‌ଇବିସି ଏବଂ ଓବିସିଙ୍କ ସଂଖ୍ୟା ଗଣତି ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଅସିତ୍ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାଧାରଣ ବିଜ୍ଞାନ (GENERAL SCIENCE)

**ବୈଦ୍ୟୁତିକ ଉପକରଣଗୁଡ଼ିକର ନାମ :**

(a) 0.5m ଦୈର୍ଘ୍ୟର ନିକ୍ରୋମ ତାର xy,
(b) ଗୋଟିଏ ଏମିଟର (A), (c) ଗୋଟିଏ ଭୋଲ୍ଟମିଟର (V),
(d) 1.5V ବିଶିଷ୍ଟ 4 ଟି ସେଲ୍

**କାର୍ଯ୍ୟକାରିତା :**

କ୍ରମାନ୍ୱୟରେ ଗୋଟିଏ, ଦୁଇଟି, ତିନୋଟି ଏବଂ ଚାରୋଟି ସେଲ୍ ବ୍ୟବହାର କରି, ଏମିଟରରୁ ବିଦ୍ୟୁତ୍ ସ୍ରୋତର ମୂଲ୍ୟାଙ୍କ ଏବଂ ଭୋଲ୍ଟମିଟରରୁ ନିକ୍ରୋମ ତାରର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତର V ର ମୂଲ୍ୟାଙ୍କ ପଢ଼ି ଲେଖି ରଖାଯାଏ।

**13.(A) ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ ନ ହେବାର କାରଣ –**

(i) ନାଇଟ୍ରିକ୍ ଏସିଡ୍ ଏକ ସବଳ ଜାରକ। ଧାତୁମାନଙ୍କ ସହ ପ୍ରତିକ୍ରିୟା ଦ୍ୱାରା ଉତ୍ପନ୍ନ ହାଇଡ୍ରୋଜେନ୍ ଗ୍ୟାସ୍ ଏହାଦ୍ୱାରା ଜାରିତ ହୋଇ ଜଳ ସୃଷ୍ଟି ହୁଏ।

(ii) ଏହି ପ୍ରତିକ୍ରିୟା ବେଳେ ନାଇଟ୍ରିକ୍ ଏସିଡ୍‌ର ବିଜାରଣ ଘଟି କୌଣସି ନାଇଟ୍ରୋଜେନ୍ ଅକ୍ସାଇଡ୍ $N_2O$, NO କିମ୍ବା $NO_2$ ସୃଷ୍ଟି ହୁଏ।

**କିମ୍ବା,**

(i) ଏଲୁମିନିୟମ୍ ଏକ ଆତ୍ମସୁରକ୍ଷାକାରୀ ଧାତୁ । କାରଣ ଏହି ଧାତୁ ବାୟୁରେ ରହିଲେ ଏହା ଉପରେ ଅକ୍ସାଇଡ୍‌ର ଏକ ପତଳା ଆବରଣ ସୃଷ୍ଟି ହୁଏ ଯାହାକି ଧାତୁକୁ ସଂକ୍ଷାରଣରୁ ରକ୍ଷାକରେ।

(ii) ସଂକ୍ଷାରଣକୁ ପ୍ରତିରୋଧ କରିବାପାଇଁ ଅକ୍ସାଇଡ୍ ଆବରଣକୁ ମୋଟା କରାଯାଏ । ଧାତବ ପୃଷ୍ଠରେ ମୋଟା ଅକ୍ସାଇଡ୍ ଆସ୍ତରଣ ସୃଷ୍ଟି କରିବା ପଦ୍ଧତିକୁ ଏନୋଡାଇଜିଙ୍ଗ୍ କୁହାଯାଏ।

**(B)** ଯେଉଁ ଯୌଗିକଗୁଡ଼ିକର ଏକା ଅଣୁ ସଂକେତ ଥାଏ, କିନ୍ତୁ ଅଣୁ ଭିତରେ ପରମାଣୁ ସଜ୍ଜା ପୃଥକ୍ ହୋଇଥାଏ, ସେହି ଯୌଗିକଗୁଡ଼ିକୁ ସଂରଚନାତ୍ମକ ଆଇସୋମୋର କୁହାଯାଏ। **ଉଦାହରଣ–**



ଏହି ଉଭୟ ସଂରଚନାର ସଂକେତ $C_4H_{10}$ , କିନ୍ତୁ ଅଣୁ ଭିତରେ ପରମାଣୁ ସଜ୍ଜା ଭିନ୍ନ।

**କିମ୍ବା,**

(i) ଆମେ ଜାଣୁ ଯେ କୌଣସି ପରିବାହୀ କିମ୍ବା ବିଦ୍ୟୁତ୍ ଉପାଂଶର ଦୁଇପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତର (V) ସେଥିରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ (I) ସହ ସମାନୁପାତୀ।

(ii) ତେଣୁ ବିଭବାନ୍ତର ଅଧା ହେଲେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ମଧ୍ୟ ଅଧା ହେବ।

**(C)** (i) ଏକ ବିଦ୍ୟୁତ୍ ପ୍ରବାହୀ ତାରକୁ ଡାହାଣ ହାତରେ ଏପରି ମୁଠାଇ ଧରାଯାଉ ଯେପରି ବୃଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ତାରସହ ସମାନ୍ତର ହୋଇ ରହିବ ଏବଂ ଅନ୍ୟ ଆଙ୍ଗୁଳିଗୁଡ଼ିକ ତାର ଚାରିପଟେ ଘେରିହୋଇ ରହିବ।

(ii) ବୃଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ରହିଲେ ଆଙ୍ଗୁଳିଗୁଡ଼ିକର ଟିପ ଚୁମ୍ବକୀୟ କ୍ଷେତ୍ରର ଦିଗ ନିର୍ଦ୍ଦେଶ କରିବ।

**କିମ୍ବା,**

(i) ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ, (ii) କୁଣ୍ଡଳୀର ଘେରସଂଖ୍ୟା
(iii) କୁଣ୍ଡଳୀ ଓ ଚୁମ୍ବକ ମଧ୍ୟରେ ଆପେକ୍ଷିକ ଗତି
(iv) ପରିବାହୀର ପ୍ରତିରୋଧପ୍ରତି ପ୍ରତିଲୋମାନୁପାତୀ

**(D)** **ଅର୍ଦ୍ଧଧାତୁ :** ଯେଉଁ ମୌଳିକଗୁଡ଼ିକ ଉଭୟ ଧାତୁ ଓ ଅଧାତୁର କେତେକ ଗୁଣ ପ୍ରଦର୍ଶନ କରିଥା'ନ୍ତି, ସେଗୁଡ଼ିକୁ ଅର୍ଦ୍ଧଧାତୁ ବା ଉପଧାତୁ କୁହାଯାଏ।
ଉଦାହରଣ: ବୋରନ୍, ସିଲିକନ୍, ଜର୍ମାନିୟମ୍, ଆର୍ସେନିକ୍, ଆଣ୍ଟିମୋନି, ଟେଲ୍ୟୁରିୟମ୍, ପୋଲନିୟମ୍।

**କିମ୍ବା,**

(i) କାର୍ବନ ପରମାଣୁ $C^{4+}$ କାଟାୟନ୍ ସୃଷ୍ଟି କରିବାକୁ ଚାରୋଟି ଇଲେକ୍‌ଟ୍ରନ୍ ତ୍ୟାଗ କରନ୍ତା। କିନ୍ତୁ କାର୍ବନ ନ୍ୟୁକ୍ଲିୟସ୍‌ରୁ 4 ଟି ଇଲେକ୍‌ଟ୍ରନ୍‌କୁ ଅପସାରଣ କରିବା ପାଇଁ ବହୁତ ଅଧିକ ଶକ୍ତି ଆବଶ୍ୟକ।

(ii) ଏହା $C^{4-}$ ଏନାୟନ ସୃଷ୍ଟି କରିବାକୁ ଚାରୋଟି ଇଲେକ୍‌ଟ୍ରନ୍ ଗ୍ରହଣ କରନ୍ତା। କିନ୍ତୁ 6 ଟି ପ୍ରୋଟନ ଥିବା ନ୍ୟୁକ୍ଲିୟସ୍ ପାଇଁ ଅଧିକ 4 ଟି ଇଲେକ୍‌ଟ୍ରନ୍‌କୁ ଆୟତ୍ତରେ ରଖିବା କଷ୍ଟକର ହେବ।

**14. (A)** ଆଲୋକଶ୍ଳେଷଣ ଏକ ଜୈବ ରାସାୟନିକ ପ୍ରକ୍ରିୟା ଯାହାଦ୍ୱାରା ସବୁଜ ଉଦ୍ଭିଦ ସୂର୍ଯ୍ୟାଲୋକ ଓ କ୍ଲୋରୋଫିଲ୍ ଉପସ୍ଥିତିରେ ଅଙ୍ଗାରକାମ୍ଳ ଓ ଜଳକୁ କଞ୍ଚାମାଲ ରୂପେ ଉପଯୋଗ କରି ଶର୍କରାଜାତୀୟ ଖାଦ୍ୟ ପ୍ରସ୍ତୁତ କରେ।

$$6CO_2+12H_2O \xrightarrow[\text{କ୍ଲୋରୋଫିଲ୍}]{\text{ଆଲୋକ ଶକ୍ତି}} C_6H_{12}O_6+6HO_2+6O_2$$

ଆଲୋକଶ୍ଳେଷଣ ଦୁଇଟି ପର୍ଯ୍ୟାୟରେ ସମ୍ପାଦିତ ହୁଏ; ଯଥା- ଆଲୋକ ପ୍ରକ୍ରିୟା ଓ ଅନ୍ଧକାର ପ୍ରକ୍ରିୟା।

**ଆଲୋକ ପ୍ରକ୍ରିୟା :**

ଆଲୋକ ପ୍ରକ୍ରିୟା ଏକ ଆଲୋକ ରାସାୟନିକ ପର୍ଯ୍ୟାୟ ଅଟେ। ଏହି ପ୍ରକ୍ରିୟା ହରିତ୍‌ଲବକରେ ଥିବା ଗ୍ରାନାରେ ସମ୍ପାଦିତ ହୁଏ। ଏହି ପ୍ରକ୍ରିୟା ନିମ୍ନସ୍ଥ ଚାରୋଟି ସୋପାନଦେଇ ସଂପୂର୍ଣ୍ଣ ହୁଏ।

(i) **ପ୍ରଥମ ସୋପାନ** : କ୍ଲୋରୋଫିଲ୍‌ର ଉତ୍ତେଜିତକରଣ :
କ୍ଲୋରୋଫିଲ୍ ସୂର୍ଯ୍ୟର ଆଲୋକ ଶକ୍ତି ଶୋଷଣ କରି ଉତ୍ତେଜିତ ହୁଏ ଏବଂ ରାସାୟନିକ ଶକ୍ତିକୁ ରୂପାନ୍ତରିତ ହୁଏ।

(ii) **ଦ୍ୱିତୀୟ ସୋପାନ** : ADP ରୁ ATP ଗଠନ :
ଆଡ଼େନୋସିନ୍ ଡାଇଫସ୍‌ଫେଟ୍ (ADP) ଓ ଅଜୈବ ଫସ୍‌ଫେଟ୍‌ରୁ ଆଡ଼େନୋସିନ୍ ଟ୍ରାଇଫସ୍‌ଫେଟ୍ (ATP) ସଂଶ୍ଳେଷିତ ହୁଏ। ଅନ୍ଧକାର ପ୍ରକ୍ରିୟାରେ ATP ବ୍ୟବହୃତ ହୁଏ। ADP+Pi + ଶକ୍ତି → ATP

(iii) **ତୃତୀୟ ସୋପାନ** : ଜଳ ଅଣୁର ବିଭାଜନ :
ଆଲୋକ ଶକ୍ତିଦ୍ୱାରା ଜଳ ଅଣୁ ବିଭାଜିତ ହୋଇ ଅମ୍ଳଜାନ ଗ୍ୟାସ୍ ($O_2$) ଓ ଉଚ୍ଚ କ୍ରିୟାଶୀଳ ଉଦ୍‌ଜାନ ଆୟନ ($H^+$) ଉତ୍ପନ୍ନ ହୁଏ। ଏହାକୁ ଜଳର ଆଲୋକ ବିଶ୍ଳେଷଣ କୁହାଯାଏ। ଅମ୍ଳଜାନ ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ ଓ ଉଦ୍‌ଜାନ ଆୟନ ଅନ୍ଧକାର ପ୍ରକ୍ରିୟାରେ ଗ୍ଲୁକୋଜ୍‌କୁ ବିଜାରିତ ହୁଏ।

(iv) **ଚତୁର୍ଥ ସୋପାନ** : NADP ର NADPH କୁ ବିଜାରଣ :
ଜଳ ଅଣୁର ବିଭାଜନରେ ଉଦ୍‌ଜାନ ଆୟନ୍ ($H^+$) ମୁକ୍ତହୋଇ NADP ଅଣୁକୁ NADPH ରେ ବିଜାରିତ କରିଥାଏ।

**କିମ୍ବା,**

ଜୀବକୋଷର ସମବିଭାଜନ/ସୂତ୍ରାୟନ ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ହୋଇଥାଏ। (1) ନ୍ୟଷ୍ଟି ବିଭାଜନ (2) କୋଷରସ ବିଭାଜନ। ନ୍ୟଷ୍ଟି ବିଭାଜନର ଚାରୋଟି ଅବସ୍ଥା ରହିଥାଏ; ଯଥା - ଆଦ୍ୟାବସ୍ଥା, ମଧ୍ୟାବସ୍ଥା, ଉତ୍ତରାବସ୍ଥା ଓ ଅନ୍ତିମାବସ୍ଥା।

(i) **ଆଦ୍ୟାବସ୍ଥା** – କ୍ରୋମାଟିନ୍ ଜାଲିକା ଦେଖାଯାଏ, କ୍ରମେ ସ୍ଥୂଳରୂପ ହୋଇ ନିର୍ଦ୍ଦିଷ୍ଟ ଗୁଣସୂତ୍ର ରୂପେ ଦେଖାଯାଏ, ଗୁଣସୂତ୍ର ଅନୁଲମ୍ବଭାବେ ବିଭାଜିତ ହୋଇ ଗୁଣସୂତ୍ର କେନ୍ଦ୍ରଠାରେ ଲାଗିରହିଥାଏ। ନ୍ୟଷ୍ଟି ଓ ନ୍ୟଷ୍ଟିଝିଲ୍ଲୀ ଅଦୃଶ୍ୟ ହୁଏ। ସେଣ୍ଟ୍ରୋଜୋମ୍ ଦୁଇଭାଗରେ ବିଭକ୍ତ ହୋଇ ଦୁଇମେରୁକୁ ଗତିକରେ; ଦୁଇମେରୁ ଅଞ୍ଚଳରେ ତର୍କୁତନ୍ତୁ ଗଠନ ପ୍ରକ୍ରିୟା ଆରମ୍ଭ ହୁଏ।

(ii) **ମଧ୍ୟାବସ୍ଥା** – ଗୁଣସୂତ୍ରଗୁଡ଼ିକ କୋଷର ମଧ୍ୟସମତଳକୁ ଆସିଥା'ନ୍ତି, ମେରୁସ୍ଥିତ ତର୍କୁତନ୍ତୁ କ୍ରମଶଃ ବର୍ଦ୍ଧିତ ହୋଇ ପ୍ରତ୍ୟେକ ଗୁଣସୂତ୍ର କେନ୍ଦ୍ରସହ ସଂଯୁକ୍ତ ହୁଅନ୍ତି।

(iii) **ଉତ୍ତରାବସ୍ଥା** – ପ୍ରତ୍ୟେକ ଗୁଣସୂତ୍ରର କେନ୍ଦ୍ର ବିଭାଜିତ ହୁଏ, ତର୍କୁତନ୍ତୁ ସଙ୍କୁଚିତ ହୋଇ ଗୁଣସୂତ୍ର କୋଣାକାର ବା 'V' ଆକାର ଧାରଣ କରେ।

(iv) **ଅନ୍ତିମାବସ୍ଥା** – ଅପତ୍ୟ ଗୁଣସୂତ୍ରଗୁଡ଼ିକ କୋଷର ଦୁଇମେରୁରେ ଜମାହୁଅନ୍ତି, ନ୍ୟଷ୍ଟିଝିଲ୍ଲୀ ସୃଷ୍ଟି ହୁଏ, ନିନ୍ୟଷ୍ଟି ସୃଷ୍ଟି ହୁଏ। ଗୁଣସୂତ୍ର ଅସ୍ପଷ୍ଟ ହୁଏ।

(v) **କୋଷଜୀବକ ବିଭାଜନ** – କୋଷପଟ୍ଟିକା ଦେଖାଯାଏ, କୋଷଜୀବକ ଦୁଇଭାଗରେ ବିଭକ୍ତ ହୋଇଥାଏ।

**(B)** (i) ମାନବ ସମେତ ସମସ୍ତ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ହୃତ୍‌ପିଣ୍ଡ 4 ପ୍ରକୋଷ୍ଠ ବିଶିଷ୍ଟ ଅଟେ ଓ ହୃତ୍‌ପିଣ୍ଡରେ ଅମ୍ଳଜାନଯୁକ୍ତ ଓ ଅମ୍ଳଜାନବିହୀନ ରକ୍ତର ଆଦୌ ମିଶ୍ରଣ ଘଟେ ନାହିଁ। ବାମପଟରେ ଅମ୍ଳଜାନଯୁକ୍ତ ରକ୍ତ ସଞ୍ଚାଳନ ହେଉଥିବାବେଳେ ଦକ୍ଷିଣପଟରେ ଅମ୍ଳଜାନବିହୀନ ରକ୍ତ ସଞ୍ଚାଳନ ହୋଇଥାଏ। ଏଥିସହ ମାନବର କୌଣସି ଅଂଶକୁ ରକ୍ତ ପ୍ରବାହିତ ହେବାପାଇଁ ରକ୍ତ ଦୁଇଥର ହୃତ୍‌ପିଣ୍ଡ ମଧ୍ୟଦେଇ ପ୍ରବାହିତ ହୋଇଥାଏ। ଏହିପ୍ରକାର ରକ୍ତ ସଞ୍ଚାଳନକୁ ଦ୍ୱୈତ ସଞ୍ଚାଳନ କୁହାଯାଏ।

**ରକ୍ତ ସଞ୍ଚାଳନ ପ୍ରକ୍ରିୟା :**

(ii) ଊର୍ଦ୍ଧ୍ୱ ମହାଶିରା ଓ ନିମ୍ନ ମହାଶିରା ମଧ୍ୟଦେଇ ଶରୀରରୁ ଅମ୍ଳଜାନବିହୀନ ରକ୍ତ ଆସି ଦକ୍ଷିଣ ଅଳିନ୍ଦରେ ପହଞ୍ଚେ। ଦକ୍ଷିଣ ଅଳିନ୍ଦରୁ ଏହା ତିନି ପାଖୁଡ଼ା ବିଶିଷ୍ଟ କପାଟିକା ମଧ୍ୟଦେଇ ଦକ୍ଷିଣ ନିଳୟ ମଧ୍ୟକୁ ପ୍ରବେଶ କରେ ଓ ଦକ୍ଷିଣ ନିଳୟରୁ ଏହା ଫୁସ୍‌ଫୁସ୍ ଧମନୀ ଦେଇ ଦୁଇ ଫୁସ୍‌ଫୁସ୍‌କୁ ଚାଲିଯାଏ ଏବଂ ଫୁସ୍‌ଫୁସ୍‌ରେ ହିଁ ରକ୍ତ ବିଶୋଧନ ହୋଇଥାଏ।

(iii) ଦୁଇ ଫୁସ୍‌ଫୁସ୍‌ରୁ ଅମ୍ଳଜାନଯୁକ୍ତ ରକ୍ତ ଫୁସ୍‌ଫୁସ୍ ଶିରା ମଧ୍ୟଦେଇ ବାମ ଅଳିନ୍ଦରେ ପହଞ୍ଚେ ଓ ବାମ ଅଳିନ୍ଦରୁ ଏହା ଦୁଇ ପାଖୁଡ଼ା ବିଶିଷ୍ଟ କପାଟିକା ମଧ୍ୟଦେଇ ମହାଧମନୀରେ ପ୍ରବେଶ କରେ।

(iv) ମହାଧମନୀ ଶାଖା ପ୍ରଶାଖାରେ ବିଭକ୍ତ ହୋଇ ଧମନୀ ଓ ରକ୍ତ କୈଶିକରେ ପରିଣତ ହୁଏ ଓ ପ୍ରତ୍ୟେକ ଜୀବକୋଷ ନିକଟକୁ ଅମ୍ଳଜାନଯୁକ୍ତ ରକ୍ତ ପହଞ୍ଚାଇଥାଏ।

(v) ଜୀବକୋଷ ରକ୍ତରୁ ଅମ୍ଳଜାନ ଓ ଆବଶ୍ୟକ ଉପାଦାନ ଗ୍ରହଣ କରିସାରିବା ପରେ ସେଠାରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ରକ୍ତ ମଧ୍ୟକୁ ଛାଡ଼ିଦିଏ ଓ ଏହା ପୁନର୍ବାର ରକ୍ତ କୈଶିକ ଓ ମହାଶିରା ମଧ୍ୟଦେଇ ହୃତ୍‌ପିଣ୍ଡକୁ ଫେରିଆସେ।

**କିମ୍ବା,**

(a) **ପ୍ରଥମ ନିୟମ:** ଶକ୍ତି ଗୋଟିଏ ରୂପରୁ ଅନ୍ୟ ରୂପକୁ ସ୍ଥାନାନ୍ତରିତ ହୋଇଥାଏ, କିନ୍ତୁ ଏହାର ବିଲୟ ଘଟେ ନାହିଁ କି ଏହା ସୃଷ୍ଟି ହୋଇପାରେ ନାହିଁ ।

(b) **ଦ୍ୱିତୀୟ ନିୟମ:** କୌଣସି କ୍ଷେତ୍ରରେ ଶକ୍ତିର ରୂପାନ୍ତରଣ ବା ସ୍ଥାନାନ୍ତରଣ ସଂପୂର୍ଣ୍ଣ ଭାବେ ହୋଇନଥାଏ । କିଛି ଶକ୍ତି ତାପ ରୂପେ ଅପସାରିତ ହୋଇଥାଏ ।

(c) ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କ ଠାରୁ ଆରମ୍ଭ ହୋଇ ଉତ୍ପାଦକ, ତୃଣଭୋଜୀ, ମାଂସାଶୀ କ୍ରମ - 1 ଓ 2 ତଥା ଶୀର୍ଷଭକ୍ଷକ ଠାରେ ଖାଦ୍ୟ ଜରିଆରେ ପହଞ୍ଚେ ।

(d) ଯେ କୌଣସି ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କ ଠାରୁ ସ୍ୱପୋଷୀ (ସବୁଜ ଉଦ୍ଭିଦ) ଏବଂ ତା'ପରେ ସମସ୍ତ ଭକ୍ଷକ ଓ ଅପଘଟକମାନଙ୍କ ଭିତରେ ସିଧାସଳଖ ଏକ ଦିଗରେ ହୋଇଥାଏ । ଶକ୍ତିର ପ୍ରବାହ ଅଣଚକ୍ରାକାର ବା ଏକତରଫା ।

(e) ଲିଣ୍ଡେମାନ ଶକ୍ତିର ପରିମାଣକୁ ଅଧ୍ୟୟନ କରି ଦଶପ୍ରତିଶତ ନିୟମ ପ୍ରଣୟନ କରିଛନ୍ତି ।

**ଶକ୍ତିର ପ୍ରବାହ :**

ଉତ୍ପାଦକ → ତୃଣଭୋଜୀ → ମାଂସାଶୀ(1) → ମାଂସାଶୀ(2)
(100 cal) (10 cal) (1 cal) (0.1 cal)
ଶେଷସ୍ତରରେ ସବୁଠାରୁ କମ୍ ଶକ୍ତି ମିଳିଥାଏ ।

**15.(A) ବାୟୁ ଉପଜୀବୀ ଶ୍ୱସନ**

(i) ଅମ୍ଳଜାନ ଆବଶ୍ୟକ।
(ii) ଜୀବନର ସମଗ୍ର ଜୀବନକାଳ ପର୍ଯ୍ୟନ୍ତ ଚାଲିଥାଏ।
(iii) କୋଷଜୀବକ ଓ ମାଇଟୋକଣ୍ଡ୍ରିଆରେ ସମ୍ପାଦିତ ହୋଇଥାଏ।
(iv) ଗ୍ଲୁକୋଜ୍‌ର ସଂପୂର୍ଣ୍ଣ ଜାରଣ ହୋଇଥାଏ।
(v) ଅଧିକ ଶକ୍ତି ଉତ୍ପନ୍ନ ହୋଇ 38ଟି ATP ଅଣୁ ଗଠନକରେ।
(vi) ଏହାର ଉତ୍ପାଦ ଅଙ୍ଗାରକାମ୍ଳ ଓ ଜଳ।

**ବାୟୁ ଅପଜୀବୀ ଶ୍ୱସନ**

(i) ଅମ୍ଳଜାନ ଅନାବଶ୍ୟକ।
(ii) ସ୍ୱଳ୍ପସମୟ ପାଇଁ ଚାଲିଥାଏ।
(iii) କେବଳ କୋଷ ଜୀବକରେ ସମ୍ପାଦିତ ହୁଏ।
(iv) ଗ୍ଲୁକୋଜ୍‌ର ଅସଂପୂର୍ଣ୍ଣ ଜାରଣ ହୋଇଥାଏ।
(v) କମ୍ ଶକ୍ତି ଉତ୍ପନ୍ନ ହୋଇ 2ଟି ATP ଅଣୁ ଗଠନକରେ।
(vi) ଏହାର ଉତ୍ପାଦ ଇଥାନଲ୍ ଓ ଅଙ୍ଗାରକାମ୍ଳ କିମ୍ବା ଲାକ୍‌ଟିକ୍ ଅମ୍ଳ।

**କିମ୍ବା,**

(i) ଉଦ୍ଭିଦର ଜୀବକୋଷ ଅଥବା ଟିସୁଗୁଡ଼ିକୁ ସ୍ୱତନ୍ତ୍ର ରୂପେ ସଙ୍ଗଠିତ ପୋଷକ ମାଧ୍ୟମ ଦ୍ୱାରା ବଢ଼ାଇ ଗୋଟିଏ ଜୀବକୋଷରୁ ଅନେକ ଜୀବକୋଷ ସୃଷ୍ଟି କରିବା ସହ ସେଥିରୁ ଗୋଟିଏ ଗୋଟିଏ ନୂତନ ଉଦ୍ଭିଦର ସୃଷ୍ଟିକୁ "ଟିସୁପୋଷଣ" କୁହାଯାଏ।

(ii) ଏହି ପଦ୍ଧତିରେ ଉତ୍ପନ୍ନ ପ୍ରାରମ୍ଭିକ ଟିସୁସମୂହକୁ ସାମଗ୍ରିକ ଭାବେ କାଲସ୍ କୁହାଯାଏ। କାଲସ୍‌ଗୁଡ଼ିକର ବୃଦ୍ଧି ଓ ବିଭେଦନ ପାଇଁ ପରେ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ହରମୋନ୍ ଥିବା ପୋଷକକୁ ସ୍ଥାନାନ୍ତର କରାଯାଏ। କାଲସର ଏହି ପୁନଃକର୍ଷଣରେ ସେଥିରୁ ଚାରା ଉଦ୍ଭିଦ ସୃଷ୍ଟି ହୁଏ। ଏହି ଚାରା ଉଦ୍ଭିଦକୁ ନିୟନ୍ତ୍ରଣାଧୀନ ପରିବେଶରେ ବଢ଼ିବାକୁ ଦିଆଯାଇ ସଂପୂର୍ଣ୍ଣ ଉଦ୍ଭିଦରେ ପରିଣତ କରାଯାଏ।

(iii) ଏହି ପ୍ରକ୍ରିୟାକୁ ମଧ୍ୟ ଅନ୍ତଃଅଣୁ ବଂଶବିସ୍ତାର କୁହାଯାଏ। ଆଜିକାଲି ଏହି ପଦ୍ଧତିରେ ଅସଂଖ୍ୟ ଉନ୍ନତି, ରୋଗଶୂନ୍ୟ ଚାରା ଉତ୍ପନ୍ନ କରାଯାଇ ଜଙ୍ଗଲ ସୃଷ୍ଟି, ବନୀକରଣ, ଫଳଚାଷ ଇତ୍ୟାଦି କରାଯାଉଛି।

**(B) ଅବଶେଷାଙ୍ଗ :**

(a) ଅନେକ ପ୍ରାଣୀଙ୍କ ଶରୀରରେ କିଛି ଅଙ୍ଗ, ଯାହା ଅତୀତରେ କାର୍ଯ୍ୟକ୍ଷମ ଥିଲା; ମାତ୍ର ପରିବେଶ ଅନୁଯାୟୀ ଚାଲିଚଳନରେ ପରିବର୍ତ୍ତନ ହେତୁ ଅକାମୀ ହୋଇ ଶରୀରରୁ ସଂପୂର୍ଣ୍ଣ ଅଦୃଶ୍ୟ ହେବା ପୂର୍ବରୁ କିଛି ଅଂଶ ରହିଯାଇଛି। ଏହାକୁ ଅବଶେଷାଙ୍ଗ କୁହାଯାଏ।

(b) ସାପ ଗାତ ଭିତରେ ଆଶ୍ରୟ ନେଲା ପରେ ତା'ର ଅବୟବର ଆବଶ୍ୟକତା ରହିଲା ନାହିଁ; ମାତ୍ର ଅଜଗରର ଅବୟବର କୌଣସି ଆବଶ୍ୟକତା ନଥିଲେ ମଧ୍ୟ କିଛି ଅବଶେଷ ରହିଛି।

(c) ତୃଣଭୋଜୀ ପ୍ରାଣୀଙ୍କଠାରେ ଆପେନଡିକ୍ସ କାର୍ଯ୍ୟକ୍ଷମ ଥିଲାବେଳେ ମଣିଷ ଶରୀରରେ ଏହା ଏକ ଅବଶେଷାଙ୍ଗ। ଏହା ବାଘ, ସିଂହ ପରି ମାଂସାଶୀ ପ୍ରାଣୀଙ୍କଠାରେ ଆଦୌ ନଥାଏ।

**କିମ୍ବା,**

(i) ପ୍ରଥମ ପର୍ଯ୍ୟାୟରେ ପ୍ରାଥମିକ ଡିମ୍ବାଣୁ କୋଷର ଅର୍ଦ୍ଧବିଭାଜନ ହୁଏ; ଫଳରେ 2ଟି ଅପତ୍ୟ କୋଷ ଜାତ ହୁଏ, ଯେଉଁଥିରେ ଅର୍ଦ୍ଧେକ ସଂଖ୍ୟକ (n) ଗୁଣସୂତ୍ର ରହିଥାଏ।

(ii) ଅପତ୍ୟ କୋଷ ଦୁଇଟିରେ କୋଷ ଜୀବକ ପରିମାଣ କମ୍‌ବେଶୀ ହେବାରୁ ଗୋଟିଏ କୋଷର ଆକାର ଅନ୍ୟ କୋଷଠାରୁ ଯଥେଷ୍ଟ ବଡ଼ ହୁଏ।

(iii) ବଡ଼ କୋଷଟିକୁ ଦ୍ୱିତୀୟକ ଡିମ୍ବାଣୁ କୋଷ କୁହାଯାଏ ଏବଂ ଛୋଟ କୋଷଟିକୁ ପ୍ରଥମ ପୋଲାର ବଡ଼ି କୁହାଯାଏ।

(iv) ଏହି ପ୍ରାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରେ ଦ୍ୱିତୀୟକ ଡିମ୍ବାଣୁ କୋଷ ଏବଂ ପ୍ରଥମ ପୋଲାର ବଡ଼ିର ସମବିଭାଜନ ହୋଇଥାଏ।

(v) ଯେଉଁ ଦୁଇଟି ଅପତ୍ୟ କୋଷ ଉତ୍ପନ୍ନ ହୁଏ, ସେମାନଙ୍କର ଆକାର ମଧ୍ୟ ଛୋଟ ବଡ଼ ହୋଇଥାଏ। ବଡ଼ କୋଷଟି ଡିମ୍ବାଣୁ ହୁଏ ଓ ସାନଟି ଦ୍ୱିତୀୟ ପୋଲାର ବଡ଼ି ହୁଏ।

(vi) ସେହିପରି ପ୍ରଥମ ପୋଲାର ବଡ଼ିର ବିଭାଜନ ଫଳରେ ଦୁଇଟି ଅତିରିକ୍ତ ପୋଲାର ବଡ଼ି ତିଆରି ହୁଏ। ପରିପକ୍ୱ ପ୍ରାବସ୍ଥାର ଶେଷରେ ଗୋଟିଏ ପ୍ରାଥମିକ ଡିମ୍ବାଣୁ କୋଷରୁ ଗୋଟିଏ ଡିମ୍ବାଣୁ ଓ ତିନୋଟି ପୋଲାର ବଡ଼ି ତିଆରି ହୁଏ।

**(C)** ଗୋବର ଗ୍ୟାସ୍ ପ୍ଲାଣ୍ଟ୍




(ଗୋବର ଗ୍ୟାସ୍ ପ୍ଲାଣ୍ଟ)

**କିମ୍ବା,**




(ମସ୍ତିଷ୍କର ବିଭିନ୍ନ ଅଂଶ ଓ ଏକ ପାର୍ଶ୍ୱର ଦୃଶ୍ୟ)

**16.(A)** (i) ପାକସ୍ଥଳୀରେ ପୁଷ୍ଟିସାର ସରଳ ପ୍ରୋଟିଓଜ୍ ଓ ପେପ୍‌ଟୋନ୍‌ରେ ପରିଣତ ହୁଏ।

(ii) ଖାଦ୍ୟ ମଣ୍ଡ ଲବଣାମ୍ଳ ଦ୍ୱାରା ବ୍ୟାକ୍ଟେରିଆ ମୁକ୍ତ ହୋଇଥାଏ।

**କିମ୍ବା,**

(i) ବେଙ୍ଗ ଲାର୍ଭାବସ୍ଥାରେ ଗାଲିଦ୍ୱାରା ଶ୍ୱାସକ୍ରିୟା କରେ ଏବଂ
(ii) ଶୀତସୁପ୍ତି ସମୟରେ ଚର୍ମଦ୍ୱାରା ଶ୍ୱାସକ୍ରିୟା କରେ।

**(B)** (i) ଉଦ୍ଭିଦର ସଂବାହୀ ଟିସୁ ହେଲା ଜାଇଲେମ୍ ଓ ଫ୍ଲୋଏମ୍।

(ii) ମୂଳଦ୍ୱାରା ଶୋଷିତ ଜଳ ଜାଇଲେମ୍‌ଦେଇ ଉଦ୍ଭିଦର ବିଭିନ୍ନ ଅଂଶକୁ ପରିବାହିତ ହୁଏ ଏବଂ ପତ୍ରରେ ପ୍ରସ୍ତୁତ ଖାଦ୍ୟ ଫ୍ଲୋଏମ୍‌ଦେଇ ଉଦ୍ଭିଦର ବିଭିନ୍ନ ଅଂଶକୁ ପରିବାହିତ ହୋଇଥାଏ।

**କିମ୍ବା,**

(i) ନେଫ୍ରନ୍‌ସହ ସଂଯୁକ୍ତ ହୋଇଥାଏ ଏଫରେଣ୍ଟ ଉପଧମନୀ ଯାହାକି ନେଫ୍ରନ୍‌ରେ ପ୍ରବେଶକଲାପରେ କୈଶିକନଳୀରେ ପରିଣତ ହୋଇଥାଏ ଓ ଏହି କୈଶିକ ପରସ୍ପରସହ ମିଶିଯାଇ ଇଫ୍‌ରେଣ୍ଟ ଉପଧମନୀ ଜାତ ହୁଏ।

(ii) ଏହି ଦୁଇ ଉପଧମନୀସହ ସଂଶ୍ଳିଷ୍ଟ କୈଶିକ ନଳୀର ଏହି ଗୁଚ୍ଛକୁ କୈଶିକ ଗୁଚ୍ଛ ବା ଗ୍ଲୋମେରୁଲସ୍ କୁହାଯାଏ।

**(C)** (i) ବେକର ତଳପାଖରେ ଶ୍ୱାସନଳୀର ଉଭୟପାର୍ଶ୍ୱରେ ଠିକ୍ ସ୍ୱରପେଟିକାର ପଛକୁ ରହିଛି। ଏଥିରୁ ଥାଇରକ୍‌ସିନ୍ ହରମୋନ୍ କ୍ଷରିତ ହୁଏ।

(ii) ଏହା ଶରୀରରେ ବିଭିନ୍ନ କୋଷର ଅମ୍ଳଜାନ ବିନିଯୋଗ କ୍ଷମତା ବଢ଼ାଏ; ଫଳରେ ଶରୀରରେ ଅଧିକ ଶକ୍ତି ସୃଷ୍ଟି ହୁଏ।

**କିମ୍ବା,**

(i) ଲିଙ୍ଗୀୟ ଜନନ ପ୍ରକ୍ରିୟାରେ ଯୁଗ୍ମକଗୁଡ଼ିକ ମିଳିତହୋଇ ଯୁଗ୍ମଜ ସୃଷ୍ଟିକରନ୍ତି। ଯୁଗ୍ମଜରୁ ନୂତନ ଉଦ୍ଭିଦ ବା ପ୍ରାଣୀଟିଏ ସୃଷ୍ଟି ହୋଇଥାଏ।

(ii) ଯୁଗ୍ମକଗୁଡ଼ିକ ପୁଂ ଯୁଗ୍ମକ (ଶୁକ୍ରାଣୁ, ପରାଗରେଣୁ) ବା ସ୍ତ୍ରୀ ଯୁଗ୍ମକ (ଡିମ୍ବାଣୁ) ଅଟନ୍ତି। ଏହି ପୁଂ ଯୁଗ୍ମକଗୁଡ଼ିକ ପ୍ରାୟତଃ ଛୋଟ ଓ ଗତିଶୀଳ ଏବଂ ସ୍ତ୍ରୀ ଯୁଗ୍ମକଗୁଡ଼ିକ ବଡ଼, ନିଷ୍କ୍ରିୟ ଓ ସ୍ଥିର।

**(D)** (i) ଦୁଇଯୋଡ଼ା ବିକଳ୍ପୀ ଗୁଣ ଏକସମୟରେ କିପରି ପରବର୍ତ୍ତୀ ପିଢ଼ିଗୁଡ଼ିକରେ ସଂରକ୍ଷିତ ହେଉଛି ତାହା ଜାଣିବାପାଇଁ ମେଣ୍ଡେଲ ଦ୍ୱିସଙ୍କରଣ ପରୀକ୍ଷଣ କରିଥିଲେ।

(ii) $F_2$ ପିଢ଼ିରେ ମିଳିଥିବା ଅନୁପାତର ଫଳାଫଳ 9:3:3:1 ଅଟେ।

**କିମ୍ବା,**

(i) ଜୀବକୋଷରେ ଦୁଇପ୍ରକାରର ଗୁଣସୂତ୍ର ଥାଏ; ଯଥା – ଲିଙ୍ଗ ଗୁଣସୂତ୍ର ବା ସେକ୍ସ କ୍ରୋମୋଜୋମ୍ ଏବଂ ଅଟୋଜୋମ୍। ସେକ୍ସ କ୍ରୋମୋଜୋମ୍ କୌଣସି ଜୀବର ଲିଙ୍ଗ ନିର୍ଦ୍ଧାରଣ କରିଥାଏ। ଡିମ୍ବାଣୁ ଓ ଶୁକ୍ରାଣୁ ମିଳିତ ହେବା ସମୟରେ ହିଁ ଲିଙ୍ଗ ନିର୍ଦ୍ଧାରିତ ହୋଇଥାଏ।

(ii) ମନୁଷ୍ୟର 23 ଯୋଡ଼ା ଗୁଣସୂତ୍ର ମଧ୍ୟରୁ 22 ଯୋଡ଼ା ଅଟୋଜୋମ୍ ଓ ଏକଯୋଡ଼ା ଲିଙ୍ଗ ଗୁଣସୂତ୍ର। ସ୍ତ୍ରୀଠାରେ ଲିଙ୍ଗ ଗୁଣସୂତ୍ର ଯୋଡ଼ାଟି ହେଉଛି 'XX' ଏବଂ ପୁରୁଷଠାରେ ଏହି ଯୋଡ଼ା 'X' ଓ 'Y' କୁ ନେଇ ଗଠିତ।

❑❑❑

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଜାନୁୟାରୀ, ୨୦୨୦



ଜାନୁୟାରୀ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପରୀକ୍ଷା ପେ ଚର୍ଚ୍ଚା'ରେ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍‌ବୋଧନ ଦେବେ। ପରୀକ୍ଷା ସମୟରେ କିପରି ଚିନ୍ତାମୁକ୍ତ ରହିବେ ଓ ପରୀକ୍ଷାରେ ସଫଳ ହେବେ ସେନେଇ ପ୍ରଧାନମନ୍ତ୍ରୀ ସେମାନଙ୍କୁ ବତାଇବେ। ପୂର୍ବାହ୍ନ ୧୧ଟାରେ ମୋଦି ଏନେଇ ଚର୍ଚ୍ଚା ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଦେଶର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଏନେଇ ଆଲୋଚନା କରିଥିବା ରିପୋର୍ଟରେ ଜଣାପଡ଼ିଛି।



## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଖେଳବେଳେ ଚାଲିଗଲା ଛାତ୍ରଙ୍କ ଜୀବନ

**ସୁନାବେଡ଼ା,୧୫।୧:** ମୃତ୍ୟୁ କେତେ ଅନିଶ୍ଚିତ, ତାହାର ଏକ ନମୁନା ବୁଧବାର ଦେଖିବାକୁ ମିଳିଛି। କ୍ରିକେଟ୍ ଖେଳୁଥିବା ବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଜଣେ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ବିଭାଗର ପ୍ରଥମ ବର୍ଷ ଛାତ୍ର ଥିଲେ ଭରତ ହରିଜନ (୨୨)। ବୁଧବାର ଅପରାହ୍ନରେ ୟୁନଭର୍ସିଟି ଗ୍ରାଉଣ୍ଡରେ କ୍ରିକେଟ୍ ଖେଳ ଚାଲିଥିଲା। ଫିଲ୍ଡିଂ କରୁଥିବା ଭରତ ଦୌଡ଼ିବା ବେଳେ ପଡ଼ିଯାଇ ଅଚେତ୍ ହୋଇଯାଇଥିଲେ। ତାଙ୍କୁ ସୁନାବେଡ଼ା ମ୍ୟୁନିସପାଲିଟି ହସ୍‌ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳୁ ସେ ଅସୁସ୍ଥ ଥିବା ସାଙ୍ଗସାଥୀ କହିଛନ୍ତି। ଭରତଙ୍କ ଘର ନବରଙ୍ଗପୁର ଜିଲା ରାଇଘର ବ୍ଲକ ରେଙ୍ଗାପାଲି ଗାଁ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଛି। ଭରତଙ୍କ ପରିବାର ଲୋକେ ମଧ ଡାକ୍ତରଖାନା ପହଞ୍ଚୁଥିବା ଜଣାପଡ଼ିଛି। ସୁନାବେଡ଼ା ଥାନାରେ ଏନେଇ କେସ୍ ନଂ ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କିରୋସିନ ଢାଳି ସ୍ତ୍ରୀଙ୍କୁ ଜାଳିଦେବା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ଗାଇସିଲେଟ୍,୧୫।୧(ଡି.ଏନ.ଏ.):** ବରଗଡ଼ ଜିଲା ଗାଇସିଲେଟ୍ ଥାନା ଅନ୍ତର୍ଗତ ବାଞ୍ଛାନଗର(ବେରିପାଲି)ରେ ବୁଧବାର ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀ ଆତ୍ମହତ୍ୟା କରିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଇସିଲେଟ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ବାଞ୍ଛାନଗର(ବେରିପାଲି) ଗ୍ରାମର ମହେଶ୍ୱର ସାହୁ(୫୩) ତାଙ୍କ ସ୍ତ୍ରୀ ସୁଚିତ୍ରା ଏବଂ ଦୁଇଝିଅ ସାଗରୀକା(୧୫) ଓ ମିଷ୍ଟା(୬)ଙ୍କୁ ନେଇ ପରିବାର। ତେବେ ୨ଝିଅକୁ ଧରି ସୁଚିତ୍ରା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଭଡା ଘରେ ରହୁଥିଲେ । ବୁଧବାର ପୂର୍ବାହ୍ନରେ ସେ ୨ ଝିଅଙ୍କ ସହିତ ବାଞ୍ଛାନଗର ଆସିଥିଲେ। ହେଲେ ସ୍ୱାମୀ ସ୍ତ୍ରୀଙ୍କ ମଧରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମହେଶ୍ୱର ଏକ ଠେଙ୍ଗାରେ ସୁଚିତ୍ରାଙ୍କୁ ପିଟି ଦେଇଥିଲେ। ଏଥିରେ ସୁଚିତ୍ରାଙ୍କର ମୃତ୍ୟୁ ଘଟିଥିଲା।

## ■ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ

# ଖଣି ଜରିମାନା, ବକେୟା ଟିକସ ଆଦାୟ ଉପରେ ଗୁରୁତ୍ୱ

## ବଜେଟରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ: ଅର୍ଥମନ୍ତ୍ରୀ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟ ସରକାର ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କ୍ରମରେ ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ କହିଛନ୍ତି ଯେ, ବଜେଟ ଅର୍ଥ ଯୋଗାଡ଼ କରିବା ପାଇଁ ସରକାର ବେଆଇନ ଖଣି ଲିଜ୍‌ଧାରୀଙ୍କଠାରୁ ଜରିମାନା ଅର୍ଥ ଆଦାୟକୁ କଡ଼ାକଡ଼ି କରିବା ଦରକାର। ୬୮ ହଜାର କୋଟି ଜରିମାନା ରାଶିରୁ ମାତ୍ର ୧୭ ହଜାର କୋଟି ଟଙ୍କା ଆଦାୟ କରାଯାଇଛି।

ଏ ଦିଗରେ ସରକାର ଅଧିକ କ୍ରିୟାଶୀଳ ହେବା ଜରୁରୀ। ଏଥିସହିତ ନିଲାମ ଅପେକ୍ଷାରେ ଥିବା ଖଣିଗୁଡିକର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦରକାର। ଦୀର୍ଘଦିନ ଧରି ବାକି ରହିଥିବା ଜଳକର, ବିଦ୍ୟୁତ୍ ଶୁଳ୍କ ଏବଂ ଅନ୍ୟାନ୍ୟ ଟିକସ ଆଦାୟ ଉପରେ ସରକାର ଗୁରୁତ୍ୱ ଦେବାକୁ ଘଡ଼େଇ ପରାମର୍ଶ ଦେଇଛନ୍ତି।



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ।

ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ପ୍ରସ୍ତୁତି ବୈଠକରେ ଯୋଗଦେଇ ବଜେଟ ପରିଚାଳନା ଏବଂ ଆର୍ଥିକ ଶୃଙ୍ଖଳା ସହ ଟିକସ ଆଦାୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବିଦ୍ୟୁତ୍ ବିଲ୍ ଆଦାୟ ବ୍ୟବସ୍ଥା ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ସେ ମତ ଦେଇଛନ୍ତି। ବଜେଟ ପ୍ରସ୍ତୁତ ପୂର୍ବରୁ ୧୫୦୦ ଲୋକ ନିଜର ମତାମତ ଦେଇଛନ୍ତି। ସେହି ମତାମତକୁ ଆଧାର କରି ବଜେଟ ପ୍ରସ୍ତୁତ କରାଯିବ ବୋଲି ଅର୍ଥମନ୍ତ୍ରୀ ପୂଜାରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧.୩୯ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ଚଳିତ ବର୍ଷ ଏହା ଦେଢ଼ଲକ୍ଷ କୋଟିକୁ ଟପିଯିବା ନେଇ ଆକଳନ କରାଯାଉଛି। ଆନ୍ତର୍ଜାତିକସ୍ତରରେ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ମଧ ବଜେଟ ଉପରେ ପଡ଼ିବା ସମ୍ଭାବନା ରହିଛି। ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଆଶାନୁରୂପ ହେଉନାହିଁ। ତେବେ ୨୦୧୯ ଡିସେମ୍ବର ସୁଦ୍ଧା ୨୯ ପ୍ରତିଶତ ଅଧିକ ଜିଏସ୍‌ଟି ଆଦାୟ ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ରହିଛି। ଖଣି କ୍ଷେତ୍ରରେ ମଧ ଆଶାନୁରୂପ ପ୍ରଗତି ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ଅର୍ଥନୀତି ବିଶାରଦଙ୍କ ସହ ପୂର୍ବତନ ଅର୍ଥମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଜିଲା ଚିଠି
## ସମ୍ବଲପୁର



### ଦ୍ୱିତୀୟ ସ୍ପିଲ୍‌ୱେ

ବୃହତ୍ ମାଟିବନ୍ଧ ହୀରାକୁଦର ସୁରକ୍ଷା ପାଇଁ ଦ୍ୱିତୀୟ ସ୍ପିଲ୍‌ୱେ ନିର୍ମାଣ କଥା ଉଠିଥିଲା। ୨୦୧୫ ଏପ୍ରିଲରେ ସେଣ୍ଟ୍ରାଲ ୱାଟର କମିଶନ (ସିଡବ୍ଲ୍ୟୁସି) ଓ ୱାର୍ଲ୍ଡ ବ୍ୟାଙ୍କର ଅଧିକାରୀମାନେ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବନ୍ୟାଜଳ ନିୟନ୍ତ୍ରଣ କରିବା ଲାଗି ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବିଶେଷ କରି ବନ୍ୟାଜଳ ନିଷ୍କାସନକୁ ସୁଚାରୁ ରୂପେ ପରିଚାଳନା କରିବା ଏହାର ଲକ୍ଷ୍ୟ ଥିଲା। ବନ୍ଧର ଲେଫ୍ଟ ଡାଇକରେ ଦ୍ୱିତୀୟ ସ୍ପିଲ୍‌ୱେ ନିର୍ମାଣ କରାଯାଉଛି। କମ୍ ସମୟ ମଧ୍ୟରେ ଅଧିକ ବନ୍ୟାଜଳ କିପରି ନିଷ୍କାସନ ହୋଇପାରିବ ସେ ଲକ୍ଷ୍ୟ ରହିଛି। ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ଏଥିପାଇଁ ୩୬୯.୫୯ କୋଟି ଟଙ୍କା ସହାୟତା ଦିଆଯାଇଛି। ୯୧ ମିଟର ଲମ୍ବ ଏହି ସ୍ପିଲୱେରେ ୪ଟି ସ୍ଲୁଇସ ଗେଟ୍ ରହିବ। ହୀରାକୁଦ ଡ୍ୟାମରେ ଥିବା ସ୍ଲୁଇସ ଗେଟ୍‌ରେ ୯୮ ଗେଟ ରହିଛି, ସେଥିରେ ପ୍ରତି ସେକେଣ୍ଡରେ ପ୍ରାୟ ୧୫ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ହେଲେ ଜଳ ନିଷ୍କାସନ କ୍ଷମତା ୧୮ ଲକ୍ଷ କ୍ୟୁସେକରେ ପହଞ୍ଚିବ। ଇତିମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାମ ଆରମ୍ଭ ହୋଇଛି। ହେଲେ କାମ ମନ୍ଥର ଗତିରେ ଚାଲିଛି। ଦ୍ୱିତୀୟ ସ୍ପିଲ୍‌ୱେ ନିର୍ମାଣ ଯୋଗୁ ବିସ୍ଥାପିତ ପରିବାରକୁ ଏ ପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। କ୍ଷତିପୂରଣ ରାଶି ମିଳିନାହିଁ। ଆରମ୍ଭରୁ ଏହି ପ୍ରକଳ୍ପକୁ ସ୍ଥାନୀୟ କେବୁଲ କଲୋନୀ, ପ୍ରେସ୍ ନଗର, ରିଂରୋଲି ମିଲ, ଫାଷ୍ଟ କ୍ୟାମ୍ପ, ଗାନ୍ଧୀନଗର ଓ ଲକ୍ଷ୍ମୀନଗର ବାସିନ୍ଦା ବିରୋଧ କରୁଥିଲେ। ମୋଟ ବିସ୍ଥାପିତ ୧୪୧୫ ପରିବାର ସଦସ୍ୟ ଆନ୍ଦୋଳନ କରି ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ୨ ଡିସିମିଲ ଜମି ସହ ଘର ନିର୍ମାଣ ପାଇଁ ୩ ଲକ୍ଷ ୮୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ସ୍ଥିର ହୋଇଥିଲା। ପ୍ରଥମେ କ୍ଷତିପୂରଣ ଓ ଥଇଥାନ କଲାପରେ କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ସେହି ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ପୂରଣ ହୋଇ ନ ଥିବା ଅଭିଯୋଗ ହେଉଛି। ଏବେ ବିସ୍ଥାପିତମାନେ କୁଆଡେ ଯିବେ ସେ ନେଇ ଚିନ୍ତା ବଢ଼ିଛି। ରହିବା ପାଇଁ ଘର ନାହିଁ କି ଜମି ଖଣ୍ଡିଏ ନାହିଁ। ପ୍ରାୟ ୧୫୦ ପରିବାରଙ୍କର ବିସ୍ଥାପିତ ତାଲିକାରେ ନାମ ନାହିଁ। ୭୦ ବର୍ଷ ପୂର୍ବରୁ ହୀରାକୁଦ ଡ୍ୟାମ ନିର୍ମାଣ ସମୟରେ ଉପରୋକ୍ତ ପରିବାର ବିସ୍ଥାପିତ ହୋଇଥିଲେ। ଆଜି ପର୍ଯ୍ୟନ୍ତ ଅଧିକାଂଶ ପରିବାର କ୍ଷତିପୂରଣ ରାଶି ପାଇପାରିନାହାନ୍ତି। ଏଥିପାଇଁ ସେମାନେ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିବା ସହ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୨ ଥର ବିସ୍ଥାପିତ ହେବା ସେମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଜମି ବାବଦ ଟଙ୍କା ପାଇ ମଧ ସେମାନେ ଖୁସି ନାହାନ୍ତି। ଅନ୍ୟ ସ୍ଥାନରେ ଥଇଥାନ ହୋଇ ସ୍ୱାଭାବିକ ଜୀବନ ଯାପନ କରିବା କଷ୍ଟକର ହୋଇପଡିବ ବୋଲି ଅଧିକାଂଶ ବିସ୍ଥାପିତ କହିଛନ୍ତି। ତଥାପି ଜୁଲାଇ ମାସ ଶେଷ ସୁଦ୍ଧା ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ଓ କ୍ଷତିପୂରଣ ଦିଆଯିବାର ପ୍ରଶାସନ ଲକ୍ଷ୍ୟ ରଖିଛି ବୋଲି ସୂଚନା ମିଳିଛି।

– ଶୁଭାଶିଷ ପାଢ଼ୀ

# ୨୮ରୁ ପଦୋନ୍ନତି ଅଦାଲତ

- ■ ୩ ଦିନ ଚାଲିବ
- ■ ୨୩ ସୁଦ୍ଧା ଇ-ମେଲ୍ ଜରିଆରେ ପକ୍ଷ ରଖିବେ କର୍ମଚାରୀ
- ■ ମୁଖ୍ୟ ଶାସନ ସଚିବ, ସମତୁଲ୍ୟ ପାହ୍ୟା ଅଫିସର କରିବେ ପରିଚାଳନା

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟର ସରକାରୀ କର୍ମଚାରୀଙ୍କ ପଦୋନ୍ନତି ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ସମୟାନୁବର୍ତ୍ତିତା ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଗତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଉଭୟ ଶୀର୍ଷ ଏବଂ କନିଷ୍ଠ ପ୍ରଶାସନରେ ପଦୋନ୍ନତି କରାଯାଇଥିଲା। ଏହାପରେ କିଛିଦିନ ତଳେ ପଦୋନ୍ନତି ପାଇଁ ସ୍ୱତନ୍ତ୍ର ଅଦାଲତର ମଧ ଘୋଷଣା କରାଯାଇଛି। ଏହାଦ୍ୱାରା କୌଣସି ଯୋଗ୍ୟ କର୍ମଚାରୀ ଯେପରି ଠିକ୍ ସମୟରେ ପଦୋନ୍ନତିରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସରକାର ଯତ୍ନଶୀଳ। ଏହି କ୍ରମରେ ଆସନ୍ତା ୨୮,୨୯ ଏବଂ ୩୧ ତାରିଖରେ ୨୦୨୦ ବର୍ଷ ପାଇଁ ପଦୋନ୍ନତି ଅଦାଲତ ବସିବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଏଥିସହିତ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଯେଉଁ କର୍ମଚାରୀମାନେ ପଦୋନ୍ନତି ଆଶାୟୀ ସେମାନେ ଚଳିତ ମାସ ୨୩ ସୁଦ୍ଧା gadmin.or@nic.inକୁ ନିଜର ଦାବି ପଠାଇ ପାରିବେ। ରାଜଧାନୀର ୬ଟି ସ୍ଥାନରେ ଏହି ପଦୋନ୍ନତି ଅଦାଲତ ବସିବ। ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବମାନେ ଏ ସମ୍ପର୍କିତ କମିଟିରେ ଅଧ୍ୟକ୍ଷତା କରିବେ। ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା ଏହାର ପରିଚାଳନା କରାଯିବ। ପଦୋନ୍ନତି ଆଶାୟୀ ବ୍ୟକ୍ତିବିଶେଷ ନିଜେ ପଦୋନ୍ନତି ଅଦାଲତରେ ହାଜର ହେବେ। ଅନ୍ୟ ବ୍ୟକ୍ତି କିମ୍ବା କୌଣସି ସଂସ୍ଥା ସେମାନଙ୍କ ପ୍ରତିନିଧିତ୍ୱ କରିବେ ନାହିଁ ବୋଲି କୁହାଯାଇଛି। ଯଦି ଯୋଗ୍ୟତା ଥାଇ କୌଣସି ଅଧିକାରୀ ପଦୋନ୍ନତି ପାଇନାହାନ୍ତି, ତେବେ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ଉତ୍ତରଦାୟୀ ହେବାକୁ ପଡ଼ିବ। ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ମାସ ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଯୋଜନା ଓ ସଂଯୋଜନ, ୨୯ ତାରିଖରେ ଗ୍ରାମ୍ୟ ଉନ୍ନୟନ, ଇସ୍ପାତ ଓ ଖଣି ଏବଂ ୩୧ରେ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀଙ୍କ ଲାଗି ଏହି ଅଦାଲତ ଅନୁଷ୍ଠିତ ହେବ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିବେ। ସେହିଭଳି ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଦାଲତ ଅନୁଷ୍ଠିତ ହେବ। ୨୮ରେ ଉଚ୍ଚଶିକ୍ଷା, ବିଜ୍ଞାନ ଓ ବୈଷୟିକ ବିଦ୍ୟା ଏବଂ ସରକାରୀ ଉଦ୍ୟୋଗ, ୨୯ରେ ଶ୍ରମ ଓ ଇଏସ୍‌ଆଇ, କ୍ରୀଡ଼ା ଓ ଯୁବସେବା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ପଦୋନ୍ନତି ଅଦାଲତ ବସିବ। ସେହିପରି ୩୧ରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଅବକାରୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ସମ୍ପର୍କିତ ଅଦାଲତ ଅନୁଷ୍ଠିତ ହେବ। କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ରଙ୍କ ଦ୍ୱାରା କୃଷି ଭବନରେ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ। ୨୮ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବାଣିଜ୍ୟ ଓ ପରିବହନ(ବାଣିଜ୍ୟ), ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ୨୯ରେ ଜଳସମ୍ପଦ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ(ପରିବହନ), ୩୧ରେ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ସମବାୟ ବିଭାଗର ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।। ଏହିପରି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ଆର.କେ ଶର୍ମା, ପ୍ରଦୀପ ଜେନା ଏବଂ ଡକ୍ଟର ମୋନା ଶର୍ମା ଭିନ୍ନ ଭିନ୍ନ ପଦୋନ୍ନତି ସମ୍ପର୍କିତ ବିଭାଗଗୁଡିକର ଅଧ୍ୟକ୍ଷତା କରିବେ।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

# ନିଯୁକ୍ତି, ଶିକ୍ଷାକ୍ଷେତ୍ରରେ ଓବିସି, ଏସ୍‌ଇବିସିଙ୍କୁ ଅଧିକ ସୁବିଧା ଦେବାକୁ ଦାବି

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ଚାକିରି ଓ ଶିକ୍ଷାକ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଏହି ଦୁଇ ବର୍ଗଙ୍କୁ ଅଧିକ ସୁବିଧା ଦେବାକୁ ସେ ଦାବି କରିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ର ବିଧାନସଭାର ପ୍ରସ୍ତାବ ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟ୍ ୨୦୨୧ ଜନଗଣନା ସହିତ ରାଜ୍ୟର ଏସ୍‌ଇବିସି ବର୍ଗ ଅନ୍ତର୍ଭୁକ୍ତ ଜାତିଗୁଡିକର ଗଣନା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏପରି କରି ରାଜ୍ୟ ସରକାର ଓବିସି ଓ ଏସଇବିସି ଅନ୍ତର୍ଗତ ଜନସାଧାରଣଙ୍କୁ ଉପଯୁକ୍ତ ସଂରକ୍ଷଣ ଅଧିକାର ନ ଦେବା ପାଇଁ ଉଦ୍ୟମ କରିଛନ୍ତି । ସମ୍ବିଧାନର ଧାରା ୧୫(୪) ଓ ୧୬(୪) ବଳରେ କେନ୍ଦ୍ର ସରକାର ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଛନ୍ତି । ଏହାକୁ ଉଚ୍ଚତମ ନ୍ୟାୟାଳୟ ମଧ ବୈଧ ଘୋଷଣା କରିଛନ୍ତି। ମାତ୍ର ଦେଶରେ ୩୦ ବର୍ଷ ଧରି ଏହା ଲାଗୁ ହେଲାପରେ ମଧ ଓଡ଼ିଶା ସରକାର ଓବିସିଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓ ଏସଇବିସିଙ୍କୁ ଶିକ୍ଷା କ୍ଷେତ୍ରରେ କ'ଣ ପାଇଁ ସଂରକ୍ଷଣ ଦେଉନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଦେଶର ସବୁ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିବା ବେଳେ କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ବିହାର ଆଦି ରାଜ୍ୟରେ ଏହି ଜାତିଗୁଡିକର ଜନସଂଖ୍ୟାରେ ଅଧିକ ଭାଗ କାରଣରୁ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତାମିଲନାଡୁ ଭଳି ରାଜ୍ୟରେ ୫୯ ପ୍ରତିଶତ ସ୍ଥାନ ସଂରକ୍ଷିତ ଥିବାବେଳେ ଏଥିରୁ ୫୦ ପ୍ରତିଶତ ପଛୁଆ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ମାତ୍ର ଓଡ଼ିଶା ଜନସଂଖ୍ୟାରେ ଓବିସି ଓ ଏସଇବିସି ସଂଖ୍ୟା ଯଥେଷ୍ଟ ଅଧିକ ଥିବାବେଳେ ଜନସଂଖ୍ୟା ଅନୁସାରେ ସେମାନେ ସଂରକ୍ଷଣ ସୁବିଧାରୁ ବଞ୍ଚିତ ଅଛନ୍ତି ବୋଲି ଧର୍ମେନ୍ଦ୍ର ଦର୍ଶାଇଛନ୍ତି।

# ମୋ ସରକାରରେ ସାମିଲ ହେଲା ଏସ୍‌ସି, ଏସ୍‌ଟି ବିକାଶ ବିଭାଗ

- ■ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଶକ୍ତ କରିପାରିବ: ମୁଖ୍ୟମନ୍ତ୍ରୀ
- ■ ଆଜି ସାମିଲ ହେବ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ବିକାଶ(ଏସ୍‌ସି, ଏସ୍‌ଟି) ବିଭାଗ ବୁଧବାର ମୋ ସରକାର ଅଧୀନକୁ ଆସିଛି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସରକାରୀ କାର୍ଯ୍ୟକ୍ରମ ଜରିଆରେ ଏହା ଘୋଷଣା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏସ୍‌ସି, ଏସ୍‌ଟି ବିକାଶ ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରୁ ଅନ୍ୟତମ। ସରକାର ରାଜ୍ୟରେ ରହୁଥିବା ୭୦ପ୍ରତିଶତ ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର କଲ୍ୟାଣ ବିଷୟରେ ଚିନ୍ତା କରୁଛନ୍ତି। ଏହି ବଡ ସମୁଦାୟ ମୁଖ୍ୟ ଧାରାରେ ସାମିଲ ହେଲେ ହିଁ ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ। ଏଣୁ ଏହି ବିଭାଗ ମୋ ସରକାରରେ ସାମିଲ ହେବା ଦ୍ୱାରା ଆଶାଜନକ ସଫଳତା ମିଳିପାରିବ। ରାଜ୍ୟରେ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ୩ କୋଟିରୁ ଅଧିକ ଲୋକଙ୍କୁ ସଶକ୍ତ କରିବାରେ ଏହି ପଦକ୍ଷେପ ସହାୟକ ହେବ। ଏହାସହ ଜନସେବା ପ୍ରଦାନରେ ସରକାରଙ୍କ ପ୍ରତିବଦ୍ଧତାକୁ କାର୍ଯ୍ୟକ୍ଷମ କରିପାରିବ। ଏହା ଆମେ ନିଶ୍ଚିତ କରୁଛୁ ଯେ, ନାଗରିକଙ୍କ ପାଖରେ ଶାସନତନ୍ତ୍ର ଏଥିପାଇଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ରହିବ। ରାଜ୍ୟରେ ଥିବା ୬,୫୦୦ଟି ଛାତ୍ରାବାସରେ ୬ଲକ୍ଷରୁ ଅଧିକ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କ ରହିବା ଏବଂ ପଢିବାର ବ୍ୟବସ୍ଥା ଏହି ବିଭାଗ ପକ୍ଷରୁ କରାଯାଇଛି। ଏହା ସରକାରଙ୍କ ଏକ ବଡ ଉପଲବ୍ଧି। ଆମ ଆଦିବାସୀ ଛାତ୍ରୀଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ମଧ ଭଲ ପ୍ରଦର୍ଶନ କରିପାରୁଛନ୍ତି। ଆମକୁ ଏହା ସ୍ୱୀକାର କରିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ମୋ ସରକାର ୨୨ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ପିଭିଟିଜିମାନଙ୍କ ପାଇଁ ୧୭ଟି କ୍ଷୁଦ୍ର ପ୍ରକଳ୍ପକୁ ଗତି ଦେବାରେ ସହାୟକ ହେବ। ପ୍ରକଳ୍ପ ଅଞ୍ଚଳରେ ସାମାଜିକ, ଅର୍ଥନୈତିକ ବିକାଶ ପ୍ରକ୍ରିୟା ଏବଂ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାରେ ସଫଳତା ଶୀଘ୍ର ହାସଲ କରାଯାଇପାରିବ। ସଂରକ୍ଷିତ ଅଞ୍ଚଳରେ ଏହି ଶାସନ ପ୍ରକ୍ରିୟାକୁ ମଜଭୁତ କରିବା ପାଇଁ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ବିଶ୍ୱାସ କରେ ଯେ, ଏସ୍‌ସି, ଏସ୍‌ଟି ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମୋ ସରକାର ଅଭିଯାନକୁ ମୂଳ ଲକ୍ଷ୍ୟ ସାଧନ ଦିଗରେ ଉପଯୁକ୍ତ ମନୋଭାବ ନେଇ କାର୍ଯ୍ୟକରିବେ। ଏହାସହ ଲୋକଙ୍କୁ ସେବା ଯୋଗାଇବା ଦିଗରେ ତତ୍ପରତା ପ୍ରକାଶ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ମୋ ସରକାର କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ତୁଲାଇବାକୁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହା ବିଭାଗର ଦକ୍ଷତା ବଢାଇବା ସାଙ୍ଗକୁ ତ୍ୱରିତ ସେବା ଯୋଗାଇବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଶିଳ୍ପ ଏବଂ ଏମ୍‌ଏସଏମ୍‌ଇ ବିଭାଗ ଗୁରୁବାର ମୋ ସରକାର ଅଧୀନରେ ସାମିଲ ହେବ।

# ଦୈନିକ ୨ ଯାତ୍ରୀରେ ଚାଲିଛି ଟ୍ରେନ୍

**ବଲାଙ୍ଗୀର ଅଫିସ, ୧୫।୧**

ଆଜିକୁ ଠିକ୍ ଏକବର୍ଷ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ବଲାଙ୍ଗୀର-ଖୋର୍ଦ୍ଧା ୧୬.୮ କିଲୋମିଟର ରେଳପଥକୁ ଉଦ୍‌ଘାଟନ କରି ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର ଟ୍ରେନ୍ ଚଳାଚଳର ଲୋକାର୍ପଣ କରିଥିଲେ। ଏହି ବହୁ ଚର୍ଚ୍ଚିତ ଟ୍ରେନ୍ ଚଳାଚଳକୁ ମଙ୍ଗଳବାର ବର୍ଷେ ପୂରିଛି। ଗତ ଏକବର୍ଷ ମଧ୍ୟରେ ଏହି ରେଳଲାଇନ୍ ଏକ ଇଞ୍ଚ ଆଗକୁ ବଢ଼ିନାହିଁ। ଗୋଟିଏ ବର୍ଷ ଧରି ଏହି ପାସେଞ୍ଜର ଟ୍ରେନ୍‌ଟି ଦୈନିକ ହାରାହାରି ୨ଜଣ ଯାତ୍ରୀ ଓ ୨୦ ଟଙ୍କା ଭଡାରେ ଚାଲିଛି। ସୂଚନା ଅଧିକାର ଆଇନ ଜରିଆରେ ଖୋଦ୍ ରେଳ ବିଭାଗ ପକ୍ଷରୁ ଉପରୋକ୍ତ ତଥ୍ୟ ଦିଆଯାଇଛି। ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସ୍ଥାନୀୟ ଅମଲା ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଗତବର୍ଷ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏହି ଟ୍ରେନ୍ ଲୋକାର୍ପଣ କରିଥିଲେ। ଉକ୍ତ ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦି ଏହି ପଛୁଆ ଅଞ୍ଚଳର ବିକାଶ ପାଇଁ ଯେଉଁ ଡିଣ୍ଡିମି ପିଟିଥିଲେ ଗୋଟିଏ ବର୍ଷ ପରେ ତାହା ଫମ୍ପା ପ୍ରତିଶ୍ରୁତି ଥିଲା ବୋଲି ପ୍ରମାଣିତ ହୋଇଥିବା କହିଛନ୍ତି।

ରେଳ ବିଭାଗର ତଥ୍ୟରୁ ଗତ ଏକବର୍ଷ ମଧ୍ୟରେ ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନରେ ଦୈନିକ ହାରାହାରି ମାତ୍ର ୨ ଜଣ ଯାତ୍ରୀ ଯାତ୍ରା କରୁଥିବା ଓ ଦୈନିକ ହାରାହାରି ମାତ୍ର ୨୦ ଟଙ୍କା ଯାତ୍ରୀ ଭଡା ମିଳୁଥିବା ସୂଚନା ଦେଇଥିଲେ। ରେଳପଥ ବିଛାଇବା କାର୍ଯ୍ୟକୁ ଅଣଦେଖା କରି ତରବରିଆ ଭାବେ ବର୍ଷେ ତଳେ ଏହି ଟ୍ରେନ ଚଳାଇ ଦେଇ କେବଳ ଦେଶର ରାଜସ୍ୱରୁ ଅର୍ଥଶ୍ରାଦ୍ଧ କରାଯାଉଛି ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ଅଭିଯୋଗ କରିଛନ୍ତି। ଏହି ରେଳପଥରେ ଖୋର୍ଦ୍ଧା ଅର୍ଥାତ୍ ଶୂନ୍ କିଲୋମିଟର ପଏଣ୍ଟରୁ ୭୭.୩୦ କିମି ପଏଣ୍ଟ ନୟାଗଡ ଜିଲା ମହୀପୁର ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରୁଛି। ତେବେ ୯୦.୬୫ କିମି ପଏଣ୍ଟ ନୂଆଗାଁ ପର୍ଯ୍ୟନ୍ତ ୨୦୨୧ ମସିହା ସୁଦ୍ଧା ରେଳ ଚଳାଚଳ କାର୍ଯ୍ୟକ୍ଷମ ହେବ। ନୂଆଗାଁରୁ ଦଶପଲ୍ଲା ପର୍ଯ୍ୟନ୍ତ ଅର୍ଥାତ୍ ୧୦୫.୯୦ କିଲୋମିଟର ପଏଣ୍ଟ ପର୍ଯ୍ୟନ୍ତ ଏହି ରେଳଲାଇନ୍ ପହଞ୍ଚିବା ପାଇଁ ଡିସେମ୍ବର ମାସରେ ଟେଣ୍ଡର ପେପର ଖୋଲାଯାଇଛି। କିନ୍ତୁ ୨୦୨୧ ମସିହା ସୁଦ୍ଧା ଏହି ରେଳପଥକୁ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାର ମଧ୍ୟରେ ୨୦୧୫ ମସିହାରେ ରାଜିନାମା ସ୍ୱାକ୍ଷର ହୋଇଥିଲା। ରେଳପଥର ପ୍ରାୟ ୫୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ୨୦୨୧ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏହା ସମଗ୍ର ଦେଶର ଏକ ବିଳମ୍ବିତ ରେଳପ୍ରକଳ୍ପ ହୋଇଯାଇଛି। ଯେଉଁଭଳି ମନ୍ଥର ଗତିରେ ରେଳଲାଇନ୍ ବିଛାଇବା କାମ ଚାଲିଛି ଏହା ସମ୍ପୂର୍ଣ୍ଣ ହେବାକୁ ଆଉ ପ୍ରାୟ ୧୦ ବର୍ଷ ସମୟ ଲାଗିଯିବ ବୋଲି ପଣ୍ଡା କହିଛନ୍ତି। ବିଚ୍ଛୁପାଲିଠାରୁ ସୋନପୁର ପର୍ଯ୍ୟନ୍ତ ଟେଣ୍ଡର ଗତ ମାସରେ ଖୋଲାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। କଳାହାଣ୍ଡି ୱାଗନ କାରଖାନା ପ୍ରସ୍ତାବକୁ ପିରିୟଡିକାଲ ଓଭର ହଲିଙ୍ଗ କାର୍ଯ୍ୟଶାଳାରେ ପରିଣତ କରି ମାତ୍ର ୧୮୬ କୋଟି ୩୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ମିଳିଥିବା ତଥ୍ୟରୁ ଜଣାପଡିଛି। ସେହିପରି ରାୟଗଡା ରେଳ ଡିଭିଜନ ପ୍ରସ୍ତାବ କେବଳ ପ୍ରସ୍ତାବରେ ସୀମିତ ରହିଥିବା ରେଳ ବିଭାଗ ସୂଚନାରୁ ଜଣାପଡିଛି ବୋଲି ପଣ୍ଡା କହିଥିଲେ।




ବିଚ୍ଛୁପାଲି ଷ୍ଟେଶନ

- ■ ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନ୍ ଲୋକାର୍ପଣକୁ ବର୍ଷେ ପୂରିଲା
- ■ ଆଉ ଏକ ଇଞ୍ଚ ରେଳପଥ ନିର୍ମାଣ ହୋଇପାରିଲା ନାହିଁ।
- ■ ରାଜ୍ୟ ଓ ରେଳ ବିଭାଗ ମଧରେ ହୋଇଥିଲା ରାଜିନାମା।
- ■ ପ୍ରକଳ୍ପ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ ଦୋଷଦେଲା ରେଳ ବିଭାଗ
- ■ ସୂଚନା ଅଧିକାର ଆଇନରେ ମିଳିଲା ତଥ୍ୟ

### ସିଧାପ୍ରସାରଣ କାର୍ଯ୍ୟକ୍ରମରୁ ଅଭିଯୁକ୍ତକୁ ଉଠାଇ ନେଲା ପୋଲିସ

**ଚଣ୍ଡିଗଡ଼,୧୫।୧**

ଚଣ୍ଡିଗଡରେ ଏକ ଘରୋଇ ଟିଭି ଚ୍ୟାନେଲରେ ସିଧାପ୍ରସାରଣ କାର୍ଯ୍ୟକ୍ରମ ବେଳେ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଉଠାଇ ନେଇଛି। ହତ୍ୟାକାଣ୍ଡର ଅଭିଯୁକ୍ତ ମନିନ୍ଦର ସିଂ ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତ୍‌କାର ଦେବା ଲାଗି ପହଞ୍ଚିଥିଲେ। ସାକ୍ଷାତକାରର ସିଧାପ୍ରସାରଣ ପୋଲିସ ଦେଖିବା ପରେ ସେକ୍ଟର ୩୧ର ଥାନା ଅଧିକାରୀ ଉକ୍ତ ଟିଭି ଚ୍ୟାନେଲ ଅଫିସରେ ପହଞ୍ଚି ଗିରଫ କରିଥିଲେ। ମନିନ୍ଦରଙ୍କ ବିରୋଧରେ ନିଜ ବାନ୍ଧବୀଙ୍କୁ ହତ୍ୟା କରିଥିବା ଅଭିଯୋଗ ରହିଛି। ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ତାଙ୍କ ବାନ୍ଧବୀଙ୍କ ସମ୍ପର୍କ ଥିବା କାରଣରୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିଲେ ବୋଲି ସୂତ୍ରରୁ ପ୍ରକାଶ। ୧୦ ବର୍ଷ ତଳେ ହରିୟାଣାରେ କରିଥିବା ଏକ ହତ୍ୟାକାଣ୍ଡ ଲାଗି ମଧ ମନିନ୍ଦର ସମାନ କାରଣ ଦର୍ଶାଇଥିଲେ। ଏହି ଘଟଣାରେ ମନିନ୍ଦର ଜାମିନରେ ଆସିଥିଲେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ -ଜନ୍‌ଶନ



# ବିନା କାଉନ୍‌ସିଲରେ ଭୁବନେଶ୍ୱରକୁ ବର୍ଷେ

ସ୍ଥିତପ୍ରଜ୍ଞ ମିଶ୍ର

ଭୁବନେଶ୍ୱର, ୧୫।୧ (ବ୍ୟୁରୋ)

୨୦୧୯ ଜାନୁୟାରୀ ୧୫ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଶେଷ କାଉନ୍‌ସିଲ ବୈଠକ ବସିଥିଲା। ଏହାପରେ କାଉନ୍‌ସିଲର କାର୍ଯ୍ୟକାଳ ସରିଥିଲେ ମଧ୍ୟ ପୌର ନିର୍ବାଚନ କିମ୍ବା ନୂଆ କାଉନ୍‌ସିଲ୍ ଗଠନ ହୋଇପାରିନି। ଇତିମଧ୍ୟରେ ବିନା କାଉନ୍‌ସିଲ୍‌ରେ ଭୁବନେଶ୍ୱରକୁ ବୁଧବାର ବର୍ଷେ ବିତିଯାଇଛି। କେବେ ନିର୍ବାଚନ ହେବ ତାହା ମଧ୍ୟ ଏଯାଏ ସ୍ପଷ୍ଟ ହୋଇନି। ଏପରିସ୍ଥଳେ ମହାନଗର ନିଗମର ୱାର୍ଡଗୁଡ଼ିକ ମୁରବୀ ଶୂନ୍ୟ ହୋଇଯାଇଥିବାବେଳେ ଅଧିକାରୀଙ୍କ ହାତରେ ସବୁ ଦାୟିତ୍ୱ ଅର୍ପଣ କରାଯାଇଛି। କିନ୍ତୁ କାର୍ଯ୍ୟଭାର ସହ ଚାପ ଭିତରେ ଅଧିକାରୀମାନେ ସବୁ ସମସ୍ୟା ଦେଖିପାରୁ ନାହାନ୍ତି କି ସମାଧାନ କରିପାରୁ ନ ଥିବା ଅନେକ ସମୟରେ ଅଭିଯୋଗ ଉଠୁଛି। ସ୍ମାର୍ଟସିଟି ପ୍ରକଳ୍ପଠାରୁ ଆରମ୍ଭ କରି ୱାର୍ଡଗୁଡ଼ିକରେ ବିଭିନ୍ନ ଯୋଜନା ଓ ଉନ୍ନୟନ କାର୍ଯ୍ୟ ମନଇଚ୍ଛା ଚାଲୁଥିବା ଦେଖିବାକୁ ମିଳୁଛି। କେଉଁଠି ଗଦା ଗଦା ଅଳିଆ ପଡ଼ିରହୁଛି ତ କେଉଁଠି ଅମୃତ ଯୋଜନାରେ ବିଛାଯାଇଥିବା ପାଇପ୍ ସଂଯୋଗୀକରଣ କାର୍ଯ୍ୟ ପାଇଁ ରାସ୍ତାକୁ ଖୋଳି ବିପଜ୍ଜନକ ଅବସ୍ଥାରେ ଛାଡ଼ି ଦିଆଯାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ପ୍ରସ୍ତାବ ଶୁଣିବାକୁ ମଧ୍ୟ କେହି ନାହାନ୍ତି। ଏପରି କି ଅଧିକାଂଶ ୱାର୍ଡରେ ମୌଳିକ ସୁବିଧା ସୁଯୋଗ ପାଇବାରୁ ସହରବାସୀ ବଞ୍ଚିତ ହେଉଥିବା ନଜରକୁ ଆସିଛି।

ଅନ୍ୟପକ୍ଷରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଥିବାବେଳେ ବିଏମ୍‌ସି ବହୁ ସମୟରେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥାଏ। ଏକ୍ଷେତ୍ରରେ ଜନପ୍ରତିନିଧି ବା କାଉନ୍‌ସିଲରମାନେ ଲୋକଙ୍କୁ ବୁଝାଶୁଝା କରିବା ସହ ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସମସ୍ୟାର ସମାଧାନ କରିଥାନ୍ତି। ଏବେ କିନ୍ତୁ ତାହା ହୋଇପାରୁନି। ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ବିଏମ୍‌ସିର ମେଗା ପ୍ରକଳ୍ପ ୪୩ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ମଧ୍ୟରୁ ୨୩ଟିକୁ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକେ ବିରୋଧ କରୁଥିବାରୁ ତାହା ଆରମ୍ଭ ହୋଇପାରୁନି। ସେହିଭଳି ବିରୋଧ ଯୋଗୁ ଡ୍ରେନ୍ ନିର୍ମାଣ ହେଉ କି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅନେକ ସ୍ଥାନରେ ଆଗେଇପାରୁ ନ ଥିବା ନଜିର ରହିଛି।

ପୂର୍ବତନ କର୍ପୋରେଟର ତଥା ବିଏମ୍‌ସି ଯୋଜନା ଓ ଉନ୍ନୟ କମିଟି ଅଧ୍ୟକ୍ଷ ନବକିଶୋର ବେହେରା କହିଛନ୍ତି, କାଉନ୍‌ସିଲ୍ ଥିବା ସମୟରେ ଲୋକମାନେ ସେମାନଙ୍କ ଦାବି ଓ ହକ୍ ସାବ୍ୟସ୍ତ କରି କାମ କରାଉଥିଲେ। ଜନପ୍ରତିନିଧିମାନେ ନିଜ ଲୋକଙ୍କ ସମସ୍ୟା ବୁଝି ପ୍ରଶାସନିକ ସ୍ତରରେ ସମାଧାନ କରୁଥିଲେ। ହେଲେ ଏବେ ଲୋକଙ୍କ ସହ ରହୁ ନ ଥିବା ଅଧିକାରୀ କ'ଣ ସେମାନଙ୍କ ଦୁଃଖକଷ୍ଟ ଓ ସମସ୍ୟା ସେପରି ବୁଝିପାରିବେ? ଏବେ ଲୋକେ କାହାକୁ ପାଖକୁ ଅଭିଯୋଗ କରିବେ ତାହା ମଧ୍ୟ ଜାଣିପାରୁ ନାହାନ୍ତି। ଫଳରେ ସମସ୍ୟା ସମାଧାନ ହେବାରେ ସମୟ ଲାଗୁଛି। ତୁରନ୍ତ ନିର୍ବାଚନ କରାଯାଇ ନୂଆ କାଉନ୍‌ସିଲ ଗଠନର ଆବଶ୍ୟକତା ରହିଥିବା ସେ କହିଛନ୍ତି।

■ ଲୋକଙ୍କ ସମସ୍ୟା ବୁଝିପାରୁ ନାହାନ୍ତି ଅଧିକାରୀ

■ ବଢ଼ି ଚାଲିଛି ୱାର୍ଡ ଅଞ୍ଚଳର ସମସ୍ୟା

## ୱାର୍ଡ ଅଫିସ୍‌ର ଲୋକେ ନିଜ ଅଭିଯୋଗ ଜଣାନ୍ତୁ : କମିଶନର

ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି, ବିଏମ୍‌ସି ଲୋକଙ୍କୁ ସେବା ଯୋଗାଇବାରେ କୌଣସି ଅବହେଳା କରୁନାହିଁ। ମୁଁ ନିଜେ ସେମାନଙ୍କ ଅଭିଯୋଗ ଶୁଣିବା ସହ ତାର ଯଥାସମ୍ଭବ ସମାଧାନ କରିବାକୁ ନିର୍ଦ୍ଦେଶ ଦେଉଛି। ଲୋକଙ୍କ ସମସ୍ୟାର ସମାଧାନ କରିବା ଦାୟିତ୍ୱ ବିଏମ୍‌ସିର। ଏଥିପାଇଁ ବିଏମ୍‌ସି ସବୁ ୱାର୍ଡରେ ୱାର୍ଡ ଅଫିସରଙ୍କୁ ନିଯୋଜିତ କରିଛି। ଲୋକଙ୍କୁ ସେବା ଯୋଗାଇ ସେମାନଙ୍କ ଦାୟିତ୍ୱ। କିନ୍ତୁ ଲୋକମାନେ ୱାର୍ଡ ଅଫିସରଙ୍କ ବିଷୟରେ ଅଧିକ ସଚେତନ ନାହାନ୍ତି। ଲୋକେ ୱାର୍ଡ ଅଫିସ୍‌ରେ ନିଜର ଅଭିଯୋଗ ଓ ସମସ୍ୟା ଦାଖଲ କଲେ ବିଏମ୍‌ସିର କାର୍ଯ୍ୟାନ୍ୱୟନ ପ୍ରଣାଳୀ ଆହୁରି ଅଧିକ ତ୍ୱରାନ୍ୱିତ ହେବ। ପ୍ରଶାସନିକ ସ୍ତରରେ ଯାହା ସମ୍ଭବ ସେସବୁ ବିଏମ୍‌ସି ଲୋକଙ୍କ ପାଇଁ କରୁଛି ଓ କରିବ ବୋଲି ସେ କହିଛନ୍ତି।




ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଜେଲ୍ ଗଲେ ଅପହର୍ତ୍ତା

ଭୁବନେଶ୍ୱର,୧୫।୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିବା ସହ ଅପହର୍ତ୍ତା ବାଲୁଗାଁ ଥାନା ଅନ୍ତର୍ଗତ ଶାନ୍ତିନଗର ଅଞ୍ଚଳର ସଞ୍ଜୟ ଜାଲି(୨୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ସଞ୍ଜୟ ସାଲିଆ ସାହି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ବୁଲିଯିବା ବାହାନାରେ ତାଙ୍କୁ ଅପହରଣ କରିନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଡିସେମ୍ବର ୧୫ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୬୨/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ନାବଳିକାଙ୍କୁ ପରିବାର ଲେକାଙ୍କୁ ହସ୍ତାନ୍ତର କରିଥିଲା ଓ ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଲା ବସ୍ :୫ ଯାତ୍ରୀ ଆହତ

ବଡମ୍ବା,୧୫।୧(ଡି.ଏନ୍.ଏ.)- ବଡମ୍ବା ଥାନା ଅନ୍ତର୍ଗତ ଧୋବଣୀନାଳ ନିକଟରେ ବୁଧବାର ଅପରାହ୍ନରେ ଏକ ଘରୋଇ ବସ୍ ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆ ବନ୍ଧ ଗୋଡିପାଟଣା ଗ୍ରାମର ଭଗବାନ ସାହୁ(୫୫) ଓ ଆଠଗଡ ଥାନା ଅନ୍ତର୍ଗତ କଣ୍ଟୋଲ ଗ୍ରାମର ଭରତ ବେହେରା(୫୯)ଙ୍କ ପରିଚୟ ମିଳିପାରିଥିବା ବେଳେ ଅନ୍ୟମାନଙ୍କ ମିଳିନାହିଁ। ଘଟଣାସ୍ଥଳରେ ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ଓ ବ୍ଲକ୍ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସାମନ୍ତରାୟ ଟ୍ରାଭେଲ୍ସର ମା'ମଙ୍ଗଳା ବସ୍ ନରସିଂହପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଏହାର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

### ୧୫ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଦୀପକଙ୍କୁ ଏନ୍‌ଏସ୍‌ଏରେ ବୁକ୍

ଭୁବନେଶ୍ୱର,୧୫।୧(ବ୍ୟୁରୋ): ରାଜଧାନୀର ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲାରେ ସମ୍ପୃକ୍ତ ସାଧାରଣରେ ଆତଙ୍କ ଖେଳାଉଥିବା ଅଭିଯୁକ୍ତ ଦୀପକଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରାଯାଇଛି। ଚନ୍ଦକା ଥାନା ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ଗଡ଼ସାହିର ବାପୁ ଓରଫ୍ ଦୀପକ ସ୍ୱାଇଁ ଜଣେ ପେସାଦାର ଅପରାଧୀ। ନବବର୍ଷ ପାଳନକୁ ନେଇ ସମଗ୍ର ରାଜଧାନୀ ଉତ୍ସବମୁଖର ଥିବାବେଳେ ସନ୍ଧ୍ୟା ହେଲେ ସେ ସର୍ବସାଧାରଣରେ ଆତଙ୍କ ଖେଳାଉଥିଲେ। ଦୀପକ ଚନ୍ଦକା ଅଞ୍ଚଳରେ ଜଣେ ମହିଳାଙ୍କ ଘରେ ପଶି ଖଣ୍ଡାରେ ଆକ୍ରମଣ କରିଥିଲେ। ହତ୍ୟା, ଗୁଳିମାଡ଼, ଅପହରଣ, ଲୁଟ୍, ରାହାଜାନି ଓ ମରଣାନ୍ତକ ଆକ୍ରମଣ ପରି ଅନେକ ଆପରାଧିକ ମାମଲା ତାଙ୍କ ନାମରେ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବ୍ୟବସାୟୀଙ୍କ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି

ପୁରୁଣା ଭୁବନେଶ୍ୱର, ୧୫।୧(ଡି.ଏନ.ଏ.)- ରଥଖଳା ନିକଟ ତଳ ବଜାରର ବ୍ୟବସାୟୀ ବିଜୟ କୁମାର ସାହୁଙ୍କ ବୁଧବାର ପରଲୋକ ହୋଇଯାଇଛି। ବିଜୟ ଏଠାରେ ଦୀର୍ଘ ୩୦ ବର୍ଷ ଧରି ପୂଜାସାମଗ୍ରୀ ଦୋକାନ ଦେଇ ପରିବାର ଚଳାଉଥିଲେ। ୨ ଦିନ ତଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଘର ଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ପରଲୋକ ହୋଇଥିଲା। ସେ ଜଣେ ସ୍ୱଚ୍ଛ ଏବଂ ପରୋପକାରୀ ଥିଲେ। ତାଙ୍କ ମୃତ୍ୟୁରେ ବ୍ୟବସାୟୀ ସଂଘ, ସ୍ଥାନୀୟ ବାସିନ୍ଦା ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ୯.୭ ଗ୍ରାମ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ପୋଲିସ ବୁଧବାର କିମ୍ପିରିଆ ବସ୍ତି ନିକଟରୁ ୯.୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଳାଶୁଣୀ ମୁଣ୍ଡା ବସ୍ତିରେ ରହୁଥିବା ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ମୁକେଶ ଚୌଧୁରୀ। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ମୁକେଶଙ୍କ ଏହି ବେଆଇନ କାରବାର ସମ୍ପର୍କରେ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବାକୁ ମଞ୍ଚେଶ୍ୱର ପୋଲିସ ଯୋଜନା କରିଥିଲା। ମାତ୍ର ସେ ବିଭିନ୍ନ ଅଞ୍ଚଳରେ ବାଇକରେ ବୁଲି ବ୍ରାଉନସୁଗାର ବିକ୍ରି କରୁଥିବାରୁ ତାଙ୍କୁ ଧରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ଥିଲା। ବୁଧବାର କିମ୍ପିରିଆ ବସ୍ତି ନିକଟ ଶୌଚାଳୟ ପଛପାର୍ଶ୍ୱରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ଏସ୍‌ଆଇ ଏସ୍.କେ. ଶତପଥୀଙ୍କ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଏକ ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ୨୨/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମୁକେଶଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।




ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ଆୟୋଜନ ହୋଇଥିବା ଏକାମ୍ର ପୁଷ୍ପ ପ୍ରଦର୍ଶନୀ-୨୦୨୦ରେ ସି.ଭି.ରମଣ କଲେଜ ଅଫ୍ ଇଞ୍ଜିନିୟରିଂକୁ ବେଷ୍ଟ ଏକଜିବିଟର-ଇନଷ୍ଟିଚ୍ୟୁଶନ ପୁରସ୍କାର ସହ ୨୦ ପ୍ରଥମ ପୁରସ୍କାର ଏବଂ ୯ଟି ଦ୍ୱିତୀୟ ପୁରସ୍କାର ମିଳିଛି।

## ଛାତ୍ରୀଙ୍କ ମୋବାଇଲ ଫୋନ ଲୁଟ୍, ଜଣେ ଅଟକ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଫାୟାର ଷ୍ଟେଶନ ଛକରେ ଅଞ୍ଜଳି କାଣ୍ଡେଇ(୧୯) ନାମ୍ନୀ ଛାତ୍ରୀ ବୁଧବାର ଅପରାହ୍ନରେ ଅଟୋକୁ ଅପେକ୍ଷା କରିଥିବାବେଳେ ଜଣେ ଯୁବକ ତାଙ୍କଠାରୁ ମୋବାଇଲ ଫୋନ ଲୁଟି ନେଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ କେତେଜଣ ଲୋକ ଲୁଟେରା ଯୁବକଙ୍କୁ ପିଛା କରିଥିଲେ। କିନ୍ତୁ ଯୁବକ ଜଣକ କେଉଁଠି ଲୁଚିଯାଇଥିଲେ। ୨ଟି ପିସିଆର ଭ୍ୟାନ କର୍ମଚାରୀ, ସ୍ଥାନୀୟ ଲୋକେ ଏବଂ ସିଆରପିଏଫ୍ କ୍ୟାମ୍ପସ ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିଲା। ଅପରାହ୍ନରେ ସିଆରପିଏଫ୍ କ୍ୟାମ୍ପସରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ଯୁବକଙ୍କୁ କାବୁ କରାଯାଇ ନୟାପଲ୍ଲୀ ପୋଲିସ ଜିମା ଦିଆଯାଇଥିଲା। ପୋଲିସ ତାଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

## ୨୯.୭୭ ଗ୍ରାମ ବ୍ରାଉନସୁଗାର, ୪ ବାଇକ୍ ଜବତ: ୨ ଗିରଫ

ଖୋର୍ଦ୍ଧା ଅଫିସ,୧୫।୧

ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଛଣଗିରିର ଦେଉଳି, ସିକୋ ବାଉତି ମନ୍ଦିର ସାହି ଉପରେ ବୁଧବାର ଚଢ଼ାଉ କରି ୨୯.୭୭ ଗ୍ରାମ ବ୍ରାଉନସୁଗାର ଓ ୪ ବାଇକ୍ ଜବତ କରିଛନ୍ତି। ଏହି ଘଟଣାରେ ଗିରଫ ହୋଇଥିବା ଛଣଗିରିର ସଞ୍ଜୟ ମହାପାତ୍ର (୩୨) ଓ ସିକୋ ଦଳବେହେରାସାହିର ମାନସ କୁମାର ମାଝି(୩୦) ନାମକ ୨ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ଛଣଗିରିର ଦେଉଳି ଓ ସିକୋ ବାଉତି ମନ୍ଦିର ସାହିରେ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହୋଇଥିଲା। ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଛଣଗିରିର ସଞ୍ଜୟଙ୍କଠାରୁ ୧୫.୯୩୦ ଗ୍ରାମ ବ୍ରାଉନସୁଗାର, ବାଇକ୍ (ନଂ. ଓଡି୦୫ ଏଡି ୮୪୫୬, ଓଡି ୦୨ ଏଏଚ ୬୯୮୬, ଓ ଓଡି ୦୨ ଏଏଚ ୮୬୫୩), ୧୨୫୦ ଟଙ୍କା ଜବତ ହୋଇଛି। ସଞ୍ଜୟଙ୍କ ନାଁରେ ୨୦ ବି ଏନ୍‌ଡିପିଏସ୍ ଆକ୍ଟ ଦଫାରେ ନଂ. ୯/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ସିକୋ ଦଳବେହେରାସାହିର ମାନସଙ୍କଠାରୁ ୧୩. ୮୪୦ ଗ୍ରାମ ବ୍ରାଉନସୁଗାର, ବାଇକ୍ (ନଂ. ଓଡି ୦୨ ଲଏଏଜେ ୬୪୭୭) ଜବତ କରାଯାଇଥିଲା। ମାନସଙ୍କ ନାଁରେ ୨୦ ବି ଏନ୍‌ଡିପିଏସ୍ ଆକ୍ଟ ଦଫାରେ ନଂ. ୧୦/୨୦ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସତ୍ୟବ୍ରତ ଲେଙ୍କା କହିଛନ୍ତି।

## ଶ୍ରୀକ୍ଷେତ୍ରରେ ଧୁମ୍ ମଚାଇଲେ ନଟିଆ

ପୁରୀ ଅଫିସ, ୧୫।୧

ପୁରୀ ମାଟିଆପଡାସ୍ଥିତ ନୃସିଂହ ୟୁଥ ଆସୋସିଏନଶନ ୧୭ତମ ବାର୍ଷିକୋତ୍ସବର ଦ୍ୱିତୀୟ ଦିନରେ ଗୁଣ୍ଡିଚା ମନ୍ଦିରଠାରେ ଏକ ଓଲିଉଡ ନାଇଟ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଲିଉଡ୍ ନାଇଟ୍‌ର ମୁଖ୍ୟ ଆକର୍ଷଣ ସାଜିଥିଲେ ଉତ୍କଳ ଗୌରବ କାର୍ଟୁନ ୱାର୍ଲ୍ଡ ନଟିଆ ଅଭିନୟର ପ୍ରଚ୍ଛଟପଟ୍ଟ ନାୟକ ସ୍ମୃତିରଞ୍ଜନ ମହାନ୍ତି। ମଞ୍ଚରେ ଧୁମ୍ ମଚାଇଥିଲେ ନଟିଆ ଓରଫ ସ୍ମୃତିରଞ୍ଜନ। ଓଡ଼ିଶାରେ ଚହଲ ସୃଷ୍ଟି କରିଥିବା ନଟିଆଙ୍କ ଡାଇଲଗ୍ ଶୁଣିବା ଲାଗି ପ୍ରବଳ ଜନସମାଗମ ହୋଇଥିଲା। ତମ କଥା ବାର୍ତ୍ତା ଠିକ୍ ନାହିଁ, ହଇଲେ ନଟିଆ, ଗୁଲି ମାଷ୍ଟର ଝିଅ ପୂଜା ଆସିଲାଣି ଆଦି ଗୋଟିଏ ପରେ ଗୋଟିଏ ଡାଇଲଗ ଦର୍ଶକଙ୍କ ମହଲରେ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଗୁଣ୍ଡିଚା ମନ୍ଦିରରେ ନଟିଆକୁ ଦେଖିବା ଲାଗି ପିଲାଙ୍କ ସୁଅ ଛୁଟିଥିଲା। ସ୍ମୃତି ନଟିଆ, ଗାଣ୍ଡୁ, ନଟିଆର ବାପା ଓ ଗୁଲି ମାଷ୍ଟରଙ୍କ ସ୍ୱରରେ ଡାଇଲଗ କହି ଦର୍ଶକଙ୍କୁ ଧୁମ୍ ହସାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ କିଛି ସମୟ ଲାଗି ନଟିଆକୁ ଦେଖିବା ଲାଗି ଅଟକିଯାଇଥିଲେ। ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ନଟିଆକୁ ଉପଭୋଗ କରିଥିଲେ।

ଏଥିସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର କଣ୍ଠଶିଳ୍ପୀ ଦୀପ୍ତିରେଖା, ସବ୍ୟସାଚୀ, ତାରିକ୍ ଅଜିଜ୍, ଶୁଭଲକ୍ଷ୍ମୀ, ବିଶ୍ୱରୂପା ଓ ସୁଭଦ୍ରା ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ରର ବହୁ ସୁପରହିଟ ଗୀତ ଗାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଶୀତୁଆ ସନ୍ଧ୍ୟାରେ କଣ୍ଠଶିଳ୍ପୀଙ୍କ ମନଛୁଆଁ ଗୀତରେ ଝୁମିଥିଲେ ଦର୍ଶକ। ଆସୋସିଏଶନର ଆବାହକ ପ୍ରଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଭକ୍ତଚରଣ ଦାଶ, ସୁରେନ୍ଦ୍ର ଦାଶ, ବଳରାମ ରେଡ୍ଡୀ, ପ୍ରୀତମ ଜଗଦ୍ଦେବ, ଅରୁଣ କୁମାର ମିଶ୍ର, ପୁଷ୍ପାଞ୍ଜଳି ରଣା, ରାଜେଶ ରଥ, ରାଜେଶ କୁମାର ରଣାଙ୍କ ସମେତ ଶତାଧିକ ପୂର୍ବତନ କାଉନ୍‌ସିଲର୍ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପିଲାମାନଙ୍କ ଗହଣରେ ନଟିଆ ଓରଫ ସ୍ମୃତିରଞ୍ଜନ ମହାନ୍ତି ।

■ ଆକର୍ଷଣ ସାଜିଲେ କଣ୍ଠଶିଳ୍ପୀ

■ ମନଛୁଆଁ ଓଡ଼ିଆ ଗୀତରେ ଝୁମିଲେ ଦର୍ଶକ



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ରସଗୋଲା ମହୋତ୍ସବର ଏକ ଷ୍ଟଲରେ ଗ୍ରାହକଙ୍କ ଭିଡ଼।

## ବାଇକ୍ ଧକ୍କାରେ ଜଣେ ମୃତ

ଝାଁଳା,୧୫।୧(ଡି.ଏନ.ଏ.)

ଜଟଣୀ ଥାନା ଝାଁଳା ଫାଣ୍ଡି ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ମା' ବାଟ ଭୁଆସୁଣୀ ମନ୍ଦିର ସାମ୍ନାରେ ବୁଧବାର ବାଇକ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ସୁଦାମ ସାହୁଙ୍କ ପୁଅ ପ୍ରଶାନ୍ତ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ବେଳେ ତାଙ୍କ ବାଇକ୍ (ଓଡି୩୩ ଡବ୍ଲ୍ୟୁ ୬୨୫୦) ବାଟ ଭୁଆସୁଣୀ ମନ୍ଦିର ପାଖରେ ରାସ୍ତା ପାର ହେଉଥିବା ନରେଶ ବେହେରା (୫୫)ଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଗୁରୁତର ହୋଇଥିଲେ। ଝାଁଳା ପିସିଆର ନରେଶ ଓ ବାଇକ ଚାଳକ ସୁଦାମଙ୍କୁ ଏମ୍‌ସରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ର ପୁରୁଷୋତ୍ତମପୁର। ବାଇକ୍ ଚାଳକ ସୁଦାମ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଛନ୍ତି।

## ଲୁଟ୍ ଘଟଣାରେ ଗ୍ୟାଙ୍ଗଷ୍ଟର ଆରିଫ୍‌ଙ୍କ ମା' ଗିରଫ

କଟକ ଅଫିସ,୧୫।୧

ସହରରେ ଘଟୁଥିବା ଅପରାଧରେ ଦିନକୁ ଦିନ ମହିଳାଙ୍କ ସମ୍ପୃକ୍ତି ବଢିବାରେ ଲାଗିଛି। ନିକଟରେ ଘଟିଥିବା କେତେକ ଘଟଣାରୁ ଏହା ପ୍ରମାଣିତ ହୋଇଛି। କିଛିଦିନ ତଳେ ଗ୍ୟାଙ୍ଗଷ୍ଟର ଶକିଲଙ୍କର ୨ବାନ୍ଧବୀଙ୍କୁ ପୋଲିସ ଗିରଫ କରିଥିବାବେଳେ ବୁଧବାର ଜଗତପୁର ଥାନା ପୋଲିସ ଲୁଟ୍ ଅଭିଯୋଗରେ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ କାଫଲାବଜାର ପ୍ରଧାନସାହିର ଜୋହରା ବିବି। ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଆରିଫଙ୍କ ମା' ହେଉଛନ୍ତି ଜୋହରା। ଜଣେ ବ୍ୟବସାୟୀଙ୍କୁ ଲୁଟ୍ ଘଟଣାରେ ସେ ସମ୍ପୃକ୍ତ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, କିଛିଦିନ ତଳେ ଜଗତପୁର ଥାନା ଅଞ୍ଚଳରେ ଜ୍ଞାନେନ୍ଦ୍ର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରି ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଜୋହରାଙ୍କ ସମେତ ଲାଲବାଗ ଥାନା ଅନ୍ତର୍ଗତ ଅଲିଶା ବଜାରର ସେକ ଇର୍ସାଦ ମହମ୍ମଦ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଦୁହିଁଙ୍କୁ ବୁଧବାର ଗିରଫ କରାଯାଇଛି। ଉଭୟଙ୍କଠାରୁ ନଗଦ ୨୦ ହଜାର ୯୭୦ ଟଙ୍କା, ୩ଟି ମୋବାଇଲ ଏବଂ ଜୋହରାଙ୍କ ଏକ ପାସପୋର୍ଟ ଜବତ କରାଯାଇଛି।



ନୟାପଲ୍ଲୀ ଭିଆଇପି କଲୋନୀରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଅସହାୟ ରୋଗୀଙ୍କୁ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣା

## ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

କଟକ ଅଫିସ,୧୫।୧

ଅସହାୟ ରୋଗୀଙ୍କୁ ଏସ୍‌ସିବିରେ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ଓଡ଼ିଶା ମାନବାଧିକାର କମିଶନଙ୍କ ସଦସ୍ୟ ଅସୀମ ଅମିତାଭ ଦାସ ଏସ୍‌ସିବି ମେଡିକାଲ ଗସ୍ତ କରିଥିଲେ। ଘଟଣା ଘଟିଥିବା ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡ ପରିଦର୍ଶନ କରି ଦାସ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ଏଥିସହ କମିଶନ ନିଜଆଡୁ ଗୁରୁବାର ଏକ ମାମଲା ରୁଜୁ କରିବେ ଏବଂ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅସହାୟ ରୋଗୀଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟମାନେ ଅନଭିଜ୍ଞ ଓ ସେମାନଙ୍କୁ ଏଭଳି ରୋଗୀଙ୍କ ସହିତ କିଭଳି ବ୍ୟବହାର କରିବାକୁ ହୁଏ ତାହା ଜଣାନାହିଁ ବୋଲି ଦାସ କହିଛନ୍ତି।

ପରିଦର୍ଶନ ସମୟରେ ଡେଷ୍ଟିଚ୍ୟୁଟ ୱାର୍ଡ ଭିତରେ ଏକ ଠେଙ୍ଗା ଥିବା କମିଶନଙ୍କ ସଦସ୍ୟ ଦାସ ଦେଖିବାକୁ ପାଇଥିଲେ। ଅସହାୟ ରୋଗୀମାନେ ଉକ୍ତ ଠେଙ୍ଗା ସାହାଯ୍ୟରେ ପାଇଖାନା ଯାଉଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ମାତ୍ର ଡେଷ୍ଟିଚ୍ୟୁଟ ୱାର୍ଡରେ ରହୁଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମାନସିକ ସ୍ତରରେ ଅସୁସ୍ଥ। ତେଣୁ ଉକ୍ତ ୱାର୍ଡରେ ଠେଙ୍ଗା ରଖିବା ଅନୁଚିତ ବୋଲି ଦାସ କହିବା ସହ ତାହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଥାଉ କି, ମେଡିକାଲର ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡରେ ଜଣେ ଅସହାୟ ରୋଗୀଙ୍କୁ ଠେଙ୍ଗାରେ ଆଟେଣ୍ଡାଣ୍ଟ ପିଟୁଥିବା ଭିଡିଓକୁ ନେଇ ବିବାଦ ଉପୁଜିଛି। ଜଣେ ଯୁବକଙ୍କ ଗୋଡ଼ରେ ଘା' ହୋଇଯିବାରୁ ଉକ୍ତ ୱାର୍ଡରେ ପଡ଼ି ରହିଛନ୍ତି। ମାତ୍ର ସେମାନଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥାର ଆଟେଣ୍ଡାଣ୍ଟ ତାଙ୍କୁ ଠେଙ୍ଗାରେ ପିଟୁଥିବାର ଭିଡିଓ ଭାଇରାଲ ହୋଇଥିଲା।

■ ନିଜ ଆଡୁ ମାମଲା ରୁଜୁ କରାଯିବ

■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

# ର୍‍ୟାମ୍ପରେ ଚାଲିଲେ ବଢ଼େ ଆତ୍ମବିଶ୍ୱାସ

**ଧରିତ୍ରୀ ଆଳାପ**

ସୁରମୟୀ ମହାପାତ୍ର। ଓଡ଼ିଆ ସିନେ ଜଗତର ଏବେ ଜଣାଶୁଣା ଚେହେରା। ମଡେଲିଂରୁ କ୍ୟାରିୟର ଆରମ୍ଭ କରି ସେ ନିଜ ଦକ୍ଷତା ବଳରେ ଫିଲ୍ମ ଦୁନିଆରେ ପ୍ରବେଶ କରିଥିଲେ। 'ଭଲପାଏ ତୋତେ ୧୦୦ରୁ ୧୦୦', 'ଆଖି ଖୋଲିଲେ ତୁ ହି ତୁ', 'ଶକ୍ତି', 'କ୍ରିଷ୍ଣା', 'ସେଲ୍‌ଫିଶ୍ ଦିଲ୍', 'ମିଷ୍ଟର ମଜ୍‌ନୁ' ଭଳି ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ଏଥର 'ଧରିତ୍ରୀ' ଆଳାପରେ ସୁରମୟୀଙ୍କ ଅଭିନୟ ଯାତ୍ରା ସମ୍ପର୍କରେ...





ସୁରମୟୀ ମହାପାତ୍ର

▶ **ମଡେଲିଂରେ କିପରି ପାଦ ଥାପିଥିଲେ?**

☆ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ପଢ଼ା ସାରିବା ପରେ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଭାଇଜାଗ୍‌ରେ କୋଚିଂ ନେଉଥିଲି। ସେଠାରେ ରହିବା ସମୟରେ ମିସ୍ ଭାଇଜାଗ୍ ପାଇଁ ବିୟୁଟି ପିଜାଣ୍ଟ ବିଷୟରେ ଜାଣିବାକୁ ପାଇଲି। ସେଥିରେ ଭାଗ ନେଇଥିଲି ଏବଂ 'ମିସ୍ ଭାଇଜାଗ୍-୨୦୧୪'ର ଟାଇଟଲ ଜିତିଥିଲି। ତାହା ଜିତିବା ପରେ ତେଲୁଗୁ ଫିଲ୍ମ ପାଇଁ ମୋତେ ଅଫର ଆସିଥିଲା। କିନ୍ତୁ ତାକୁ ମୁଁ ଗ୍ରହଣ କରି ନ ଥିଲି। କାରଣ ମୁଁ ବହୁତ ଘରୋଇ ଏବଂ ଫିଲ୍ମ ଲାଇନ୍‌ରେ ଓଡ଼ିଶାରେ କିଛି କରିବା ପାଇଁ ଇଚ୍ଛା ଥିଲା।

▶ **ମଡେଲିଂରୁ ଫିଲ୍ମର ଯାତ୍ରା କିପରି ଥିଲା?**

☆ ଓଡ଼ିଶାକୁ ଫେରିବା ପରେ ରିୟଲିଟି ଶୋ' 'ମୁଁ ବି ହେବି ହିରୋଇନ୍' ସିଜିନ୍ ୨ରେ ମୁଁ ଭାଗ ନେଇଥିଲି। ସେଥିରେ ବିଜେତା ମଧ୍ୟ ହୋଇଥିଲି। ସେଠାରୁ ମୁଁ ବାବୁସାନଙ୍କ ସହିତ ପ୍ରଥମ ଫିଲ୍ମ 'ଭଲପାଏ ତୋତେ ୧୦୦ରୁ ୧୦୦' ପାଇଁ ଅଫର ପାଇଥିଲି।

▶ **ଫିଲ୍ମ ଶୁଟିଂର ପ୍ରଥମ ଦିନ କିପରି ଥିଲା?**

☆ ହଜାର ହଜାର ଝିଅଙ୍କୁ କାଟି 'ମୁଁ ବି ହେବି ହିରୋଇନ୍' ସିଜିନ୍ ୨ର ବିଜେତା ହୋଇଥିବାରୁ ନିଜ ଉପରେ ଆତ୍ମବିଶ୍ୱାସ ଥିଲା। କିନ୍ତୁ ଶୁଟିଂର ପ୍ରଥମ ଦିନରେ ମୁଁ ବହୁତ ନର୍ଭସ ହୋଇଯାଇଥିଲି। କାରଣ ପ୍ରଥମ ଥର କ୍ୟାମେରା ସାମ୍ନାକୁ ଆସି ବାବୁସାନଙ୍କ ଭଳି ଜଣେ ଅଭିନେତାଙ୍କ ସହିତ କାମ କରୁଥିଲି। ତେବେ ଫିଲ୍ମର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସମସ୍ତ କ୍ରିଉ ମେମ୍ବର ମୋତେ ବହୁତ ସହଯୋଗ କରିଥିଲେ।

▶ **କେଉଁ ଫିଲ୍ମରୁ ଆତ୍ମତୃପ୍ତି ମିଳିଛି?**

☆ 'ମିଷ୍ଟର ମଜ୍‌ନୁ'। ପୂର୍ବରୁ ମୋତେ ଡ୍ୟାନ୍ସ ପାଇଁ ପ୍ରଶଂସା ମିଳିଥିଲା। ଯେହେତୁ ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଥିଲି, ତେଣୁ ସେହି ପ୍ରଶଂସା ସେତେ ଅଧିକ ଖୁସି ଦେଇ ନ ଥିଲା। ତେବେ 'ମିଷ୍ଟର ମଜ୍‌ନୁ' ଫିଲ୍ମରେ ମୋତେ ମୋ ଅଭିନୟ ପାଇଁ ପ୍ରଶଂସା ମିଳିଥିଲା। ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ସମସ୍ତଙ୍କଠାରୁ ମୋତେ ଏହି ପ୍ରଶଂସା ମିଳିଥିଲା। ଏହି ଫିଲ୍ମରେ ଯେତିକି କଷ୍ଟ କରିଥିଲି ସେତିକି ସଫଳତା ବି ପାଇଥିଲି।

▶ **ଶୁଟିଂ ସେଟ୍‌ର କିଛି ଅନୁଭୂତି ସମ୍ପର୍କରେ?**

☆ 'ମିଷ୍ଟର ମଜ୍‌ନୁ' ଫିଲ୍ମରେ ଏକ ଗୀତ ଜୟଦେବ ବାଟିକାରେ ଶୁଟିଂ ହୋଇଥିଲା। ରାତି ୯ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଶୁଟିଂ ଚାଲିଥିଲା। ତାହା ପୁଣି ପାଣି ଭିତରେ ଶୁଟିଂ ହୋଇଥିଲା। ଯେହେତୁ ସେ ଗୀତଟି ବହୁତ ଭଲ ଥିଲା ଏବଂ କୋରିଓଗ୍ରାଫି ଭଲ ଥିଲା, ତେଣୁ ଏତେ ସମୟ କିପରି ଚାଲିଯାଇଥିଲା ଜାଣିପାରିନଥିଲି। କିନ୍ତୁ ଦୁଇଦିନ ପରେ ମୋ ଦେହ ବହୁତ ଖରାପ ହୋଇଗଲା। ତେବେ ସ୍କ୍ରିନ୍‌ରେ ସେହି ଗୀତକୁ ଦେଖିବା ପରେ ମୋ କଷ୍ଟ ଦୂରେଇ ଯାଇଥିଲା।

▶ **ଭବିଷ୍ୟତରେ କେଉଁ କୋ-ଷ୍ଟାର ସହିତ କାମ କରିବାର ଲକ୍ଷ୍ୟ ରଖିଛନ୍ତି ?**

☆ ଅନୁଭବ ମହାନ୍ତି। ମୁଁ ତାଙ୍କର ବହୁତ ବଡ଼ ଫ୍ୟାନ୍। ଯଦି କେବେ ସୁଯୋଗ ଆସିବ ତେବେ ନିଶ୍ଚିତ ଭାବେ କରିବି।

▶ **କେଉଁଭଳି ଫିଲ୍ମ ଓ ଚରିତ୍ରରେ ଅଭିନୟ କରିବାକୁ ଚାହାନ୍ତି ?**

☆ କଣ୍ଟେଣ୍ଟ ଓରିଏଣ୍ଟେଡ୍ ଫିଲ୍ମ। ଯେଉଁ ଫିଲ୍ମରେ ନିଜ ଉପରେ ଏକ୍ସପରିମେଣ୍ଟ କରିହେବ। ଯେଉଁ ଚରିତ୍ରରେ ଅଭିନୟ କରିବାକୁ ଭୟ ଲାଗୁଥିବ ସେହି ଚରିତ୍ରରେ ଅଭିନୟ କରିବା ପାଇଁ ମୋର ଇଚ୍ଛା ରହିଛି।

▶ **ଆଗକୁ ପ୍ରୋଜେକ୍ଟ କ'ଣ ରହିଛି ?**

☆ ଏବେ ଅଫର ବହୁତ ଆସୁଛି। କିନ୍ତୁ ସେହିଭଳି ଗୋଟେ ପ୍ରୋଜେକ୍ଟକୁ ଅପେକ୍ଷା କରିଛି, ଯେଉଁଟା ମୋତେ ଲାଗିବ ଯେ ମୁଁ ସେଥିରେ ନିଜକୁ ଏକ୍ସପରିମେଣ୍ଟ କରିପାରିବି।

▶ **ଭବିଷ୍ୟତରେ ମଡେଲିଂ ନା ଫିଲ୍ମ, କେଉଁଟା ଜାରି ରହିବ?**

☆ ଏବେ ମୁଁ ଆଡ୍, ଜୁଏଲେରି ପାଇଁ ଶୁଟ୍ କରୁଛି। ଫ୍ୟାଶନ ଶୋ'କୁ ଡକାଗଲେ ମଧ୍ୟ ଯାଉଛି। ର୍‍ୟାମ୍ପରେ ଚାଲିଲେ ଆତ୍ମବିଶ୍ୱାସ ବଢ଼ୁଛି। ମଡେଲିଂ କରୁଥିବି। ତେବେ ଭବିଷ୍ୟତରେ ମଡେଲିଂ ରହୁ କି ଶୋ' ରହୁ ଫିଲ୍ମ ରହିବ।

▶ **ରିଲ୍ ଓ ରିୟଲ ସୁରମୟୀ ଭିତରେ କ'ଣ ପାର୍ଥକ୍ୟ ?**

☆ ରିଲ୍‌ରେ ମୁଁ ଯାହା ରିୟଲରେ ପୂରା ଓଲଟା। ଅଧିକ କଥାବାର୍ତ୍ତା କରିବାକୁ ଭଲଲାଗେ ନାହିଁ। ସମୟ ନଷ୍ଟ କରିବାକୁ ପସନ୍ଦ କରେନି।

▶ **କ'ଣ ଖାଇବାକୁ ପସନ୍ଦ କରନ୍ତି?**

☆ ମୁଁ ବହୁତ ଫୁଡି। ସବୁ ପ୍ରକାର ଖାଦ୍ୟ ଖାଏ। ସି' ଫୁଡ୍ ଖାଇବାକୁ ଅଧିକ ପସନ୍ଦ।

-ଅସମାପିକା ସାହୁ



ଆର୍.ଏସ୍.କୁମାର

## ଫିଟ୍ ରହିବା ଲାଗି ସାଇକେଲ ଚଳାଏ

ଓଡ଼ିଆ କଣ୍ଠଶିଳ୍ପୀ ଆର୍.ଏସ୍. କୁମାର ସବୁବେଳେ ଫିଟ୍‌ନେସ ଉପରେ ଗୁରୁତ୍ୱ ଦିଅନ୍ତି। ବିଭିନ୍ନ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ବର୍ଷସାରା ରାଜ୍ୟ ତଥା ରାଜ୍ୟ ବାହାରକୁ ଯିବାକୁ ପଡୁଥିଲେ ସୁଦ୍ଧା ଡାଏଟ୍‌ରେ ସେ କେବେ ଏପଟସେପଟ କରନ୍ତିନି। ନିଜକୁ ଫିଟ୍ ରଖିବା ପାଇଁ ଦୃଢ଼ ମାନସିକତା ଦରକାର ବୋଲି କୁହନ୍ତି ସଙ୍ଗୀତ ଦୁନିଆର ଆଗଧାଡ଼ିର ଏହି ଯୁବ କଣ୍ଠଶିଳ୍ପୀ।

ଜିମ୍ ଯିବା ପାଇଁ ଅଧିକ ସମୟ ମିଳେନି। ସକାଳୁ ଉଠିବାର କୌଣସି ନିର୍ଦ୍ଦିଷ୍ଟ ସମୟ ବି ନ ଥାଏ। କେବେ ରାତି ୧୦ଟାରେ ଶୋଉଥିବା ବେଳେ କେବେ କେବେ ଭୋର ୪ଟାରେ ଶୋଇବାକୁ ପଡ଼େ। ଏଣୁ ଜିମ୍ କଥା ନ ଭାବି ନିଜ ଦ୍ୱାରା ଯେତିକି ସମ୍ଭବ ସେତିକି ଶାରୀରିକ ପରିଶ୍ରମ କରେ। ଅତି ଦରକାର ନ ଥିଲେ ବାଇକ୍ ବଦଳରେ ସାଇକେଲ ନେଇ କିଛି ସ୍ଥାନକୁ ଯାଇଥାଏ। ସକାଳେ ପ୍ରାୟତଃ ସାଇକେଲ ଚଲାଇ କଫି ପିଇବାକୁ ଷ୍ଟାଡିୟମ ପାଖକୁ ଯାଏ।

### ରାତ୍ରଭୋଜନ ଗୁରୁତ୍ୱପୂର୍ଣ୍ଣ

ରାତିରେ ଉପାସ ରହିବା ଭଲ ନୁହେଁ। ହେଲେ ରାତିରେ କ'ଣ ଖାଇବାକୁ ହୁଏ ସେ ବିଷୟରେ ବିଶେଷ ଧ୍ୟାନଦେବାକୁ ପଡ଼େ। ଦୁଇଟି ରୁଟି ସହିତ ବିନା ତେଲମସଲାର କିଛି ବି ତରକାରି ହେଲେ ମୁଁ ରାତିରେ ଆନନ୍ଦରେ ଖାଇଦିଏ। ବ୍ରେକ୍‌ଫାଷ୍ଟରେ ପ୍ରାୟ ବ୍ରେଡ୍ ଖାଇଥାଏ। ମୋ ରୁମ୍‌ରେ ବିଭିନ୍ନ ପ୍ରକାର ବିସ୍କୁଟ, ବ୍ରେଡ୍ ରଖିଥାଏ। ଯାହା ଫଳରେ ବ୍ରେକଫାଷ୍ଟରେ କିଛି ସମସ୍ୟା ହୁଏନି।

### ପ୍ରଚୁର ପାଣି ପିଏ

ଶରୀର ସହିତ ଗଳା ଭଲ ରଖିବା ପାଇଁ ପ୍ରତ୍ୟେକ ଦିନ ଜଣେ କଣ୍ଠଶିଳ୍ପୀ ଆବଶ୍ୟକ ପରିମାଣର ପାଣି ପିଇବା ଦରକାର। ଏଣୁ ମୁଁ ନିୟମିତ ବ୍ୟବଧାନରେ ପାଣିପିଏ। ଯେ କୌଣସି କାର୍ଯ୍ୟକ୍ରମ ହେଉ କି ଷ୍ଟୁଡିଓରେ ଥିବାବେଳେ ପାଣି ପିଇବାକୁ କେବେ ବି ଭୁଲେନାହିଁ।

-କୁମାରଶ୍ରୀ ସାହୁ

**ଖାଦ୍ୟ ରୁଚି**

## ପାମ୍ପୁଡ଼ି ପନିର୍



ପନିର୍‌କୁ ବିଭିନ୍ନ ସ୍ୱାଦ ଦେଇ ଖାଦ୍ୟ ପ୍ରସ୍ତୁତ କରାଯାଏ । ଖଟା, ମିଠା ଓ ରାଗ ଆଦି ସ୍ୱାଦରେ ପନିର୍ ବେଶ୍ ଭଲ ଲାଗେ। ସେହିଭଳି ପାମ୍ପୁଡ଼ି ପନିର୍ ଏକ ବିଶେଷ ଧରଣର ଖାଦ୍ୟ। ପୁରୀର ଫୁଡ୍ ସେଣ୍ଟ୍ରାଲରେ କାର୍ଯ୍ୟ କରୁଥିବା ସେଫ୍ ମିର୍ଜା ସାହିଲ୍ ପାମ୍ପୁଡ଼ି ପନିର୍‌ର ପ୍ରସ୍ତୁତି ସମ୍ପର୍କରେ କୁହନ୍ତି...

### ଆବଶ୍ୟକ ସାମଗ୍ରୀ

- ପନିର୍: ୩୦୦ ଗ୍ରାମ୍
- ତେଲ: ୩୦୦ ମିଲି
- କର୍ନଫ୍ଲୋର୍: ୨୫୦ ଗ୍ରାମ୍
- ମଇଦା: ୫୦ ଗ୍ରାମ୍
- ବ୍ଲାକ୍ ପିପର: ୫ ଗ୍ରାମ୍
- ପାମ୍ପଡ଼: ୪ଟା
- ଆଚାର: ୧୦୦ ଗ୍ରାମ୍

### ପ୍ରସ୍ତୁତି ପ୍ରଣାଳୀ

ପନିର୍‌କୁ ଗୋଲ୍ ଗୋଲ୍ କାଟନ୍ତୁ। ଦୁଇଟି ପନିର୍ ମଝିରେ ଆଚାର ଦିଅନ୍ତୁ। ମଇଦା, ହ୍ୱାଇଟ ପିପର, ବ୍ଲାକ୍ ପିପର, ଲୁଣ, ହାଲୁକା ପାଣି ଦେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହା ପରେ ଆଚାର ଦିଆଯାଇଥିବା ପନିର୍‌କୁ ଏହି ମିଶ୍ରଣରେ ବୁଡ଼େଇ ସେଥିରେ ହାଲୁକା କର୍ନଫ୍ଲୋର ଲଗାଇ ଏଥିରେ ଥିବା ଓଦାଳିଆ ଅଂଶରେ ପାମ୍ପଡ଼ ଖଣ୍ଡ ଲଗାନ୍ତୁ। ପରେ ଗରମ ତେଲରେ ଫ୍ରାଏ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପାମ୍ପୁଡି ପନିର୍। ଏଥିରେ ଟମାଟୋ ସସ୍ ଲଗେଇ ପରଷି ଦିଅନ୍ତୁ।



ରିପୋର୍ଟ: ଶୋଭେନ୍ ସେଫ୍: ମିର୍ଜା ସାହିଲ୍

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସତ୍ୟଜିତ



ନାରାୟଣ



ସଞ୍ଚିତା



ସାଗର



ଶ୍ରୀକାନ୍ତ



ପବିତ୍ର



ଜିସାନ



ଶୁଭାଶିଷ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ତାଙ୍କ ସରକାରୀ ବାସଭବନ ନିକଟକୁ ସ୍ଥାନାନ୍ତର କରାଯିବ। ୩୭୦ ଅନୁଚ୍ଛେଦ ଉଠାଯିବା ପରେ ଆଇନଶୃଙ୍ଖଳା ଦୃଷ୍ଟିରୁ ତାଙ୍କୁ ହେପାଜତକୁ ନିଆଯାଇଥିଲା। ଏବେ ସେ ହରି ନିବାସରେ ଅଟକ ଅଛନ୍ତି। ଜମ୍ମୁ-କଶ୍ମୀର ଲୋକଙ୍କୁ ସଚେତନ କରାଇବା ଲାଗି ମନ୍ତ୍ରୀଗୋଷ୍ଠୀ ସେଠାକୁ ଯାଉଥିବାବେଳେ ହରି ନିବାସରେ ରହିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ମକର ବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ନୀତି

ପୁରୀ ଅଫିସ,୧୫।୧

ଶ୍ରୀମନ୍ଦିରରେ ବୁଧବାର ପାଳିତ ହୋଇଛି ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଭୋର ୪ଟାରେ ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ ହୋଇଥିଲା। ସକାଳ ଧୂପ ପରେ ୩ ବାଡରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଘଟୁଆରୀ ଘରଠାରୁ ସର୍ବାଙ୍ଗ ବିଜେ କରାଇ ସର୍ବାଙ୍ଗ ଲାଗି ହୋଇଥିଲା। ଠାକୁରଙ୍କୁ ନୂଆଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗୀ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଟେରା ପଡ଼ିବା ପରେ ପଣ୍ଡା, ପତ୍ରିବଡୁ, ସୁଆରବଡୁ ଏବଂ ଗରାବଡୁଙ୍କୁ ସାଙ୍ଗରେ ଧରି ରୋଷ ପାଇକ ହାତେ ଏକ ଓଳି ଅନ୍ନ ଧରି ବାହାରକୁ ଆସି ମନ୍ଦିର ଚାରିପାଖେ ଦିଗ୍‌ବଳି ଦେଇଥିଲେ। ଏହାପରେ ଭିତରକୁ ଯାଇ ମଣୋହି କରିଥିଲେ। ଏହି ଭୋଗ ସରି ଆଳତି ବଢ଼ିବା ପରେ ଟେରା ବନ୍ଧା ହୋଇଥିଲା। ପାଳିଆ ପଢିଆରୀ ମଙ୍ଗଳବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହାପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ଆବଶ୍ୟକ ସାମଗ୍ରୀ ଆଣିଥିଲେ।



ପୁରୀ ରାଧାବଲ୍ଲଭ ମଠ ଉପରୁ ଶ୍ରୀଜୀଉଙ୍କୁ ମକର ଚାଉଳ ଅର୍ପଣ କରାଯାଉଛି।

### ମାଜଣା ହେଲା ନୀଳଚକ୍ର

ନବାଙ୍କ ଅବସରରେ ଚୁନରା ସେବକମାନେ ଦଧିନଉତିରେ ଚୁନ ଲେପ କରିଥିଲେ। ପରମ୍ପରା ଅନୁଯାୟୀ, ମକରସଂକ୍ରାନ୍ତି ଅବସରରେ କଳସରେ ଗେରୁ ଲେପ ଦିଆଯାଇଥିଲା। ଅଁଳାବେଢା ଉପରି ଭାଗରେ ରାମାନନ୍ଦୀ ଚିତା ଦିଆଯାଇଥିଲା। ଏହାପରେ ଚୁନରା ସେବକମାନେ ନୀଳଚକ୍ର ମାଜଣା କରିଥିଲେ।

ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପାଥାଳି ୩ଟି ନେଇ ଉକ୍ତ ଚାଉଳକୁ ମୂର୍ଦ୍ଧମୂଳ କରି ରଖିଥିଲେ। ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦୁଗ୍ଧ ଘରୁ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳୀପାନ, ଛଚିପାନ ଧରି ବଡ଼ଦେଉଳକୁ ବେଢାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଭୋଗ ଲାଗି ହେବା ପରେ ବେଢା ପରିକ୍ରମା କରାଯାଇଥିଲା। ପରେ ମକର ଚାଉଳ ଭୋଗକୁ ଭକ୍ତମାନେ ପାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜ୍ୟେଷ୍ଠେ କଦଳୀ ଆଷାଢ଼େ କିଆ,**
**ପୋତ ନ ପୋତ ହୁଅଇ ଠିଆ।**
**ହାତ ଚାଖଣ୍ଡକେ ଖୋଳିବ ଗାତ,**
**ପତର ଖଣ୍ଡିକେ ନ ଦେବ ହାତ।**
**ଚାଖଣ୍ଡେ ଛାଡ଼ି ଭାଙ୍ଗିବ ଭଣ୍ଡା,**
**ତେବେ ସେ ଦେଖିବ କଦଳୀ ପେଣ୍ଡା।**

ଜ୍ୟେଷ୍ଠ ମାସରେ କଦଳୀ ପୁଆ ଓ ଆଷାଢ଼ ମାସରେ କିଆ ଗଛ ଲଗାଯିବାର ପ୍ରକୃଷ୍ଟ ସମୟ ହୋଇଥାଏ। ଉପର ବର୍ଣ୍ଣିତ ପ୍ରଣାଳୀରେ କଦଳୀ ପୁଆ ଲଗାଇଲେ ଗଛ ଭଲ ବଢ଼ିବା ସହ ଭଲ କଦଳୀ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାଲ ଛିଣ୍ଡା ମାଛକୁ ଟୋକେଇ କୁଦାଏ।**

ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସିଏ କୌଣସି ପରିସ୍ଥିତିରେ ଦବିଯାଇ ନ ଥାଏ ବା ହାର ମାନି ନ ଥାଏ। ଯେଉଁ ମାଛ ଜାଲ ଛିଣ୍ଡାଇ ପଳାଇ ଥାଏ ତା' ପକ୍ଷେ ଟୋକେଇରୁ ଡେଇଁ ପଳାଇବା ଅତି ସାମାନ୍ୟ କଥା ହୋଇଥିବା ସ୍ଥଳେ ଅତି ଚତୁର ବା ସିଆଣିଆ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି: କଂଗ୍ରେସ

### ଶ୍ରୀମନ୍ଦିର ପରିଚାଳନା ପ୍ରସଙ୍ଗ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ପୁରୀ ତଥା ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣକୁ ନେଇ ଅତ୍ୟନ୍ତ ଚିନ୍ତିତ ତଥା ଗମ୍ଭୀର ଥିବା ରାଜ୍ୟ ସରକାର ଦାବି କରୁଛନ୍ତି। ପ୍ରକୃତରେ ସରକାର ଏଥିପାଇଁ କେତେ ଗମ୍ଭୀର ଓ ବିଚଳିତ ଏହା ଶ୍ରୀମନ୍ଦିର ପରିଚାଳନାକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଚାଲିଥିବା ଟାଳଟୁଳ ନୀତି ହିଁ ପ୍ରମାଣିତ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ଶ୍ରୀମନ୍ଦିର ପରିଚାଳନାକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଦାଏର ହୋଇଥିବା 'ମୃଣାଳିନୀ ପାଢୀ ବନାମ ୟୁନିୟନ୍ ଅଫ ଇଣ୍ଡିଆ' ମକଦ୍ଦମାରେ ସର୍ବୋଚ୍ଚ ଅଦାଲତ ୪ ନଭେମ୍ବର ୨୦୧୯ରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ, ରାଜ୍ୟ ସରକାର ଜଣେ ପୂର୍ଣ୍ଣକାଳୀନ ଶ୍ରୀମନ୍ଦିର ପ୍ରଶାସକଙ୍କୁ ତତ୍‌କ୍ଷଣାତ୍ ନିଯୁକ୍ତି ପ୍ରଦାନ କରିବେ। ଯିଏ ଅନ୍ୟ କୌଣସି ବିଭାଗର ଦାୟିତ୍ୱରେ ରହିପାରିବେ ନାହିଁ। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ସରକାର ଶ୍ରୀମନ୍ଦିରର ଗୁରୁଦାୟିତ୍ୱକୁ କୌଣସି ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ପ୍ରଦାନ କରିପାରିବେ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ସରକାର ଜାଣିଶୁଣି ଅବମାନନା କରିବା ସହିତ ଏହାକୁ ଚାପି ରଖିଛନ୍ତି। ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପରିଚାଳନା ପାଇଁ ଅତିରିକ୍ତ ଦାୟିତ୍ୱରେ ଥିବା ପୂର୍ତ୍ତ ସଚିବଙ୍କ ନିଯୁକ୍ତି ସମ୍ପୂର୍ଣ୍ଣଭାବେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଅଟେ ଏବଂ ତାଙ୍କ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ନୀତିଗତ ନିଷ୍ପତ୍ତି ବାତିଲ ଓ ବ୍ୟର୍ଥ ଭାବେ ପରିଗଣିତ ହେବ ବୋଲି ସତ୍ୟପ୍ରକାଶ କହିଛନ୍ତି।

# ଜିଲା ସମାଜ ମଙ୍ଗଳ ଅଧିକାରୀ ନିଲମ୍ବିତ

ମାଲକାନଗିରି, ୧୫।୧(ସ୍ୱ.ପ୍ର.)

ମାଲକାନଗିରି ଡିଏସ୍‌ଡବ୍ଲ୍ୟୁଓ (ଜିଲା ସମାଜ ମଙ୍ଗଳ ଅଧିକାରୀ) ସ୍ୱର୍ଣ୍ଣଲତା ବିଶ୍ୱାସଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅନିୟମିତତା, ମାଲକାନଗିରି ସିଡିପିଓ ବିପୁଲା ସରକାରଙ୍କୁ ପଦୋନ୍ନତିରେ ସହଯୋଗ କରିବାରେ ସମ୍ପୃକ୍ତ ଥିବା ଦର୍ଶାଇ ତାଙ୍କୁ ନିଲମ୍ବିତ କରାଯାଇଛି। ଗତ କିଛିଦିନ ତଳେ ତାଙ୍କ ବିରୋଧରେ ଦୁର୍ନୀତି, ପିସି କାରବାର ଓ ନିଜ ପଦବୀରୁ ଫାଇଦା ଉଠାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଜିଲାପାଳ ତାଙ୍କୁ ନିଲମ୍ବନ କରିଛନ୍ତି। ସେ ପଡିଆ ଏବଂ କୋରକୋଣ୍ଡାରେ ସୁପରଭାଇଜର ଥିବାବେଳେ ବହୁ ଦୁର୍ନୀତିରେ ଲିପ୍ତ ଥିବାରୁ ଏକାଧିକ ଥର ନିଲମ୍ବିତ ହୋଇଥିଲେ। ଏହାର ତଦନ୍ତ ରିପୋର୍ଟ ଜିଲାପାଳ ରାଜ୍ୟ ସରକାରଙ୍କୁ ଦେଇଥିଲେ।

# ମାଟି ଦବି ଚାଷଜମିରେ ଗର୍ତ୍ତ

ତାଳଚେର,୧୫।୧(ନି.ପ୍ର.): ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ଦେଉଳବେଡା ତେଲିସାହିର ଅକ୍ଷୟ କୁମାର ସାହୁଙ୍କ ଚାଷଜମିରେ ମାଟି ଦବି ଏକ ଗର୍ତ୍ତ ସୃଷ୍ଟି ହୋଇଛି। ବୁଧବାର କେତେଜଣ ଗ୍ରାମବାସୀ ଏହା ଦେଖିବାକୁ ପାଇଥିଲେ। ଚାଷ ଜମିର ପାଣି ଉକ୍ତ ଗର୍ତ୍ତରେ ପଶୁଥିବାରୁ ତାହା ଧୀରେ ଧୀରେ ବଡ଼ ହେଉଥିବା ଜଣାପଡ଼ିଛି। କୋଇଲା ଖଣି ଯୋଗୁ ଏଭଳି ଘଟିଥିବା ଗ୍ରାମବାସୀ ଅଭିଯୋଗ କରି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ତେବେ ପୋଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ତହସିଲଦାର ଗୌରୀ ନାଏକ, ତାଳଚେରରେ ଉପସ୍ଥିତ ଥିବା ଏମ୍‌ସିଏଲ୍‌ର ସିଏମ୍‌ଡି, ଅନ୍ୟ ବରିଷ୍ଠ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ଖଣି ଉଚ୍ଚ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ବୈଠକରେ ଏ ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଉକ୍ତ ସ୍ଥାନକୁ ବ୍ୟାରିକେଡ କରାଯାଇଛି।

# ପଟ୍ଟାୟତ ମାତୃପ୍ରସାଦ ସିଂଦେଓଙ୍କ ପରଲୋକ



ଢେଙ୍କାନାଳ ଅଫିସ, ୧୫।୧: ଢେଙ୍କାନାଳ ରାଜପରିବାର ବରିଷ୍ଠ ସଦସ୍ୟ ପଟ୍ଟାୟତ ମାତୃପ୍ରସାଦ ସିଂଦେଓଙ୍କର ବୁଧବାର ସକାଳ ସାଢ଼େ ୬ଟାରେ ଭୁବନେଶ୍ୱରସ୍ଥିତ ତାଙ୍କ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ଜ୍ୟେଷ୍ଠପୁତ୍ର ହର୍ଷବର୍ଦ୍ଧନ ସିଂଦେଓ, କନିଷ୍ଠପୁତ୍ର ରାଜୀବ ଲୋଚନ ସିଂଦେଓ, ପୁତ୍ରବଧୂ, ବଡ଼ଭାଇ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂଦେଓ, ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ସମ୍ବଲପୁର ଏମ୍‌ପି ନିତୀଶ ଗଙ୍ଗଦେବଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଆଜି ସବୁ ସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୫।୧(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଗୁରୁବାର ଅଭିଭାବକ-ଶିକ୍ଷକ ବୈଠକ(ପିଟିଏମ୍) ଅନୁଷ୍ଠିତ ହେବ। ଏଥିରେ ଷାଣ୍ମାସିକ ପରୀକ୍ଷାଫଳ ପ୍ରକାଶ କରାଯିବା ସହ ଅଭିଭାବକଙ୍କୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପର୍କରେ ଅବଗତ କରାଯିବ। ଦୁଇଘଣ୍ଟା ଧରି ହେବାକୁ ଥିବା ଏହି ବୈଠକରେ ପିଲାମାନେ ପାଠପଢ଼ାରେ କିଭଳି ଉନ୍ନତି କରିବେ ତାହା ଆଲୋଚନାର ମୁଖ୍ୟ ବିଷୟ ରହିବ। ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଗରିମା ଆୱାର୍ଡ, ଏଲ୍‌ଇପି, ଉଜ୍ଜ୍ୱଳ, ଉତ୍‌ଥାନ କ୍ଲାସ୍ ଓ ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନର ଆବଶ୍ୟକତା ବାବଦରେ ବୈଠକରେ ଆଲୋଚନା କରାଯିବ। ଯଦି କୌଣସି ଅଭିଭାବକ ପାଠପଢ଼ା ବ୍ୟତୀତ ଅନ୍ୟ ବିଷୟରେ ଜାଣିବାକୁ ଚାହୁଁଥିବେ, ତେବେ ବୈଠକ ପରେ ସେ ନେଇ ଆଲୋଚନା ହେବ। ବୈଠକ ପରେ ପିଲାମାନେ କ୍ଲାସ୍‌ରୁମ୍‌ରେ ବସିବେ। ଏଥିରେ ପ୍ରତି ଛାତ୍ରୀଛାତ୍ରଙ୍କ ଷାଣ୍ମାସିକ ପରୀକ୍ଷାର ଉତ୍ତରଖାତା ଅଭିଭାବକଙ୍କୁ ଦେଖାଯିବ। ଏହାଦ୍ୱାରା ପିଲାମାନେ ପରୀକ୍ଷାରେ କିଭଳି ଉତ୍ତର ଲେଖିଛନ୍ତି ସେ ବିଷୟରେ ଅଭିଭାବକମାନେ ଅବଗତ ହେବେ। ଶ୍ରେଣୀ ଅନୁଯାୟୀ ଅଭିଭାବକଙ୍କ ଉପସ୍ଥାନ ନିଆଯିବ ଏବଂ ପରବର୍ତ୍ତୀ ସମୟରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ତାହା ଦାଖଲ କରାଯିବ।

# କଡ଼ା ଜରିମାନା ଲାଗୁ ପରେ ସଡ଼କ ଦୁର୍ଘଟଣା କମିଛି: ମନ୍ତ୍ରୀ

### ଆଜି ଦିଲ୍ଲୀରେ ସଡ଼କ ସୁରକ୍ଷା ସମ୍ପର୍କିତ ବୈଠକ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ସମଗ୍ର ଦେଶରେ ଦୁର୍ଘଟଣା ଯୋଗୁ ବହୁ ଜୀବନ ହାନି ହେଉଛି। ଏହା ବର୍ତ୍ତମାନ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଅଧିକ ଦୁର୍ଘଟଣା ଘଟୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଦେଶର ୫ମ ସ୍ଥାନରେ ରହିଛି। ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ବର୍ଦ୍ଧିତ ଫାଇନ ବ୍ୟବସ୍ଥା ଲାଗୁ କରାଯିବା ପରେ ଓଡ଼ିଶାରେ ଦୁର୍ଘଟଣା ହାର କମିଛି। ଆଗକୁ ଏହାକୁ ଅଧିକ ୨୦ପ୍ରତିଶତ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଗୁରୁବାର ଦିଲ୍ଲୀଠାରେ କେନ୍ଦ୍ର ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ରାଜ୍ୟ ପରିବହନ ମନ୍ତ୍ରୀ ବେହେରା ଯୋଗଦେବାକୁ ଥିବାବେଳେ ଏହା ପୂର୍ବରୁ ସେ ରାଜ୍ୟରେ ହ୍ରାସ ପାଇଥିବା ସଡକ ଦୁର୍ଘଟଣା ସମ୍ପର୍କରେ ମତ ରଖିଛନ୍ତି। ମନ୍ତ୍ରୀ ବେହେରା ଆହୁରି କହିଛନ୍ତି, ବିଭିନ୍ନ ଦାବି ସମ୍ପର୍କରେ ବୈଠକରେ ଉପସ୍ଥାପନ କରାଯିବ। ରାସ୍ତା କଡରେ ହେଉଥିବା ପାର୍କିଂ ବ୍ୟବସ୍ଥା ଉଚ୍ଛେଦ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଥିଲାଗି ଅଧିକ ଆର୍ଥିକ ସହଯୋଗ ଓ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହାଛଡା କିଛି କ୍ଷେତ୍ରରେ ଟ୍ରାଫିକ ଜରିମାନା କୋହଳ ହେବା ଦରକାର ବୋଲି ସେ ସ୍ୱୀକାର କରିଛନ୍ତି। ଏ ସମସ୍ତ ଦାବି ବୈଠକରେ ଉଠାଯିବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କସିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ
50% ଛାଡ଼
ଲୋନ୍ ଧମାକା
ATM Card ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

SEE COLOR DISPLAY CLASSIFIED
ON EVERY TUESDAY & FRIDAY

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nurshing: • OT.TECH • DM.L.T TECH • PHRAMACY • I.C.U • DIALYSIS • E.C.G • G.N.M
Fire Safety: • Fire & Safety Engg. Tech. • Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈଁପରି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

DHARITRI Career appointment Every Wednesday and Saturday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BUSINESS

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ। ଲାପଟପ୍, ମୋବାଇଲ, ବାଇକ୍ ମାଗଣା। ଅନ୍‌ଲାଇନ୍ SMS କରନ୍ତୁ। ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ।
7265982706
7064678575


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅପେରା ହାଲଚାଲ

# ନାୟିକାର ନାଁ ଟିକିନା



ପ୍ରଥମେ କମେଡି ତା'ପରେ ମୁଖ୍ୟ ଭୂମିକା। ନିଜର ଦାୟିତ୍ୱକୁ ବେଶ୍ ସୂଚାରୁ ରୂପରେ ତୁଲାଇ ଜଲିଉଡ୍‌ରେ ନିଜକୁ ଜଣେ ଆଗଧାଡ଼ିର ଅଲରାଉଣ୍ଡର ନାୟିକା ଭାବରେ ପରିଚିତ କରାଇପାରିଛନ୍ତି ସେ। ରୋଲ୍ ରୋମାଣ୍ଟିକ ହେଉ ଅବା ଇମୋଶନାଲ–ସେଗୁଡ଼ିକରେ ସେ ଶତ ପ୍ରତିଶତ ସକ୍‌ସେସ ହୋଇଛନ୍ତି। ଏହି ନାୟିକା ଜଣକ ହେଲେ ଟିକିନା। ମାତ୍ର ୧୨ ବର୍ଷ ବୟସରେ ମଞ୍ଚ ଉପରେ ଟିକିନା ପାଦ ଦିଅନ୍ତି। ଜୟଦୁର୍ଗା ଗଣନାଟ୍ୟରେ ତାଙ୍କୁ ମିଳିଥିବା ସୁଯୋଗକୁ ଆଦୌ ହାତଛଡ଼ା କରି ନ ଥିଲେ ଟିକିନା। ତା'ପରେ ଓଡ଼ିଶା ଅପେରା, ଶିବାନୀ ଗଣନାଟ୍ୟ, ମା' ତାରିଣୀ, ରଙ୍ଗମହଲ, ଇଷ୍ଟର୍ନ ରେଡ୍, ସ୍ୱର୍ଣ୍ଣମହଲରେ ଅଭିନୟ କରିବା ପରେ ଏବେ ବିଶ୍ୱଦରବାରରେ ଅଭିନୟ ଜାରି ରଖିଛନ୍ତି। ବିଶେଷଭାବରେ କମେଡ଼ି ଚରିତ୍ରରେ ନିଜର ଦମ୍ ଦେଖାଇବା ପରେ ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ତାଙ୍କୁ ନାୟିକା ସାଜିବାର ସୁଯୋଗ ମିଳିଥିଲା। ତା'ପରେ ଯାହା ଘଟିଥିଲା ତାହା ଇତିହାସ। ଟିକିନାଙ୍କ ଅଭିନୟ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହାର ଉଦାହରଣ ମଧ୍ୟରେ ରହିଥିବା ପ୍ରମୁଖ ନାଟକଗୁଡ଼ିକ ହେଲା 'ଫଗୁଣ ଦେଇଛି ପହିଲି ଚିଠି, ଶୂନ ଫୋଟକା, ବେତାଳ କଥା, ଆକାଶ କଇଁଆ ଚିଲିକା ମାଛ, ବର୍ଷା ରାତିର ସାଥୀ, ତୁମ କଥା ଭାରି ମନେ ପଡୁଛି ଏବଂ ଗୁପ୍ତ ସମ୍ପର୍କ'। ଅଭିନୟ ଜୀବନର ବର୍ଷ କେଇଟା ପରେ ଖଳନାୟକ ଶୁଭେନ୍ଦୁଙ୍କ ସହ ଘର ସଂସାର କରିଥିଲେ ଟିକିନା। ତେବେ ଦର୍ଶକଙ୍କୁ ନିଜ ଅଭିନୟ ମାୟାରେ ବାନ୍ଧି ରଖିଥିବା ଟିକିନା ଭବିଷ୍ୟତରେ ଜଲିଉଡ୍‌ରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆଉ ଜଣେ ନବାଗତ


ନବୀନ-ନଗଜା

ଖୁବ୍ ଶୀଘ୍ର ଓଲିଉଡ୍‌ରେ ଆଉ ଜଣେ ନବାଗତ ନାୟକ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ନବୀନ। ଅବଶ୍ୟ ଏହାପୂର୍ବରୁ ସେ ୩ଟି ଭୋଜପୁରୀ ଫିଲ୍ମ ଏବଂ କେତୋଟି ଓଡ଼ିଆ ଆଲବମ୍‌ରେ ଅଭିନୟ କରିସାରିଛନ୍ତି। ହେଲେ ବଡ଼ପରଦାରେ ତାଙ୍କୁ ଏବେ ମିଳିଛି ଏକ ବଡ଼ ବ୍ରେକ୍। କେବଳ ସେତିକି ନୁହେଁ ନିଜର ଡେବ୍ୟୁ ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ସେ। ଫିଲ୍ମଟି ହେଲା 'ଅଫିସର'। ଫିଲ୍ମର କାହାଣୀ ଅନୁସାରେ ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଫିସର'। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନଙ୍କ ନାୟିକା ସାଜିଛନ୍ତି ନଗଜା ନିରଞ୍ଜନା। ଏହି ଯୋଡ଼ି ବ୍ୟତୀତ ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନଗଜା ନିରଞ୍ଜନା, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥିନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ନାରାୟଣ ଘଡ଼େଇ।

# ବସନ୍ତଙ୍କ ମାୟାରେ ଶ୍ରୀଧର

ଶ୍ରୀଧର ମାର୍ଥା। 'କଥା ଦେଲି ମଥା ଛୁଇଁ' ପରେ ସେ କେତୋଟି ସିନେମାର ପ୍ରଯୋଜନା କରିସାରିଲେଣି। ପ୍ରଯୋଜକ ସାଜିବା ପୂର୍ବରୁ ସେ ବସନ୍ତଙ୍କ ମାୟାରେ ପଡ଼ିଯାଇଥିଲେ। ହେଲେ ସେ ବସନ୍ତ କିଏ? ସେ ହେଲେ ଓଡ଼ିଆ ସିନେମା ଜଗତର ଭୀଷ୍ମ ପିତାମହ ଭାବରେ ପରିଚିତ ପ୍ରଯୋଜକ ବସନ୍ତ ନାୟକ। ଯେତେବେଳେ ଓଡ଼ିଆ ସିନେମା ଏକ ଘଡ଼ିସନ୍ଧି ସମୟରେ ଗତି କରୁଥିଲା ସେତେବେଳେ ବସନ୍ତ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇ ଏପରି ସିନେମା ନିର୍ମାଣ କରିଥିଲେ ଯାହା ଏ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଛି। ଶ୍ରୀଧର ଫିଲ୍ମ ନିର୍ମାଣ ପୂର୍ବରୁ ବସନ୍ତଙ୍କ ଜୀବନାଦର୍ଶରେ ପ୍ରଭାବିତ ହୋଇଥିଲେ। ଏ ସମ୍ପର୍କରେ ସେ କହନ୍ତି, 'ସେ ମୋ ପିତୃତୁଲ୍ୟ। ଫିଲ୍ମଟିଏ ପ୍ରଯୋଜନା କିପରି କରାଯାଏ ତାହାର କାଇଦା ତାଙ୍କୁ ଜଣାଥିଲା। ମୋ ସ୍କୁଲ କ୍ୟାରିୟରରୁ ମୁଁ ତାଙ୍କୁ ଜାଣିଛି। ତାଙ୍କ ଦ୍ୱାରା ପ୍ରଯୋଜିତ ସମସ୍ତ ସିନେମା ମୁଁ ଦେଖିଛି, ଆଉ ସିନେମା ନିର୍ମାଣ ସମ୍ପର୍କରେ ଅନେକ କଥା ଶିଖିଛି। ମୋ ଜୀବନରେ ସେ ଏକ ଆଲୋକବର୍ତ୍ତିକା ସଦୃଶ। ମୁଁ ଜୀବନରେ କେବେ ବସନ୍ତ ନାୟକ ହୋଇପାରିବିନି, କିନ୍ତୁ ତାଙ୍କ ପରି ସୁନ୍ଦର ତଥା ଦର୍ଶକଙ୍କ ମନକୁ ଛୁଇଁଲା ପରି ସିନେମା ନିର୍ମାଣ କରିବାକୁ ନିଶ୍ଚୟ ଚେଷ୍ଟା କରିବି। ତାଙ୍କର ଜଣେ ଫ୍ୟାନ୍ ହୋଇଥିବାରୁ ମୁଁ ନିଜକୁ ଗର୍ବ ଅନୁଭବ କରୁଛି। ସୂଚନାଯୋଗ୍ୟ, ଆମ ରାଜ୍ୟର ଏକ ସତ୍ୟ ଘଟଣା ଉପରେ ଆଧାରିତ ଏବଂ ଶ୍ରୀଧରଙ୍କ ପ୍ରଯୋଜିତ ତଥା ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତ ନିର୍ଦ୍ଦେଶକ ରାଜେଶ ଟଚରିଭରଙ୍କ ନିର୍ଦ୍ଦେଶିତ 'ପାଟଣାଗଡ଼' ରିଲିଜ ଅପେକ୍ଷାରେ ରହିଛି।


ଶ୍ରୀଧର ମାର୍ଥା


ବସନ୍ତ ନାୟକ

# ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର


ଅଭିଷେକ-ମହିମା

ଚଳିତ ମାସରେ ଏ ପର୍ଯ୍ୟନ୍ତ ତିନୋଟି ସିନେମା ପରଦା ଉପରକୁ ଆସିସାରିଛି। ଏହି ତାଲିକାରେ ନିଜକୁ ସାମିଲ କରିବାକୁ ଯାଉଛି ଆଉ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର, ଯାହାର ଟାଇଟଲ ରହିଛି 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର'। ବନସ୍ୱର୍ଣ୍ଣ ଟେଲିଭିଜନ ପ୍ରା.ଲି. ବ୍ୟାନରରେ ନିର୍ମିତ ଏହି ସିନେମାର ନାୟକ ସାଜିଛନ୍ତି ଅଭିଷେକ ରଥ। ପାରିବାରିକ ଏବଂ ଓଡ଼ିଆ ସଂସ୍କୃତିର ଝଲକ ଏହି କାହାଣୀରେ ରହିଛି। ବିଶେଷଭାବରେ ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିଷେକ। ତାଙ୍କ ସହ ଅଛନ୍ତି ଦୁଇଜଣ ନାୟିକା–ମହିମା ଏବଂ ଅଙ୍କିତା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରଣଜିତ ବାରିକ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମା ଚଳିତ ମାସ ୩୧ରେ ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ଚିତ୍ରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

# ସବ୍ୟସାଚୀଙ୍କ ନୂଆ ଯୋଜନା

ଯୁବ ପ୍ରଯୋଜକ ସବ୍ୟସାଚୀ ଅମତ। ପ୍ରଥମଥର ପାଇଁ ପ୍ରଯୋଜନା ପରି ଏକ ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଏପରି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, 'ଫିଲ୍ମଟିଏ ପ୍ରଯୋଜନା କରିବା ସହଜ କଥା ନୁହେଁ। କେବଳ ଟଙ୍କା ଇନ୍‌ଭେଷ୍ଟ କଲେ ହେବ ନାହିଁ, ବିଭିନ୍ନ ଦିଗ ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିଥାଏ। ଯେହେତୁ ପ୍ରଥମ ଥର ପାଇଁ ଏପରି ରିସ୍କ ଉଠାଉଛି, ତେଣୁ ଯେକୌଣସି ସମସ୍ୟା ଆସିଲେ ତାକୁ ସମ୍ମୁଖୀନ ହେବାକୁ ତୟାର ରହିଛି।' ହୋମ୍ ବ୍ୟାନର ଥ୍ରୀ ଫିଲ୍ମସରେ ସବ୍ୟସାଚୀ ଏକାଥରେ ଦୁଇଟି ସିନେମାର ପ୍ରାରମ୍ଭିକ କାମ ଚାଲୁ ରଖିଛନ୍ତି। ସମାଜର ସବୁ ବର୍ଗର ଦର୍ଶକଙ୍କୁ ଦୃଷ୍ଟିରେ ରଖି କାହାଣୀ ଚୟନ କରାଯିବ। ବିଶେଷକରି କାଷ୍ଟିଂ ସମୟରେ ନୂଆ ମୁହଁଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସୂଚନା ଦେଇଛନ୍ତି ସେ। କେବଳ କମର୍ସିଆଲ ଫିଲ୍ମ ନୁହେଁ, ନିକଟ ଭବିଷ୍ୟତରେ ଶର୍ଟ ଫିଲ୍ମ କରିବାର ଯୋଜନା ରହିଛି ବୋଲି କହନ୍ତି ଏହି ନବାଗତ ପ୍ରଯୋଜକ।



# ଖୁସି ଅନ୍ତରାଳେ

କ୍ରିତି ସାନନଙ୍କ ଖୁସି କହିଲେ ନ ସରେ। କାରଣ ଦୀର୍ଘ ଦିନର ସ୍ୱପ୍ନ ତାଙ୍କର ସାକାର ହୋଇଛି। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ତାହାକୁ ସେ ବିଶ୍ୱାସ କରିପାରି ନ ଥିଲେ। ସେ ଏଥିରେ ଏପରି ହଜି ଯାଇଥିଲେ ଯେ ବାସ୍ତବ ଦୁନିଆକୁ ଆସିବାକୁ କିଛି ସମୟ ଲାଗିଥିଲା। ହେଲେ ତାଙ୍କର ଏପରି ଖୁସି ପଛରେ କି କାରଣ ରହିଛି ଜାଣନ୍ତି? ବଲିଉଡ୍‌ରେ ଏଣ୍ଟ୍ରି କରିବାର କିଛି ବର୍ଷ ମଧ୍ୟରେ ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଅର୍ଥାତ୍ ତାଙ୍କର ମନ ପସନ୍ଦର ଅଭିନେତା ସଲ୍ଲୁ ମିଆଁ ଓରଫ ସଲମାନ ଖାନ୍‌ଙ୍କ ସହ ସେ ଅଭିନୟ କରିବେ। ଫିଲ୍ମଟି ହେଲା 'କଭି ଇଦ୍ କଭି ଦିୱାଲି'। ସାଜିଦ ନାଦିୱାଦୱାଲାଙ୍କ ଏହି ଫିଲ୍ମକୁ ନେଇ ଏବେ ବେଶ୍ ଚର୍ଚ୍ଚା। ଏ ସମ୍ପର୍କରେ କ୍ରିତି କହନ୍ତି, 'ସଲମାନ ଜଣେ ଉଚ୍ଚକୋଟୀର ଅଭିନେତା। ତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମଟି ମୋ ଆକ୍ଟିଂ କ୍ୟାରିୟରରେ ଏକ ସ୍ମରଣୀୟ ଫିଲ୍ମ ହୋଇ ରହିବ।' 'କଭି ଇଦ୍ କଭି ଦିୱାଲି'ର ନିର୍ଦ୍ଦେଶନା ଦେଉଛନ୍ତି ଫରହାନ୍ ସାମଜୀ। ଫିଲ୍ମଟି ଆସନ୍ତାବର୍ଷ ଇଦ୍‌ରେ ରିଲିଜ ହେବ।

## ବଲିଉଡ୍ ହାଲଚାଲ

- ଜନ୍ ଆବ୍ରାହମ ଅଭିନୟ କରୁଥିବା 'ଆଟାକ୍'ର ଶୁଟିଂ ଚାଲୁ ରହିଛି। ଆକ୍ସନଭିତ୍ତିକ ଏହି ଫିଲ୍ମରେ ଫିମେଲ ଲିଡ୍‌ରେ ଅଛନ୍ତି ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଡିସ୍। ଏହାର ନିର୍ଦ୍ଦେଶନା ଦେଉଛନ୍ତି ଲକ୍ଷ୍ୟରାଜ ଆନନ୍ଦ।
- ଆମୀର ଖାନ୍ ଏବଂ ଉର୍ମିଳା ମାତୋଣ୍ଡକର ଦୀର୍ଘ ୨୫ ବର୍ଷ ପରେ ଭେଟାଭେଟି ହୋଇଛନ୍ତି। ନିକଟରେ 'ମି ରୁକସମ' ଫିଲ୍ମର ସ୍କ୍ରିନିଂ ସମୟରେ ଦୁହିଁଙ୍କର ସାକ୍ଷାତ ହୋଇଥିଲା। କେବଳ ସେତିକି ନୁହେଁ, ଦୁହେଁ ଫଟୋ ଉଠାଇ ସୋସିଆଲ ମିଡିଆରେ ଶେୟାର କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ସୂଚନାଯୋଗ୍ୟ ରାମ ଗୋପାଳ ବର୍ମାଙ୍କ 'ରଙ୍ଗିଲା' (୧୯୯୫)ରେ ଉର୍ମିଳା ନାୟିକା ସାଜିଥିଲେ। ଏହି ଫିଲ୍ମର ନାୟକ ଥିଲେ ଆମୀର।
- ଅକ୍ଷୟ କୁମାର ଏବଂ କରୀନା କପୁରଙ୍କ ଅଭିନୀତ 'ଗୁଡ୍‌ନ୍ୟୁଜ' ୩୦୦ କୋଟି କ୍ଲବରେ ସାମିଲ ହୋଇଛି।
- 'ଜର୍ସି'ର ଶୁଟିଂ ସମୟରେ ଶାହିଦ କପୁର ଆହତ ହୋଇଛନ୍ତି। ଏଥିପାଇଁ ସେ ଏବେ କିଛି ଦିନ ରେଷ୍ଟ ନେଉଛନ୍ତି। ଗୌତମ ତନୌରୀଙ୍କ ନିର୍ଦ୍ଦେଶନାରେ ଶୁଟିଂ ହେଉଥିବା ଏହି ଫିଲ୍ମଟି ଚଳିତବର୍ଷ ଅଗଷ୍ଟରେ ରିଲିଜ ହେବାର ଯୋଜନା ରହିଛି।

# ଦିନ ଗଣୁଛନ୍ତି ବରୁଣ

ବରୁଣ ଧାୱନ ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କେମିତି ଗଣିବେ ନାହିଁ କହୁନାହାନ୍ତି ? ତାକୁ ନେଇ ତାଙ୍କ ମନରେ କେତେ ଆଶା। କଥାଟି କ'ଣ ଜାଣନ୍ତି ? କେହି କେହି ଭାବୁଥିବେ ଯେ ପ୍ରେମିକା ନତାଶା ଦଲାଲଙ୍କ ସହ ବୋଧହୁଏ ବିବାହ ବନ୍ଧନରେ ଆବଦ୍ଧ ହେବେ। ହେଲେ ପ୍ରକୃତ କଥା ହେଲା ତାଙ୍କ ଅଭିନୀତ 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି' ଚଳିତ ମାସ ୨୪ରେ ରିଲିଜ ହେଉଛି। ଦେଖିଲାବେଳକୁ ଦିନ କେଇଟା। ତେଣୁ କେବେ ଏହି ଶୁଭ ଦିନ ଆସିବ ତାକୁ ନେଇ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି ବରୁଣ। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଭୂଷଣ କୁମାର, କ୍ରିଷନ କୁମାର ଏବଂ ଲିଜଲି ଡି'ସୌଜା। ନିର୍ଦ୍ଦେଶନା ଦେଇଛନ୍ତି ରେମୋ ଡି'ସୌଜା। ଏହି ଫିଲ୍ମରେ ବରୁଣଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ନୋରା ଫତେଇ ଏବଂ ଶ୍ରଦ୍ଧା କପୁର।



ନୋଟ୍ ଉପରେ ଦେବୀ ଲକ୍ଷ୍ମୀ ରହିଲେ ଟଙ୍କାର ସ୍ଥିତିରେ ଉନ୍ନତି ଆସିପାରେ।
– ସୁବ୍ରମଣ୍ୟନ ସ୍ୱାମୀ, ରାଜ୍ୟ ସଭା ସଦସ୍ୟ ତଥା ଭାଜପା ନେତା



ଆଗାମୀ ୫ ବର୍ଷରେ ରୁଚି ସୋୟାର କାରବାର ୫୦ ହଜାର କୋଟି ଟଙ୍କାରେ ପହଞ୍ଚାଇବା ଲକ୍ଷ୍ୟ ରହିଛି।
– ବାବା ରାମଦେବ, ପତଞ୍ଜଳି ଆୟୁର୍ବେଦ ପ୍ରତିଷ୍ଠାତା

# ବ୍ୟାଙ୍କ ସଂଘଙ୍କ ଧର୍ମଘଟ ଡାକରା

**ନୂଆଦିଲ୍ଲୀ,୧୫–୧**



- ଜାନୁୟାରୀ ୮ରେ ଭାରତ ବନ୍ଦରେ ବ୍ୟାଙ୍କ ବନ୍ଦ ରହିଥିଲା
- ଲଗାତର ୩ ଦିନ ବନ୍ଦ ରହିବ ବ୍ୟାଙ୍କ
- ବ୍ୟାଙ୍କିଙ୍ଗ୍, ଏଟିଏମ୍‌ର ସେବା ପ୍ରଭାବିତ ହେବ
- ବେତନ ସଂଶୋଧନ ସମେତ ଅନ୍ୟ ଦାବି ରଖିଛନ୍ତି ସଂଘ
- ମାର୍ଚ୍ଚ ୧୧ରୁ ୩ ଦିନିଆ, ଏପ୍ରିଲ ୧ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ

ଚଳିତ ମାସ ୩୧ରୁ ବ୍ୟାଙ୍କ ସଙ୍ଗଠନଗୁଡିକ ସାରା ଦେଶରେ ଧର୍ମଘଟ ଡାକରା ଦେଇଛନ୍ତି। ଏହା ବାଦ୍ ବ୍ୟାଙ୍କଗୁଡିକର ମିଳିତ ସଂଘ ୟୁଏଫ୍‌ବିୟୁ ପକ୍ଷରୁ ମାର୍ଚ୍ଚ ୩୧ରୁ ୩ ଦିନିଆ ଧର୍ମଘଟ ଏବଂ ଏପ୍ରିଲ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ ହେବ ବୋଲି ସଂଘଗୁଡିକ ପକ୍ଷରୁ ସୂଚନା ରହିଛି। ସଂଘଗୁଡିକ ରଖିଥିବା ବିଭିନ୍ନ ଦାବି ପୂରଣ ନ ହେବା ଯୋଗୁ ସେମାନେ ଧର୍ମଘଟକୁ ଓହ୍ଲାଇଥିବା ଜଣାପଡିଛି। ୨୦% ବୃଦ୍ଧିରେ ବେତନ ସଂଶୋଧନ, ୫ ଦିନିଆ ବ୍ୟାଙ୍କିଙ୍ଗ୍ , ସ୍ୱତନ୍ତ୍ର ଭତ୍ତା ଏବଂ ବେସିକ ପେ ମିଶ୍ରଣ, ନୂଆ ପେନସନ ସ୍କିମକୁ ହଟାଇବା, ପେନସନର ଅପଡେଟ, ପରିବାର ପେନସନର ଉନ୍ନତୀକରଣ, ପରିଚାଳନା ଲାଭ ଆଧାରରେ କର୍ମଚାରୀ ମଙ୍ଗଳ ପାଣ୍ଠିକୁ ପୁଞ୍ଜି ପ୍ରଦାନ, ଅବସରକାଳୀନ ସୁବିଧାସୁଯୋଗ ଲାଭ କ୍ଷେତ୍ରରେ ବିନା କୌଣସି ସିଲିଂ ଆୟକର ରିହାତି ଭଳି ଦାବି ସଂଘଗୁଡିକ ପକ୍ଷରୁ ରଖାଯାଇଛି। ଏହାବାଦ୍ ଶାଖା ସ୍ତରରେ ବିଜନେସ ଆୱାର, ଲଞ୍ଚ ଆୱାରର ଏକକ ସଂଜ୍ଞା ନିର୍ଦ୍ଧାରଣ, ଲିଭ୍ ବ୍ୟାଙ୍କ ଲାଗୁ କରାଇବା, କର୍ମଚାରୀଙ୍କ ଲାଗି ୱାର୍କିଂ ଆୱାର ନିରୂପଣ କରିବା, ସମାନ କାମ ପାଇଁ ସମାନ ବେତନ ବ୍ୟବସ୍ଥା କରିବା ନେଇ ଦାବି ରହିଛି।

ଚଳିତମାସ ୮ରେ ହୋଇଥିବା ଭାରତ ବନ୍ଦ ଡାକରାରେ ୬ ବ୍ୟାଙ୍କ କର୍ମଚାରୀ ସଂଘ ସାମିଲ ହୋଇଥିଲେ। ଏହିଦିନ ସାରା ଦେଶରେ ଅଧିକାଂଶ ବ୍ୟାଙ୍କ ବନ୍ଦ ରହିଥିଲା। ଯେଉଁ ବ୍ୟାଙ୍କଗୁଡିକ ଖୋଲା ରହିଥିଲା କାରବାର ପ୍ରଭାବିତ ସ୍ଥିତିରେ ରହିଥିଲା। ଚଳିତ ଥର ଦିଆଯାଇଥିବା ଧର୍ମଘଟ ଡାକରା ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି କୁହାଯାଇଛି। କାରଣ ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବେ। ଏହାର ଗୋଟିଏ ଦିନ ଆଗରୁ ୩୧ ଜାନୁୟାରୀରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଆସିବ। ଏବେ ବଜେଟ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ମାନ୍ଦାବସ୍ଥାରୁ ଦେଶର ଅର୍ଥ ବ୍ୟବସ୍ଥାକୁ ବାହାର କରିବା ସରକାରଙ୍କ ସାମ୍ନାରେ ଏକ ବଡ ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ସେହିଭଳି ଫେବୃୟାରୀ ୨ ତାରିଖ ରବିବାର ପଡୁଥିବାରୁ ଉକ୍ତ ଦିନ ମଧ୍ୟ ବ୍ୟାଙ୍କ ବନ୍ଦ ରହିବ। ଧର୍ମଘଟ ଯୋଗୁ ବ୍ୟାଙ୍କ ୩ ଦିନ ଲଗାତାର ବନ୍ଦ ହେବାକୁ ଥିବାରୁ ଏହାଦ୍ୱାରା ସାଧାରଣ ଲୋକ ବିଭିନ୍ନ ଅସୁବିଧା ସାମ୍ନା କରିବେ ବୋଲି ଆଶଙ୍କା କରାଯାଉଛି। ସେହିଭଳି ଏଟିଏମ୍‌ଗୁଡିକରେ ନଗଦ ଅଭାବ ଦେଖାଯାଇପାରେ ବୋଲି କୁହାଯାଉଛି।

# ଅବସରକାଳୀନ ପାଣ୍ଠି ଶୀଘ୍ର ସଞ୍ଚୟ କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଏକ ଘରୋଇ ଆଇଟି କମ୍ପାନୀରେ କାମ କରୁଛି। କମ୍ପାନୀର ଇପିଏଫ୍ ବ୍ୟତୀତ ଅନ୍ୟ କିଛି ସୁବିଧା ନାହିଁ। ମୋର ୨ଟି ଝିଅ ଅଛନ୍ତି। ଝିଅମାନଙ୍କର ଭବିଷ୍ୟତ ପାଇଁ କିଛି ମାସିକ ସଞ୍ଚୟ କରୁଛି। କିନ୍ତୁ ମୋର ପେନସନ୍ ପାଇଁ କିଛି ବି ସଞ୍ଚୟ ନାହିଁ। ଅବସରକାଳୀନ ଖର୍ଚ୍ଚ ପାଇଁ କ'ଣ କରିବା ଠିକ୍ ହେବ? ବୟସ ୩୭ ବର୍ଷ ହୋଇଯାଇଛି। ଅବସରକାଳୀନ ପେନ୍‌ସନ କ'ଣ ପ୍ରାଧାନ୍ୟ ରଖିବ କି ?**

**–ପ୍ରଭାତ କୁମାର ସାହୁ, ସମ୍ବଲପୁର**

▶ ଅବସରକାଳୀନ ଯୋଜନା ବିଷୟରେ ଆପଣ ଯେତେବେଳେ ଯୁବକ ସେତେବେଳେ ଏ ବିଷୟଟିକୁ ଭୁଲିଯିବା ଅତି ସହଜ କଥା କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ୪୫ କିମ୍ବା ୫୦ ବର୍ଷ ବେଳକୁ ଏ ବିଷୟରେ ଆପଣଙ୍କୁ ଭାବିବାକୁ ବାଧ୍ୟ କରିବ ଓ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପ୍ରକୃତରେ ଅନେକ ଭାବି ନିଅନ୍ତି ଯେ, ସବୁ କିଛି ସହଜ ଭାବରେ ଆଗକୁ ଗଡ଼ିଚାଲିବ। ଠିକ୍ କଥା। କିନ୍ତୁ ଯଦି ଏହା ନ ହୁଏ ତେବେ କ'ଣ ହେବ ? ଆପଣଙ୍କର ଏ ବିଷୟ ପାଇଁ କ'ଣ ଯୋଜନା ଅଛି। ଯଦି ଆପଣଙ୍କର ଅବସରକାଳୀନ ପାଣ୍ଠି ଯଥେଷ୍ଟ ନ ହେବ ? କିମ୍ବା ଅବସରକାଳୀନ ପାଣ୍ଠି ଗଠନ କରିପାରିଲେ ନାହିଁ। ଏସବୁ ପାଇଁ ସବୁଠାରୁ ଭଲ ଉପାୟ ହେଉଛି ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରିବା।

ଆପଣଙ୍କୁ କେତୋଟି ପ୍ରଶ୍ନ:– ଆପଣଙ୍କର ଭବିଷ୍ୟତ ଅବସରକାଳୀନ ସମୟ କିପରି ହେବ ବୋଲି ଭାବିଛନ୍ତି କି? ସବୁଠାରୁ ମୁଖ୍ୟ କଥା ହେଉଛି ଆମର ସମସ୍ତ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆର୍ଥିକ ଦୃଷ୍ଟିରୁ ଏହା ପାଇଁ ଯୋଜନା କରିବାକୁ ପଡିବ। ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏହାଠାରୁ ଅଲଗା ନୁହେଁ। ଅବସରକାଳୀନ ପାଣ୍ଠି ଗଠନ ଯୋଜନାକୁ ଗୁରୁତ୍ୱ ଦିଅନ୍ତୁ ଓ ଏହା ପାଇଁ ସଞ୍ଚୟ କରନ୍ତୁ। ନିମ୍ନଲିଖିତ ୧୧ଟି ଦିଗକୁ ଦୃଷ୍ଟି ହେଲେ ବୁଝିପାରିବେ ଯେ ଏହି ଅବସରକାଳୀନ ପାଣ୍ଠି ଗଠନ କରିବା ଏବେଠୁ ଆରମ୍ଭ କରିବା ନିହାତି ଜରୁରୀ।

- ✲ ଆନୁମାନିକ ଜୀବନକାଳ ବଢି ଚାଲିଛି ବା ଦୀର୍ଘଜୀବନ ବଞ୍ଚିବାର ସମ୍ଭାବନା ଅଛି।
- ✲ ସରକାରୀ ପେନ୍‌ସନ ମିଳିବା ପାଇଁ ନିଜ ଦରମାରୁ ସଞ୍ଚୟ କରିବାକୁ ପଡିବ।
- ✲ ଚିକିତ୍ସାଗତ ଖର୍ଚ୍ଚ ଦିନକୁ ଦିନ ବଢି ଚାଲିଛି।
- ✲ ଆପଣ ସାରା ଜୀବନ କାମ କରିପାରିବେ ନାହିଁ।
- ✲ ନିଜ ପିଲାମାନଙ୍କ ଉପରେ ନିର୍ଭର କରିବା ଠିକ୍ ହେବ ନାହିଁ।
- ✲ ଏବେ ସଞ୍ଚୟ କରିବା ଡେରି ହୋଇନାହିଁ।
- ✲ ଅବସରକାଳୀନ ପାଣ୍ଠି ସଞ୍ଚୟ ପାଇଁ ମାନସିକ ଭାବରେ ଚିନ୍ତା କରନ୍ତୁ।
- ✲ ଅବସର ସମୟରେ ଜୀବନର ଅଧୁରା ସ୍ୱପ୍ନକୁ ପୂରଣ କରିପାରିବେ।
- ✲ ଅବସରକାଳୀନ ପାଣ୍ଠି ପାଇଁ ସକାରାତ୍ମକ ଭାବରେ ପଦକ୍ଷେପ ନିଅନ୍ତୁ।
- ✲ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସମ୍ପତ୍ତିରେ ଅବସର ଖର୍ଚ୍ଚ କରିବି ଭାବିବା ସବୁବେଳେ ବିପଦପୂର୍ଣ୍ଣ।
- ✲ ଅବସରକାଳୀନ ପାଣ୍ଠି ଯଥେଷ୍ଟ ଥିଲେ ଆପଣ ମାନସିକ ଶାନ୍ତି ପାଇପାରିବେ।

ଅବସରକାଳୀନ ପାଣ୍ଠି ଗଠନ ଏକ ବହୁ– ବିଷୟ ଯୋଜନା। ଏକ ଲିଖିତ ଅବସରକାଳୀନ ପାଣ୍ଠି ଗଠନ ଯୋଜନା ୩୦–୩୫ ପୃଷ୍ଠାର ଅବସରକାଳୀନ ଯୋଜନା ଲିଖିତ ରିପୋର୍ଟ) ପ୍ରସ୍ତୁତ କରିବା ନିହାତି ଜରୁରୀ। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ ଫାଇନାନ୍‌ସିଆଲ ପ୍ଲାନରଙ୍କ ସହ ଆଲୋଚନା କରି ସଞ୍ଚୟ ଆରମ୍ଭ କରନ୍ତୁ।

**ମୁଁ ଏକ ୟୁଲିପ ପଲିସି ୫ ବର୍ଷ ପୂର୍ବେ କିଣିଥିଲି। ମୋ ପଲିସିରେ କିଛି ଟଙ୍କା ଅଛି। ମୁଁ ପଲିସିଟିକୁ ବନ୍ଦ କରି ଟଙ୍କା ଆଣିବା ପାଇଁ ଚାହୁଁଛି। ଏ କ୍ଷେତ୍ରରେ ଆୟକର ହିସାବ କ'ଣ ହେବ ? ଆୟକର ପ୍ରଭାବ ରହିବ କି ?**

**– ସୁନୀତା ମିଶ୍ର, ବାଲେଶ୍ୱର**

▶ ଯଦି ଆପଣ ଏହି ୟୁଲିପ ପେନସନ ପଲିସିଟିକୁ ସମର୍ପଣ କରିଦିଅନ୍ତି ବା ବନ୍ଦ କରିଦିଅନ୍ତି ତେବେ ସମୁଦାୟ ପ୍ରତ୍ୟର୍ପଣ ମୂଲ୍ୟ ଆପଣଙ୍କ ଅନ୍ୟ ଆୟ ସହିତ ମିଶିଯିବ ଏବଂ ଆପଣଙ୍କ କ୍ଷେତ୍ରରେ ଲାଗୁଥିବା ଆୟକର ସ୍ତର ଅନୁଯାୟୀ ଆୟକର ଦେବାକୁ ପଡିବ।

**ମୋର ଅବସରକାଳୀନ ପାଣ୍ଠିରୁ ନିୟମିତ ପେନସନ ପାଇବା ପାଇଁ ଇଚ୍ଛା କରୁଛି। ଜୀବନବୀମା କମ୍ପାନୀର ପେନସନ ସ୍କିମ୍‌ର କେଉଁ ପସନ୍ଦଟି ଭଲ ହେବ। ଭାରତୀୟ ଜୀବନ ବୀମା ନିଗମର 'ଜୀବନ–ଅକ୍ଷୟ'ର କେଉଁ ପସନ୍ଦଟି ଚୟନ କରିବି ?**

**–ଦୟାନିଧି ମାଝି, କେନ୍ଦୁଝର**

▶ ଆମର ପରାମର୍ଶ ଆପଣ ଅବସରଜୀବନ ବାର୍ଷିକ କିମ୍ବା ମାସିକ ଆୟ ସହିତ ମୂଳଧନ ଫେରିପାରିବା ପସନ୍ଦକୁ ବାଛିବା ହିଁ ବୁଦ୍ଧିମାନ କାମ ହେବ। ଏହି ପସନ୍ଦକୁ 'ଲାଇଫ ଆନୁଇଟି ଉଇଥ ରିଟର୍ନ ଅଫ ପରଚେଜ ପ୍ରାଇସ' କୁହାଯାଏ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ହିନ୍ଦୁସ୍ଥାନ ଜୁଏଲର୍ସର ସ୍ୱର୍ଣ୍ଣମୁଦ୍ରା ଯୋଜନା




**ଭୁବନେଶ୍ୱର,୧୫–୧**

ହିନ୍ଦୁସ୍ଥାନ ଜୁଏଲର୍ସ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ସ୍ୱର୍ଣ୍ଣମୁଦ୍ରା ଉପହାର ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ଶୋ'ରୁମ ପକ୍ଷରୁ ସ୍ୱର୍ଣ୍ଣମୁଦ୍ରା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଟାର୍ଗେଟ ପୂରଣ ହେଲା ପରେ ଲକି ଡ୍ର ଯୋଜନା ହାତକୁ ନିଆଯାଇଛି। ଢେଙ୍କାନାଳସ୍ଥିତ ହିନ୍ଦୁସ୍ଥାନ ଜୁଏଲର୍ସ ପକ୍ଷରୁ ୨ୟ ଥର ଲାଗି ୨୦ ଜଣ ଗ୍ରାହକଙ୍କୁ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଗ୍ରାହକଙ୍କ ସଂଖ୍ୟା ବଢି ଚାଲିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏହା ପରେ ଭୁବନେଶ୍ୱରର ଝାରପଡା ଏବଂ ବାପୁଜୀନଗର ଶୋ'ରୁମରେ ଗ୍ରାହକଙ୍କୁ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ବସନ୍ତଲାଲ ବର୍ମା ସୂଚନା ଦେଇଛନ୍ତି। ନୂଆ ଯୋଜନା ବର୍ତ୍ତମାନ ଚାଲୁ ରହିଥିବା ବେଳେ ଗ୍ରାହକ ମାସିକ କିସ୍ତି ହିସାବରେ ଟଙ୍କା ଦେଇ ପ୍ରଡକ୍ଟ କିଣିପାରିବେ। ଆଗାମୀ ଦିନରେ ଗ୍ରାହକଙ୍କ ଲାଗି ନୂଆ ନୂଆ ଯୋଜନା ଆସିବ ବୋଲି ବର୍ମା କହିଛନ୍ତି।

# ଶେଷ ହେବ ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧ

**ନୂଆଦିଲ୍ଲୀ,୧୫–୧**

**ପ୍ରଥମ ପର୍ଯ୍ୟାୟ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ**

ଆମେରିକା ଏବଂ ଚାଇନା ମଧ୍ୟରେ ଗତ ୧୮ ମାସ ଧରି ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଶେଷ ହେବାକୁ ଯାଉଛି। ଦୁଇ ଦେଶ ଏ ନେଇ ଆଗକୁ ବଢିଛନ୍ତି। ଏହି ଧାରାକୁ ଆଗକୁ ବଢାଇବା ଲାଗି ଉଭୟ ଦେଶ ବୁଧବାର ପ୍ରଥମ ପର୍ଯ୍ୟାୟ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବାଣିଜ୍ୟ ଚୁକ୍ତିରେ ସାମିଲ ହେବା ନେଇ ଆମେରିକା–ଚାଇନା ଡିସେମ୍ବର ମାସରେ ପ୍ରଥମେ ସଙ୍କେତ ଦେଇଥିଲେ। ଡିଲ୍‌ର ପ୍ରଥମ ପର୍ଯ୍ୟାୟରେ ଆମେରିକା ଏହାର ଦେଶ ମଧ୍ୟକୁ ଚାଇନାରୁ ଆସୁଥିବା କିଛି ସାମଗ୍ରୀ ଉପରୁ ଅଧିକ ମୂଲ୍ୟର ଟିକସ ହଟାଇବା ଲାଗି ଘୋଷଣା କରିଛି। ସେହିଭଳି ଚାଇନା ମଧ୍ୟ ଆମେରିକାଠାରୁ ଅଧିକ ମୂଲ୍ୟର କୃଷି ସାମଗ୍ରୀ କିଣିବ ବୋଲି ଜଣାପଡିଛି। ହ୍ୱାଇଟହାଉସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଶୀଘ୍ର ଚାଇନା ସହ ଦ୍ୱିତୀୟ ପର୍ଯ୍ୟାୟ ବାଣିଜ୍ୟ ଡିଲ୍ ନେଇ ଆଲୋଚନା ହେବ। ପ୍ରଥମ ପର୍ଯ୍ୟାୟ ଆଲୋଚନାର ନିର୍ଯ୍ୟାସ ଲାଗୁ ହେଲେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆଡକୁ ଆମେରିକା ବଢିବ ବୋଲି ସେ ମତ ଦେଇଛନ୍ତି। ବର୍ତ୍ତମାନ ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ତୁରନ୍ତ ଭିତ୍ତିରେ ଅତିରିକ୍ତ ଟିକସ ହଟିବ ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବା ପରେ ଯାଇ ଅତିରିକ୍ତ ଟିକସ ପ୍ରତ୍ୟାହାର କରାଯିବ। ଏହି ଚୁକ୍ତି ଐତିହାସିକ ବୋଲି ଟ୍ରମ୍ପ ମତ ରଖିଛନ୍ତି। ଆସନ୍ତା ୨ ବର୍ଷରେ ଚାଇନା ୨୦୦ ବିଲିୟନ ଡଲାରର ଆମେରିକୀୟ ସାମଗ୍ରୀ ନିଜ ଦେଶକୁ ଆମଦାନୀ କରିବ। ଏହା ମଧ୍ୟରେ ୫୦ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ, ୭୫ ବିଲିୟନ ଡଲାରର ମାନୁଫାକଚରିଂ ପ୍ରଡକ୍ଟ ଏବଂ ୫୦ ବିଲିୟନ ଡଲାରର ଶକ୍ତି କ୍ଷେତ୍ର ପ୍ରଡକ୍ଟ ସାମିଲ ରହିଛି।

# ଦୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି

**ମିଳୁଛି ୬୦% ପର୍ଯ୍ୟନ୍ତ ରିହାତି**

**ଭୁବନେଶ୍ୱର,୧୫–୧**




ଦେଶର ପ୍ରମୁଖ ଫର୍ନିଚର ମାନୁଫାକଚର ବ୍ରାଣ୍ଡ ଦୁରିଆନ ପକ୍ଷରୁ ଚଳିତବର୍ଷର ସର୍ବବୃହତ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ୬୦% ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ହୋମ୍ ଏବଂ ଅଫିସ ଫର୍ନିଚରର ବିସ୍ତୃତ ରେଞ୍ଜରେ ଗ୍ରାହକ ଏହି ଅଫର ଲାଭ କରିପାରିବେ। ସାରା ଦେଶରେ ଥିବା କମ୍ପାନୀର ଷ୍ଟୋର ଏବଂ ଅନଲାଇନରେ ଗ୍ରାହକକ ଏହି ଅଫର ଲାଭ କରିପାରିବେ। କମ୍ପାନୀ ନୂଆ ନୂଆ ପ୍ରଡକ୍ଟ ଗ୍ରାହକଙ୍କ ଲାଗି ଉପଲବ୍ଧ କରାଉଛି। ଏହା ସହ ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକଙ୍କ ଲାଗି ରିହାତି ପ୍ରଦାନ କରାଯାଉଛି। ଏକ ଲୋକପ୍ରିୟ ଫର୍ନିଚର ବ୍ରାଣ୍ଡ ଭାବେ ୧୯୮୫ଠାରୁ ଏହା ଗ୍ରାହକଙ୍କ ଲାଗି ସେବା ଯୋଗାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ଏହାର ପ୍ରଡକ୍ଟ ଉପରେ ୫ ବର୍ଷର ୱାରେଣ୍ଟି, ଫ୍ରିକନସଲଟାନ୍ସି, ସହଜ ଇଏମ୍‌ଆଇ ସୁବିଧା ଭଳି ବିଭିନ୍ନ ବିକଳ୍ପ ପ୍ରଦାନ କରୁଛି।

# କ୍ଷୁଦ୍ର ବାଣିଜ୍ୟକୁ ଡିଜିଟାଇଜ୍ କରିବ ଆମାଜନ

**ନୂଆଦିଲ୍ଲୀ,୧୫–୧**

ଦେଶର କ୍ଷୁଦ୍ର ବାଣିଜ୍ୟକୁ ଡିଜିଟାଇଜ କରିବା ଦିଗରେ ଆମାଜନ ଡଟ୍ କମ୍ ଇଙ୍କ ଯୋଜନା ହାତକୁ ନେବ। ଏଥିଲାଗି କମ୍ପାନୀ ଭାରତରେ ୧ ବିଲିୟନ ଡଲାର ବା ପ୍ରାୟ ୭,୦୦୦ କୋଟି ଟଙ୍କା ନିବେଶ ଯୋଜନା ରଖିଥିବା ଏହାର ସିଇଓ ଜେଫ୍ ବେଜୋସ ବୁଧବାର ସୂଚନା ଦେଇଛନ୍ତି। ଆମାଜନ ଭାରତ ପାଇଁ ଏକ ପ୍ରମୁଖ ବଜାର ହୋଇଥିବା ବେଳେ ଏଭଳି ପଦକ୍ଷେପ ଏମ୍‌ଏସ୍‌ଏମ୍‌ଇଗୁଡିକୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାରେ ସହାୟତା କରିବ ବୋଲି ଭାରତ ଗସ୍ତରେ ଆସିଥିବା ବେଜୋସ ମତ ରଖିଛନ୍ତି। ୨୦୨୫ ସୁଦ୍ଧା ଭାରତରୁ ୧୦ ବିଲିୟନ ଡଲାର ରପ୍ତାନି ଦିଗରେ କମ୍ପାନୀର ଯୋଜନାକୁ ଏହା ସଫଳ କରାଇବ ବୋଲି ସେ ମତ ରଖିଛନ୍ତି।

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/PROD/2020/01**

Online tenders are invited through e-tendering mode by the Officer on Special Duty, Heavy Water Plant, Talcher, PO : Vikrampur, Dist : Angul (Odisha) on behalf of the President of India in two bid, from eligible contractors for the work and details given below : NIT No: HWP/TAL/PROD/2020/01, **Name of the work :** Miscellaneous works viz. Handling, shifting, charging and dissolution of chemical raw materials used in different facilities and decontamination of chemical contaminated equipments / machines along with chemical containers and Packing, weighment and storing of different finished products for their safe storage as well as dispatch on as & when required basis to other DAE units. **Estimated Cost :** Rs.9,69,403/- (Including GST), **Earnest Money :** Rs.19,388/-, **Period of Completion :** 06 (Six) Months, **Last time and date of submission of bid :** 31.01.2020 (14:30 Hrs.). The bid forms and other details can be obtained from the website **www.tenderwizard.com/DAE.**

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, KALAHANDI RWS&S DIVISON, BHAWANIPATNA.**
e-mail : eerwsskld@gmail.com, eerwsskld@nic.in, Phone No. : 06670-230784
No.O-841 :- INVITATION OF BID THROUGH e - TENDERING
*Bid Identification No- 30/EE/RWSS/ 2019-20 /Bpt Dated.13.01.2020*
01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. From | To | Date of opening (Technical Bid) |
|---|---|---|---|---|
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 30/EE/RWSS/2019-20 /Bpt Dated- 13.01.2020 | 20.01.2020 | 10.02.2020 | 11.02.2020 at 10.00 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.
Sd./- Executive Engineer, Kalahandi RWS & S Division, Bhawanipatna
25005/11/0020/1920

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A MiniRatna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Regional Institute - VII, Plot No. E-04, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, Regional Institute -VII, Plot No. E-04, Near Gandhi Park, Samantapuri, Bhubaneswar through e-Tendering **(ON-LINE BIDDING)** only : **Tender Notice No. CMPDI/RI-VII/Co-ordination/2019/E-428096 Dated : 10.01.2020. Description :** Hiring of vehicles (Innova/Bolero/Tata Sumo/Scorpio/or Equivalent) for local and outstation duty on as and when required basis for a period of two years at CMPDI, RI-VII, Bhubaneswar. **Estimated value :** ₹ 18,70,050/- (Inclusive GST). **Period of Completion : 02 (Two) Years.** Detailed tender notice & Tender documents including terms and conditions shall be available on e-tendering portal **https://coalindiatenders.nic.in** and Tender Notice only shall be available at websites **www.cmpdi.co.in from 16.01.2020 to 30.01.2020**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Co-ordination), CMPDI, RI-VII, Bhubaneswar, Mobile 9438881062, 9438881026 & Fax No. 0674 - 2301762.

HOD (Co-ordination)

**OFFICE OF THE MUNICIPAL COUNCIL, BARBIL**
**TENDER CALL NOTICE**
No.94 DATE. 14.1.2020
The Executive Officer, Barbil Municipality invites sealed tenders from the intending registered contractors for the works mentioned below in prescribed forms in conformity with Detail Tender Call Notice.

| Sl. No. | Name of the work | Tender Amount | Cost of T.P. | E.M.D (1%) | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Toilet for Community Centre in Ward No. 15 (Near JMFC Court) | 1,16,100/- | 2,000/- | 1,161/- | Municipal Contractor & "D" & "C" Govt. contractor | 30 days |
| 2 | Construction of drain & gali road near Kameswar Sharma house at Bhanja Colony in Ward No.8 | 1,46,000/- | 2,000/- | 1,460/- | Municipal Contractor & "D" & "C" Govt. contractor | 30 days |
| 3 | Installation of grill to arrest solid waste from different drains under Barbil Municipality | 81,000/- | 400/- | 810/- | Municipal Contractor & "D" & "C" Govt. contractor | 30 days |
| 4 | Colouring of stage at Karubaki Forest Park in Ward No.8 | 73,200/- | 400/- | 732/- | Municipal Contractor & "D" & "C" Govt. contractor | 30 days |
| 5 | Construction of approach road to Kabarstan at Sriram Nagar in Ward No.4 | 75,000/- | 400/- | 750/- | Municipal Contractor & "D" & "C" Govt. contractor | 30 days |
| 6 | Construction of boundary wall at Nodal U.P. School, Barbil in Ward No.6 | 99,600/- | 400/- | 996/- | Municipal Contractor & "D" & "C" Govt. contractor | 30 days |
| 7 | Construction of drain near Indramani Behera's house, Station road in Ward No. 12 | 1,28,700/- | 2,000/- | 1,290/- | Municipal Contractor & "D" & "C" Govt. contractor | 30 days |
| 8 | Colouring of hall at Utshab padia in Ward No.4 | 77,000/- | 400/- | 770/- | Municipal Contractor & "D" & "C" Govt. contractor | 7 days |

**CONDITIONS** **1.** EMD @1% of the estimated cost mention in Col-5 in shape Money Receipt of Cash deposit /Bank Draft duly pledged in favour of Executive Officer, Barbil Municipality should be furnished with the tender. **2.** The detailed tender documents can be obtained from the office of the undersigned on payment of cost as mentioned above in Col-4 during the office hours from dt.16.01.2020 to dt.27.01.2020 up to 11.00 A.M. The tender papers will be received on dt.27.01.2020 up to 3.30 P.M. and the same will be opened on the same date at 4.00 P.M. in presence of the tenderers or their authorized agents who ever is present. **3.** The tenderer has to produce valid documents at the time of purchase of tender paper on demand for verification. **4.** Furnishing of photo copies of valid registration of Contractor license, GST and PAN card along with the tender papers is mandatory, otherwise the tender is liable for rejection. **5.** Contractors are required to write only the name of work for which tendered & the Officer to whom submitted (Name of the contractor/ tenderer should not be mentioned on the cover). 6. The tenders will be received in the office of the undersigned in specified tender box. **7.** The authority reserves the right to cancel any or all tenders without assigning any reason thereof.

**Sd./- Executive Officer, Barbil Municipality**

**GOVERNMENTOFODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No: RWDEE_MKG_II_ONLINE_02/2019-20**

The Executive Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: : ROAD & BUIDLING WORKS
2 No. of Works : **26 Nos**
3 Estimated Cost : Rs. 0.71 Lakhs to Rs. 17.68 Lakhs
4 Tender Paper Cost : Rs.400/- , Rs.600/-, Rs.2000/-, Rs.4,000/- & 6,000/-
5 Class of Contractor :

| Estimated cost up to ₹20.00 lakhs | Estimated cost more than ₹20.00 lakhs & within ₹300.00 lakhs | Estimated cost more than ₹300.00 lakhs & within ₹600.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 01 (One) & 04 (Four) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding From | To | Last Date of Seeking tender Clarification | Date of opening of Bid |
|---|---|---|---|---|---|
| Executive Engineer, Rural Works Division-II, Malkangiri | RWDEE_MKG_II_ONLINE_ 02 of 2019-20 | 18.01.2020 at 11.00AM | 24.01.2020 up to 05.00PM | 22.01.2020 | 27.01.2020 at11.00AM |

❖ Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
❖ Subsequent corrigendum if required shall be appeared in the web site.
❖ Authority reserves the right to reject any or all tenders without assigning any reason thereof.
25079/11/0002/1920 Executive Engineer Rural Works Division-II, Malkangiri
No. O-833

**HOUSING AND URBAN DEVELOPMENT DEPARTMENT**
E-mail ID: eonacrdl@gmail.com
**OFFICE OF THE NOTIFIED AREA COUNCIL, REDHAKHOL**
**E-PROCUREMENT NOTICE**
**No. 36 / NAC Date 14.01.2020**
**BID Identification NO. RDL NAC-6/2019-20**
**Tender ID-2020_ORULB_58988**

| | | | |
|---|---|---|---|
| 1. | Name of the work | : | 67 Nos. Civil works. |
| 2. | Estimated Cost | : | 0.50 lakhs to 4.00 lakhs |
| 3. | Period of Completion | : | 01 months |
| 4. | Date & time of availability of bid documents in the portal | : | From 2.00 PM of 16.01.2020 |
| 5. | Last date/ Time of received of bids in portal | : | 18.00 hours of dtd 29.01.2020 |
| 6. | Bid document submitted | : | 01.02.2020 upto 11.00 AM |
| 7. | Date & time of opening of Bid | : | 11.30 AM of 01.02.2020 |
| 8. | Name & Address of the office inviting bid | : | Executive Officer, NAC, Redhakhol |

Further details can be seen from the e-procurement portal- **www.tendersorissa.gov.in**.
**Sd./- Executive Officer, NAC, Redhakhol**

"ଏତେ ଛୋଟିଆ ରନିଂରୁ ଯଶପ୍ରୀତ୍ ବୁମ୍ରା ଯେଉଁଭଳି ଭାବେ ବାଉନ୍ସର, ୟର୍କର ଓ ୧୫୦ କିମି ବେଗରେ ବୋଲିଂ କରୁଛନ୍ତି ତାହା ବିଶ୍ୱାସ କରିହେଉନାହିଁ।
–ଡେଭିଡ୍ ୱାର୍ନର, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍



"ଯେକୌଣସି କ୍ରମରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ରହିଛି। ଯଦି ୩ ନମ୍ବରରେ କୁହାଯାଏ, ତା'ହେଲେ ମଧ୍ୟ ବ୍ୟାଟିଂ କରିବି। ଦେଶ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ବାର୍ସିଲୋନା ସର୍ବାଧିକ ଆୟକାରୀ ଫୁଟ୍‌ବଲ କ୍ଲବ

ବାର୍ସିଲୋନା, ୧୫।୧- ସ୍ପେନ ଫୁଟବଲ କ୍ଲବ ବାର୍ସିଲୋନା ୨୦୧୮-୧୯ ସିଜନରେ ସବୁଠୁ ଅଧିକ ଆୟ କରିଛି। ଏହି ସମୟରେ ଦଳ ୬୬୩୭ କୋଟି ଟଙ୍କା ଆୟ କରିଛି। ଏହି ଧାରାରେ ସ୍ପାନିଲ ଲା ଲିଗା ଲିଗ୍‌ର ଅନ୍ୟତମ ସଫଳ ଦଳ ରିୟଲ ମାଡ୍ରିଡ୍ ଦ୍ୱିତୀୟରେ ରହିଛି। ଦଳ (୫,୯୮୦ କୋଟି) ବାର୍ସିଲାନାଠାରୁ ପ୍ରାୟ ୬୬୦ କୋଟି ଟଙ୍କାରେ ପଛୁଆ ରହିଛି। ଡେଲାୟଟ ଫୁଟବଲ ମନି ଲିଗ୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଅଧିକ ଆୟ କରିଥିବା ଫୁଟବଲ କ୍ଲବଗୁଡ଼ିକ ମଧ୍ୟରେ ଇଂଲଣ୍ଡ ମାଞ୍ଚେଷ୍ଟର ୟୁନାଇଟେଡ୍ ଦଳ ମଧ୍ୟ ସ୍ଥାନ ପାଇଛି। ୟୁନାଇଟେଡ୍ ଦଳ ୨୦୧୮-୧୯ରେ ୫,୬୧୭ କୋଟି ଟଙ୍କା ଆୟ କରିବା ସହ ୩ୟ ସ୍ଥାନରେ ରହିଛନ୍ତି। ଏହା ପଛକୁ ବାୟର୍ନ ମ୍ୟୁନିକ (୫,୨୧୧) ଓ ପ୍ୟାରିସ ସେଣ୍ଟ ଜର୍ମେନ (୫,୦୨୦) ରହିଛନ୍ତି। ବିଶ୍ୱର ଟପ୍ ୨୦ କ୍ଲବ ମୋଟ ୭୩,୩୪୨ କୋଟି ଟଙ୍କା ଆୟ କରିଛନ୍ତି।

### ନ୍ୟୁଜିଲାଣ୍ଡ ଗସ୍ତ କରିବେ ପୃଥ୍ୱୀ ଶ



ମୁମ୍ବାଇ, ୧୫।୧- ଭାରତୀୟ ଟେଷ୍ଟ ଓପନର ପୃଥ୍ୱୀ ଶ' ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଏବେ ନ୍ୟୁଜିଲାଣ୍ଡ ଗସ୍ତ କରି ଭାରତ ଏ' ଦଳ ସହ ଯୋଗଦେବେ। ପୃଥ୍ୱୀ ନିକଟରେ ରଣଜୀ ଟ୍ରଫି ମ୍ୟାଚ୍‌ରେ କାନ୍ଧଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଜାତୀୟ କ୍ରିକେଟ ଏକାଡେମୀଠାରେ ସେ ମଙ୍ଗଳବାର ବାଧ୍ୟତାମୂଳକ ୟୋ ୟୋ ଟେଷ୍ଟର ସମ୍ମୁଖୀନ ହୋଇଥିଲେ। ମୁମ୍ବାଇର ଯୁବ ଓପନର ଆସନ୍ତା ୧୬ କିମ୍ବା ୧୭ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତ କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଦୁଇଟି ୱାର୍ମଅପ୍‌ରେ ଖେଳିପାରି ନ ଥିଲେ ମଧ୍ୟ ଆସନ୍ତା ୨୨ ତାରିଖରୁ ଭାରତ ଏ' ଓ ନ୍ୟୁଜିଲାଣ୍ଡ ଏ' ମଧ୍ୟରେ ହେବାକୁ ଥିବା ଦିନିକିଆ ସିରିଜ୍‌ରେ ସେ ଭାଗନେବେ। ଗତ ରବିବାର ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତୀୟ ଟେଷ୍ଟ ଦଳ ଘୋଷଣା ହୋଇ ନ ଥିଲା। କାରଣ ଚୟନକର୍ତ୍ତାମାନେ ପୃଥ୍ୱୀଙ୍କ ଫିଟ୍ ହେବାର ଅପେକ୍ଷା କରିଥିଲେ। ତାଙ୍କୁ ଭାରତୀୟ ଦଳରେ ତୃତୀୟ ଓପନର ଭାବେ ଚୟନ କରାଯିବ।

### ଆଜିଠାରୁ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

କଟକ ଅଫିସ,୧୫।୧- ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ଠାରୁସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ଓପନ କିରୋଗୀ, ପୁମସେ ଟାଏକୋଣ୍ଡୋ ଚାମ୍ପିୟନଶିପ ଆରମ୍ଭ ହେବ। ବିଭିନ୍ନ ବୟସ ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପାଖାପାଖି ୧ହଜାର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ବିଚାରକ ଦାୟିତ୍ୱରେ ଅର୍ନ୍ତଜାତୀୟ ତଥା ୪୦ଜଣ ଜାତୀୟ ସ୍ତରର ରେଫ୍‌ରି ରହିବେ ବୋଲି ରାଜ୍ୟ ସଂଘ ସମ୍ପାଦକ ମନମୋହନ ଭଞ୍ଜ ସୂଚନା ଦେଇଛନ୍ତି।

# ରୋହିତ 'ଶ୍ରେଷ୍ଠ ଦିନିକିଆ କ୍ରିକେଟର'

## କୋହଲିଙ୍କୁ 'ସ୍ପିରିଟ୍ ଅଫ୍ ଦି କ୍ରିକେଟ' ସମ୍ମାନ



ଦୁବାଇ,୧୫।୧(ପି.ଟି.)

ଭାରତୀୟ ତାରକା ଓପନର ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) '୨୦୧୯ ଦିନିକିଆ କ୍ରିକେଟର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି। ଗତବର୍ଷ ଦମ୍‌ଦାର ପ୍ରଦର୍ଶନ କରି ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟପଟେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ବର୍ଷର ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି 'ସ୍ପିରିଟ ଅଫ୍ ଦି କ୍ରିକେଟ' ପୁରସ୍କାର ଲାଭ କରିଛନ୍ତି। ଇଂଲଣ୍ଡର ଓଭାଲରେ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ପ୍ରଶଂସକମାନେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍‌ଙ୍କୁ ବଲ ଟ୍ୟାମ୍ପରିଂ ମାମଲା ପାଇଁ ସମାଲୋଚନା କରି ଗାଳି ଦେଉଥିବା ବେଳେ କୋହଲି ସେମାନଙ୍କୁ ଏଥିରୁ ବିରତ କରାଇଥି ଓ ଏଥିପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ବଲ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ହୋଇ ସ୍ମିଥ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ୍ ଖେଳିଥିଲେ।

ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଦଳର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ସବୁଠାରୁ ବଡ଼ ପୁରସ୍କାର ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ସେହିପରି ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଭାରତୀୟ ଯୁବ ଦ୍ରୁତ ବୋଲର ଦୀପକ ଚହର ଟି୨୦ ଅନ୍ତର୍ଜାତୀୟ ପରଫର୍ମାନ୍ସ ଅଫ୍ ଦି ଇୟର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ମାର୍ନସ ଲାବୁସେନ ଇମର୍ଜିଂ କ୍ରିକେଟର ଅଫ୍ ଦି ଇୟର, ସ୍କଟଲାଣ୍ଡର କାଏଲ କୋଏଜସର ଆସୋସିଏଟ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।

ରୋହିତ ବିଶ୍ୱକପରେ ୯ଟି ମ୍ୟାଚ୍ ଖେଳି ୫ଟି ଶତକ, ଗୋଟିଏ ଅର୍ଦ୍ଧଶତକ ସହ ୮୧.୦୦ ରନ ହାରରେ ୬୪୮ ରନ ସଂଗ୍ରହ କରିଥିଲେ। ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଗୋଟିଏ ବିଶ୍ୱକପ୍‌ରେ ୫ଟି ଶତକ ଅର୍ଜନ କରି ରେକର୍ଡ କରିଥିଲେ। ସେ ଗତବର୍ଷ ୨୮ଟି ଦିନିକିଆ ଖେଳି ୧୪୦୯ ରନ ସଂଗ୍ରହ କରିଥିଲେ। ଓଡ଼ିଆଇ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିବାରୁ ରୋହିତ ଖୁସି ଜାହିର କରିଛନ୍ତି। ନାଗପୁରରେ ବାଂଲାଦେଶ ବିପକ୍ଷ ଟି୨୦ ମ୍ୟାଚ୍‌ରେ ୭ ରନ ବ୍ୟୟ କରି ଚହର ୬ ଉଇକେଟ ଅକ୍ତିଆର କରିବା ସହ ଟି୨୦ ପରଫର୍ମାନ୍ସ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଏଥିରେ ସେ ହ୍ୟାଟ୍ରିକ ଉଇକେଟ ମଧ୍ୟ ହାସଲ କରିଥିଲେ। କୁମିନ୍ସ ୧୨ଟି ଟେଷ୍ଟ ମ୍ୟାଚ୍ ଖେଳି ୫୯ ଉଇକେଟ ନେବା ସହ ପୁରସ୍କୃତ ହୋଇଛନ୍ତି। ସେହିପରି ଗତବର୍ଷ ଓ ଖାସ୍ କରି ବିଶ୍ୱକପ୍‌ରେ ଷ୍ଟୋକ୍ସଙ୍କ ପ୍ରଦର୍ଶନ ଐତିହାସିକ ଥିଲା ଓ ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଲାବୁସେନ ୧୧ ଟେଷ୍ଟ ଖେଳି ୧,୧୦୪ ରନ ସଂଗ୍ରହ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡ ଅମ୍ପାୟର ରିଚାର୍ଡ ଇଲିଙ୍ଗ୍‌ୱର୍ଥ ସପ୍ତମ ବ୍ୟକ୍ତି ଭାବେ ଡେଭିଡ ଶେଫର୍ଡ ଟ୍ରଫି ଫର ଅମ୍ପାୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଗତବର୍ଷ ତାଙ୍କ ଅମ୍ପାୟରିଂ ନିରପେକ୍ଷ ଓ ଦୃଷ୍ଟାନ୍ତମୂଳକ ଥିଲା।

### ଆଇସିସି ପୁରୁଷ କ୍ରିକେଟ ପୁରସ୍କାର

- ଶ୍ରେଷ୍ଠ କ୍ରିକେଟର ଅଫ୍ ଦି ଇୟର- ବେନ୍ ଷ୍ଟୋକ୍ସ (ଇଂଲଣ୍ଡ)
- ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର- ପ୍ୟାଟ୍ କୁମିନ୍ସ (ଅଷ୍ଟ୍ରେଲିଆ)
- ଦିନିକିଆ କ୍ରିକେଟର ଅଫ୍ ଦି ଇୟର- ରୋହିତ ଶର୍ମା (ଭାରତ)
- ଟି୨୦ ପରଫର୍ମାନ୍ସ ଅଫ୍ ଦି ଇୟର- ଦୀପକ ଚହର (ବାଂଲାଦେଶ ବିପକ୍ଷରେ ୬ ଉଇକେଟ /୭ ରନ୍)
- ଇମର୍ଜିଂ କ୍ରିକେଟର ଅଫ୍ ଦି ଇୟର- ମାର୍ନସ ଲାବୁସେନ (ଅଷ୍ଟ୍ରେଲିଆ)
- ଆସୋସିଏଟ୍ କ୍ରିକେଟର ଅଫ୍ ଦି ଇୟର- କାଏଲ କୋଏଜର (ସ୍କଟ୍‌ଲାଣ୍ଡ)
- ସ୍ପିରିଟ ଅଫ୍ ଦି କ୍ରିକେଟ ପୁରସ୍କାର- ବିରାଟ କୋହଲି
- ଅମ୍ପାୟର ଅଫ୍ ଦି ଇୟର- ରିଚାର୍ଡ ଇଲିଙ୍ଗୱର୍ଥ

### ପନ୍ତ ଦ୍ୱିତୀୟ ଦିନିକିଆରୁ ବାଦ୍

ମୁମ୍ବାଇ,୧୫।୧(ପି.ଟି.)

ଶୁକ୍ରବାର ରାଜକୋଟ୍‌ରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆରୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ବାଦ୍ ପଡିଛନ୍ତି। ୱାଙ୍ଖେଡେରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ବ୍ୟାଟିଂ କରୁଥିବା ବେଳେ ମୁଣ୍ଡରେ ବଲ୍ ବାଜିବା କାରଣରୁ ଆଘାତ ପାଇଥିଲେ। ଫଳରେ ତାଙ୍କୁ ଦ୍ୱିତୀୟ ଦିନିକିଆରୁ ବାଦ୍ ଦିଆଯାଇଛି। ୪୪ତମ ଓଭରରେ ପ୍ୟାଟ କୁମିନ୍ସଙ୍କ ବଲ୍ ପନ୍ତଙ୍କ ହେଲମେଟ୍‌ରେ ବାଜିଥିଲା ଓ ସେ ଆଉଟ୍ ମଧ୍ୟ ହୋଇଥିଲେ। ପରେ ସେ କିପିଂ କରିବାକୁ ପଡିଆକୁ ଆସି ନ ଥିଲେ। ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା ଓ ତାଙ୍କୁ ଜଣେ ସ୍ପୋଶାଲିଷ୍ଟଙ୍କ ତତ୍ତ୍ୱାବଧାନରେ ନିରୀକ୍ଷଣରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା ଓ ତାଙ୍କ ସ୍କାନ ରିପୋର୍ଟ ମଧ୍ୟ ସବୁ ଠିକ୍‌ଠାକ୍ ଥିଲା। ଆଘାତ ସେତେଟା ଗମ୍ଭୀର ହୋଇ ନ ଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରି ନାହାନ୍ତି। ବୁଧବାର ରାଜକୋଟ୍‌ରେ ଭାରତୀୟ ଦଳ ପହଞ୍ଚିଛି। ତେବେ ପନ୍ତ ଚିକିତ୍ସା ତଥା ଆଘାତ ସମସ୍ୟାର ଗୁରୁତ୍ୱ ଜାଣିବାକୁ ବାଙ୍ଗାଲୋରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଯିବାର କାର୍ଯ୍ୟକ୍ରମ ରହିଛି। ସେ କେତେ ପରିମାଣରେ ସୁସ୍ଥ ହେଉଛନ୍ତି ତାହା ଉପରେ ପନ୍ତଙ୍କ ଅନ୍ତିମ ଦିନିକିଆ ଖେଳିବା ନିର୍ଭର କରେ ବୋଲି ବିସିସିଆଇ ତରଫରୁ କୁହାଯାଇଛି।

## ସିନ୍ଧୁ ଆଗେଇଲେ: ସାଇନା, ଶ୍ରୀକାନ୍ତ ବିଦା

### ଇଣ୍ଡୋନେସିଆ ମାଷ୍ଟର୍ସ

ଜାକର୍ତ୍ତା, ୧୫।୧(ପି.ଟି.)

ବିଶ୍ୱ ବିଜୟିନୀ ପି.ଭି. ସିନ୍ଧୁ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ସୁପର ୫୦୦ ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ଡିଫେଣ୍ଡିଂ ଚାମ୍ପିୟନ ସାଇନା ନେହ୍ୱାଲ, ବି. ସାଇ ପ୍ରଣୀଥ୍, କିଦାମ୍ବୀ ଶ୍ରୀକାନ୍ତ ଓ ସମୀର ବର୍ମାଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡ ପରାଜୟ ସହ ଏହି ୪ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ୫ମ ସିଡ୍ ସିନ୍ଧୁ ୧୪-୨୧, ୨୧-୧୫, ୨୧-୧୧ରେ ଜାପାନର ଆୟା ଓହରଙ୍କୁ ପରାସ୍ତ କରିଛନ୍ତି। ଓହରଙ୍କ ବିପକ୍ଷରେ ସିନ୍ଧୁ ୧୦ଥର ଖେଳିଥିଲେ ହେଁ କେବେ ବି ପରାଜୟର ସାମ୍ନା କରିନାହାନ୍ତି। ଗତ ସପ୍ତାହରେ ଶେଷ ହୋଇଥିବା ମାଲେସିଆ ମାଷ୍ଟର୍ସରେ ମଧ୍ୟ ସିନ୍ଧୁ ଏହି ଜାପାନ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁଙ୍କ ମୁକାବିଲା ଜାପାନର ସାୟାକା ତାକାହାଶିଙ୍କ ସହ ହେବ। ସାୟାକା ଅନ୍ୟ ଏକ ମୁକାବିଲାରେ ୧୯-୨୧, ୨୧-୧୩, ୨୧-୫ ଗେମ୍‌ରେ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନାଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱାଦଶ ସ୍ଥାନରେ ରହିଥିବା ଶ୍ରୀକାନ୍ତ ୨୧-୧୮, ୧୨-୨୧, ୧୪-୨୧ ଗେମ୍‌ରେ ଘରୋଇ ଖେଳାଳି ଶେସର ହିରେନ ରୁସ୍ତାଭିଟୋଙ୍କ ନିକଟରୁ ହାରିଯାଇଛନ୍ତି। ଲଗାତର ୨ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ଶ୍ରୀକାନ୍ତ ବିଦାୟ ନେଇଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସର ପ୍ରଥମ ରାଉଣ୍ଡରେ ମଧ୍ୟ ସେ ପରାସ୍ତ ହୋଇଥିଲେ। ପ୍ରଣୀଥ୍ ମଧ୍ୟ ମାଲେସିଆ ମାଷ୍ଟର୍ସ ପରି ଏଠାରେ ପ୍ରଥମ ରାଉଣ୍ଡରେ ପରାଜୟ ସାମ୍ନା କରିଛନ୍ତି। ସୌରଭ ମଧ୍ୟ ଅନ୍ୟତମ ଚାଇନା ଖେଳାଳି ଲୁ ଗୁଆଙ୍ଗ ଜୁ'ଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତର ପ୍ରଣବ ଜେରୀ ଚୋପ୍ରା ଓ ସିକ୍କି ରେଡ୍ଡୀଙ୍କୁ ନିରାଶ ହେବାକୁ ପଡ଼ିଛି।

## ଆଇସିସି ଦିନିକିଆ, ଟେଷ୍ଟ ଦଳ: କୋହଲି ଅଧିନାୟକ



ଦୁବାଇ, ୧୫।୧ (ପି.ଟି.)

ବ୍ୟାଟିଂ ସୁପରଷ୍ଟାର ତଥା ଭାରତୀୟ ଅଧିନାୟକ ବିରାଟ କୋହଲି ୨୦୧୯ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ବିବେଚିତ ହୋଇଛନ୍ତି। କ୍ରମାଗତ ତୃତୀୟଥର ପାଇଁ କୋହଲି ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ବୁଧବାର ଆଇସିସି ବର୍ଷର ଦିନିକିଆ ଓ ଟେଷ୍ଟ ଦଳ ଘୋଷଣା କରିଛି। ବିଶ୍ୱର ୧ ନମ୍ବର ବ୍ୟାଟ୍ସମ୍ୟାନ କୋହଲିଙ୍କୁ ଏହି ଦୁଇ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। କୋହଲିଙ୍କୁ ବାଦ୍‌ଦେଲେ ଅନ୍ୟ ୪ ଜଣ ଭାରତୀୟ କ୍ରିକେଟର ମଧ୍ୟ ଆଇସିସି ଦିନିକିଆ ଓ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦ୍ୱିଶତକ ହାସଲ କରିଥିବା ମୟଙ୍କ ଅଗ୍ରୱାଲ, ଓପନର ରୋହିତ ଶର୍ମା, ଦ୍ରୁତ ବୋଲର ମହମ୍ମଦ ସାମି ଟେଷ୍ଟ ଦଳରେ ସ୍ଥାନ ପାଇଥିବାବେଳେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି।

୨୦୧୯ରେ ଦୁଇଟି ଯାକ ଫର୍ମାଟ୍‌ରେ କୋହଲି ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ୩୧ ବର୍ଷୀୟ କୋହଲି ଏହି ବର୍ଷ କ୍ୟାରିୟରର ସପ୍ତମ ଟେଷ୍ଟ ଦ୍ୱିଶତକ ଅର୍ଜନ କରିଛନ୍ତି। ଗତ ଅକ୍ଟୋବରରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷଥର ପାଇଁ ୨୫୪ ରନର ଦ୍ୱିଶତକ ଅର୍ଜନ କରିଥିଲେ। ମୟଙ୍କଙ୍କ ପାଇଁ ଏହି ବର୍ଷ ବ୍ରେକ୍ ଥ୍ରୁର ବର୍ଷ ସାବ୍ୟସ୍ତ ହୋଇଛି। ସେ ଏହି ବର୍ଷ ଦୁଇଟି ଦ୍ୱିଶତକ, ଗୋଟିଏ ଶତକ, ଦୁଇଟି ଅର୍ଦ୍ଧ ଶତକ ହାସଲ କରିଛନ୍ତି। ଗତ ନଭେମ୍ବରରେ ସେ ବାଂଲାଦେଶ ବିପକ୍ଷରେ କ୍ୟାରିୟର ଶ୍ରେଷ୍ଠ ୨୪୩ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଦିନିକିଆରେ ଉପ ଅଧିନାୟକ ରୋହିତ ଶର୍ମା ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ କରିଥିଲେ। ଏହି ମେଗା ଇଭେଣ୍ଟରେ ସେ ୫ଟି ଶତକ ହାସଲ କରିବା ସହ ଗୋଟିଏ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ସେହିପରି ରିଷ୍ଟ ସ୍ପିନର କୁଲଦୀପ ଏହି ବର୍ଷ ଦିନିକିଆରେ ଦୁଇଟି ହ୍ୟାଟ୍ରିକ ଅର୍ଜନ କରି ଏଲିଟ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ଗତମାସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ କ୍ୟାରିୟର ଦ୍ୱିତୀୟ ହ୍ୟାଟ୍ରିକ ଉଇକେଟ ଅର୍ଜନ କରିଥିଲେ।

**୨୦୧୯ର ଆଇସିସି ଟିମ୍ ଅଫ୍ ଦି ଇୟର**

**ଦିନିକିଆ ଦଳ** (ବ୍ୟାଟିଂ ଅର୍ଡରରେ)– ରୋହିତ ଶର୍ମା, ସାଇ ହୋପ୍, ବିରାଟ କୋହଲି (ଅଧିନାୟକ), ବାବର ଆଜମ, କେନ୍ ୱିଲିୟମସନ, ବେନ୍ ଷ୍ଟୋକ୍ସ, ଜୋସ ବଟଲର (ଉଇକେଟ କିପର), ମିଚେଲ ଷ୍ଟାର୍କ, ଟ୍ରେଣ୍ଟ ବୋଲ୍ଟ, ମହମ୍ମଦ ସାମି ଓ କୁଲଦୀପ ଯାଦବ।

**ଟେଷ୍ଟ ଦଳ** (ବ୍ୟାଟିଂ ଅର୍ଡରରେ)– ମୟଙ୍କ ଅଗ୍ରୱାଲ, ଟମ୍ ଲାଥମ, ମାର୍ନସ ଲାବୁସେନ, ବିରାଟ କୋହଲି (ଅଧିନାୟକ), ଷ୍ଟିଭ୍ ସ୍ମିଥ୍, ବେନ୍ ଷ୍ଟୋକ୍ସ, ବିଜେ ୱାଟଲିଂ (ଉଇକେଟକିପର), ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ନିଲ ୱାଗନର ଓ ନାଥନ ଲିୟନ।

## ଅନନ୍ତପୁର କ୍ରିକେଟ: ନଖରା ଚାମ୍ପିୟନ

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)

ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ, ଅନନ୍ତପୁର ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ନଖରାର ଜାଗୁଲାଇ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫୁଲନଖରା ଗ୍ରାମାଞ୍ଚଳର ୧୬ଟି ଟିମକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଣପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୧୨୦ ରନ କରିଥିଲା। ନଖରା ଟିମ ଏହି ଲକ୍ଷକୁ ମାତ୍ର ୧୪ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ବିଜୟୀ ଦଳର ରାଜେଶ ସାହୁ ମ୍ୟାନ୍ ଅଫ ଦି ଫାଇନାଲ ଓ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଜିତେନ୍ଦ୍ର ସାସମଲ, ନିରଞ୍ଜନ ସାସମଲ, ବିନୋଦ ସାମନ୍ତରାୟ ଓ ମହେଶ୍ୱର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୬,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ନଖରା ଜାଗୁଲାଇ କ୍ରିକେଟ କ୍ଲବ।

## ନାଇଟ୍ ଉପାଧି ଗ୍ରହଣ କଲେ ସାର୍ ଆଣ୍ଡ୍ର୍ୟୁ ଷ୍ଟ୍ରସ୍

ଲଣ୍ଡନ, ୧୫।୧

ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆଣ୍ଡ୍ର୍ୟୁ ଷ୍ଟ୍ରସ୍ ବ୍ରିଟେନ୍‌ର ସର୍ବୋଚ୍ଚ ସମ୍ମାନ 'ନାଇଟ୍ ଉପାଧି' ଗ୍ରହଣ କରିଛନ୍ତି। ଫଳରେ ଏବେ ତାଙ୍କ ନାମ ପୂର୍ବରୁ 'ସାର୍' ଲାଗିଛି। ଲଣ୍ଡନସ୍ଥିତ ବକିଙ୍ଗହାମ୍ ପ୍ୟାଲେସ୍‌ରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ପ୍ରିନ୍ସ ୱିଲିୟମ୍ସ ତାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ। ଗତ ମେ'ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ନାଇଟ୍ ଉପାଧି ପାଇଁ ଷ୍ଟ୍ରସ୍‌ଙ୍କୁ ମନୋନୀତ କରିଥିଲେ। ୪୨ ବର୍ଷୀୟ ଷ୍ଟ୍ରସ୍ ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ଇଂଲଣ୍ଡ ପକ୍ଷରୁ ୧୦୦ ଟେଷ୍ଟ, ୧୨୭ ଦିନିକିଆ ଏବଂ ୪ ଟି୨୦ ମ୍ୟାଚ୍ ଖେଳିଛନ୍ତି।

## ୮ ମହିଳା ରେସ୍‌ଲର ସସ୍‌ପେଣ୍ଡ

ନୂଆଦିଲ୍ଲୀ,୧୫।୧(ପି.ଟି.)

ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ୮ ମହିଳା ରେସ୍‌ଲରଙ୍କୁ ଗୋଟିଏ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପ୍‌ରୁ ନିଜ ଇଚ୍ଛାରେ ଚାଲିଯିବା କାରଣରୁ ଡବ୍ଲ୍ୟୁଏଫ୍‌ଆଇ ଏହି ନିଷ୍ପତ୍ତି ଗ୍ରହଣ କରିଛି। କ୍ୟାମ୍ପ୍‌ରେ ଟ୍ରାଏଲ୍ସରେ ଯୋଗଦେବା ପରେ ରେସ୍‌ଲରମାନେ ନିଜ ଇଚ୍ଛାରେ ଚାଲିଯାଇ ଶୃଙ୍ଖଳା ଭଙ୍ଗ କରିଥିଲେ। ଫଳରେ ଡବ୍ଲ୍ୟୁଏଫ୍‌ଆଇର ଶୃଙ୍ଖଳାଗତ କମିଟି ଏହି ନିଷ୍ପତ୍ତି ନେଇଛି।

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍: ନେଦରଲାଣ୍ଡ ଦଳ ପହଞ୍ଚିଲା



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ଲାଗି ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ନେଦରଲାଣ୍ଡ ହକି ଟିମ୍।

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ସହିତ ମ୍ୟାଚ୍ ଖେଳିବା ପାଇଁ ନେଦରଲାଣ୍ଡ ଦଳ ବୁଧବାର ରାତିରେ ଏଠାରେ ପହଞ୍ଚିଛି। ଭାରତ ଓ ନେଦରଲାଣ୍ଡ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତମାସ ୧୮ ଓ ୧୯ ତାରିଖରେ ପ୍ରୋ ଲିଗ୍ ମ୍ୟାଚ୍ ଖେଳାଯିବ। ଭାରତ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ ନମ୍ବରରେ ଥିବାବେଳେ ୨୦୧୮ ହକି ବିଶ୍ୱକପ ରନର୍ସଅପ୍ ନେଦରଲାଣ୍ଡ ୩ ନମ୍ବର ସ୍ଥାନରେ ରହିଛି। ତେଣୁ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି। ନେଦରଲାଣ୍ଡ ଦଳ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିବା କାର୍ଯ୍ୟକ୍ରମ ରହିଛି।

## ରାଜେନ୍ଦ୍ର ଚାମ୍ପିୟନ, ସୌମ୍ୟ ରନର୍ସଅପ୍

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ବୁଧବାର ନିମାପଡ଼ା ଟାଉନ୍‌ହଲ୍‌ରେ ରାଜ୍ୟ ଓପନ ର୍‍ୟାପିଡ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜେନ୍ଦ୍ର କୁମାର ସାହୁ(୬.୫ ପଏଣ୍ଟ) ଚାମ୍ପିୟନ ଓ ସୌମ୍ୟରଞ୍ଜନ ମିଶ୍ର (୬) ରନର୍ସଅପ୍ ହୋଇଛନ୍ତି। ମାନସ ରଞ୍ଜନ ପରିଡ଼ା, ପ୍ରିୟବ୍ରତ ସାମନ୍ତ, ନବଘନ ବରାଳ, ରବୀନ୍ଦ୍ର କୁମାର ଓଝା, ସ୍ଥିତପ୍ରଜ୍ଞ ସାହୁ, ମାନସ ରଞ୍ଜନ ମହାରଣା, ବାପୁନ ପାତ୍ର, ଶୁଭ୍ରାଂଶୁ ଦାଶ, ଗଙ୍ଗାଧର ଓଝା, ଦୀପ୍ତିରଞ୍ଜନ ଦାସ, ସୂରଯ କୁମାର ମହାରଣା, ଲରେନ୍ସ ପ୍ରଧାନ ଓ ସାଇ ଅମୃତ ପରିଜା ଟପ-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୬ ଜଣ ସ୍କୁଲ ଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି , ନିର୍ଦ୍ଦେଶକ ହିମାଂଶୁ ଶେଖର ମହାନ୍ତି, ଆୟୋଜକ କମିଟି ସମ୍ପାଦକ ଗଙ୍ଗାଧର ଓଝା, ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଲୌରିୟସ ପୁରସ୍କାର ଦୌଡ଼ରେ ନାଡ଼ାଲ, ଓସାକା, ମୁରେ

ବର୍ଲିନ,୧୫।୧(ପି.ଟି.)-ସମ୍ମାନଜନକ କ୍ରୀଡ଼ା ପୁରସ୍କାର ଦୌଡ଼ରେ ଏ ବର୍ଷ ସାମିଲ ହୋଇଛନ୍ତି ସ୍ପେନ୍ ଟେନିସ ତାରକା ରାଫାଲ ନାଡ଼ାଲ ଓ ଆମରିକା ମହିଳା ତାରକା ନାଓମି ଓସାକ, ଅନ୍ୟତମ ଆମେରିକୀୟ ମହିଳା ଟେନିସ ଖେଳାଳି କୋକୋ ଗୌଫ। ବୁଧବାର ଭିନ୍ନଭିନ୍ ବର୍ଗ ପାଇଁ ଏହି ଖେଳାଳିମାନେ ପୁରସ୍କାର ପାଇଁ ନୋମିନେଟ ହୋଇଛନ୍ତି। ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ଦୌଡ଼ରେ ନାଡାଲଙ୍କ ସମେତ ଫର୍ମୁଲା-୧ ଚାମ୍ପିୟନ ଲୁଇସ୍ ହାମିଲଟନ, ବିଶ୍ୱ ମୋଟୋଜିପି ଚାମ୍ପିୟନ ମାର୍କ ମର୍କ୍ୟୁଜ୍, ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ସାମିଲ ହୋଇଛନ୍ତି। ୱାର୍ଲ୍ଡ ସ୍ପୋର୍ଟ୍ସ ଓମେନ ଅଫ ଦି ଇୟର ପୁରସ୍କାର ଦୌଡ଼ରେ ପ୍ରଥମ ଏସୀୟ ଖେଳାଳିଭାବେ ସାମିଲ ହୋଇଛନ୍ତି ନାଓମି ଓସାକା, ମହିଳା ଫୁଟବଲର ମେଗାନ ରାପିନୋଏ, ମହିଳା ଜିମ୍ନାଷ୍ଟ ସାଇମନ ବାଇଲ୍ସ, ଧାବିକା ଅଲିସନ ଫେଲିକ୍ସ। ବ୍ରିଟେନ ଟେନିସ ତାରାକା ଆଣ୍ଡି ମୁରେଙ୍କ ସମେତ ଫୁଟବଲ କ୍ଲବ ଲିଭରପୁଲ କମ୍ ବ୍ୟାକ୍ ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଫେବୃୟାରୀ ୧୭ ତାରିଖରେ ବର୍ଲିନରେ ଏହି ପୁରସ୍କାର ପ୍ରଦାନ କରାଯିବ।

### ଏକାଠି ଖେଳିପାରନ୍ତି ଧୋନୀ, ସଚିନ

ମେଲବୋର୍ନ,୧୫।୧- କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏକାସଙ୍ଗେ ପୁଣି ଥରେ କ୍ରିକେଟ ପଡ଼ିଆରେ ନଜର ଆସିପାରନ୍ତି। ସଚିନ ଅବସର ନେଇସାରିଥିବାବେଳେ ଧୋନୀ ଦୀର୍ଘଦିନ ହେଲା କ୍ରିକେଟରୁ ଦୂରେଇ ରହିଛନ୍ତି। ଦୁହିଁଙ୍କ କମ୍ବିନେଶନ ପୁଣି ଥରେ ଦେଖିବା ପାଇଁ ପ୍ରଶଂସକମାନେ ବ୍ୟାକୁଳ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ସ୍ୱସ୍ତିଙ୍କୁ ଆଉ ଏକ ସ୍ୱର୍ଣ୍ଣ

## ୨ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ଅଭିଯାନ ଶେଷ

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)




| ୩୦୦୦ ମି. ବ୍ୟକ୍ତିଗତ ପର୍ଶ୍ୟୁଟ୍ | | | |
|---|---|---|---|
| ପ୍ରତିଯୋଗୀ | ରାଜ୍ୟ | ଟାଇମିଂ | ସ୍ପିଡ୍ |
| ସ୍ୱସ୍ତି ସିଂ | ଓଡ଼ିଶା | ୪:୨୦.୨୩୭ ସେକେଣ୍ଡ | ୪୧.୫୦ |
| ମୋନିକା ଜାଟ | ରାଜସ୍ଥାନ | ୪:୨୫.୩୩୫ ସେକେଣ୍ଡ | ୪୦.୭୦ |
| କୀର୍ତ୍ତି ରଙ୍ଗାସ୍ୱାମୀ | କର୍ନାଟକ | ୪:୨୩.୯୩୦ ସେକେଣ୍ଡ | ୪୦.୯୨ |
| ଗଙ୍ଗୋତ୍ରୀ ବର୍ଦ୍ଦୋଲୋଇ | ଆସାମ | ୪:୨୬.୩୦୨ ସେକେଣ୍ଡ | ୪୦.୫୬ |

ଜଣେ ଓଡ଼ିଆ ଖେଳାଳି କୌଣସି ଗୋଟିଏ ଜାତୀୟ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିବା ନିଶ୍ଚିତ କଷ୍ଟକର ବ୍ୟାପାର। ମାତ୍ର ଯୁବ ବୟସରୁ ତାହାକୁ କାମରେ କରି ଦେଖାଇଛନ୍ତି ଓଡ଼ିଶା ତଥା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସ୍‌ପି)ର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବୁଧବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୩୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ରାଜ୍ୟର ଗୌରବକୁ ବଢ଼ାଇଛନ୍ତି। ପୂର୍ବରୁ ସେ ୨୧ ବର୍ଷରୁ କମ୍ ସାଇକ୍ଲିଂ ବାଳିକା ସ୍କ୍ରାଚ୍ ରେସ୍‌ରେ ସ୍ୱର୍ଣ୍ଣ ଏବଂ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ।

୩୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ସ୍ୱସ୍ତି ୪:୨୦.୨୩୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାଜସ୍ଥାନର ମୋନିକା ଜାଟ ୪:୨୫.୩୩୫ ସେକେଣ୍ଡ ସହିତ ରୌପ୍ୟ ଏବଂ କର୍ନାଟକର କୀର୍ତ୍ତି ରଙ୍ଗାସ୍ୱାମୀ ସି. ୪:୨୩.୯୩୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ସ୍ୱସ୍ତିଙ୍କ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଆସାମର ଗଙ୍ଗୋତ୍ରୀ ୪:୨୬.୩୦୨ ସେକେଣ୍ଡ ସମୟ ନେବାରୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ସ୍ୱର୍ଣ୍ଣ-ରୌପ୍ୟ ପାଇଁ ଲଢ଼େଇରେ ସ୍ୱସ୍ତି ପ୍ରତିପକ୍ଷ ମୋନିକାଙ୍କୁ ପରାସ୍ତ କରିଥିଲେ। ବ୍ରୋଞ୍ଜ ଲଢ଼େଇରେ କୀର୍ତ୍ତି ପ୍ରତିପକ୍ଷ ଗଙ୍ଗୋତ୍ରୀଙ୍କୁ ହରାଇଥିଲେ। ତେଣୁ ଓଭରଅଲ୍ ଟାଇମିଂରେ କୀର୍ତ୍ତିଙ୍କ ଅପେକ୍ଷା ମୋନିକା ଅଧିକ ସମୟ ନେଇଥିଲେ ହେଁ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱସ୍ତିଙ୍କ ପ୍ରଦର୍ଶନରେ ଅତ୍ୟନ୍ତ ଖୁସି ଜାହିର କରିଛନ୍ତି କୋଚ୍ ସୁଶୀଲ କୁମାର ଦାସ। ସ୍ୱସ୍ତି ଆଶାନୁରୂପ ପ୍ରଦର୍ଶନ କରିପାରିଛନ୍ତି। ଜଣେ ଖେଳାଳି ଗୋଟିଏ ଇଭେଣ୍ଟରେ ଏତେ ସଫଳତା ପାଇବା କିଛି କମ୍ କଥା ନୁହେଁ। ପିଲାମାନେ ତାଙ୍କ କାମ କରିଛନ୍ତି। ଏବେ ରାଜ୍ୟ ସରକାର ଓଡ଼ିଶାର ସାଇକ୍ଲିଂ ପ୍ରତିଭାଙ୍କ ଉପରେ ଦୃଷ୍ଟି ଦେବା ସମୟ ଆସିଛି। ରାଜ୍ୟରେ ସାଇକ୍ଲିଂ ପାଇଁ ଭିତ୍ତିଭୂମି ସୃଷ୍ଟି ହୋଇପାରିଲେ ଆମ ପିଲା ନିଶ୍ଚିତଭାବେ ସିନିୟର ସ୍ତରରେ ମଧ୍ୟ ଚମତ୍କାରିତା ଦେଖାଇ ପାରିବେ। ପିଲାଙ୍କ ଅଭ୍ୟାସ ଲାଗି ଟ୍ରାକ୍ ନିହାତି ଜରୁରୀ। ପ୍ରତିଭାମାନଙ୍କ ଏପରି ପ୍ରଦର୍ଶନ ପରେ ସରକାର ନିଶ୍ଚିତ କିଛି କରିବେ ବୋଲି ଆଶା ରଖିଛନ୍ତି ସୁଶୀଲ। ୩ଟି ଇଭେଣ୍ଟରେ ପଦକ ଜିତିସାରିଥିବାରୁ ସ୍ୱସ୍ତି ୪ର୍ଥ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଚଳିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରେ ଓଡ଼ିଶା ପାଇଁ ଦୀନେଶ କୁମାର ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ୪୦:୧୧:୧୩୩ ସେକେଣ୍ଡ ସମୟ ନେଇ ସେ ଏହି ସଫଳତା ପାଇଥିଲେ। ବୁଧବାର ଅନୁଷ୍ଠିତ ୪୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ଶ୍ୟୁଟ୍‌ରେ ଦୀନେଶ ଅଳ୍ପକେ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୪:୫୯.୫୩୭ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନ ପାଇଥିଲେ। ପଞ୍ଜାବର ନମନ କପିଲ, ହରିୟାଣାର ଅନିଲ ମାଙ୍ଗଲୋ ଓ କର୍ନାଟକର ଭେଙ୍କାପ୍ପା କେଙ୍ଗାଲାଗୁଟ୍ଟି ପ୍ରଥମ ୩ ସ୍ଥାନ ଅଧିକାର କରି ପୋଡିୟମ ମଣ୍ଡନ କରିଥିଲେ।

ସାଇକ୍ଲିଂକୁ ଛାଡ଼ିଦେଲେ ଅନ୍ୟ ଇଭେଣ୍ଟରେ ମଧ୍ୟ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଜଗଦୀଶ ବାରିକ ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୭ ବର୍ଷରୁ କମ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଟେବୁଲରେ ସ୍ୱର୍ଣ୍ଣ ଏବଂ ହରିଜୋଣ୍ଟାଲ ବାର୍‌ସରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ଧନମତି ଖେସ୍ ବ୍ରୋଞ୍ଜ ପଦକ ପାଇଥିଲେ। ସେ ୪୨.୩୨ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଉତ୍ତରପ୍ରଦେଶର ପ୍ରତୀକ୍ଷା ପାଟିଲ ସ୍ୱର୍ଣ୍ଣ ଏବଂ ହରିୟାଣାର ଦୀପିକା ରୌପ୍ୟ ପଦକ ହାସଲ କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



ଆୟୁଷ ଅଂଶୁମାନ ପାଢ଼ୀ (ପ୍ରିନ୍ସ)
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ତୋର ସପ୍ତମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା', ବାବା, ମାମା, ବଡବାବା, ବଡମାମା, ମାମୁ, ମାଇଁ, ଅଜା, ଆଇ ଓ ପରିବାରବର୍ଗ ।
ଧ-୬୮୭୫୮

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀୟଂଶୁ (ଟିମ୍ ଟିମ୍)
ପ୍ରଥମ ଜନ୍ମବାର୍ଷିକ ଉପଲକ୍ଷେ ତୋର ଦୀର୍ଘାୟୁ କାମନା ସହ ତୋ ଚଲାପଥ କୁସୁମିତ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ନିବେଦନ।
ଶୁଭେଚ୍ଛା ସହ:
ଅଜା, ଆଈ, ଜେଜେବାପା, ଜେଜେମା' ।
ଧ-୧୬୨୦୮

# ଆଇଏସ୍‌ଏଲ: ଓଡ଼ିଶା ଏଫ୍‌ସିର କ୍ରମାଗତ ୪ର୍ଥ ବିଜୟ



ଗୋଲ ସ୍କୋର ପରେ ଉଲ୍ଲସିତ ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

ଭୁବନେଶ୍ୱର,୧୫।୧(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଘରୋଇ ଗ୍ରାଉଣ୍ଡରେ କ୍ରମାଗତ ୩ ବିଜୟ ସହ ହ୍ୟାଟ୍ରିକ କରିଥିବା ଓଡ଼ିଶା ଏଫ୍‌ସି ବାହାର ପରିବେଶରେ ମଧ୍ୟ ଦକ୍ଷତା ଦେଖାଇଛି। ବୁଧବାର ହାଇଦ୍ରାବାଦରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଏହି ଦଳ ୨-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ମଧ୍ୟ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ବିଜୟୀ ହୋଇଥିଲା।

ହାଇଦ୍ରାବାଦର ଜିଏମ୍‌ସି ବାଲାଯୋଗୀ ଷ୍ଟାଡିୟମରେ ମ୍ୟାଚ୍ ଆରମ୍ଭ ହେବାକ୍ଷଣି ଅର୍ଥାତ୍ ୧ମ ମିନିଟ୍‌ରେ ମାର୍ସେଲିନୋ ଏକ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ସାମାନ୍ୟ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଓଡ଼ିଶା ଏଫ୍‌ସି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୧୫ତମ ମିନିଟ୍‌ରେ ଆରିଡାନେ ସାଣ୍ଟାନା ଗୋଲଟି ପରିଶୋଧ କରିବାରୁ ମ୍ୟାଚ୍ ସମାନ ସ୍ତରକୁ ଚାଲିଆସିଥିଲା। ଏହାପରେ ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଉଦ୍ୟମ କରିବା ମଧ୍ୟରେ ୪୫ତମ ମିନିଟରେ ସାଣ୍ଟାନା ବ୍ୟକ୍ତିଗତ ଭାବେ ଦେଇଥିବା ଦ୍ୱିତୀୟ ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଏହି ବିଜୟ ଫଳରେ ଓଡ଼ିଶା ଏଫ୍‌ସି ୧୩ ମ୍ୟାଚ୍‌ରୁ ୨୧ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଗୋଆ ୨୪, ବେଙ୍ଗାଲୁରୁ ଏଫ୍‌ସି ୨୨ ଓ ଏଟିକେ ୨୧ ପଏଣ୍ଟ ସହିତ ପ୍ରଥମ ତିନି ସ୍ଥାନରେ ରହିଛନ୍ତି।

# 'ପ୍ଲାଙ୍କ ଫର୍ ଇଣ୍ଡିଆ' ଅଭିଯାନରେ ଦୂତୀ

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)



ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ବଜାଜ ଆଲିଆଞ୍ଜ ଲାଇଫ୍‌ର 'ପ୍ଲାଙ୍କ ଫର୍ ଇଣ୍ଡିଆ' ଅଭିଯାନରେ ସାମିଲ ହୋଇଛନ୍ତି। ଭାରତର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ସହାୟତା ପ୍ରଦାନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଦୂତୀ ସୋସିଆଲ ମିଡିଆରେ ଏହି ଅଭିଯାନକୁ ଆରମ୍ଭ କରିବା ସହ ନିଜର ହଜାର ହଜାର ଅନୁଗାମୀ (ଫଲୋଅର)ଙ୍କୁ ଏହି ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। କଠିନ ପରିଶ୍ରମ ବଳରେ ସମସ୍ତ ପ୍ରତିବନ୍ଧକକୁ ସାମ୍ନାକରି ଶୀର୍ଷରେ ପହଞ୍ଚିଥିବା ଦୂତୀ ଏହି ଅଭିଯାନ ଦେଶର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି ଆଶା ରଖିଛନ୍ତି।

## ଅଭିଜିତ୍ ମେମୋରିଆଲ ଜୁନିୟର କ୍ରିକେଟ୍

# ଗ୍ରୀନ୍ସ କ୍ରିକେଟ ଏକାଡେମୀ କ୍ୱାର୍ଟରରେ

ଭୁବନେଶ୍ୱର, ୧୫।୧ (କ୍ରୀଡ଼ା ପ୍ରତିନିଧି)




ଆୟୁଷ ଚାନ୍ଦ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ଗୋପବନ୍ଧୁ ପଡ଼ିଆରେ ଅଭିଜିତ୍ ମେମୋରିଆଲ ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୧୫୦ ରନ୍‌ରେ ଶେଖର ସ୍ପୋର୍ଟିଂକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୫ ଓଭରରେ ୬ ଉଇକେଟ ହରାଇ ୨୫୫ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ ଚାନ୍ଦ ସର୍ବାଧିକ ୭୮(୬୦ ବଲ, ୧୨ ଚୌକା), ଆୟୁଷ ମହାନ୍ତି ୭୧ ଓ ମୃତ୍ୟୁଞ୍ଜୟ ମହାପାତ୍ର ୪୪ ରନ୍ କରିଥିଲେ। ୨୫୬ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଶେଖର ସ୍ପୋର୍ଟିଂ ୩୦.୧ ଓଭରରେ ୧୦୫ ରନ୍ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳ ପକ୍ଷରୁ ସୁମିତ୍ର ମିଶ୍ର ୩ଟି, ଅନୁରାଗ ପଟ୍ଟନାୟକ ୨ଟି ଏବଂ ଆୟୁଷ ଚାନ୍ଦ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଆୟୁଷ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୯ ତାରିଖରେ ବିବିସିଏ ଓ ଗ୍ରୀନ୍ସ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଓଡ଼ିଶା ପ୍ରିମିୟର ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଓଡ଼ିଶା ପ୍ରିମିୟର ଲିଗ୍‌ର ୪ର୍ଥ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। ଓଡ଼ିଶା ୟୁଥ୍‌ର ସଭାପତି ଭରତ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୬ଟି ଦଳକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ 'ଏ'ରେ ବାଲେଶ୍ୱର ମିସାଇଲ୍ସ, ଜଗତ୍‌ସିଂହପୁର କଳିଙ୍ଗ ଗ୍ଲାଡିଏଟର୍ସ ଓ କଟକ ଦୀପ୍ତିମାନ କ୍ରିକେଟ କ୍ଲବ ରହିଥିବାବେଳେ ଗ୍ରୁପ 'ବି'ରେ ଭଦ୍ରକ ବ୍ଲାକ୍ କ୍ୟାପ୍ସ, ଭୁବନେଶ୍ୱର ବାଉନ୍ସର୍ସ ଓ ବ୍ରହ୍ମପୁର ବମ୍ବର୍ସ ରହିଛନ୍ତି। ପ୍ରଥମ ଦିବସରେ ୬ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଉଭୟ ଗ୍ରୁପରେ ୨ଟି ଲେଖାଏ ମ୍ୟାଚ ଜିତି ବାଲେଶ୍ୱର ମିସାଇଲ୍ସ ଓ ଭଦ୍ରକ ବ୍ଲାକ୍ କ୍ୟାପ୍ସ ସିଧା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅବଶିଷ୍ଟ ୪ଟି ଦଳ ୧୮ ତାରିଖରେ ନକ୍‌ଆଉଟ କ୍ୱାଲିଫାୟର ଖେଳି ଅନ୍ୟ ୨ଟି ସେମିଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହେବେ। ଓଡ଼ିଶା ୟୁଥ୍‌ର ସଦସ୍ୟ ନଚିକେତା ବୁଗୁଡି, ସୁନୀଲ ନାୟକ, ବିଘ୍ନରଞ୍ଜନ ସାମଲ, ଆକାଶ ଦାଶ, ଅରୁଣ ଜେନା ପ୍ରମୁଖ ମ୍ୟାଚଗୁଡ଼ିକ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଫାଇନାଲ ୧୯ ତାରିଖରେ ଅନୁଷ୍ଠିତ ହେବ।

# ଭାରତ ପ୍ରତ୍ୟାବର୍ତ୍ତନ କରିବ

ଭିଭିଏସ୍ ଲକ୍ଷ୍ମଣ

ଯାହା ଆଶା କରାଯାଉଥିଲା ତାହା ହେଲା ନାହିଁ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ ଏକପାଖିଆ ହେଲା। ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଭ୍ରମଣକାରୀ ଅଷ୍ଟ୍ରେଲିଆ ଭାରତକୁ ପରାସ୍ତ କରିବାରେ ସକ୍ଷମ ହେଲା। ଏହି ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ହେବ ବୋଲି ମନେ ହେଉଥିଲା। କିନ୍ତୁ ଅଷ୍ଟ୍ରେଲିଆ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରି ଭାରତକୁ ଧୂଳି ଚଟାଇଲା।

ବିରାଟ କୋହଲିଙ୍କୁ ୪ ନମ୍ବରରେ ବ୍ୟାଟିଂ କରାଇ ଭାରତ ଏକ ମସ୍ତବଡ଼ ଭୁଲ କରିଥିଲା। ୩ ନମ୍ବରରେ ବ୍ୟାଟିଂ କରି କୋହଲି ପ୍ରଥମେ ବ୍ୟାଟିଂ ହେଉ କିମ୍ବା ଚେଜ୍‌ରେ ହେଉ ଇନିଂସ ଗଢିବାରେ ସିଦ୍ଧହସ୍ତ। ପରିବେଶ ଓ ପରିସ୍ଥିତି ଆକଳନ କରିବାରେ କୋହଲି ଜଣେ ମାଷ୍ଟର। ତାଙ୍କ ପାଖରେ ଇଚ୍ଛା ଶକ୍ତି ଓ ସାମର୍ଥ୍ୟ ଭରପୂର ରହିଛି। କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ପ୍ରତିପକ୍ଷ ଦଳରେ ସେ ଯଦି ବି ଆତଙ୍କ ସୃଷ୍ଟି ନ କରିପାରିଲେ ମଧ୍ୟ ଅନିଶ୍ଚିତତା ସୃଷ୍ଟି କରିଥାନ୍ତି। ୧୬୦ କିମ୍ବା ୧୮ ରନ ସ୍କୋର ହେଉ କୋହଲି ବ୍ୟାଟିଂ କରିବାକୁ ଆସିଲେ ଇନିଂସ ତାଙ୍କ ପାଇଁ ତିଆରି ହୋଇଥାଏ। ତେଣୁ ସେ ତାଙ୍କର ପୂର୍ବସ୍ଥାନରେ ବ୍ୟାଟିଂ କରିବାକୁ ଆସିଲେ ଭାରତ ଫାଇଦାରେ ରହିବ ବୋଲି କୁହାଯାଇପାରେ।

ବ୍ୟାଟିଂରେ ଭାରତର ସମସ୍ୟା ପଦାରେ ପଡିଛି। ସେଟ୍ ହୋଇଥିବା ବ୍ୟାଟ୍ସମ୍ୟାନ ଇନିଂସ ଗଢିବାରେ ବିଫଳ ହୋଇଛନ୍ତି। ଉଭୟ ଶିଖର ଧାୱନ ଓ ଲୋକେଶ ରାହୁଲ ଭଲ ଆରମ୍ଭ କରିଥିଲେ। ତେବେ ମାତ୍ର କୋଡ଼ିଏଟି ବଲ ବ୍ୟବଧାନରେ ଆଉଟ ହୋଇଥିଲେ। ଏହାପରେ କୋହଲି ଓ ଶ୍ରେୟାସ ଆୟାର ଶସ୍ତାରେ ଆଉଟ ହେବା ଦ୍ୱାରା ଭାରତ ମାତ୍ର ୬ ଓଭରରେ ୪ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନ୍ ଫର୍ମ ରାହୁଲ ଆଉ ଏକ ବଡ଼ ଇନିଂସ ଖେଳିବେ ବୋଲି ଆଶା କରାଯାଉଥିବା ବେଳେ ତାଙ୍କୁ ନିମ୍ନରେ ବ୍ୟାଟିଂ କରିବାକୁ କୁହାଯିବା ଠିକ୍ ହେଲା ନାହିଁ। ତେବେ ତାଙ୍କୁ ୪ ନମ୍ବରରେ ବ୍ୟାଟିଂ କରାଇଲେ ଅଧିକ ଖୁସି ହୋଇଥାନ୍ତି। ଏହି ସ୍ଥାନରେ ସେ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏକାଧିକ ଶତକ ହାସଲ କରିଛନ୍ତି।

ଅଷ୍ଟ୍ରେଲୀୟ ପଞ୍ଚମ ବୋଲର ତଥା ସ୍ପିନର ଆଷ୍ଟନ ଅଗର ଓ ଆଡମ ଜାମ୍ପାଙ୍କ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ଭଲ ବ୍ୟାଟିଂ କରି ନ ଥିଲେ। ଦ୍ରୁତ ବୋଲର ଭାରତ ଉପରେ ଅଧିକ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥାନ୍ତି। ତେବେ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ଭଲ ରନ ସଂଗ୍ରହ କରିଥାନ୍ତି। ତେଣୁ ଏଥିରୁ ଭାରତ ଶିକ୍ଷା ଲାଭ କରିବା ଉଚିତ। ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଶା କରୁଛି। ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ଭାରତ ଚେନ୍ନାଇରେ ପରାସ୍ତ ହୋଇଥିଲେ ମଧ୍ୟ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥର ମଧ୍ୟ ତାହା ଦେଖିବାକୁ ମିଳିବ।

୫ଜଣ ବୋଲରଙ୍କୁ ଖେଳାଯାଉଥିବା ବେଳେ ସେମାନେ ଉଇକେଟ ହାସଲ କରିବେ ବୋଲି ଆଶା କରାଯାଇଥାଏ। କୁଲଦୀପ ଯାଦବଙ୍କ ସହିତ ଯୁଜବେନ୍ଦ୍ର ଚହଲଙ୍କୁ ଖେଳାଗଲେ ଭଲ ହେବ। ଯଶପ୍ରୀତ ବୁମ୍‌ରା ସ୍ୱାଭାବିକ ପ୍ରଦର୍ଶନ କରିବାରେ ସାମାନ୍ୟ ବିଫଳ ହୋଇଛନ୍ତି। ଦୀର୍ଘଦିନ ପରେ ସେ ପ୍ରଥମ ଦିନିକିଆ ଖେଳିଛନ୍ତି। ଭାରତ ମଧ୍ୟ ଅଧିକ ରନ୍ ସଂଗ୍ରହ କରିପାରି ନ ଥିଲା। ପ୍ରାରମ୍ଭିକ ଉଇକେଟ ହାସଲ ପାଇଁ ସେ ଅବଶ୍ୟ ପ୍ରୟାସ କରିଥିଲେ। ଆଗକୁ ଯେତେ ଅଧିକ ଖେଳିବେ ସେ ଆହୁରି ଭଲ ପ୍ରଦର୍ଶନ କରିବେ। ରାଜକୋଟରେ ଭାରତ ଓ ବୁମ୍‌ରା ଅପେକ୍ଷକୃତ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି।

(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA MUSIC CDs

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ସହପ୍ରତିଋତ୍ୱିକ, ସତ୍‌ସଙ୍ଗ
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୬।୦୧।୨୦୨୦
ହେ, ବରେଣ୍ୟ ପିତୃଦେବ! ଆପଣ ଦୀର୍ଘ ୭୦ବର୍ଷ କାଳ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଆନ୍ଦୋଳନର ଜଣେ ଏକନିଷ୍ଠ କର୍ମୀ ଭାବରେ ତାଙ୍କ ଭାବଧାରାର ପ୍ରଚାର ପ୍ରସାରରେ ବ୍ରତୀ ହୋଇ ନିଜର ତଥା ଆମ୍ଭମାନଙ୍କ ଜୀବନକୁ ଧନ୍ୟ କରିଛନ୍ତି। ଆପଣଙ୍କର ମହାନ୍ ଜୀବନାଦର୍ଶ ଆମ ଜୀବନର ପଥ ପ୍ରଦର୍ଶକ ହୋଇ ରହିବ। ପରମପିତାଙ୍କ ରାତୁଲ ଚରଣରେ ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ପ୍ରଦ୍ୟୁମ୍ନ କୁମାର, ରାଜପ୍ରସାଦ, ହରପ୍ରସାଦ, ଦେବୀପ୍ରସାଦ ତଥା ସମସ୍ତ ପୁତ୍ରବଧୂଗଣ, କନ୍ୟା-ଜାମାତାଗଣ, ପୌତ୍ର-ପୌତ୍ରୀଗଣ, ଦୌହିତ୍ର-ଦୌହିତ୍ରୀଗଣ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।
ଧ-୧୬୧୭୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଗେନ୍ଦ୍ରନାଥ ଶତପଥୀ
ମହାମାୟା ସାହି (ସାକ୍ଷୀଗୋପାଳ), ପୁରୀ
ଆବିର୍ଭାବ: ୦୩।୦୯।୧୯୪୨
ତିରୋଧାନ: ୨୬।୦୧।୨୦୧୯
ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ:
ବିଭୂତି ରଞ୍ଜନ ଶତପଥୀ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୬୨୦୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଗେନ୍ଦ୍ରନାଥ ଶତପଥୀ
ମହାମାୟା ସାହି (ସାକ୍ଷୀଗୋପାଳ), ପୁରୀ
ଆବିର୍ଭାବ: ୦୩।୦୯।୧୯୪୨
ତିରୋଧାନ: ୨୬।୦୧।୨୦୧୯
ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ପରୋପକାର ଓ ଆମ ପାଇଁ ସ୍ନେହ, ଆଶୀର୍ବାଦ ସବୁଦିନ ଆପଣଙ୍କୁ ଅମର ରଖିବ। ଆପଣଙ୍କ ତ୍ୟାଗ ଓ ଆଦର୍ଶ ଆମ ଜୀବନର ଚଲାପଥରେ ସଦାସର୍ବଦା ପାଥେୟ ହେଉ। ଆପଣଙ୍କ ସ୍ୱର୍ଗୀୟ ଅମର ଆତ୍ମା ଚିରଶାନ୍ତି ଲାଭକରୁ, ଏହାହିଁ ଶ୍ରୀ କାହ୍ନାଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବିଭୂତି ରଞ୍ଜନ ଶତପଥୀ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୬୭୬୧୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣ୍ଡା
ବେରବୋଇ, ଡେଲାଙ୍ଗ, ପୁରୀ
ଆବିର୍ଭାବ: ୭।୧୧।୧୯୪୫
ତିରୋଧାନ: ୨୭।୧।୨୦୧୯
ଆପଣ ବେରବୋଇ ଗାନ୍ଧିସ୍ମାରକ ସମିତି ଏବଂ କସ୍ତୁରବା ସେବା କେନ୍ଦ୍ର ବେରବୋଇ ସହିତ ଜଣେ ସମର୍ପିତ ସଦସ୍ୟ ଭାବରେ ପ୍ରାରମ୍ଭରୁ ଜଡ଼ିତ ଥିଲେ। ଫଳରେ ରାଜ୍ୟର ଗାନ୍ଧିବାଦୀ ପ୍ରଖ୍ୟାତ ସମାଜସେବୀମାନଙ୍କ ସହିତ ଏବଂ କସ୍ତୁରବା କେନ୍ଦ୍ରର ମୁଖ୍ୟ ସଂଚାଳିକାମାନଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ ଥିଲେ। ଏପରିକି ଅର୍ଣ୍ଣପୂର୍ଣ୍ଣା ମହାରଣାଙ୍କ ପରି ମହିୟସୀ ସମାଜସେବୀଙ୍କର ପ୍ରିୟଜନ ହୋଇପାରିଥିଲେ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୬୧୮୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଛାଟୋଇ
ରାମଚନ୍ଦ୍ରପୁର, ବାଙ୍କୀ, କଟକ
ଆବିର୍ଭାବ: ୧୫।୧୨।୧୯୪୨
ତିରୋଧାନ: ୨୭।୦୧।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୨୦୩

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୬/୨୦୨୦ Bhubaneswar, Thursday, January 16/2020


# ବ୍ଲୁ ଫ୍ଲାଗ ବିଚ୍: ପରୀକ୍ଷା ପାଇଁ ଗଲା ସମୁଦ୍ର ପାଣି

**ପୁରୀ ଅଫିସ,୧୫।୧:** ପୁରୀରେ ବ୍ଲୁ ଫ୍ଲାଗ ବିଚ୍ କାମ ଦ୍ରୁତଗତିରେ ଚାଲିଛି। ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ଏହା ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଲାଣି। ପ୍ରତ୍ୟହ ଏହା ପରିସରରେ ପର୍ଯ୍ୟଟକ ବୁଲୁଛନ୍ତି। ଖୁବ୍‌ଶୀଘ୍ର ଏହାକୁ ଉଦ୍‌ଘାଟନ କରିବା ଲାଗି ପ୍ରଶାସନ ଉଦ୍ୟମ ଜାରି ରଖିଥିବାବେଳେ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ଜାରି ରହିଛି। ତେବେ ବ୍ଲୁ ଫ୍ଲାଗ ଚିହ୍ନଟ ଅଞ୍ଚଳ ମଧ୍ୟରେ ସମୁଦ୍ର ପାଣି କିପରି ରହୁଛି ନିୟମିତ ବ୍ୟବଧାନରେ ତାହାର ପରୀକ୍ଷା କରାଯାଉଛି। ବୁଧବାର ମଧ୍ୟ ବିଶେଷଜ୍ଞମାନେ ଏହାର ପାଣି ପରୀକ୍ଷା ପାଇଁ ନେଇଛନ୍ତି। ଚେନ୍ନାଇରେ ଏହି ପାଣିର ପରୀକ୍ଷା କରାଯିବ। ବ୍ଲୁ ଫ୍ଲାଗ ବିଚ୍ ଲାଗି ପାଣିର ମାନ ଯେଉଁ ପରି ରହିବା କଥା ଏହା ଅଛି କି ନାହିଁ ତାହା ପରଖାଯିବ। ଖୁବ୍‌ଶୀଘ୍ର ବ୍ଲୁ ଫ୍ଲାଗ ବିଚ୍ କାମ ଶେଷ କରାଯାଇ ଏହାକୁ ଲୋକାର୍ପଣ କରାଯିବା ଲାଗି ଜୋର୍‌ଦାର କାମ ଚାଲିଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଆଜିଠାରୁ 'ମନନ' ନାଟକ ମହୋତ୍ସବ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ନାଟ୍ୟାନୁଷ୍ଠାନ 'ମନନ' ପକ୍ଷରୁ ଏହାର ୪୧ତମ ନାଟକ ମହୋତ୍ସବ ଗୁରୁବାରଠାରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ। ଜାନୁୟାରୀ ୨୦ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତି ସନ୍ଧ୍ୟାରେ ଗୋଟିଏ ଲେଖାଏ ଭିନ୍ନ ଧରଣର ନାଟକ ମଞ୍ଚସ୍ଥ ହେବ। ସେହିଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମୋଟ ୧୪ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଏନେଇ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ଓ ସମ୍ପାଦକ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ପ୍ରଥମ ସନ୍ଧ୍ୟାରେ 'ମନନ' ଦ୍ୱାରା ପ୍ରସ୍ତୁତ ନୂତନ ନାଟକ 'ଘଡ଼ି ଘଡ଼ି କେ ଘୋଡ଼ା ଛୁଟୁଛି' ପରିବେଷିତ ହେବ। ୨ୟ ସନ୍ଧ୍ୟାରେ ଭୁବନେଶ୍ୱରର ଏକ୍ସପ୍ରେସନ୍ସ ଦ୍ୱାରା ପ୍ରସ୍ତୁତ ନାଟକ 'ବୋତଲ ଭୂତ', ତୃତୀୟ ସନ୍ଧ୍ୟାରେ ଜୀବନରେଖା ପକ୍ଷରୁ ନାଟକ 'ଅନାମିକା ତାରା', ଚତୁର୍ଥ ସନ୍ଧ୍ୟାରେ ପାରାଦୀପର କାନ୍‌ମାସ୍ ପକ୍ଷରୁ ନାଟକ 'ଗାନ୍ଧୀ ଭୂମିକାରେ' ଏବଂ ପଞ୍ଚମ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ଭବାନୀପାଟଣାର ସ୍ୱାରକୀ ନାଟ୍ୟ ସଂସଦ ଦ୍ୱାରା ନାଟକ 'ଡେଣା' ପରିବେଷିତ ହେବ।

ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଓଡ଼ିଆ ଭାଷାର ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୫।୧ (ବ୍ୟୁରୋ)



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅତୁଳନୀୟ ଅବଦାନ ରହିଥିଲା। ସେ ଓଡ଼ିଆରେ ଉପନ୍ୟାସ, ଗଳ୍ପ ଓ କାବ୍ୟ ଆଦି ରଚନା କରି ସମାଜକୁ ସଂସ୍କାରଧର୍ମୀ ବାର୍ତ୍ତା ଦେଇଥିଲେ। ବର୍ତ୍ତନା ଇଂଲିଶ ମିଡିୟମ ସ୍କୁଲ୍‌ରେ ଶିକ୍ଷା ଶିକ୍ଷା ଲାଭ କରିବାର ଧାରା ବୃଦ୍ଧି ପାଉଥିବାବେଳେ ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷାକୁ କୌଣସି ମାତ୍ରାରେ ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ। ଆମ ଭାଷାର ସୁରକ୍ଷା, ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ଦିଗରେ ଆଜି ସବୁବର୍ଗର ଜନସାଧାରଣଙ୍କ ପାଇଁ ଆହ୍ୱାନ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା ଭବନଠାରେ ବୁଧବାର ଆୟୋଜିତ ଓଡ଼ିଶାର ବରପୁତ୍ର ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ ଫକୀରମୋହନଙ୍କ ସମ୍ପର୍କରେ କହିଥିଲେ।

ଏହି ଅବସରରେ ବିଭାଗ ତରଫରୁ ଆୟୋଜିତ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚମ ବେଦ ଅନୁଷ୍ଠାନ ପକ୍ଷରୁ ଫକୀରମୋହନଙ୍କ ଲୋକପ୍ରିୟ ନାଟକ 'ପେଟେଣ୍ଟ ମେଡିସିନ୍' ପରିବେଷିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ସକାଳେ ବାଣୀବିହାରସ୍ଥିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଅନନ୍ତ ଦାସ, ବାଣୀବିହାରର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ମୋବାଇଲ୍‌ରେ ଲାଞ୍ଚ ବାର୍ତ୍ତାଳାପ ଭାଇରାଲ

# ବେଗୁନିଆ ଥାନା ସବ୍‌ଇନ୍ସପେକ୍ଟର ନିଲମ୍ବିତ

ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୫।୧(ଡି.ଏନ୍.ଏ.)



ମୋବାଇଲ୍ ଫୋନ୍‌ରେ ଏକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଭଉଣୀଙ୍କ ସହ ସବଇନ୍ସପେକ୍ଟରଙ୍କ ଲାଞ୍ଚ ସମ୍ପର୍କିତ ବାର୍ତ୍ତାଳାପର ଭିଡିଓ ଭାଇରାଲ ହୋଇଥିଲା। ଏହାର ସତ୍ୟାସତ୍ୟ ପଦାକୁ ଆସିବା ପରେ ଖୋର୍ଦ୍ଧା ଏସ୍‌ପି ବେଗୁନିଆ ଥାନାର ସବ୍‌ଇନ୍ସପେକ୍ଟର ସୁଜାତା ପଲେଇଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି।

ଅଭିଯୋଗ ଅନୁସାରେ, ଭୁବନେଶ୍ୱର ସାଲିଆସାହିର ରାହୁଲ ସ୍ୱାଇଁ (୧୯) ବେଗୁନିଆ ଥାନା ବୋଲଗଡ ବ୍ଲକ ଅଞ୍ଚଳର ଜଣେ ସଂଖ୍ୟାଲଘୁ ନାବାଳିକାଙ୍କୁ ପ୍ରେମରେ ଫସାଇ ଅପହରଣ କରି ନେଇ ଯାଇଥିଲେ। ଏ ନେଇ ଅଭିଯୋଗ ପରେ ବେଗୁନିଆ ଥାନା ପୋଲିସ ଉଭୟଙ୍କୁ ଉଦ୍ଧାର କରିଥିଲା। ରାହୁଲଙ୍କୁ ବଳାତ୍କାର ଅଭିଯୋଗରେ ଗିରଫକରି କୋର୍ଟ ଚାଲାଣ କରିଥିଲା। ଘଟଣାଟି ପ୍ରାୟ ୮ରୁ ୯ ମାସ ତଳର ହୋଇଥିବାବେଳେ ରାହୁଲ ଜାମିନରେ ଘରକୁ ଫେରିଥିଲେ। ରାହୁଲ ଜଣେ ସହଯୋଗୀଙ୍କ ସହ ରବିବାର ଆସି ପ୍ରେମିକାଙ୍କ ଘର ପାଖ ପୋଖରୀ ନିକଟରେ ବାଇକ୍ ରଖି ହର୍ନ ମାରି ତାଙ୍କୁ ଡାକିଥିଲେ। ସେ ସମୟରେ ପ୍ରେମିକା ଜଣକ ପୋଖରୀରେ ଗାଧୋଉଥିଲେ। ପ୍ରେମିକା ନ ଶୁଣିବାରୁ ରାହୁଲ ଓ ସାଙ୍ଗ ଅଶୋକ ମହାପାତ୍ର(୧୯) ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ସହ ଅସଦାଚରଣ ଉଦ୍ୟମ କରିଥିଲେ। ଏହାକୁ ଗାଁର କେତେଜଣ ଲୋକ ଦେଖି ଉତ୍ତେଜିତ ହୋଇ ରାହୁଲ ଓ ଅଶୋକଙ୍କୁ କାବୁକରି ଖୁଣ୍ଟରେ ବାନ୍ଧି ମାଡ ମାରିଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ୧୧/୨୦ରେ ମାମଲା ରୁଜୁ କରିଥିଲା। ରାହୁଲ ଓ ଅଶୋକଙ୍କୁ ରବିବାର ଗିରଫ କରିବା ପରେ ସୋମବାର କୋର୍ଟ ଚାଲାଣ କରିଥିଲା। ତେବେ ଖୁଣ୍ଟରେ ବନ୍ଧାହୋଇ ମାଡମରା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଏଥିସହ ପ୍ରାୟ ୮ରୁ ୯ ମାସ ତଳେ ପୂର୍ବ ମାମଲାରେ ପୋଲିସ ଲାଞ୍ଚ ମାଗିବାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଭିଡିଓ ଭାଇରାଲ ପରେ ଏସ୍‌ପିଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏ ନେଇ ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ କୁହନ୍ତି, ଲାଞ୍ଚ ମାଗିବା ଭିଡିଓ ଭାଇରାଲ ଘଟଣାର ତଦନ୍ତ ପରେ ବେଗୁନିଆ ଥାନାର ସବ୍‌ଇନ୍ସପେକ୍ଟର ସୁଜାତାଙ୍କୁ ନିଲମ୍ବନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି।

# ଇକୋ ରିଟ୍ରିଟ୍ ମହୋତ୍ସବରେ ଉତ୍ତରାୟନ ଗୁଡ଼ି ଉଡ଼ା





ଗୁଡ଼ିଉଡ଼ା କାର୍ଯ୍ୟକ୍ରମରେ ଭାଗ ନେଇଥିବା ପର୍ଯ୍ୟଟକ।



ଏଲ୍‌ଇଡି ଗୁଡ଼ି

କୋଣାର୍କ,୧୫।୧(ଡି.ଏନ୍.ଏ.)

କୋଣାର୍କ-ପୁରୀ ବେଳାଭୂମି ମାର୍ଗର ସାହୁଖଣ୍ଡତାଠାରେ ଅନୁଷ୍ଠିତ ଇକୋ ରିଟ୍ରିଟ ମହୋତ୍ସବ ସ୍ଥଳୀରେ ବୁଧବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ଉତରାୟନ ଗୁଡ଼ି ଉଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ୍ ଇଣ୍ଡିଆନ୍ସ ଓଡ଼ିଶା ଶାଖା ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଶତାଧିକ ପର୍ଯ୍ୟଟକ ଓ ଜନସାଧାରଣ ଯୋଗଦେଇ ସମୁଦ୍ର କୂଳରେ ରଙ୍ଗ ବେରଙ୍ଗର ଗୁଡ଼ି ଉଡ଼ାଇ ମଜାନେଇଥିଲେ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ା ପରମ୍ପରା ଅତି ପୁରୁଣା ଓ ଓଡ଼ିଆ ସଂସ୍କୃତିର ଏକ ମାଇଲ ଖୁଣ୍ଟ ସଦୃଶ। ଏହି ପରମ୍ପରା ବର୍ତ୍ତମାନ ବିଲୁପ୍ତ ହେବାକୁ ଯାଉଥିବାବେଳେ ୟଙ୍ଗ ଇଣ୍ଡିଆନ୍ସ ଦ୍ୱାରା ଆୟୋଜିତ ଏହି ଗୁଡ଼ିଉଡ଼ା ଇକୋ ରିଟ୍ରିଟ ମହୋତ୍ସବକୁ ବିଶେଷ ଭାବେ ଗୁରୁତ୍ୱ ବହନ କରିଛି ବୋଲି ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। ଏହି ଅବସରରେ ସମୁଦ୍ର କୂଳରେ ଆୟୋଜିତ ସଂଗଠନ ପକ୍ଷରୁ ପର୍ଯ୍ୟଟକମାନେ ଗୁଡ଼ି ଉଡେଇବା ଲକ୍ଷ୍ୟରେ ଷ୍ଟଲମାନ ଖୋଲାଯାଇଥିଲା। ଗୁଡ଼ିଗୁଡ଼ିକ ପ୍ରାୟ ୨୦ଟଙ୍କାରୁ ଆରମ୍ଭ ହୋଇ ୨୦୦ଟଙ୍କା ପର୍ଯ୍ୟନ୍ତ ଥିଲା। ଦିନତମାମ ଓ ରାତିରେ ଏଲ୍‌ଇଡି ଗୁଡ଼ି ଉଡାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁମ୍ବାଇରୁ ୧୦ଜଣିଆ ଗୁଡିଉଡା ବିଶେଷଜ୍ଞ ଯୋଗଦେଇଥିଲେ । ଓଡ଼ିଶାରେ ଏହି ଗୁଡ଼ିଉଡ଼ା ଉତ୍ସବ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବାବେଳେ ପୁରୁଣା ସଂସ୍କୃତି ଆଡ଼କୁ ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ଆକୃଷ୍ଟ କରିବା, ଐତିହ୍ୟ ପ୍ରତି ଯୁବଗୋଷ୍ଠୀଙ୍କୁ ସଚେତନ କରାଇବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ୟଙ୍ଗ ଇଣ୍ଡିଆନ୍ସ ସଂଗଠନର ଅଧ୍ୟକ୍ଷ କମଲ ଅଗ୍ରୱାଲ, ଉପାଧ୍ୟକ୍ଷା ରଶ୍ମି ଗୁପ୍ତା କହିଛନ୍ତି।






# 'ଭୂମିକନ୍ୟା' ପୁରସ୍କାର ପାଇବେ ନମ୍ରତା ଦାସ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଓଡ଼ିଶା ଚଳଚ୍ଚିତ୍ର କଳାକାର ସଂଘ ପକ୍ଷରୁ ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସଙ୍କୁ 'ଭୂମିକନ୍ୟା' ପୁରସ୍କାର ପ୍ରଦାନ କରାଯିବ। ଏହି ଉପଲକ୍ଷେ ତାଙ୍କୁ ମାନପତ୍ର ସହ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୨୬ ତାରିଖରେ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ସଂଘର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ସଭାପତି ସିଦ୍ଧାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ ପୂର୍ବରୁ ବିନୋଦିନୀ ଦେବୀ, କୁଞ୍ଜଲତା ଦାସ, ନିତ୍ୟାନନ୍ଦ ଦାସ, ପ୍ରମୋଦା ଦାସ, ସନ୍ଧ୍ୟାଦେବୀ, ମୀରା ମହାନ୍ତି, ବାସନ୍ତୀ ପଟ୍ଟନାୟକ, ସୌଦାମିନୀ ପଟ୍ଟନାୟକ, ଶାନ୍ତିଲତା ପାଢ଼ୀ, ବୀଣାପାଣି ସିଂହ, ଜ୍ୟୋତ୍ସ୍ନାମୟୀ ସେନାପତି, ସସ୍ମିତା ସିଂହ, ଲକ୍ଷ୍ମୀପ୍ରିୟା ମିଶ୍ର, ମନୋରମା ମହାନ୍ତି ପ୍ରମୁଖଙ୍କୁ କଳାକାରଙ୍କୁ ପେନ୍‌ସନ୍ ଦିଆଯାଇଥିବା ସମ୍ପାଦକ ଶ୍ରୀତମ ଦାସ କହିଥିଲେ। ଏହି ଅବସରରେ ପ୍ରଦ୍ୟୁମ୍ନ ଲେଙ୍କା, କୁନା ତ୍ରିପାଠୀ, ସୁରେଶ ମିଶ୍ର, ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଅଲାରନାଥଙ୍କ ପୀଠରେ ମକର ନୀତି ସମ୍ପନ୍ନ

ବ୍ରହ୍ମଗିରି,୧୫।୧(ଡି.ଏନ୍.ଏ.)

ପବିତ୍ର ମକର ସଂକ୍ରାନ୍ତିରେ ବୁଧବାର ଶ୍ରୀଅଲାରନାଥଙ୍କ ପୀଠରେ ସ୍ୱତନ୍ତ୍ର ମକର ନୀତି ଅନୁଷ୍ଠିତ ହୋଇଛି। ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ତୁଳସୀ ଚନ୍ଦନ ଲାଗି, ବଲ୍ଲଭ ନୀତି ହେବାପରେ ସ୍ୱତନ୍ତ୍ର ଭାବେ ପହିଲି ଭୋଗ ଧୂପ କରାଯାଇଥିଲା। ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ କରିଥିଲେ। ସାଢେ ୧୨ଟାରେ ସକାଳ ଧୂପ, ସାଢେ ୧ଟା ରେ ଦ୍ୱିପ୍ରହର ଧୂପ ହୋଇଥିଲା। ପରେ ସ୍ୱତନ୍ତ୍ର ମକର ଚାଉଳ ଭୋଗ ଲାଗି ହୋଇଥିଲା। ଅପରାହ୍ନ ୩ଟାରେ ୫ଜଣ ସେବାୟତ ରୋଷଘରେ ଥିବା ପାଞ୍ଚ ତାଟକୁ ମନ୍ଦିର ଚାରି ପାଖରେ ପରିକ୍ରମା କରାଇଥିଲେ। ସୁଶୋଭିତ ପାଲିଙ୍କିରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ବିଜେ କରାଯାଇ ମନ୍ଦିର ଚାରି ପାଖରେ ତିନିଘେରା ପରିକ୍ରମା କରାଯାଇଥିଲା। ସ୍ୱତନ୍ତ୍ର ମକର ବେଢା ନୀତି ସରିବା ପରେ ଚଳନ୍ତି ପ୍ରତିମା ଭକ୍ତଙ୍କୁ ଦର୍ଶନ ଦେଇ ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସନ୍ଧ୍ୟା ଆଳତି ପରେ ପୁଣି ସର୍ବସାଧାରଣ ଦର୍ଶନ କରିଥିଲେ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



> ଆଲୋକ ନ ଥିବା ଦୀପ ଓ ବୁଝି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
>
> - ସାଇମନ



## ଆଜି କ'ଣ କେଉଁଠି

କଟକ

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ନିମନ୍ତେ ପାଣି ପଞ୍ଚାୟତ ରଥ ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଫକୀରମୋହନ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୪ଟା।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟୋତ୍ସବ ଓ ସାହିତ୍ୟୋତ୍ସବର ଉଦ୍‌ଯାପନୀ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୫ଟା ୩୦।

## ■ ଅସହାୟ ରୋଗୀଙ୍କୁ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣା
# ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

- ■ ନିଜ ଆଡୁ ମାମଲା ରୁଜୁ କରାଯିବ
- ■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ, ୧୫।୧**

ଅସହାୟ ରୋଗୀଙ୍କୁ ଏସ୍‌ସିବିରେ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ଓଡ଼ିଶା ମାନବାଧିକାର କମିଶନଙ୍କ ସଦସ୍ୟ ଅସୀମ ଅମିତାଭ ଦାସ ଏସ୍‌ସିବି ମେଡିକାଲ ଗସ୍ତ କରିଥିଲେ। ଘଟଣା ଘଟିଥିବା ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡ ପରିଦର୍ଶନ କରି ଦାସ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ଏଥିସହ କମିଶନ ନିଜଆଡୁ ଗୁରୁବାର ଏକ ମାମଲା ରୁଜୁ କରିବେ ଏବଂ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅସହାୟ ରୋଗୀଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟମାନେ ଅନଭିଜ୍ଞ ଓ ସେମାନଙ୍କୁ ଏଭଳି ରୋଗୀଙ୍କ ସହିତ କିଭଳି ବ୍ୟବହାର କରିବାକୁ ହୁଏ ତାହା ଜଣାନାହିଁ ବୋଲି ଦାସ କହିଛନ୍ତି।

ପରିଦର୍ଶନ ସମୟରେ ଡେଷ୍ଟିଚ୍ୟୁଟ ୱାର୍ଡ ଭିତରେ ଏକ ଠେଙ୍ଗା ଥିବା କମିଶନଙ୍କ ସଦସ୍ୟ ଦାସ ଦେଖିବାକୁ ପାଇଥିଲେ। ଅସହାୟ ରୋଗୀମାନେ ଉକ୍ତ ଠେଙ୍ଗା ସାହାଯ୍ୟରେ ପାଇଖାନା ଯାଉଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ମାତ୍ର ଡେଷ୍ଟିଚ୍ୟୁଟ ୱାର୍ଡରେ ରହୁଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମାନସିକ ସ୍ତରରେ ଅସୁସ୍ଥ। ତେଣୁ ଉକ୍ତ ୱାର୍ଡରେ ଠେଙ୍ଗା ରଖିବା ଅନୁଚିତ ବୋଲି ଦାସ କହିବା ସହ ତାହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଥାଉ କି, ମେଡିକାଲର ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡରେ ଜଣେ ଅସହାୟ ରୋଗୀଙ୍କୁ ଠେଙ୍ଗାରେ ଆଟେଣ୍ଡାଣ୍ଟ ପିଟୁଥିବା ଭିଡିଓକୁ ନେଇ ବିବାଦ ଉପୁଜିଛି। ଜଣେ ଯୁବକଙ୍କ ଗୋଡ଼ରେ ଘା' ହୋଇଯିବାରୁ ଉକ୍ତ ୱାର୍ଡରେ ପଡ଼ି ରହିଛନ୍ତି। ମାତ୍ର ସେମାନଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥାର ଆଟେଣ୍ଡାଣ୍ଟ ତାଙ୍କୁ ଠେଙ୍ଗାରେ ପିଟୁଥିବାର ଭିଡିଓ ଭାଇରାଲ ହୋଇଥିଲା।



ଓଏଚ୍‌ଆର୍‌ସି ସଦସ୍ୟ ଅସୀମ ଅମିତାଭ ଦାସ ଏସ୍‌ସିବି ମେଡିକାଲ ପରିଦର୍ଶନ କରୁଛନ୍ତି।

# ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଲା ବସ୍ :୫ ଯାତ୍ରୀ ଆହତ





**ବଡମ୍ବା, ୧୫।୧ (ଡି.ଏନ୍.ଏ.)**

ବଡମ୍ବା ଥାନା ଅନ୍ତର୍ଗତ ଧୋବଣୀନାଳ ନିକଟରେ ବୁଧବାର ଅପରାହ୍ନରେ ଏକ ଘରୋଇ ବସ୍ ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆ ବନ୍ଧ ଗୋଡିପାଟଣା ଗ୍ରାମର ଭଗବାନ ସାହୁ(୫୫) ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମର ଭରତ ବେହେରା(୫୯)ଙ୍କ ପରିଚୟ ମିଳିପାରିଥିବା ବେଳେ ଅନ୍ୟମାନଙ୍କ ମିଳିନାହିଁ। ଘଟଣାସ୍ଥଳରେ ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ଓ ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସାମନ୍ତରାୟ ଟ୍ରାଭେଲ୍ସର ମା'ମଙ୍ଗଳା ବସ୍ ନରସିଂହପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଏହାର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

## ୨ ଛାତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଘଟଣା, ୩ ଗିରଫ

**କଣ୍ଟାପଡ଼ା, ୧୫।୧ (ଡି.ଏନ୍.ଏ.):** ଜଣେ ଛାତ୍ରୀଙ୍କ ନାବାଳକ ବନ୍ଧୁଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୩ଜଣ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ନୃସିଂହ ମଲ୍ଲିକ(୨୦), କଟକ ସଦର ଥାନା ଅନ୍ତର୍ଗତ କୋରକୋରା ଗ୍ରାମର ସିଦ୍ଧାର୍ଥ ମଲ୍ଲିକ(୨୦) ଓ ନୀହାର ମଲ୍ଲିକ(୨୨)। ଏମାନଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ନାବାଳକ ବନ୍ଧୁଙ୍କୁ ପୋଲିସ କଟକ ଜୁଭେନାଇଲ କୋର୍ଟରେ ହାଜର କରିଥିବା ଜଣାପଡିଛି। ସୂଚନା ଥାଉ କି, ଗୋବିନ୍ଦପୁର କଲେଜର ସାଇକେଲ ଷ୍ଟାଣ୍ଡରୁ ଯୁକ୍ତ ୨ ପ୍ରଥମ ବର୍ଷର ଜଣେ ଛାତ୍ରୀ ୧୫ଦିନ ପୂର୍ବେ ସାଇକେଲ କାଢୁଥିବାବେଳେ ଅସାବଧାନତା ଯୋଗୁ କେତେକ ସାଇକେଲ ତଳେ ପଡିଯାଇଥିଲା। ସେଠାରେ ଥିବା ଯୁକ୍ତ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ସାଇକେଲ ଉଠାଇବାକୁ ତାଗିଦ୍ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗତ ସୋମବାର ସମ୍ପୃକ୍ତା ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀ କଲେଜରୁ ଫେରୁଥିବାବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ଓ ତାଙ୍କ ନାବାଳକ ବନ୍ଧୁ ସମ୍ପୃକ୍ତା ଛାତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣକ ଘରେ କହିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ପ୍ରଥମବର୍ଷ ଛାତ୍ରୀଙ୍କ ୪ଜଣ ସମ୍ପର୍କୀୟ ଯୁବକ କଲେଜ ସମ୍ମୁଖରେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ନାବାଳକ ବନ୍ଧୁଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏ ନେଇ ଉଭୟ ଛାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ. ୪/୨୦, ୫/୨୦)ରୁଜୁ କରି ତଦନ୍ତ ଚଳାଇଥିଲା।

# ବାରବାଟୀ ନୃତ୍ୟୋତ୍ସବରେ ସାହିତ୍ୟୋତ୍ସବ





ବାରବାଟୀ ନୃତ୍ୟୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୧୫।୧**

ବାରବାଟୀ ନୃତ୍ୟୋତ୍ସବରେ ବୁଧବାର ଏକ ଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଷଷ୍ଠ ସନ୍ଧ୍ୟାରେ ବାରବାଟୀ ସାହିତ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ଓ ଗୀତର କାର୍ଯ୍ୟକ୍ରମ 'ଆଦ୍ୟାଶା' ଆୟୋଜିତ ହୋଇଥିଲା। କବି ଜୟନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବହୁ କବି ଯୋଗଦେଇଥିଲେ। କବିତା ପାଠ ସାଙ୍ଗକୁ କଣ୍ଠଶିଳ୍ପୀଙ୍କ ସୁମଧୁର ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ଓ ସଙ୍ଗୀତର ଯୁଗଳବନ୍ଦୀ 'ଜହ୍ନ ବଗିଚା' କାର୍ଯ୍ୟକ୍ରମ ହୋଇଥିଲା। ନିମନ୍ତ୍ରିତ ଅତିଥି କବି ହୁସେନ ରବି ଗାନ୍ଧୀ, ଶତ୍ରୁଘ୍ନ ପାଣ୍ଡବଙ୍କ ସମେତ ବହୁ କବି ଯୋଗଦେଇ ନିଜସ୍ୱ କବିତା ପାଠ କରିଥିଲେ। ନବଜ୍ୟୋତି ରାୟ, ଚିରଞ୍ଜନ ନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷ ପର୍ଯ୍ୟାୟରେ ବାଲି ବୋଇତ କାର୍ଯ୍ୟକ୍ରମରେ 'କଥାରେ କଥାରେ କଟକ' ପରିବେଷଣ କରାଯାଇଥିଲା। ଅତିଥି କଥାକାର ଭାବେ ଦେବବ୍ରତ ମଦନରାୟ, ତରୁଣ କୁମାର ସାହୁ, ଅଜୟ ସ୍ୱାଇଁ, ପ୍ରକାଶ ମହାପାତ୍ର, ସୁଜାତା ମହାପାତ୍ର, ସସ୍ମିତା ରଥ, ରୁମ୍‌ଝୁମ୍ ନାୟକ, ରବିନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନଶା କୟରର କଳାକାରମାନେ ପାରମ୍ପରିକ ଓ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ମନଛୁଆଁ ଗୀତ ପରିବେଷଣ କରିଥିଲେ। ପ୍ରଫେସର ସଞ୍ଜୟ ଶତପଥୀଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଡ୍ରିମ୍‌ସ ପଲିଟେକ୍‌ନିକ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ ଅଫିସ, ୧୫।୧**

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକର ତ୍ରୟୋଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି ଚାରିଦିନିଆ ଉତ୍ସବର ବିଶେଷ ଆକର୍ଷଣ ଥିଲା କ୍ରିକେଟ ପ୍ରତିଯୋଗିତା। ଏଥିରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ ହୋଇଥିବାବେଳେ ଇଲେକ୍ଟ୍ରିକାଲ ବିଭାଗ ରନର୍ସଅପ୍ ହୋଇଛି। ସେହିପରି ସର୍ବାଧିକ ପ୍ରତିଯୋଗିତାରେ ବିଜୟୀ ହୋଇ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ୬ଷ୍ଠ ସେମିଷ୍ଟର ଛାତ୍ର ଦେବେନ୍ଦ୍ର କୁମାର ଧଳ (ବାଳକ ବର୍ଗ) ଏବଂ ସିଭିଲ ଇଞ୍ଜିନିୟରିଂ ବିଭାଗର ୨ୟ ସେମିଷ୍ଟର ଛାତ୍ରୀ ଅନିତା ଦାସ (ବାଳିକା ବର୍ଗ)ରେ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। 'ଡ୍ରିମ୍‌ସ'ର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ଜଉନା ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜଉନା କହିଥିଲେ, ଦୃଢ ସଂକଳ୍ପ ଓ ଅଧ୍ୟବସାୟ ଦ୍ୱାରା କେବଳ କ୍ରୀଡ଼ା ନୁହେଁ ଯେକୌଣସି କ୍ଷେତ୍ରରେ ସଫଳତା ହାସଲ କରାଯାଇପାରେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ବିବରଣୀ ପାଠ ଏବଂ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିହିତା ମଧୁସ୍ମିତା ସାହୁ ଓ ସୁଦେଷ୍ଣା ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ■ ଡା. ଶ୍ୟାମା କାନୁନ୍‌ଗୋ ପାଇବେ
# ଜଗମୋହନ ରାଠୋର ସ୍ମୃତି ଶିକ୍ଷାବିତ୍ ସମ୍ମାନ

**କଟକ ଅଫିସ, ୧୫।୧**

ପ୍ରଫେସର ଡାକ୍ତର ଶ୍ୟାମା କାନୁନ୍‌ଗୋଙ୍କୁ ଉଚ୍ଚଶିକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ 'ପ୍ରଫେସର ଜଗମୋହନ ରାଠୋର ଶିକ୍ଷାବିତ୍ ସମ୍ମାନ–୨୦୨୦' ପ୍ରଦାନ କରାଯିବ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ପ୍ରଫେସର ତଥା ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଭାବେ ସେ କାର୍ଯ୍ୟ କରିଛନ୍ତି। ସେହିପରି ଝାଡ଼ଖଣ୍ଡରେ ଓଡ଼ିଆ ସାହିତ୍ୟ–ସଂସ୍କୃତିର ବିକାଶ ଓ ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ରଷ୍ଟା ଅଜିତ୍ ପାତ୍ରଙ୍କୁ ବିଚ୍ଛିନ୍ନାଞ୍ଚଳ ସାଂସ୍କୃତିକ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଶିକ୍ଷକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାସୁଦେବ ମହନ୍ତ, କୈଳାସ ଚନ୍ଦ୍ର ତନ୍ତୀଙ୍କୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯିବ। ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ 'ପ୍ରଫେସର ଜଗମୋହନ ରାଠୋର ଶିକ୍ଷାବିତ୍ ଓ ସାଂସ୍କୃତିକ ସମ୍ମାନ ପ୍ରଦାନ ସମାରୋହ'ରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ବୁଧବାର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସ୍ମୃତି ସଂସଦର ସଂଯୋଜକ ଡା. ପ୍ରସନ୍ନ କୁମାର ରାଠୋର ଓ ଆବାହକ ଡା. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସୂଚନା ଦେଇଛନ୍ତି।

# ଏବିଆଇଟିରେ ସମଯୁକ୍ତା ୨୦୨୦



**ଭୁବନେଶ୍ୱର, ୧୫–୧**

କଟକସ୍ଥିତ ଅଜୟ ବିନୟ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏବିଆଇଟି)ର ଏମ୍‌ବିଏ ବିଭାଗ ପୂର୍ବତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ସମଯୁକ୍ତା ୨୦୨୦ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଆଇଟିର ଅଧ୍ୟକ୍ଷ ଡ.ଲୀନା ସାମନ୍ତରାୟ, ନିର୍ଦ୍ଦେଶକ ଡ.ସତ୍ୟଦର୍ଶୀ ମିଶ୍ର, ବିଭାଗ ମୁଖ୍ୟ ଡ.ଜୟସିଂହ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୫ ବ୍ୟାଚର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ପୁରାତନ ଛାତ୍ରୀଛାତ୍ର କର୍ମକ୍ଷେତ୍ର ଏବଂ କ୍ୟାରିୟର ଉପରେ ଆଲୋକପାତ କରିଥିଲେ। ଏମ୍‌ବିଏ ଶିକ୍ଷାରେ ଛାତ୍ରୀଛାତ୍ରଙ୍କ ଲାଗି ବର୍ତ୍ତମାନ ବିପୁଳ ସୁଯୋଗ ରହିଥିବା ପୁରାତନ ଛାତ୍ରୀଛାତ୍ର ଏଥିରେ ମତ ଦେଇଥିଲେ। ପରିଶେଷରେ ପ୍ରଫେସର ଶ୍ରୀ କାନୁନଗୋ ଧନ୍ୟବାଦ ଦେଇଥିଲେ।

## ଭୁଆସୁଣୀ ପୀଠରେ ମକର ମିଳନ

**କଟକ ସଦର, ୧୫।୧ (ଡି.ଏନ୍.ଏ.):** ୪୨ମୌଜା ଅନ୍ତର୍ଗତ ଦଧିବାମନପୁରସ୍ଥିତ ଭୁଆସୁଣୀ ପୀଠରେ ୨୫ତମ ମକର ମିଳନ ଓ କୀର୍ତ୍ତନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜାର୍ଚ୍ଚନା ସହ ଦିନ ତମାମ୍ ଚତୁର୍ଦ୍ଦଶ ସଂକୀର୍ତ୍ତନ ମଣ୍ଡଳ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସର୍ବାଧିକାରୀ ସୁବାସ ଚନ୍ଦ୍ର ଦେବତା ଓ ସର୍ବମହନ୍ତ ତଥା ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂକୀର୍ତ୍ତନ ଦ୍ୱାରା ବିଷ୍ଣୁକୃପା ଲାଭ କରିବା ସହଜ ହୋଇଥାଏ ବୋଲି ପଣ୍ଡା କହିଥିଲେ। ରୌପ୍ୟ ଜୟନ୍ତୀ ପରିପ୍ରେକ୍ଷୀରେ ୪୨ ମୌଜା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମକର ମିଳନ କମିଟି ଉପଦେଷ୍ଟା ନନ୍ଦକିଶୋର ଜେନା, ସଭାପତି ବଂଶୀଧର ସ୍ୱାଇଁ, ସମ୍ପାଦକ ଗଜେନ୍ଦ୍ରନାଥ ସ୍ୱାଇଁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦେଲା ପୋଲିସ

**କଟକ ଅଫିସ, ୧୫।୧**

ମକର ସଂକ୍ରାନ୍ତି ଉପଲକ୍ଷେ ବାଦାମବାଡ଼ି ଥାନା ପୋଲିସ ପକ୍ଷରୁ ବୁଧବାର ବରିଷ୍ଠ ନାଗରିକମାନଙ୍କୁ ନେଇ ମକର ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଉ ଏଲ୍‌ଆଇସି କଲୋନୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଦାମବାଡ଼ି ଥାନା ଅଞ୍ଚଳର ପ୍ରାୟ ୩୫୦ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏଥିରେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିସିପି ଅସୀନ ମିଶ୍ର, ଏସିପି ଶୁଭନାରାୟଣ ମୁଦୁଲି, ଏସିପି ସୁଯୋଗ୍ୟ ମିଶ୍ର ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ଖେଳ ଓ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ସମସ୍ୟା ବିଷୟରେ ଡିସିପି ପଚାରି ବୁଝିଥିଲେ। ଯେଉଁମାନେ ପୂର୍ବରୁ ନାମ ପଞ୍ଜୀକରଣ କରି ନ ଥିଲେ ସେମାନଙ୍କର ନାମ ପଞ୍ଜୀକୃତ କରାଯାଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଥିଲା। ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଧବଳେଶ୍ୱରଙ୍କ ପୀଠରେ ମକର ନୀତି

**୧୦ହଜାର ଭକ୍ତଙ୍କ ଦର୍ଶନ**

**ଖୁଣ୍ଟୁଣୀ, ୧୫।୧ (ଡି.ଏନ୍.ଏ.)**

ଆଠଗଡ଼ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବୁଧବାର ମକର ନୀତି ସମ୍ପନ୍ନ ହୋଇଛି। ଭୋର୍ ୪ଟାରୁ ମହାପ୍ରଭୁଙ୍କ ମନ୍ଦିର ଖୋଲାଯିବା ପରେ ମଙ୍ଗଳଆଳତି, ସ୍ନାନନୀତି ଓ ପୁଷ୍ପ ବିଭୂଷିତ ହେବା ପରେ ବଡ଼ ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୫ଟା ରୁ ମନ୍ଦିର ଦ୍ୱାର ଭକ୍ତଙ୍କ ପାଇଁ ଖୋଲା ଯାଇଥିଲା। ବହୁ ସଂଖ୍ୟକ ଭକ୍ତ ଧାଡ଼ିରେ ଛିଡା ହୋଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଅପରାହ୍ନ ୧ଟା ରେ ପ୍ରଭୁଙ୍କ ପାଖରେ ମକର ଚାଉଳରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ଲାଗି କରାଯାଇଥିଲା। ପରେ ବାବା ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଅଣାଯାଇ ବେଢ଼ା ପରିକ୍ରମା କରାଯାଇଥିଲା। ପ୍ରାୟ ୧୦ ହଜାର ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ବିଭାଗର ସୁପରଭାଇଜର୍ କରୁଣାକର ବେହେରା କହିଛନ୍ତି। କଟକର ଅତିରିକ୍ତ ଦେବୋତ୍ତର କମିଶନର ଦେବାଶିଷ ଦାସ, ଅତିରିକ୍ତ ତହସିଲଦାର୍ ସୁଧାଂଶୁ ଶେଖର ସାଓ, ନୀତି ପାଳିଆ ସାଗର ଦାସ, ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



କଟକ ଜଗତ୍‌ପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ୩ ପ୍ରତିଭାଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ

**କଟକ ଅଫିସ, ୧୫।୧**

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ୨୮ତମ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବ ଓ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ଦୋଳମୁଣ୍ଡାଇସ୍ଥିତ ପତିତପାବନ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ସୁବାସ ଦାଶ ଜଗନ୍ନାଥାଷ୍ଟକମ୍ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସପ୍ତକ'ର ରୌପ୍ୟଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଖବରଦାତା ଅରୁଣ ପଣ୍ଡା ଏହାକୁ ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି, କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଗୀତିକବି ମନୋଜ ପଟ୍ଟନାୟକ ଏବଂ ବାଦ୍ୟଶିଳ୍ପୀ ଧନେଶ୍ୱର ସ୍ୱାଇଁଙ୍କୁ ଜଗନ୍ନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକକ ଭଜନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଯୁବଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ଯୁଗ୍ମ ସମ୍ପାଦକ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ଉପସଭାପତି ବିକାଶ ଦାଶ, ପ୍ରଫୁଲ୍ଲ ରାୟ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

# କାଳଜୟୀ ରଚନା ପାଇଁ ଫକୀରମୋହନ ଚିର ସ୍ମରଣୀୟ

**କଟକ ଅଫିସ, ୧୫।୧**

ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଭାଷା–ସାହିତ୍ୟର ସୁରକ୍ଷା ପାଇଁ ସେନାପତିର ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ସାହିତ୍ୟର ଗଳ୍ପ ଓ ଆତ୍ମଜୀବନୀ ସୃଷ୍ଟି କ୍ଷେତ୍ରରେ ପ୍ରଥମ ସ୍ରଷ୍ଟା ଭାବେ ସେ ଚିରସ୍ମରଣୀୟ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ କହିଛନ୍ତି। ଏହି ଉତ୍ସବରେ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ ।

ସେହିପରି 'ସମୀଚୀନ' ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ମର୍କତନଗରଠାରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡା. ରବିରଞ୍ଜନ ସାହୁ ଯୋଗଦେଇଥିଲେ। ବ୍ୟାସକବି ନିଜ ଅନନ୍ୟ ପ୍ରତିଭା ଦ୍ୱାରା ଏକାଧିକ କାଳଜୟୀ ଗଳ୍ପ ଓ ଉପନ୍ୟାସ ରଚନା କରିଯାଇଛନ୍ତି। ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପରିଣୀତା ଦାସ ଯୋଗଦେଇ କହିଥିଲେ, ଫକୀରମୋହନ ସମାଜରେ ପ୍ରଚଳିତ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ନିଜ ଲେଖା ମାଧ୍ୟମରେ ପ୍ରତିଫଳିତ କରିଛନ୍ତି। କାର୍ଯ୍ୟକ୍ରମରେ ଡ. ପବିତ୍ର ମହାନ୍ତି, ଗୀତିସୁଧା ସାହୁ, ଡ. ଲୋପାମୁଦ୍ରା ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

ପିଠାପୁରସ୍ଥିତ କାର୍ଯ୍ୟାଳୟରେ ସାମାଜିକ ଅନୁଷ୍ଠାନ ନୀଳଚକ୍ର ପକ୍ଷରୁ ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ୟାସକବି ଓଡିଆ ଭାଷା ଆନ୍ଦୋଳନର ସେନାପତି ଥିଲେ। ତାଙ୍କ ସାମାଜିକ ସଂସ୍କାର, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଲେଖନୀ ଚାଳନାରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି ତାହା କାଳଜୟୀ। ଏଥିସହ ଏହା ଯୁବପିଢ଼ିଙ୍କୁ ନିରନ୍ତର ପ୍ରେରଣା ଦେଇ ଚାଲିଥିବ ବୋଲି ମୁଖ୍ୟ ଅତିଥି ଭାବେ ପ୍ରଶାସକ କାହ୍ନୁଚରଣ ଧୀର ଯୋଗଦେଇ କହିଥିଲେ। ନମିତା ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଭାଗବତ ଶୁକ୍ଳା, ସମ୍ମାନିତ ବକ୍ତା ଭାବେ ପଣ୍ଡିତ ନିରାକାର ମିଶ୍ର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଦିବାକର ମିଶ୍ର ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଦୀପକ ମହନ୍ତ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଜାନୁୟାରୀ, ୨୦୨୦



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
-ଜନ୍‌ଶନ



## ସଂକ୍ଷେପରେ

### ମନିପର୍ସ ପାଇ ଥାନାରେ ଦେଲେ ପ୍ରଧାନଶିକ୍ଷକ

ଡିଗିରିଆ,୧୫।୧(ଡି.ଏନ୍.ଏ.)- ଏବେବି ମାନବିକତା ବଞ୍ଚିଛି। ଡିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ତଳସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଗେନ୍ଦ୍ର କୁମାର ପତି ବୁଧବାର ୬୫ ନଂ ରାଜପଥର ପାଞ୍ଚଗାଁ-ନିଜିଗଡ଼ ରାସ୍ତାରୁ ଏକ ପର୍ସ ପାଇ ଡିଗରିଆ ଥାନାରେ ଜମାଦେଇଛନ୍ତି। ଉକ୍ତ ପର୍ସରେ ୨୫୦୦୦ ଟଙ୍କା ଥିଲା। ନଗେନ୍ଦ୍ରଙ୍କ ସାଧୁତା ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି। ସେ ମଧ୍ୟାହ୍ନ ସମୟରେ ପାଞ୍ଚଗାଁରୁ ନିଜ ଘର ବାଙ୍କୀ ଉତ୍ତରକୂଳ ମଣିପୁର ଗ୍ରାମକୁ ଫେରୁଥିବା ବେଳେ ରାସ୍ତାରୁ ଏହାକୁ ପାଇଥିଲେ। ଉକ୍ତ ପର୍ସଟି କାହାର ତାର କୌଣସି ପ୍ରମାଣ ମିଳି ନ ଥିବା ବେଳେ ହଜାଇଥିବା ବ୍ୟକ୍ତି ଡିଗିରିଆ ଥାନାରୁ ପ୍ରମାଣ ଦେଇ ପର୍ସକୁ ନେଇ ପାରିବେ ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି।

### ସାମାଜିକ କର୍ମୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ଡିଗିରିଆ, ୧୫।୧(ଡି.ଏନ୍.ଏ.):** ଖବରଦାତା, ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ରାଜନୀତିଜ୍ଞ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସ୍ମୃତିରେ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କୁମ୍ଭୀପୁଟସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଏହି ସଭାରେ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଧୀର ପୌରୋହିତ୍ୟ କରିଥିଲେ। ସଭାରେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଡିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଭାଗୀରଥି ନନ୍ଦ, ଆଇନଜୀବୀ ରଘୁନାଥ ଦାଶ ଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ।

### ନିରଂକାରୀ ସନ୍ଥ ସମାବେଶ

**ନରାଜ, ୧୫।୧ (ଡି.ଏନ୍.ଏ.):** ବାରଙ୍ଗ ଚିକିତ୍ସାଳୟ ପଡ଼ିଆରେ ବୁଧବାର ପୂର୍ବାହ୍ନରେ ସନ୍ଥ ସମାବେଶ ଓ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ଯୋଗଦେଇଥିଲେ। ସମ୍ମିଳନୀରେ ସନ୍ଥ ମନୋଜ ରଣା ଯୋଗଦେଇ ଈଶ୍ୱର ପ୍ରାପ୍ତି ନିମନ୍ତେ ଗୁରୁ କୃପାର ଆବଶ୍ୟକତା ରହିଛି। ସଦ୍‌ଗୁରୁ ହିଁ ସମାଜର ପଥପ୍ରଦର୍ଶକ ହୋଇଥାନ୍ତି ବୋଲି କହିଥିଲେ। ସମ୍ମିଳନୀକୁ ରାଜେଶ ପାଲ ସିଂହ, ଇନ୍ଦୁ ଗୁଗୁନାନୀ, କୌଳାଶ ଚନ୍ଦ୍ର ସ୍ୱାଇଁ,ରଜତ ପରିଡା, ଶେଷଦେବ ସ୍ୱାଇଁ, ଅକ୍ଷୟ ମହାରଣା ଓ ନକୁଳ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ସୁମନ ବେହେରା, ପ୍ରତାପ ପାଣି, ସୁରେଶ ମହାନ୍ତି ଓ ଅଭିମନ୍ୟୁ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ
### ୪ର୍ଥ ଦିବସରେ ଖୋର୍ଦ୍ଧା ଭାଲିଆ ବାଡ଼ି ବିଜୟୀ

**ବାଙ୍କୀ,୧୫।୧(ସ୍ୱ.ପ୍ର.):** ସ୍ଥାନୀୟ କଚେରି ପଡ଼ିଆରେ ବାଙ୍କୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗୋପାଳ ଚରଣ ଚ୍ୟାଉ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ୪ର୍ଥଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଭାଲିଆ ବାଡ଼ି ବିଜୟୀ ହୋଇଛି। ଲୋକେଶ୍ୱର କ୍ଲବ ପାନବରଜ ଓ ଭାଲିଆବାଡ଼ି ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।
ଭାଲିଆ ବାଡି ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୧୮୯ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ପାନବରଜ ଦଳ ୨୪ଓଭରରେ ୧୮୩ ରନ୍ କରି ମ୍ୟାଚ ହାରିଯାଇଥିଲା। ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି କରନଦୀପ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସୌମେନ୍ଦ୍ର ମିଶ୍ର ଓ କୃପାସିନ୍ଧୁ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ କରନଦୀପଙ୍କୁ ପୁରସ୍କୃତ କରିଥିଲେ। ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। କ୍ରୀଡା ସାଂସଦର ବୁଦ୍ଧିଆ ବେହେରା, ବିନୟ ବେହେରା, ରାଜେଶ ବେହେରା ଓ ସନ୍ତୋଷ ସିଂ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଅପରାଧ ଦୁନିଆରେ ମହିଳା
# ଲୁଟ୍ ଘଟଣାରେ ଗ୍ୟାଙ୍ଗଷ୍ଟରର ଆରିଫ୍‌ଙ୍କ ମା' ଗିରଫ



ଗିରଫ ମହିଳା।

**କଟକ ଅଫିସ,୧୫।୧:**

ସହରରେ ଘଟୁଥିବା ଅପରାଧରେ ଦିନକୁ ଦିନ ମହିଳାଙ୍କ ସମ୍ପୃକ୍ତି ବଢିବାରେ ଲାଗିଛି। ଦାଦାବଟିଠାରୁ ନେଇ ଲୁଟ୍ ଯାଏ ବଡ ବଡ ଅପରାଧରେ ଏମାନଙ୍କ ଭାଗୀଦାରି ରହୁଛି। ନିକଟରେ ଘଟିଥିବା କେତେକ ଘଟଣାରୁ ଏହା ପ୍ରମାଣିତ ହୋଇଛି। କିଛିଦିନ ତଳେ ଗ୍ୟାଙ୍ଗଷ୍ଟର ଶକିଲଙ୍କର ୨ବାନ୍ଧବୀଙ୍କୁ ପୋଲିସ ଗିରଫ କରିଥିବାବେଳେ ବୁଧବାର ଜଗତପୁର ଥାନା ପୋଲିସ ଲୁଟ୍ ଅଭିଯୋଗରେ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ କାଫଲାବଜାର ପ୍ରଧାନସାହିର ଜୋହରା ବିବି (୫୩)। ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଆରିଫଙ୍କ ମା' ହେଉଛନ୍ତି ଜୋହରା। ଜଣେ ବ୍ୟବସାୟୀଙ୍କୁ ଲୁଟ୍ ଘଟଣାରେ ସେ ସମ୍ପୃକ୍ତ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, କିଛିଦିନ ତଳେ ଜଗତପୁର ଥାନା ଅଞ୍ଚଳରେ ଜ୍ଞାନେନ୍ଦ୍ର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରି ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଜୋହରାଙ୍କ ସମେତ ଲାଲବାଗ ଥାନା ଅନ୍ତର୍ଗତ ଅଲିଶା ବଜାରର ସେକ ଇର୍ସାଦ ମହମ୍ମଦ (୨୪) ସମ୍ପୃକ୍ତ ଥିବା ଜଣାପଡ଼ିଛି। ଦୁହିଁଙ୍କୁ ବୁଧବାର ଗିରଫ କରାଯାଇଛି। ଉଭୟଙ୍କଠାରୁ ନଗଦ ୨୦ ହଜାର ୯୭୦ ଟଙ୍କା, ୩ଟି ମୋବାଇଲ ଏବଂ ଜୋହରାଙ୍କ ଏକ ପାସପୋର୍ଟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ଅଛନ୍ତି।

#### କେମିତି ଥିଲା ସେଦିନର ଲୁଟ ଘଟଣା

ଟାଙ୍ଗୀ ଅଞ୍ଚଳର ଜ୍ଞାନେନ୍ଦ୍ର ବେହେରା ଓ ସଞ୍ଜୟ ଜେନା କଟକର ଏକ ବିଦେଶୀ ମଦ ଡିପୋରେ ସେଲ୍ସମ୍ୟାନ ଭାବେ କାମ କରନ୍ତି। ଦୁହେଁ ଟଙ୍କା ଆଦାୟ କରି ଗତ ୬ତାରିଖ ସାଢେ ୧୨ଟାରେ ଗୋଟିଏ ବାଇକରେ କଟକ ଫେରୁଥିଲେ। ଏହି ସମୟରେ ଜଗତପୁର ଆଇବି ରୋଡ ନିକଟରେ ଦୁଇଟି ବାଇକରେ ୫ ଜଣ ଦୁର୍ବୃତ୍ତ ଆସି ବାଇକ ପଛରେ ବସିଥିବା ଜ୍ଞାନେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଜ୍ଞାନେନ୍ଦ୍ର ତଳେ ପଡ଼ିଗଲା ପରେ ଦୁର୍ବୃତ୍ତମାନେ ତାଙ୍କୁ ଚାପଡ଼ରେ ଆକ୍ରମଣ କରି ତାଙ୍କ ନିକଟରୁ ୫ଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଜ୍ଞାନେନ୍ଦ୍ର ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ (କେସ୍ ନଂ. ୫/୨୦)ରେ ଏକ ମାମଲା ରୁଜୁ କରିଥିଲା।

#### ପୁଅ ଗ୍ୟାଙ୍ଗକୁ ସମ୍ଭାଳୁଥିଲେ ମା'

ଜ୍ଞାନେନ୍ଦ୍ରଙ୍କ ଲୁଟ ଘଟଣାରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାରେ ପୋଲିସକୁ ସିସିଟିଭି ହିଁ ସାହାଯ୍ୟ କରିଛି। ସ୍ଥାନୀୟ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଏଥିରେ ସେକ ଇର୍ସାଦ ନାମକ ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଇର୍ସାଦଙ୍କୁ କାବୁ କରିଥିଲା। ତାଙ୍କୁ ନେଇ ପଚରାଉଚରା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଥିଲା। ଏହି ଲୁଟ୍ ଘଟଣାରେ ଜୋହରା ବିବିଙ୍କର ହାତ ଥିବା ପୋଲିସ ଜାଣିବାକୁ ପାଇଥିଲା। ଜୋହରା ହେଉଛନ୍ତି ଜେଲରେ ଥିବା ଆରିଫଙ୍କ ମା'। ପୁଅ ଅନୁପସ୍ଥିତିରେ ସେ ଗ୍ୟାଙ୍ଗ ଚଳାଉଥିଲେ। ଏଥିସହିତ ଜଗତପୁର ଅଞ୍ଚଳରେ ହୋଇଥିବା ଲୁଟ୍ ତାଙ୍କ ପ୍ଲାନ୍ ମୁତାବକ ହୋଇଥିବା ପୋଲିସ କହିଛି। ଲୁଟ୍ ପରେ ସମସ୍ତ ଟଙ୍କା ସମାନ ଭାଗରେ ଅଭିଯୁକ୍ତମାନେ ବାଣ୍ଟି ନେଇଥିଲେ। ପୋଲିସ ଇର୍ସାଦଙ୍କୁ ଗିରଫ କରିବା କଥା ଜାଣିବା ପରେ ଜୋହରା ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀଙ୍କୁ ଫେରାର ହେବାରେ ସାହାଯ୍ୟ କରିଥିଲେ। ଜେଲରେ ଥାଇ ମଧ୍ୟ ଆରିଫଙ୍କର ଏହି ଲୁଟ୍‌ରେ ହାତ ରହିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ପୋଲିସ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି।

## ପ୍ରୋଟୋକଲ୍ ଭାଙ୍ଗି ମିଠା ଖାଇଲେ ରାଜ୍ୟପାଳ



ରାଜ୍ୟପାଳ ଗଣେଶୀ ଲାଲଙ୍କୁ ପୁଷ୍ପଗୁଚ୍ଛ ଦିଆଯାଉଛି।

**ସାଲେପୁର, ୧୫।୧(ଡି.ଏନ୍.ଏ.)**

ରାଜ୍ୟପାଳ ଗଣେଶୀ ଲାଲ୍ ବୁଧବାର କେନ୍ଦ୍ରାପଡା ଗସ୍ତରୁ ଫେରୁଥିବା ବେଳେ ସାଲେପୁର ବଜାରରେ ପ୍ରୋଟୋକଲ ଭାଙ୍ଗି ଓଡ଼ିଶାର ପ୍ରସିଦ୍ଧ ବିକଳାନନ୍ଦ କର ମିଠା ଦୋକାନରୁ ବରା ଓ ରସଗୋଲା ଖାଇଛନ୍ତି। ପରେ ସେ ମିଠା କାରଖାନା ବୁଲି ଦେଖିବା ସହ ଏହାକୁ ପ୍ରସ୍ତୁତ କରୁଥିବା କାରିଗରଙ୍କ ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏହାପୂର୍ବରୁ ମଧ୍ୟ ରାଜ୍ୟପାଳ ମାହାଙ୍ଗା ଗସ୍ତରେ ଆସିଥିବା ବେଳେ ପ୍ରୋଟୋକଲ୍ ଭାଙ୍ଗି ସାଲେପୁରର ଏକ ମିଠା ଦୋକାନରୁ ମିଠା ଖାଇଥିଲେ।

## ବାଙ୍କୀ ରାଜାସାହେବଙ୍କ ପ୍ରଥମ ଶ୍ରାଦ୍ଧ ଦିବସ

**ବାଙ୍କୀ, ୧୫।୧ (ସ୍ୱ.ପ୍ର.)**

ବାଙ୍କୀ ରାଜା ସାହେବ ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ବୁଧବାର ବାଙ୍କୀ ରାଜବାଟୀ ଦୁର୍ଗାପୁରସ୍ଥିତ କମଳାବାଗରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଜା ସାହେବ ବାଙ୍କୀ ରାଜବଂଶର ୨୮ତମ ରାଜାଭାବେ ଅର୍ଦ୍ଧଶତାବ୍ଦୀ ଧରି ଗାଦିରେ ଆସୀନ ଥିଲେ। ରାଜା ବିଶ୍ୱନାଥ ଶ୍ରୀଚନ୍ଦନ ମହାପାତ୍ରଙ୍କ ଅନ୍ତେ ରାଜା ନାରାୟଣ ଶ୍ରୀଚନ୍ଦନ ପୋଷ୍ୟ ପୁତ୍ର ଭାବେ ସେ ୨୪ ଜୁନ୍ ୧୯୪୦ମସିହାରେ ବାଙ୍କୀ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେ ଅବିଭକ୍ତ ଗୋପାଳପୁର ଓ ରଗଡି ପଞ୍ଚାୟତର ସରପଞ୍ଚ ଓ ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ପ୍ରଥମ ବାର୍ଷିକ ଉତ୍ସବରେ ବାଙ୍କୀ କଲେଜ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସନ୍ତୋଷ କୁମାର ରଣା, ବ୍ରଜବନ୍ଧୁ ପାଲ, ସମରେନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ପାଢୀ, ବଙ୍କି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର ଓ ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ରାଜାସାହେବଙ୍କ ସ୍ମୃତିଚାରଣ କରିଥିଲେ। ରାଜାଙ୍କ ପୁତ୍ର ଅଧାପକ ଶୈଳେନ୍ଦ୍ର ନାଥ ଦେଓ, ଜିତେନ୍ଦ୍ର ନାଥ ଦେଓ ଓ ଶୁଭେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଯୋଗୀନାଥ ମଲ୍ଲିକ ଏହାକୁ ସଂଯୋଜନା କରିଥିଲେ। ଶେଷରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ସିଂହନାଥଙ୍କ ମକର ମହୋତ୍ସବ: ଲକ୍ଷାଧିକ ଭକ୍ତଙ୍କ ସମାଗମ



ବଡ଼ମ୍ବା ସିଂହନାଥଙ୍କ ମକର ମହୋତ୍ସବରେ ଭକ୍ତଙ୍କ ଭିଡ଼।

**ବଡ଼ମ୍ବା/ନିଶ୍ଚିନ୍ତକୋଇଲି/ନରାଜ/ମାହାଙ୍ଗା/ସାଲେପୁର/ଡିଗରିଆ, ୧୫।୧(ସ୍ୱ.ପ୍ର./ଡି.ଏନ.ଏ.)**

ବଡ଼ମ୍ବା ଗୋପିନାଥପୁର ଗ୍ରାମ ନିକଟ ମହାନଦୀ ମଧ୍ୟଭାଗରେ ଥିବା ପ୍ରଭୁ ସିଂହନାଥଙ୍କ ମକର ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ଏମ୍‌ପି ଭର୍ତ୍ତୃହରି ମହତାବ,ବିଶିଷ୍ଟ ଅତିଥି ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଆଠଗଡ଼ ଉପଜିଲାପାଳ ଅମିୟ ସାହୁ, ତହସିଲଦାର ଅନିଲ ପଟ୍ଟନାୟକ, ବ୍ଲକ ଅଧକ୍ଷା ଅନସୂୟା ନାଏକ ଓ ମିନତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନିଶ୍ଚିନ୍ତକୋଇଲିରେ ମକର ସଂକ୍ରାନ୍ତି ଅବସରରେ ଜିଗ୍ନିପୁର ବ୍ରହ୍ମକ୍ଷେତ୍ରରେ ପ୍ରଭୁ ବଳଦେବଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇ ମକର ଚାଉଳ ଭୋଗ ହେଇଥିଲା। ସେହିପରି ଅସୁରେଶ୍ୱର ଦଧିବାମନ, କେଣ୍ଡାଳ ରଘୁନାଥ ମନ୍ଦିର, ସାନ୍ତପୁର ଦଧିବାମନ ମନ୍ଦିର, ବନ୍ଧୁପୁର ରଘୁନାଥ ମନ୍ଦିର, ନଗସପୁର ସୁଣ୍ଡଳ ହନୁମାନ ମନ୍ଦିର ଓ ନେମାଳ ମହାପୁରୁଷଙ୍କ ପୀଠରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବାରଙ୍ଗ ବ୍ଲକ ଅଧୀନ ମା'ଫୁଲବତୀଙ୍କ ପ୍ରାଙ୍ଗଣରେ ମକର ମେଳା ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଅଡ଼ଶପୁର ଓ ନିଆଳି ଅଞ୍ଚଳରୁ ୨ ଗୋଷ୍ଠୀ ଭଜନ ଦଳ ଗାୟକ ରଘୁନାଥ ଭୋଇ ଓ ରମେଶ ବେହେରାଙ୍କ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ବରାହିପୁରସ୍ଥିତ ବିଦେଇ ମହାପୁରୁଷ ପୀଠରେ ମାହାଙ୍ଗା ସାହିତ୍ୟ-ସଂସ୍କୃତି ପରିଷଦ ପକ୍ଷରୁ ମକର ମିଳନ ଓ ଫକୀରମୋହନ ଜୟନ୍ତୀ ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ଡ. ଭୂବନାନନ୍ଦ ସାହୁଙ୍କ ଅଧକ୍ଷତାରେ କବି ନିରଞ୍ଜନ ଜେନା ଯୋଗଦେଇଥିଲେ। ସମାଲୋଚକ ଡ. ଏକାଦଶୀ ପ୍ରଧାନ, ଭୂପେନ ଚାଟାର୍ଜୀ, ସଂଯୁକ୍ତା ବେହେରା, ଡ. ଭାଗ୍ୟଧର ରାଉତ, ପରିଷଦ ସମ୍ପାଦକ ଭାବଗ୍ରାହୀ ଦାଶ ପ୍ରମୁଖ ଯୋଗଦେଇ ମକର ଉତ୍ସବ ଓ ଫକୀରମୋହନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସାଲେପୁର ଚିତ୍ରୋତ୍ପଳା ଗୁପ୍ତଗଙ୍ଗା କୂଳରେ ଅବସ୍ଥିତ ବଟେଶ୍ୱର ମା' ଭଗବତୀଙ୍କ ପୀଠରେ ମକର ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମକର ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଡିଗିରିଆସ୍ଥିତ ମା'ବଡ଼ବଣ୍ଡିଆଣୀଙ୍କ ମକରମେଳା ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଡିଗିରିଆ, ଆଠଗଡ଼ ଓ ବାଙ୍କୀ ଅଞ୍ଚଳରୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଘଟିଥିଲା। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପ୍ରମୁଖଙ୍କ ସମେତ ତୃଣମୂଳସ୍ତରର ବହୁ ନେତା ଓ ଜନପ୍ରତିନିଧି ଏଥିରେ ଯୋଗଦେଇଥିଲେ।

### କର୍କଟ ରୋଗରେ ବ୍ୟବସାୟୀଙ୍କ ମୃତ୍ୟୁ

**ସାଲେପୁର, ୧୫।୧(ଡି.ଏନ୍.ଏ.)**

ସାଲେପୁର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ମଙ୍ଗଳବାର କର୍କଟ ରୋଗରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଲୁଣାହାର ଗ୍ରାମର ଭରତ ଚନ୍ଦ୍ର ସାହୁ(୫୯)। ଦୀର୍ଘଦିନ ହେବ ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସାଲେପୁରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷା

**ବାଙ୍କୀ,୧୫।୧(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡରେ ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୦ଜଣ ପରୀକ୍ଷା ଦେଇଛନ୍ତି। ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ୧୮୬ ଜଣ ପରୀକ୍ଷା ଦେଇଥିବା ବେଳେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ କାହ୍ନୁଚରଣ ସାହୁ ପରୀକ୍ଷା ପରିଚାଳନା କରିଥିଲେ। ବ୍ରହ୍ମପୁରା ରଘୁନାଥ ଦେବତା ବିଦ୍ୟାପୀଠ କେନ୍ଦ୍ରରେ ୧୭୩ ଜଣ ପରୀକ୍ଷା ଦେଇଥିଲେ। ଦିଲୀପ କୁମାର ପରିଡ଼ା ଓ ଶାନ୍ତି ନାରାୟଣ ଦେବତା ଏହାକୁ ପରିଚାଳନା କରିଥିଲେ। ବ୍ରହ୍ମପୁରା ସଞ୍ଚଳା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୧ ଜଣ ପରୀକ୍ଷା ଦେଇଥିବା ବେଳେ ସବିତା ମହାନ୍ତି ପରିଚାଳିକା ଓ ବିନୋଦିନୀ ଷଡ଼ଙ୍ଗୀ ଉପପରିଚାଳିକା ଭାବେ କାର୍ଯ୍ୟ କରିଥିଲେ। ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି ଏବଂ ଡମପଡ଼ା ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଏସବୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା କାର୍ଯ୍ୟ ତଦାରଖ କରିଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଓରାୟନ' କ୍ରୀଡା ମହୋତ୍ସବ

**ନରାଜ,୧୫।୧(ଡି.ଏନ୍.ଏ)**

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଖେଳପଡିଆରେ 'ଓରାୟନ' କ୍ରୀଡା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ଶିଳ୍ପପତି ଶରତ କୁମାର ସାହୁ ଓ ଗ୍ରାସ ରୁଟ ଓଡ଼ିଶା ଫୁଟବଲ କ୍ଲବର ସହ ନିର୍ଦ୍ଦେଶକ ଶୁଭମ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ କୁମାର ସିଂ, କୁଳସଚିବ ଡ. ବିଆର ଶର୍ମା ଓ ନରେନ୍ଦ୍ର ଲାମ୍ବା ଉପସ୍ଥିତ ଥିଲେ। କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା କ୍ରୀଡା ମହୋତ୍ସବ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସାହୁ ଏହି ଅବସରରେ ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଶେଷରେ କୁଳସଚିବ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଭଲିବଲ, ବାସ୍କେଟ ବଲ, ଟେବୁଲ ଟେନିସ, କ୍ରିକେଟ, କବାଡି ଓ ଫୁଟବଲ ଆଦି ଆୟୋଜନ କରିବା ସହ ୧୭ ରୁ ୧୯ ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ପରିସରରେ ନୃତ୍ୟ, ଡିଜେ, ବ୍ୟାଣ୍ଡ ଓ ଫ୍ୟାଶନ ସୋ ପ୍ରତିଯୋଗିତା ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।



ଅତିଥି କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

## ଥାନା ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ
# ନିୟମ ମାନୁଥିବା ଚାଳକଙ୍କୁ ଗୋଲାପ ଫୁଲ ପୁରସ୍କାର

**ନିଶ୍ଚିନ୍ତକୋଇଲି,୧୫।୧(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଆନୁକୂଲ୍ୟରେ ବୁଧବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟିକଟା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଓ ସ୍ଥାନୀୟ ଉତ୍କଳ ବିକାଶ ପରିଷଦର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଏହି ଅବସରରେ କଟକ ଚାନ୍ଦବାଲି ରାସ୍ତାର କଟିକଟା ଛକ ନିକଟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଟ୍ରାଫିକ ନିୟମ ମାନି ଗାଡି ଚଳାଉଥିବା ଚାଳକଙ୍କୁ ଗୋଲାପଫୁଲ ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ନିୟମ ଭାଙ୍ଗୁଥିବା ବ୍ୟକ୍ତିଙ୍କୁ ସଚେତନ କରାଯାଇଥିଲା। ଏଥିରେ କଟକ ଜିଲା ଅତିରିକ୍ତ ଗ୍ରାମାଞ୍ଚଳ ଏସପି ପ୍ରଦ୍ୟୁମ୍ନ କୁମାର ଜେନା, ସାଲେପୁର ଏସଡିପିଓ ନିମାଇଁ ସେଠୀ, ରବୀନ୍ଦ୍ର ନାଥ ଜେନା ଓ ରଘୁନାଥ ସିଂ ପ୍ରମୁଖ ଯୋଗଦେଇଥିଲେ।




ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କରାଯାଉଛି।

## ଗୋବର୍ଦ୍ଧନ ପରିଡା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ପିଏମ୍‌ସିଏ ଡିଗିରିଆ ଚାମ୍ପିୟନ

**ବଡମ୍ବା,୧୫।୧(ଡି.ଏନ୍.ଏ)**

ବଡ଼ମ୍ବା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଗାନ୍ଧୀଛକସ୍ଥିତ ଟେନିସ୍ ପଡ଼ିଆରେ ଚାଲିଥିବା ଗୋବର୍ଦ୍ଧନ ପରିଡା ପ୍ରଥମ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପିଏମ୍‌ସିଏ ଡିଗିରିଆ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍ ପିଏମ୍‌ସିଏ(ଡିଗିରିଆ) ଓ ଜେଜେସିସି (କଳାପଥର) କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଡିଗିରିଆ ଦଳ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୨୯୫ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ କଳାପଥର ୯ ଉଇକେଟ ହରାଇ ୨୫୯ରନ୍ ସଂଗ୍ରହ କରିଥିଲା । ଫଳରେ ପିଏମ୍‌ସିଏ ଡିଗିରିଆ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥିଭାବେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, କୁମାରସାହେବ ତ୍ରିଭୁବନଚନ୍ଦ୍ର ଦେବ ଓ ସାମାଜିକ କର୍ମୀ ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଡିଗିରିଆ ଦଳଙ୍କୁ ଚାମ୍ପିୟନ କପ୍ ସହ ନଗଦ ୧୦ ହଜାର ଟଙ୍କା ଓ କଳାପଥର ଦଳକୁ ରନର୍ସ ଅପ୍ କପ ସହ ନଗଦ ୭ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଡିଗିରିଆ ଦଳର ଲିଙ୍କନ ରାଉତ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଗିରିଶ ନାୟକ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ସୁନୀଲ କୁମାର ପଣ୍ଡା ଓ ଯଶୋବନ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ତ୍ରିଲୋଚନ ପଢିଆରୀ, ବଡ଼ମ୍ବା କ୍ରିକେଟ କ୍ଲବ ସଭାପତି ଗିରିଶ ପରିଡା, ଗୋବର୍ଦ୍ଧନ ପରିଡା ଓ ଜ୍ଞାନରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।




ଚାମ୍ପିୟନ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।



ଆଲୋକ ନ ଥିବା ଦୀପ ଓ ବୁଝି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
- ସାଇମନ



## ଆଜି କ'ଣ କେଉଁଠି

କଟକ

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ ନିମନ୍ତେ ପାଣି ପଞ୍ଚାୟତ ରଥ ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଫକୀରମୋହନ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୪ଟା।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟୋତ୍ସବ ଓ ସାହିତ୍ୟୋତ୍ସବର ଉଦ୍‌ଯାପନୀ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୫ଟା ୩୦।

## ୨ ଛାତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଘଟଣା, ୩ ଗିରଫ

**କଣ୍ଟାପଡ଼ା,୧୫।୧(ଡି.ଏନ୍.ଏ.):** ଜଣେ ଛାତ୍ରୀଙ୍କ ନାବାଳକ ବନ୍ଧୁଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୩ଜଣ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ନୃସିଂହ ମଲ୍ଲିକ(୨୦), କଟକ ସଦର ଥାନା ଅନ୍ତର୍ଗତ କୋରକୋରା ଗ୍ରାମର ସିଦ୍ଧାର୍ଥ ମଲ୍ଲିକ(୨୦) ଓ ନୀହାର ମଲ୍ଲିକ(୨୨)। ଏମାନଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ନାବାଳକ ବନ୍ଧୁଙ୍କୁ ପୋଲିସ କଟକ ଜୁଭେନାଇଲ କୋର୍ଟରେ ହାଜର କରିଥିବା ଜଣାପଡ଼ିଛି। ସୂଚନା ଥାଉ କି, ଗୋବିନ୍ଦପୁର କଲେଜର ସାଇକେଲ ଷ୍ଟାଣ୍ଡରୁ ଯୁକ୍ତ ୨ ପ୍ରଥମ ବର୍ଷର ଜଣେ ଛାତ୍ରୀ ୧୫ଦିନ ପୂର୍ବେ ସାଇକେଲ କାଢୁଥିବାବେଳେ ଅସାବଧାନତା ଯୋଗୁ କେତେକ ସାଇକେଲ ତଳେ ପଡିଯାଇଥିଲା। ସେଠାରେ ଥିବା ଯୁକ୍ତ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ସାଇକେଲ ଉଠାଇବାକୁ ତାଗିଦ୍ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗତ ସୋମବାର ସମ୍ପୃକ୍ତା ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀ କଲେଜରୁ ଫେରୁଥିବାବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ଓ ତାଙ୍କ ନାବାଳକ ବନ୍ଧୁ ସମ୍ପୃକ୍ତା ଛାତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣକ ଘରେ କହିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ପ୍ରଥମବର୍ଷ ଛାତ୍ରୀଙ୍କ ୪ଜଣ ସମ୍ପର୍କୀୟ ଯୁବକ କଲେଜ ସମ୍ମୁଖରେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ନାବାଳକ ବନ୍ଧୁଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏ ନେଇ ଉଭୟ ଛାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ. ୪/୨୦, ୫/୨୦)ରୁଜୁ କରି ତଦନ୍ତ ଚଳାଇଥିଲା।

## ଭୁଆସୁଣୀ ପୀଠରେ ମକର ମିଳନ

**କଟକ ସଦର,୧୫।୧(ଡି.ଏନ୍.ଏ.):** ୪୨ମୌଜା ଅନ୍ତର୍ଗତ ଦଧିବାମନପୁରସ୍ଥିତ ଭୁଆସୁଣୀ ପୀଠରେ ୨୫ତମ ମକର ମିଳନ ଓ କୀର୍ତ୍ତନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜାର୍ଚ୍ଚନା ସହ ଦିନ ତମାମ୍ ଚତୁର୍ଦ୍ଦଶ ସଂକୀର୍ତ୍ତନ ମଣ୍ଡଳ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସର୍ବାଧିକାରୀ ସୁବାସ ଚନ୍ଦ୍ର ଦେବତା ଓ ସର୍ବମହନ୍ତ ତଥା ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂକୀର୍ତ୍ତନ ଦ୍ୱାରା ବିଭୁକୃପା ଲାଭ କରିବା ସହଜ ହୋଇଥାଏ ବୋଲି ପଣ୍ଡା କହିଥିଲେ। ରୌପ୍ୟ ଜୟନ୍ତୀ ପରିପ୍ରେକ୍ଷୀରେ ୪୨ ମୌଜା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମକର ମିଳନ କମିଟି ଉପଦେଷ୍ଟା ନନ୍ଦକିଶୋର ଜେନା, ସଭାପତି ବଂଶୀଧର ସ୍ୱାଇଁ, ସମ୍ପାଦକ ଗଜେନ୍ଦ୍ରନାଥ ସ୍ୱାଇଁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ■ଅସହାୟ ରୋଗୀଙ୍କୁ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣା

# ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

- ■ନିଜ ଆଡୁ ମାମଲା ରୁଜୁ କରାଯିବ
- ■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ,୧୫।୧**

ଅସହାୟ ରୋଗୀଙ୍କୁ ଏସ୍‌ସିବିରେ ଆଟେଣ୍ଡାଣ୍ଟଙ୍କ ମାଡ଼ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ଓଡ଼ିଶା ମାନବାଧିକାର କମିଶନଙ୍କ ସଦସ୍ୟ ଅସୀମ ଅମିତାଭ ଦାସ ଏସ୍‌ସିବି ମେଡିକାଲ ଗସ୍ତ କରିଥିଲେ। ଘଟଣା ଘଟିଥିବା ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡ ପରିଦର୍ଶନ କରି ଦାସ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ଏଥିସହ କମିଶନ ନିଜଆଡୁ ଗୁରୁବାର ଏକ ମାମଲା ରୁଜୁ କରିବେ ଏବଂ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅସହାୟ ରୋଗୀଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟମାନେ ଅନଭିଜ୍ଞ ଓ ସେମାନଙ୍କୁ ଏଭଳି ରୋଗୀଙ୍କ ସହିତ କିଭଳି ବ୍ୟବହାର କରିବାକୁ ହୁଏ ତାହା ଜଣାନାହିଁ ବୋଲି ଦାସ କହିଛନ୍ତି।

ପରିଦର୍ଶନ ସମୟରେ ଡେଷ୍ଟିଚ୍ୟୁଟ ୱାର୍ଡ ଭିତରେ ଏକ ଠେଙ୍ଗା ଥିବା କମିଶନଙ୍କ ସଦସ୍ୟ ଦାସ ଦେଖିବାକୁ ପାଇଥିଲେ। ଅସହାୟ ରୋଗୀମାନେ ଉକ୍ତ ଠେଙ୍ଗା ସାହାଯ୍ୟରେ ପାଇଖାନା ଯାଉଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ମାତ୍ର ଡେଷ୍ଟିଚ୍ୟୁଟ ୱାର୍ଡରେ ରହୁଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମାନସିକ ସ୍ତରରେ ଅସୁସ୍ଥ। ତେଣୁ ଉକ୍ତ ୱାର୍ଡରେ ଠେଙ୍ଗା ରଖିବା ଅନୁଚିତ ବୋଲି ଦାସ କହିବା ସହ ତାହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଥାଉ କି, ମେଡିକାଲର ସର୍ଜରୀ ବିଭାଗର ଡେଷ୍ଟିଚ୍ୟୁଟ ୱାର୍ଡରେ ଜଣେ ଅସହାୟ ରୋଗୀଙ୍କୁ ଠେଙ୍ଗାରେ ଆଟେଣ୍ଡାଣ୍ଟ ପିଟୁଥିବା ଭିଡିଓକୁ ନେଇ ବିବାଦ ଉପୁଜିଛି। ଜଣେ ଯୁବକଙ୍କ ଗୋଡ଼ରେ ଘା' ହୋଇଯିବାରୁ ଉକ୍ତ ୱାର୍ଡରେ ପଡ଼ି ରହିଛନ୍ତି। ମାତ୍ର ସେମାନଙ୍କ ଦେଖାଶୁଣା ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥାର ଆଟେଣ୍ଡାଣ୍ଟ ତାଙ୍କୁ ଠେଙ୍ଗାରେ ପିଟୁଥିବାର ଭିଡିଓ ଭାଇରାଲ ହୋଇଥିଲା।



ଓଏଚ୍‌ଆର୍‌ସି ସଦସ୍ୟ ଅସୀମ ଅମିତାଭ ଦାସ ଏସ୍‌ସିବି ମେଡିକାଲ ପରିଦର୍ଶନ କରୁଛନ୍ତି।

# ବାରବାଟୀ ନୃତ୍ୟୋତ୍ସବରେ ସାହିତ୍ୟୋତ୍ସବ




ବାରବାଟୀ ନୃତ୍ୟୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୧୫।୧**

ବାରବାଟୀ ନୃତ୍ୟୋତ୍ସବରେ ବୁଧବାର ଏକ ଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଷଷ୍ଠ ସନ୍ଧ୍ୟାରେ ବାରବାଟୀ ସାହିତ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ଓ ଗୀତର କାର୍ଯ୍ୟକ୍ରମ 'ଆଦ୍ୟାଶା' ଆୟୋଜିତ ହୋଇଥିଲା। କବି ଜୟନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବହୁ କବି ଯୋଗଦେଇଥିଲେ। କବିତା ପାଠ ସାଙ୍ଗକୁ କଣ୍ଠଶିଳ୍ପୀଙ୍କ ସୁମଧୁର ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ଓ ସଙ୍ଗୀତର ଯୁଗଳବନ୍ଦୀ 'ଜହ୍ନ ବଗିଚା' କାର୍ଯ୍ୟକ୍ରମ ହୋଇଥିଲା। ନିମନ୍ତ୍ରିତ ଅତିଥି କବି ହୁସେନ ରବି ଗାନ୍ଧୀ, ଶତ୍ରୁଘ୍ନ ପାଣ୍ଡବଙ୍କ ସମେତ ବହୁ କବି ଯୋଗଦେଇ ନିଜସ୍ୱ କବିତା ପାଠ କରିଥିଲେ। ନବଜ୍ୟୋତି ରାୟ, ଚିରଞ୍ଜନ ନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷ ପର୍ଯ୍ୟାୟରେ ବାଲି ବୋଇତ କାର୍ଯ୍ୟକ୍ରମରେ 'କଥାରେ କଥାରେ କଟକ' ପରିବେଷଣ କରାଯାଇଥିଲା। ଅତିଥି କଥାକାର ଭାବେ ଦେବବ୍ରତ ମଦନରାୟ, ତରୁଣ କୁମାର ସାହୁ, ଅଜୟ ସ୍ୱାଇଁ, ପ୍ରକାଶ ମହାପାତ୍ର, ସୁଜାତା ମହାପାତ୍ର, ସସ୍ମିତା ରଥ, ରୁମ୍‌ଝୁମ୍ ନାୟକ, ରବିନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନଶା କୟରର କଳାକାରମାନେ ପାରମ୍ପରିକ ଓ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ମନଛୁଆଁ ଗୀତ ପରିବେଷଣ କରିଥିଲେ। ପ୍ରଫେସର ସଞ୍ଜୟ ଶତପଥୀଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦେଲା ପୋଲିସ

**କଟକ ଅଫିସ, ୧୫।୧**

ମକର ସଂକ୍ରାନ୍ତି ଉପଲକ୍ଷେ ବାଦାମବାଡ଼ି ଥାନା ପୋଲିସ ପକ୍ଷରୁ ବୁଧବାର ବରିଷ୍ଠ ନାଗରିକମାନଙ୍କୁ ନେଇ ମକର ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଉ ଏଲ୍‌ଆଇସି କଲୋନୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଦାମବାଡ଼ି ଥାନା ଅଞ୍ଚଳର ପ୍ରାୟ ୩୫୦ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏଥିରେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିସିପି ଅସୀନ ମିଶ୍ର, ଏସିପି ଶୁଭନାରାୟଣ ମୁଦୁଲି, ଏସିପି ସୁଯୋଗ୍ୟ ମିଶ୍ର ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ଖେଳ ଓ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ସମସ୍ୟା ବିଷୟରେ ଡିସିପି ପଚାରି ବୁଝିଥିଲେ। ଯେଉଁମାନେ ପୂର୍ବରୁ ନାମ ପଞ୍ଜୀକରଣ କରି ନ ଥିଲେ ସେମାନଙ୍କର ନାମ ପଞ୍ଜୀକୃତ କରାଯାଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଥିଲା। ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଧବଳେଶ୍ୱରଙ୍କ ପୀଠରେ ମକର ନୀତି

**୧୦ହଜାର ଭକ୍ତଙ୍କ ଦର୍ଶନ**

**ଖୁଣ୍ଟୁଣୀ,୧୫।୧(ଡି.ଏନ୍.ଏ.)**

ଆଠଗଡ଼ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବୁଧବାର ମକର ନୀତି ସମ୍ପନ୍ନ ହୋଇଛି। ଭୋର୍ ୪ଟାରୁ ମହାପ୍ରଭୁଙ୍କ ମନ୍ଦିର ଖୋଲାଯିବା ପରେ ମଙ୍ଗଳଆଳତି, ସ୍ନାନନୀତି ଓ ପୁଷ୍ପ ବିଭୂଷିତ ହେବା ପରେ ବଡ଼ ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୫ଟା ରୁ ମନ୍ଦିର ଦ୍ୱାର ଭକ୍ତଙ୍କ ପାଇଁ ଖୋଲା ଯାଇଥିଲା। ବହୁ ସଂଖ୍ୟକ ଭକ୍ତ ଧାଡ଼ିରେ ଛିଡା ହୋଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଅପରାହ୍ନ ୧ଟା ରେ ପ୍ରଭୁଙ୍କ ପାଖରେ ମକର ଚାଉଳରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ଲାଗି କରାଯାଇଥିଲା। ପରେ ବାବା ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଅଣାଯାଇ ବେଢ଼ା ପରିକ୍ରମା କରାଯାଇଥିଲା। ପ୍ରାୟ ୧୦ ହଜାର ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ବିଭାଗର ସୁପରଭାଇଜର୍ କରୁଣାକର ବେହେରା କହିଛନ୍ତି। କଟକର ଅତିରିକ୍ତ ଦେବୋତ୍ତର କମିଶନର ଦେବାଶିଷ ଦାସ, ଅତିରିକ୍ତ ତହସିଲଦାର୍ ସୁଧାଂଶୁ ଶେଖର ସାଓ, ନୀତି ପାଳିଆ ସାଗର ଦାସ, ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଡ୍ରିମ୍‌ସ ପଲିଟେକ୍‌ନିକ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ ଅଫିସ,୧୫।୧**

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକର ତ୍ରୟୋଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି ଚାରିଦିନିଆ ଉତ୍ସବର ବିଶେଷ ଆକର୍ଷଣ ଥିଲା କ୍ରିକେଟ ପ୍ରତିଯୋଗିତା। ଏଥିରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ ହୋଇଥିବାବେଳେ ଇଲେକ୍ଟ୍ରିକାଲ ବିଭାଗ ରନର୍ସଅପ୍ ହୋଇଛି। ସେହିପରି ସର୍ବାଧିକ ପ୍ରତିଯୋଗିତାରେ ବିଜୟୀ ହୋଇ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ୬ଷ୍ଠ ସେମିଷ୍ଟରର ଛାତ୍ର ଦେବେନ୍ଦ୍ର କୁମାର ଧଳ (ବାଳକ ବର୍ଗ) ଏବଂ ସିଭିଲ ଇଞ୍ଜିନିୟରିଂ ବିଭାଗର ୨ୟ ସେମିଷ୍ଟରର ଛାତ୍ରୀ ଅନିତା ଦାସ (ବାଳିକା ବର୍ଗ)ରେ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। 'ଡ୍ରିମ୍‌ସ'ର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ଜଉନା ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜଉନା କହିଥିଲେ, ଦୃଢ଼ ସଂକଳ୍ପ ଓ ଅଧ୍ୟବସାୟ ଦ୍ୱାରା କେବଳ କ୍ରୀଡ଼ା ନୁହେଁ ଯେକୌଣସି କ୍ଷେତ୍ରରେ ସଫଳତା ହାସଲ କରାଯାଇପାରେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷା ଇଂ. ତପସ୍ୱିନୀ ସାହୁ ବିବରଣୀ ପାଠ ଏବଂ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିହିତା ମଧୁସ୍ମିତା ସାହୁ ଓ ସୁଦେଷ୍ଣା ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଲା ବସ୍ :୫ ଯାତ୍ରୀ ଆହତ




**ବଡମ୍ବା,୧୫।୧(ଡି.ଏନ୍.ଏ.)**

ବଡମ୍ବା ଥାନା ଅନ୍ତର୍ଗତ ଧୋବଣୀନାଳ ନିକଟରେ ବୁଧବାର ଅପରାହ୍ନରେ ଏକ ଘରୋଇ ବସ୍ ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆ ବନ୍ଧ ଗୋଡିପାଟଣା ଗ୍ରାମର ଭଗବାନ ସାହୁ(୫୫) ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଳ ଗ୍ରାମର ଭରତ ବେହେରା(୫୯)ଙ୍କ ପରିଚୟ ମିଳିପାରିଥିବା ବେଳେ ଅନ୍ୟମାନଙ୍କ ମିଳିନାହିଁ। ଘଟଣାସ୍ଥଳରେ ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ଓ ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସାମନ୍ତରାୟ ଟ୍ରାଭେଲ୍ସର ମା'ମଙ୍ଗଳା ବସ୍ ନରସିଂହପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହୋଇଥିଲା। ଫଳରେ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଏହାର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

## ■ଡା. ଶ୍ୟାମା କାନୁନ୍‌ଗୋ ପାଇବେ

# ଜଗମୋହନ ରାଠୋର ସ୍ମୃତି ଶିକ୍ଷାବିତ୍ ସମ୍ମାନ

**କଟକ ଅଫିସ, ୧୫।୧**

ପ୍ରଫେସର ଡାକ୍ତର ଶ୍ୟାମା କାନୁନ୍‌ଗୋଙ୍କୁ ଉଚ୍ଚଶିକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ 'ପ୍ରଫେସର ଜଗମୋହନ ରାଠୋର ଶିକ୍ଷାବିତ୍ ସମ୍ମାନ-୨୦୨୦' ପ୍ରଦାନ କରାଯିବ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ପ୍ରଫେସର ତଥା ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଭାବେ ସେ କାର୍ଯ୍ୟ କରିଛନ୍ତି। ସେହିପରି ଝାଡ଼ଖଣ୍ଡରେ ଓଡ଼ିଆ ସାହିତ୍ୟ-ସଂସ୍କୃତିର ବିକାଶ ଓ ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ରଷ୍ଟା ଅଜିତ୍ ପାତ୍ରଙ୍କୁ ବିଚ୍ଛିନ୍ନାଞ୍ଚଳ ସାଂସ୍କୃତିକ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଶିକ୍ଷକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାସୁଦେବ ମହନ୍ତ, କୈଳାସ ଚନ୍ଦ୍ର ତନ୍ତୀଙ୍କୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯିବ। ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ 'ପ୍ରଫେସର ଜଗମୋହନ ରାଠୋର ଶିକ୍ଷାବିତ୍ ଓ ସାଂସ୍କୃତିକ ସମ୍ମାନ ପ୍ରଦାନ ସମାରୋହ'ରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ବୁଧବାର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସ୍ମୃତି ସଂସଦର ସଂଯୋଜକ ଡା. ପ୍ରସନ୍ନ କୁମାର ରାଠୋର ଓ ଆବାହକ ଡା. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସୂଚନା ଦେଇଛନ୍ତି।

# ଏବିଆଇଟିରେ ସମଯୁକ୍ତା ୨୦୨୦



**ଭୁବନେଶ୍ୱର,୧୫-୧**

କଟକସ୍ଥିତ ଅଜୟ ବିନୟ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏବିଆଇଟି)ର ଏମ୍‌ବିଏ ବିଭାଗ ପୂର୍ବତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ସମଯୁକ୍ତା ୨୦୨୦ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଆଇଟିର ଅଧକ୍ଷ ଡ.ଲୀନା ସାମନ୍ତରାୟ, ନିର୍ଦ୍ଦେଶକ ଡ.ସତ୍ୟଦର୍ଶୀ ମିଶ୍ର, ବିଭାଗ ମୁଖ୍ୟ ଡ.ଜୟସିଂହ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୫ ବ୍ୟାଚର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ପୁରାତନ ଛାତ୍ରୀଛାତ୍ର କର୍ମକ୍ଷେତ୍ର ଏବଂ କ୍ୟାରିୟର ଉପରେ ଆଲୋକପାତ କରିଥିଲେ। ଏମ୍‌ବିଏ ଶିକ୍ଷାରେ ଛାତ୍ରୀଛାତ୍ରଙ୍କ ଲାଗି ବର୍ତ୍ତମାନ ବିପୁଳ ସୁଯୋଗ ରହିଥିବା ପୁରାତନ ଛାତ୍ରୀଛାତ୍ର ଏଥିରେ ମତ ଦେଇଥିଲେ। ପରିଶେଷରେ ପ୍ରଫେସର ଶ୍ରୀ କାନୁନଗୋ ଧନ୍ୟବାଦ ଦେଇଥିଲେ।



କଟକ ଜଗତ୍‌ପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ୩ ପ୍ରତିଭାଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ

**କଟକ ଅଫିସ, ୧୫।୧**

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ୨୮ତମ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବ ଓ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ଦୋଳମୁଣ୍ଡାଇସ୍ଥିତ ପତିତପାବନ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ସୁବାସ ଦାଶ ଜଗନ୍ନାଥାଷ୍ଟକମ୍ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସପ୍ତକ'ର ରୌପ୍ୟଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଖବରଦାତା ଅରୁଣ ପଣ୍ଡା ଏହାକୁ ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି, କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଗୀତିକବି ମନୋଜ ପଟ୍ଟନାୟକ ଏବଂ ବାଦ୍ୟଶିଳ୍ପୀ ଧନେଶ୍ୱର ସ୍ୱାଇଁଙ୍କୁ ଜଗନ୍ନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକକ ଭଜନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଯୁବଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ଯୁଗ୍ମ ସମ୍ପାଦକ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ଉପସଭାପତି ବିକାଶ ଦାଶ, ପ୍ରଫୁଲ୍ଲ ରାୟ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

# କାଳଜୟୀ ରଚନା ପାଇଁ ଫକୀରମୋହନ ଚିର ସ୍ମରଣୀୟ

**କଟକ ଅଫିସ,୧୫।୧**

ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଭାଷା-ସାହିତ୍ୟର ସୁରକ୍ଷା ପାଇଁ ସେନାପତିର ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ସାହିତ୍ୟର ଗଳ୍ପ ଓ ଆତ୍ମଜୀବନୀ ସୃଷ୍ଟି କ୍ଷେତ୍ରରେ ପ୍ରଥମ ସ୍ରଷ୍ଟା ଭାବେ ସେ ଚିରସ୍ମରଣୀୟ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ କହିଛନ୍ତି। ଏହି ଉତ୍ସବରେ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

ସେହିପରି 'ସମୀଚୀନ' ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ମର୍କତନଗରଠାରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡା. ରବିରଞ୍ଜନ ସାହୁ ଯୋଗଦେଇଥିଲେ। ବ୍ୟାସକବି ନିଜ ଅନନ୍ୟ ପ୍ରତିଭା ଦ୍ୱାରା ଏକାଧିକ କାଳଜୟୀ ଗଳ୍ପ ଓ ଉପନ୍ୟାସ ରଚନା କରିଯାଇଛନ୍ତି। ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପରିଣୀତା ଦାସ ଯୋଗଦେଇ କହିଥିଲେ, ଫକୀରମୋହନ ସମାଜରେ ପ୍ରଚଳିତ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ନିଜ ଲେଖା ମାଧ୍ୟମରେ ପ୍ରତିଫଳିତ କରିଛନ୍ତି। କାର୍ଯ୍ୟକ୍ରମରେ ଡ. ପବିତ୍ର ମହାନ୍ତି, ଗୀତିସୁଧା ସାହୁ, ଡ. ଲୋପାମୁଦ୍ରା ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

ପିଠାପୁରସ୍ଥିତ କାର୍ଯ୍ୟାଳୟରେ ସାମାଜିକ ଅନୁଷ୍ଠାନ ନୀଳଚକ୍ର ପକ୍ଷରୁ ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ୟାସକବି ଓଡିଆ ଭାଷା ଆନ୍ଦୋଳନର ସେନାପତି ଥିଲେ। ତାଙ୍କ ସାମାଜିକ ସଂସ୍କାର, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଲେଖନୀ ଚାଳନାରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି ତାହା କାଳଜୟୀ। ଏଥିସହ ଏହା ଯୁବପିଢିଙ୍କୁ ନିରନ୍ତର ପ୍ରେରଣା ଦେଇ ଚାଲିଥିବ ବୋଲି ମୁଖ୍ୟ ଅତିଥି ଭାବେ ପ୍ରଶାସକ କାହ୍ନୁଚରଣ ଧୀର ଯୋଗଦେଇ କହିଥିଲେ। ନମିତା ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଭାଗବତ ଶୁକ୍ଳା, ସମ୍ମାନିତ ବକ୍ତା ଭାବେ ପଣ୍ଡିତ ନିରାକାର ମିଶ୍ର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଦିବାକର ମିଶ୍ର ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଦୀପକ ମହନ୍ତ ଧନ୍ୟବାଦ ଦେଇଥିଲେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ଜନ୍‌ସନ



## ସଂକ୍ଷେପରେ

### ଉମଡମଣୀଙ୍କ ପୀଠରେ ମକର ମେଳା

**ଚୌଦ୍ୱାର,୧୫।୧(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ କୋଚିଲା ନୂଆଗାଁ ନିକଟସ୍ଥ ସୁନାମୁହିଁ ଓ ପାଣିଝରୀ ପାହାଡ଼ ଖୋଲରେ ପ୍ରତିଷ୍ଠିତ ବନଦେବୀ ଉମଡମଣୀଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଛି। ଏହି ମେଳାରେ ଆଖପାଖ ଆଦିବାସୀ ଗ୍ରାମ ସହ ଟାଙ୍ଗୀ ଚୌଦ୍ୱାର ବ୍ଲକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଆଦି ଅଞ୍ଚଳରୁ ମଧ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାରର ଗାୟତ୍ରୀ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ଯାତ୍ରୀଙ୍କୁ ଜଳଦାନ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା।ବନଦୁର୍ଗା ପରିଚାଳନା ସମିତି ପକ୍ଷରୁ ମେଳାରେ ଆଶୁ ଚିକିତ୍ସାକେନ୍ଦ୍ର, ପାନୀୟ ଜଳ ଯୋଗାଣ ଓ ସୂଚନାକେନ୍ଦ୍ର ପ୍ରତିଷ୍ଠା କରାଯାଇ ସେବା ଯୋଗାଇ ଦିଆଯାଇଥିଲା। ଚାରବାଟିଆ ଗାୟତ୍ରୀ ପରିବାର ଓ ଗୋଖଲେ ଆଦର୍ଶ ମହାବିଦ୍ୟାଳୟ ପକ୍ଷରୁ ମେଳାରେ ସେବାକାର୍ଯ୍ୟ କରାଯାଇଥିଲା। ଅଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୀଠରେ ପୂଜାର୍ଚ୍ଚନା କରିଥିଲେ। ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୩୦ଜଣ ପୋଲିସ ଅଧିକାରୀ, ୫ପ୍ଲାଟୁନ୍ ଫୋର୍ସ, ୫୦ଜଣ ହୋମଗାର୍ଡ ମୁତୟନ ହୋଇଥିଲେ।

### ଶିକ୍ଷାବିତ୍ ବିଷ୍ଣୁ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୧୫।୧:** ଶିକ୍ଷାବିତ୍ ତଥା ରାମକୃଷ୍ଣ କୁଟୀରର ପୂର୍ବତନ ତତ୍ତ୍ୱାବଧାରକ ବିଷ୍ଣୁ ଜେନାଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଟୀରର ସ୍ଥାୟୀ ସଭାପତି ପଦ୍ମନାଭ ସାମଲଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଦୈତାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଶ୍ୟାମା ପ୍ରସନ୍ନ ମିଶ୍ର ଓ ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ସଭାରେ ନୃସିଂହ ମଲ୍ଲିକ, ଡ. ସତ୍ୟ ରାୟ, ଯୋଗେନ୍ଦ୍ର ବସ୍ତିଆ, ଦେବରାଜ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ।

### ଘର ତାଲା ଭାଙ୍ଗି ଚୋରି

**ଚୌଦ୍ୱାର,୧୫।୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା କପାଳେଶ୍ୱର ଅଞ୍ଚଳର ପ୍ରଦୀପ ପ୍ରଧାନଙ୍କ ଘରୁ ବୁଧବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଦୀପଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଦୀପ ଓ ତାଙ୍କ ପରିବାର ପୁରୀ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ରେ ଘରେ ପହଞ୍ଚିବା ପରେ ତାଙ୍କ ଘର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଆଲମିରାରେ ଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ଅପରାଧ ଦୁନିଆରେ ମହିଳା

# ଲୁଟ୍ ଘଟଣାରେ ଗ୍ୟାଙ୍ଗଷ୍ଟର ଆରିଫଙ୍କ ମା' ଗିରଫ



ଗିରଫ ମହିଳା।

**କଟକ ଅଫିସ,୧୫।୧**

ସହରରେ ଘଟୁଥିବା ଅପରାଧରେ ଦିନକୁ ଦିନ ମହିଳାଙ୍କ ସମ୍ପୃକ୍ତି ବଢିବାରେ ଲାଗିଛି। ଦାଦାବଟିଠାରୁ ନେଇ ଲୁଟ୍ ଯାଏ ବଡ ବଡ ଅପରାଧରେ ଏମାନଙ୍କ ଭାଗୀଦାରି ରହୁଛି। ନିକଟରେ ଘଟିଥିବା କେତେକ ଘଟଣାରୁ ଏହା ପ୍ରମାଣିତ ହୋଇଛି। କିଛିଦିନ ତଳେ ଗ୍ୟାଙ୍ଗଷ୍ଟର ଶକିଲଙ୍କର ୨ବାନ୍ଧବୀଙ୍କୁ ପୋଲିସ ଗିରଫ କରିଥିବାବେଳେ ବୁଧବାର ଜଗତପୁର ଥାନା ପୋଲିସ ଲୁଟ୍ ଅଭିଯୋଗରେ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ କାଫଲାବଜାର ପ୍ରଧାନସାହିର ଜୋହରା ବିବି (୫୩)। ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଆରିଫଙ୍କ ମା' ହେଉଛନ୍ତି ଜୋହରା। ଜଣେ ବ୍ୟବସାୟୀଙ୍କୁ ଲୁଟ୍ ଘଟଣାରେ ସେ ସମ୍ପୃକ୍ତ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, କିଛିଦିନ ତଳେ ଜଗତପୁର ଥାନା ଅଞ୍ଚଳରେ ଜ୍ଞାନେନ୍ଦ୍ର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରି ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଜୋହରାଙ୍କ ସମେତ ଲାଲବାଗ ଥାନା ଅନ୍ତର୍ଗତ ଅଲିଶା ବଜାରର ସେକ ଇର୍ସାଦ ମହମ୍ମଦ (୨୪) ସମ୍ପୃକ୍ତ ଥିବା ଜଣାପଡ଼ିଛି। ଦୁହିଁଙ୍କୁ ବୁଧବାର ଗିରଫ କରାଯାଇଛି। ଉଭୟଙ୍କଠାରୁ ନଗଦ ୨୦ ହଜାର ୯୭୦ ଟଙ୍କା, ୩ଟି ମୋବାଇଲ ଏବଂ ଜୋହରାଙ୍କ ଏକ ପାସପୋର୍ଟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ଅଛନ୍ତି।

### କେମିତି ଥିଲା ସେଦିନର ଲୁଟ ଘଟଣା

ଟାଙ୍ଗୀ ଅଞ୍ଚଳର ଜ୍ଞାନେନ୍ଦ୍ର ବେହେରା ଓ ସଞ୍ଜୟ ଜେନା କଟକର ଏକ ବିଦେଶୀ ମଦ ଡିପୋରେ ସେଲ୍ସମ୍ୟାନ ଭାବେ କାମ କରନ୍ତି। ଦୁହେଁ ଟଙ୍କା ଆଦାୟ କରି ଗତ ୬ତାରିଖ ସାଢେ ୧୨ଟାରେ ଗୋଟିଏ ବାଇକରେ କଟକ ଫେରୁଥିଲେ। ଏହି ସମୟରେ ଜଗତପୁର ଆଇବି ରୋଡ ନିକଟରେ ଦୁଇଟି ବାଇକରେ ୫ ଜଣ ଦୁର୍ବୃତ୍ତ ଆସି ବାଇକ ପଛରେ ବସିଥିବା ଜ୍ଞାନେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଜ୍ଞାନେନ୍ଦ୍ର ତଳେ ପଡ଼ିଗଲା ପରେ ଦୁର୍ବୃତ୍ତମାନେ ତାଙ୍କୁ ଚାପଡ଼ରେ ଆକ୍ରମଣ କରି ତାଙ୍କ ନିକଟରୁ ୫ଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଜ୍ଞାନେନ୍ଦ୍ର ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ (କେସ୍ ନଂ. ୫/୨୦)ରେ ଏକ ମାମଲା ରୁଜୁ କରିଥିଲା।

### ପୁଅ ଗ୍ୟାଙ୍ଗକୁ ସମ୍ଭାଳୁଥିଲେ ମା'

ଜ୍ଞାନେନ୍ଦ୍ରଙ୍କ ଲୁଟ ଘଟଣାରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାରେ ପୋଲିସକୁ ସିସିଟିଭି ହିଁ ସାହାଯ୍ୟ କରିଛି। ସ୍ଥାନୀୟ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଏଥିରେ ସେକ ଇର୍ସାଦ ନାମକ ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଇର୍ସାଦଙ୍କୁ କାବୁ କରିଥିଲା। ତାଙ୍କୁ ନେଇ ପଚରାଉଚରା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଥିଲା। ଏହି ଲୁଟ୍ ଘଟଣାରେ ଜୋହରା ବିବିଙ୍କର ହାତ ଥିବା ପୋଲିସ ଜାଣିବାକୁ ପାଇଥିଲା। ଜୋହରା ହେଉଛନ୍ତି ଜେଲରେ ଥିବା ଆରିଫଙ୍କ ମା'। ପୁଅ ଅନୁପସ୍ଥିତିରେ ସେ ଗ୍ୟାଙ୍ଗ ଚଳାଉଥିଲେ। ଏଥିସହିତ ଜଗତପୁର ଅଞ୍ଚଳରେ ହୋଇଥିବା ଲୁଟ୍ ତାଙ୍କ ପ୍ଲାନ୍ ମୁତାବକ ହୋଇଥିବା ପୋଲିସ କହିଛି। ଲୁଟ୍ ପରେ ସମସ୍ତ ଟଙ୍କା ସମାନ ଭାଗରେ ଅଭିଯୁକ୍ତମାନେ ବାଣ୍ଟି ନେଇଥିଲେ। ପୋଲିସ ଇର୍ସାଦଙ୍କୁ ଗିରଫ କରିବା କଥା ଜାଣିବା ପରେ ଜୋହରା ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀଙ୍କୁ ଫେରାର ହେବାରେ ସାହାଯ୍ୟ କରିଥିଲେ। ଜେଲରେ ଥାଇ ମଧ ଆରିଫଙ୍କର ଏହି ଲୁଟ୍‌ରେ ହାତ ରହିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ପୋଲିସ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ରସଗୋଲା ମହୋତ୍ସବର ଏକ ଷ୍ଟଲରେ ଗ୍ରାହକଙ୍କ ଭିଡ଼।

# ପ୍ରୋଟୋକଲ୍ ଭାଙ୍ଗି ମିଠା ଖାଇଲେ ରାଜ୍ୟପାଳ

**ସାଲେପୁର, ୧୫।୧(ଡି.ଏନ୍.ଏ.)**

ରାଜ୍ୟପାଳ ଗଣେଶୀ ଲାଲ୍ ବୁଧବାର କେନ୍ଦ୍ରାପଡା ଗସ୍ତରୁ ଫେରୁଥିବା ବେଳେ ସାଲେପୁର ବଜାରରେ ପ୍ରୋଟୋକଲ ଭାଙ୍ଗି ଓଡ଼ିଶାର ପ୍ରସିଦ୍ଧ ବିକଳାନନ୍ଦ କର ମିଠା ଦୋକାନରୁ ବରା ଓ ରସଗୋଲା ଖାଇଛନ୍ତି। ପରେ ସେ ମିଠା କାରଖାନା ବୁଲି ଦେଖିବା ସହ ଏହାକୁ ପ୍ରସ୍ତୁତ କରୁଥିବା କାରିଗରଙ୍କ ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏହାପୂର୍ବରୁ ମଧ ରାଜ୍ୟପାଳ ମାହାଙ୍ଗା ଗସ୍ତରେ ଆସିଥିବା ବେଳେ ପ୍ରୋଟୋକଲ୍ ଭାଙ୍ଗି ସାଲେପୁରର ଏକ ମିଠା ଦୋକାନରୁ ମିଠା ଖାଇଥିଲେ।

# ଫକୀରମୋହନ ଓଡ଼ିଆ ସାହିତ୍ୟର ସେନାପତି

**କଟକ ଅଫିସ, ୧୫।୧**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ବୁଧବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ସମାଲୋଚକ ପ୍ରଫେସର ବୈରାଗୀ ଚରଣ ଜେନା ଯୋଗଦେଇ କହିଥିଲେ ଯେ, ଫକୀରମୋହନଙ୍କ ପ୍ରତ୍ୟେକ ସୃଷ୍ଟି ଓଡ଼ିଆ ସାହିତ୍ୟରେ ମାଇଲସ୍ତମ୍ଭ ସଦୃଶ। ତାଙ୍କର ସୃଷ୍ଟିଗୁଡ଼ିକ ସାମାଜିକ ଭିତ୍ତିଭୂମି ଉପରେ ରଚିତ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ଦିଗରେ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ। ସେ ଓଡ଼ିଆ ସାହିତ୍ୟର ସେନାପତି ଥିଲେ। ତାଙ୍କର ରେବତୀ ଗଳ୍ପ ବିଶ୍ୱ ସାହିତ୍ୟର ଏକ କ୍ରାନ୍ତିକାରୀ ସୃଷ୍ଟି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଡା. ନୀରଦ କୁମାର ଗୋଚ୍ଛାୟତ, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କଟକ ସିଡିଏସ୍ଥିତ ଜେପିଏମ୍ ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଦିବସରେ ବୁଧବାର ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଲେ ଆନ୍ଦୋଳନ

**କଣ୍ଟାପଡ଼ା,୧୫।୧(ଡି.ଏନ୍.ଏ.)**

ସେସୁ ପକ୍ଷରୁ ଆସନ୍ତା ୧୬ ତାରିଖରୁ ବକେୟା ବିଦ୍ୟୁତ୍ ଗ୍ରାହକଙ୍କ ସଂଯୋଗ ବିଚ୍ଛିନ୍ନପାଇଁ ଦିଆଯାଇଥିବା ନୋଟିସକୁ ନେଇ ଆନ୍ଦୋଳନ ଦାନା ବାନ୍ଧିବା ଆରମ୍ଭ ହୋଇଛି। ସେସୁ ଏଭଳି କାର୍ଯ୍ୟ ଆରମ୍ଭ କଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଜନଜାଗରଣ ମଞ୍ଚ ଓ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ବୁଧବାର ନଡିଆଗୁରୁଡ଼ିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି କେଦାରନାଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚୌଧୁରୀ ପ୍ରତାପ କେଶରୀ ମିଶ୍ର ଯୋଗଦେଇ ସେସୁ ଉତ୍କୃଷ୍ଟ ସେବା ଯୋଗାଇ ଦେବା ପରିବର୍ତ୍ତେ ଜୁଲମ କରିବା ଆରମ୍ଭ କରିଛି ବୋଲି କହିଥିଲେ। କମ୍ପାନୀ ଏଭଳି ପଦକ୍ଷେପ ନେଲେ ଜନସାଧାରଣ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ସଭାପତି ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଦସ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ଅକ୍ଷୟ ପଣ୍ଡା, ବିଜୟ ରାଉତରାୟ, କଳ୍ପତରୁ ଖୁଣ୍ଟିଆ, ନନ୍ଦିନୀ ଶତପଥୀ, ଅହଲ୍ୟା ଜେନା, ବନ୍ଧୁଚରଣ ସାହୁ, ଅରୁଣ ସାହୁ, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଜନ୍ମ, ମୃତ୍ୟୁ ପଞ୍ଜୀକରଣ ନିୟମ

# ଜମି ଜାଲିଆତିକୁ ସହଜ କରୁଛି

**କଟକ ଅଫିସ, ୧୫।୧**

ରାଜ୍ୟ ସରକାରଙ୍କ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ ଜମି ଜାଲିଆତିକୁ ବାଟ କଢାଉଛି। କାରଣ ଏହି ନିୟମ କେନ୍ଦ୍ର ଦ୍ୱାରା ପ୍ରଚଳିତ ଅଧିନିୟମ ୧୯୬୯ ଧାରାକୁ ବିରୋଧ କରୁଛି। ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେଶନ ଅଧିନିୟମ ଧାରା ୧୩(୩) ଅନୁଯାୟୀ, ଯେଉଁ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ ଏକ ବର୍ଷ ମଧ୍ୟରେ ହୋଇ ନ ଥାଏ ସେପରି କ୍ଷେତ୍ରରେ କୌଣସି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ବା ପ୍ରେସିଡେନ୍ସି ମାଜିଷ୍ଟ୍ରେଟଙ୍କ ଆଦେଶ କ୍ରମେ ଏବଂ ବିହିତ ଫିସ୍ ପ୍ରଦାନ ପରେ ହିଁ ପଞ୍ଜୀକରଣ କରାଯିବ। ଅର୍ଥାତ୍ କେନ୍ଦ୍ର ସରକାରଙ୍କର ଉକ୍ତ ଅଧିନିୟମକୁ ପଢିବା ପରେ ସାଧାରଣରେ ବୁଝାଯାଏକି ଜନ୍ମ ଓ ମୃତ୍ୟୁର (ଏକ ବର୍ଷ) ମଧ୍ୟରେ ନ ହୋଇଥିବା ପଞ୍ଜୀକରଣ ପାଇଁ ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟ ହେଉଛି ଉପଯୁକ୍ତ କୋର୍ଟ।

ଏହି ଅଧିନିୟମର ଧାରା ୩୦ ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଅଧିକାର ଦିଆଯାଇଛି କି, ସେମାନେ ନିଜର ନିୟମାବଳୀ କେନ୍ଦ୍ର ସରକାରଙ୍କ ଅନୁମତି ନେଇ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ ହେବା ପାଇଁ ପ୍ରାଧିକାରୀ ଧାରା ତିଆରି କରିବେ। ପରବର୍ତ୍ତୀ ସମୟରେ ଓଡ଼ିଶା ରାଜ୍ୟ ସରକାରଙ୍କ ୨୦୦୧ ମସିହାରେ ଯେଉଁ ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେଶନ ପ୍ରାଧିକରଣ ଧାରା ପ୍ରଚଳନ କରାଯାଇଛି ସେହି ଧାରାରେ ନିୟମ ୯ (୩)ରେ କେନ୍ଦ୍ର ସରକାରଙ୍କ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ବଦଳରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ କ୍ଷମତା ଦିଆଯାଇଛି। ଯାହାକି କେନ୍ଦ୍ର ସରକାରଙ୍କର ଆଇନ ୧୩(୩)କୁ ସମ୍ପୂର୍ଣ୍ଣ ମାତ୍ରାରେ ବିରୁଦ୍ଧାଚରଣ କରୁଛି। ଉକ୍ତ ଭୁଲ ଧାରାର ସହାୟତା ନେଇ ଜମି ଜାଲିଆତି କରାଯାଉଛି। ରାଜ୍ୟର ଅନେକ ସ୍ଥାନରେ ଯେଉଁ ସବୁ ଜମି ଦୀର୍ଘଦିନରୁ ବିକ୍ରି ହୋଇସାରିଛି ସେହି ଜମିର ବିକ୍ରେତାଙ୍କ ଉତ୍ତରାଧିକାରୀମାନେ ବିକ୍ରେତାଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଛି ବୋଲି ଦର୍ଶାଇ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେଶନ ନିୟମ ଅନୁସାରେ ସାର୍ଟିଫିକେଟ ବାହାର କରି ବିକ୍ରି ହୋଇଥିବା ଜମିକୁ ପୁନର୍ବାର ବିକ୍ରି କରିଚାଲିଛନ୍ତି। ଏଥିଯୋଗୁ ରାଜ୍ୟରେ ଅନେକ ଲୋକ ହଇରାଣ ହେବା ସହ ଜମି ପାଇବାରୁ ବଞ୍ଚିତ ହେଉଛନ୍ତି।

# ପ୍ରଫୁଲ୍ଲ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

## ଯୋଗଦେଲା ସମ୍ବାଦପତ୍ର ବିକ୍ରେତା ସଂଘ



**କଟକ ଅଫିସ, ୧୫।୧**

ସମ୍ବାଦପତ୍ର ବିକ୍ରେତା ପ୍ରଫୁଲ୍ଲ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀରେ ବୁଧବର ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘର ସହସମ୍ପାଦକ ରତ୍ନାକର ପ୍ରଧାନ, ଉପସଭାପତି ସିନୁ ରେଡ୍ଡୀ, ହିମାଂଶୁ ମହାପାତ୍ର, ମନୋଜ ପାଲ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ମହାନ୍ତି ଓ ହାଡ଼ିବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ପ୍ରଫୁଲ୍ଲଙ୍କ ସ୍ମୃତିଚାରଣ କରିଥିଲେ।

# ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ

**ଚୌଦ୍ୱାର,୧୫।୧(ଡି.ଏନ୍.ଏ.)**

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ବୁଧବାର ଆଗ୍ରାହାଟ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାବନ୍ଧିକ ତଥା ସମାଲୋଚକ ମେଜର ଚିନ୍ତାମଣି ଭାରତୀ ଅତିଥିଭାବେ ଯୋଗଦେଇ ବ୍ୟାସକବିଙ୍କ ସାରସ୍ୱତ କୃତୀ ଓ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଉପସଭାପତି ଶରତ ଖୁଣ୍ଟିଆଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ପଞ୍ଚାନନ ବେହେରା କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ସଙ୍ଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ନିକୁଞ୍ଜ ବିହାରୀ ପଣ୍ଡା, ଅକ୍ଷୟ ମିଶ୍ର, ନିରଞ୍ଜନ ବେହେରା, ସରିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମାନାଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସେହିପରି ଚୌଦ୍ୱାର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷାକେନ୍ଦ୍ରର ମୁଖ୍ୟ ମାନସ ସାହୁଙ୍କ ପୌରୋହିତ୍ୟରେ ବ୍ୟାସକବି ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ଅତିଥିଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଯୋଗଦେଇ ଫକୀର ମୋହନଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କଟକ ବଖରାବାଦସ୍ଥିତ ଗାନ୍ଧୀ ଭବନରେ ଓଡ଼ିଶୀ ଚିତ୍ରକଳା ଏକାଡେମୀ ପକ୍ଷରୁ ଅନୁଷ୍ଠିତ ମହୋତ୍ସବରେ ଅତିଥିମାନେ ସାମାଜିକ କର୍ମୀ ରଞ୍ଜନ ବିଶ୍ୱାଳ ଓ ଶିଳ୍ପୀ ରବୀନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ■ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

# ଘରୋଇ ଶିକ୍ଷାନୁଷ୍ଠାନରେ ନକଲି ଶିକ୍ଷକ

**କଟକ ଅଫିସ,୧୫।୧**

'ରେଭେନ୍‌ଶା' ନୁହେଁ ସାର୍ଟିଫିକେଟ୍‌ରେ ଇଂଲିଶରେ ଲେଖାଯାଇଛି 'ରେବେନ୍‌ଶା' କଲେଜ। ଆଲଫାବେଟ୍ 'ଭି' ସ୍ଥାନରେ ରହିଛି 'ବି'। ଆଉ କିଛି ସାର୍ଟିଫିକେଟରେ ଥିବା ଏନ୍‌ରୋଲ ନମ୍ବରକୁ ଯାଞ୍ଚ କଲେ ପ୍ରାର୍ଥୀଙ୍କ ନାମ ଅଲଗା ଆସୁଛି। ଭଳିକି ଭଳି ଅନେକ ଧରଣର ଜାଲିଆତି ସାର୍ଟିଫିକେଟଧାରୀ ଏବେ କଟକର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଛି। କିଛି ସାର୍ଟିଫିକେଟରେ ଜାଲିଆତିର ଚରମସୀମା ଟପିଥିବା ମଧ ଦେଖିବାକୁ ମିଳିଛି। ପ୍ରାୟତଃ ଓଡ଼ିଶା ବାହାରର ବିଶ୍ୱବିଦ୍ୟାଳୟ ନାମରେ ଅଧିକାଂଶ ସାର୍ଟିଫିକେଟ ଥିବା ଜଣାପଡ଼ିଛି। କଟକର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ନକଲି ଶିକ୍ଷକ ଭରି ରହିଥିବା ଅଭିଯୋଗ ହେବା ପରେ ବୁଧବାର ଏକ ବିଦ୍ୟାଳୟ ପକ୍ଷରୁ ଯାଞ୍ଚ କରାଯାଇଥିଲା, ଯାହାକୁ ନେଇ ଅନେକ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ (ସିବିଏସ୍‌ଇ) ଦ୍ୱାରା ଅନୁବନ୍ଧିତ ଏକ ଶିକ୍ଷାନୁଷ୍ଠାନ ବାରବାଟୀ ଷ୍ଟାଡିୟମ ନିକଟରେ ରହିଛି। ଏଠାରେ ଦୀର୍ଘବର୍ଷ ହେବ କେତେଜଣ ବ୍ୟକ୍ତି ନକଲି ସାର୍ଟିଫିକେଟ୍ ତିଆରି କରି ଶିକ୍ଷକତା କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। କିଛିଦିନ ତଳେ ରାଜ୍ୟ ବୋର୍ଡ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଆସିଥିଲା। ଏହି ନିର୍ଦ୍ଦେଶ ପରେ ଶିକ୍ଷାନୁଷ୍ଠାନରେ ଗୋଷ୍ଠୀ ବିବାଦ ଦେଖାଦେଇଥିଲା। ଯାଞ୍ଚ ପ୍ରକ୍ରିୟାକୁ କେତେଜଣ ବିରୋଧ କରୁଥିବାବେଳେ ଯାଞ୍ଚ ହେଉ ବୋଲି ଅନ୍ୟ କେତେଜଣ ଦାବି କରିଥିଲେ। ଶେଷରେ ୧୫ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯିବ ବୋଲି ଧାର୍ଯ୍ୟ ହୋଇଥିଲା। ବୁଧବାର ସାର୍ଟିଫିକେଟ ଯାଞ୍ଚ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ସାର୍ଟିଫିକେଟ ଦେଖାଇ ଫେରାଇ ନେବେ, ମାତ୍ର ଦାଖଲ କରିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଏ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁକ୍ତିତର୍କ ହେବା ପରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାର୍ଟିଫିକେଟ ଦାଖଲ କରିଛନ୍ତି। ତେବେ କେତେଜଣ ନାମୀଦାମୀ ବ୍ୟକ୍ତିବିଶେଷଙ୍କ ସମ୍ପର୍କୀୟ ଏହି ଜାଲିଆତିରେ ସାମିଲ ଥିବା ଜଣେ ଅଭିଯୋଗକାରୀ କହିଛନ୍ତି। ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ବୋର୍ଡ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ ପାଇଁ ନୋଟିସ ହୋଇଥିଲା। ଜାଲିଆତି ହୋଇଛି ନା ନାହିଁ ତାହା ଯାଞ୍ଚ ପ୍ରକ୍ରିୟା ଶେଷ ପରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ କେବଳ ଏହି ଶିକ୍ଷାନୁଷ୍ଠାନ ନୁହେଁ ସହରରେ ଥିବା ଅନେକ ଘରୋଇ ସ୍କୁଲ, କଲେଜରେ ଏଭଳି ବେଆଇନ କାର୍ଯ୍ୟ ଚାଲିଛି ବୋଲି ଅଭିଯୋଗ ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନ ଖୋଲି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବା ଅଭିଯୋଗରେ କୁହାଯାଇଛି।

■ସାର୍ଟିଫିକେଟ୍ ଯାଞ୍ଚ ବେଳେ ଉତ୍ତେଜନା

■ସମ୍ପୃକ୍ତିରେ ନାମୀଦାମୀ ବ୍ୟକ୍ତିଙ୍କ ସମ୍ପର୍କୀୟ

### ଦୁଇ ଶିକ୍ଷକଙ୍କୁ ମାଡ଼

ଏହି ସ୍କୁଲରେ ସାର୍ଟିଫିକେଟ ଯାଞ୍ଚ ଚାଲିଥିବାବେଳେ ଦୁଇଜଣ ଶିକ୍ଷକ ଆକ୍ରମଣର ଶିକାର ହୋଇଛନ୍ତି। ସମ୍ପୃକ୍ତ ଶିକ୍ଷକ ଦ୍ୱୟଙ୍କୁ କେହି ଫୋନ୍ କରି ସନ୍‌ସାଇନ ପଡ଼ିଆକୁ ଡାକିଥିଲେ। ସାର୍ଟିଫିକେଟ ଯାଞ୍ଚ ଘଟଣାକୁ ନେଇ ଯୁକ୍ତିତର୍କ ହେବା ପରେ ଉଭୟ ଶିକ୍ଷକଙ୍କୁ ମାଡ଼ ମରାଯାଇଛି। ଏ ନେଇ ପୁରୀଘାଟ ଥାନାରେ ସେମାନଙ୍କ ଅଭିଯୋଗ କ୍ରମେ ଏକ କେସ୍ (ନଂ. ୧୨/୨୦) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।



ଆଲୋକ ନ ଥିବା ଦୀପ ଓ ବୁଝି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
- ସାଇମନ



## ସଂକ୍ଷେପରେ

### ୨୯. ୭୭ ଗ୍ରାମ ବ୍ରାଉନସୁଗାର, ୪ ବାଇକ୍ ଜବତ: ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୧:** ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଛଣଗିରିର ଦେଉଳି, ସିକୋ ବାଉତି ମନ୍ଦିର ସାହି ଉପରେ ବୁଧବାର ଚଢ଼ାଉ କରି ୨୯. ୭୭ ଗ୍ରାମ ବ୍ରାଉନସୁଗାର ଓ ୪ ବାଇକ୍ ଜବତ କରିଛନ୍ତି। ଏହି ଘଟଣାରେ ଗିରଫ ହୋଇଥିବା ଛଣଗିରିର ସଞ୍ଜୟ ମହାପାତ୍ର (୩୨) ଓ ସିକୋ ଦଳବେହେରାସାହିର ମାନସ କୁମାର ମାଝି(୩୦) ନାମକ ୨ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ଛଣଗିରିର ଦେଉଳି ଓ ସିକୋ ବାଉତି ମନ୍ଦିର ସାହିରେ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହୋଇଥିଲା। ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଛଣଗିରିର ସଞ୍ଜୟଙ୍କଠାରୁ ୧୫.୯୩୦ ଗ୍ରାମ ବ୍ରାଉନସୁଗାର, ବାଇକ୍ (ନଂ. ଓଡି୦୫ ଏଡି ୮୪୫୬, ଓଡି ୦୨ ଏଏଚ ୬୯୮୬, ଓ ଓଡି ୦୨ ଏଏଚ ୮୬୫୩), ୧୨୫୦ ଟଙ୍କା ଜବତ ହୋଇଛି। ସଞ୍ଜୟଙ୍କ ନାଁରେ ୨୦ ବି ଏନ୍‌ଡିପିଏସ୍ ଆକ୍ଟ ଦଫାରେ ନଂ. ୯/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ସିକୋ ଦଳବେହେରାସାହିର ମାନସଙ୍କଠାରୁ ୧୩. ୮୪୦ ଗ୍ରାମ ବ୍ରାଉନସୁଗାର, ବାଇକ୍ (ନଂ. ଓଡି ୦୨ ଲଏଏଜେ ୬୪୭୭) ଜବତ କରାଯାଇଥିଲା। ମାନସଙ୍କ ନାଁରେ ୨୦ ବି ଏନ୍‌ଡିପିଏସ୍ ଆକ୍ଟ ଦଫାରେ ନଂ. ୧୦/୨୦ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସତ୍ୟବ୍ରତ ଲେଙ୍କା କହିଛନ୍ତି।

### ଭାଜପା ପିଚୁକୁଳି ମଣ୍ଡଳ ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ବୋଲଗଡ,୧୫।୧(ଡି.ଏନ.ଏ.)-** ବୋଲଗଡ ବ୍ଲକ କଡବ ଠାରେ ବୁଧବାର ଭାଜପା ପକ୍ଷରୁ ପିଚୁକୁଳି ମଣ୍ଡଳସ୍ତରୀୟ କର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଚଳିତ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ରିଷଭ ନନ୍ଦଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ,ପାର୍ଟିର ଖୋର୍ଦ୍ଧା ଜିଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର ,ପିଚୁକୁଳି ମଣ୍ଡଳ ସଭାପତି ସେଖ ଦୌଲତ ଅଲ୍ଲୀ, ସ୍ଥାନୀୟ ନେତା ଲୋଟକ ବିନ୍ଦୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ପିଚୁକୁଳି ମଣ୍ଡଳର ବିଭିନ୍ନ ବୁଥ ଅଞ୍ଚଳର ଭାଜପା କର୍ମକର୍ତ୍ତା ଓ କର୍ମୀ ମାନେ ଯୋଗ ଦେଇଥିଲେ । ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସଂଗଠନକୁ ବୃଦ୍ଧି କରିବାକୁ ଏହି ବୈଠକରେ ନେତା ମାନେ ପରାମର୍ଶ ଦେଇଥିଲେ। ବିଶେଷ ଭାବେ ପ୍ରଧାନ ମନ୍ତ୍ରୀ ମୋଦିଙ୍କର ଆଦର୍ଶ ଏବଂ ଜନହିତକର କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ କର୍ମୀମାନେ ଜନସାଧାରଣଙ୍କୁ ବୁଝାଇବା ପାଇଁ ରିଷଭ ନନ୍ଦ ପରାମର୍ଶ ଦେଇଥିଲେ।



ଶ୍ରୀ ହଟ୍ଟକେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ଚାଲିଛି ।



ଉଷ୍ମ ପ୍ରସ୍ରବଣ ମାନସିକ କୁଣ୍ଡରେ ମହିଳାମାନେ ଗୁଆ ଖୋଜୁଛନ୍ତି ।



ଲୋକମାନେ ପାଣିରେ ଗାଧୋଉଛନ୍ତି ।

# ଅତ୍ରିର ମକରମେଳା: ଉବୁକା ଦର୍ଶନ ପାଇଁ ଭିଡ଼

**ଉଷ୍ମ ପ୍ରସ୍ରବଣ ପାଇଁ ଅତ୍ରିର ଯେଉଁଭଳି ଗୁରୁତ୍ୱ ରହିଛି ପୀଠର ଆରାଧ୍ୟ ଦେବତା ହଟ୍ଟକେଶ୍ୱର ମହାଦେବଙ୍କ ପାଇଁ ଅନୁରୂପ ଭାବେ ପ୍ରସିଦ୍ଧ ହୋଇପାରିଛି। ଅନାଦି କାଳରୁ ଏହି ପୀଠରେ ମକରଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଚଳିତବର୍ଷ ମକର ମହୋତ୍ସବ ଗହଳିକୁ ବଢ଼ାଇବାରେ ସହଯୋଗ କରିଛି।**

**ଖୋର୍ଦ୍ଧା ଅଫିସ,୧୫।୧**

ଖୋର୍ଦ୍ଧା ଜିଲା ବାଘମାରୀଠାରେ ଥିବା ଅତ୍ରି ବା ଉଷ୍ମ ପ୍ରସ୍ରବଣ ପ୍ରକୃତିର ଏକ ଅନବଦ୍ୟ ଉପହାର। ଉଷ୍ମ ପ୍ରସ୍ରବଣ କୁଣ୍ଡ (କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ପର୍ଯ୍ୟଟକଙ୍କ ମନ ଜିଣିଥାଏ। ଏହି ଉବୁକା ଆନନ୍ଦ ଧ୍ୱନିରେ ଚଞ୍ଚଳ ଓ ବୃହତ୍ତର ହୁଏ। ପର୍ଯ୍ୟଟକ/ଭକ୍ତମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୂବ, ତୁଳସୀ, ବରକୋଳି ପତ୍ର, ହଳଦୀ ନିକ୍ଷେପ କରନ୍ତି। କୁଣ୍ଡର ଗନ୍ଧକ ଯୁକ୍ତ ଜଳର ଉଷ୍ମତା ୫୫ ଡିଗ୍ରୀ ସେଲସିୟସ ପ୍ରସ୍ରବଣର ନିମ୍ନସ୍ତର ପଟୁ, ଗନ୍ଧକ, ଚୂନ ମିଶା ମାଟି ଓ ମାଙ୍କଡା ପଥର ପରିପୂର୍ଣ୍ଣ, ଯାହାର ପ୍ରାକୃତିକ ଗୁଣ ଚର୍ମ ରୋଗର ନିରାକରଣ ପାଇଁ ଉପଯୋଗୀ। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ ହୋଇଥିବାରୁ ପର୍ଯ୍ୟଟକମାନେ ଫଳ, ନଡିଆ ଓ ଗୁଆ ଇତ୍ୟାଦି ଜଳରେ ଅର୍ପଣ କରିଥାନ୍ତି। ଏହାର ଅଲୌକିକ ଶକ୍ତି ବନ୍ଧ୍ୟାକରଣ ଦୂରକରେ। ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତିରେ ବନ୍ଧ୍ୟାନାରୀମାନେ ବୁଡ ପକାଇବାକୁ ଆସନ୍ତି। ଜଳରେ ସମର୍ପିତ ଗୁଆ ଭକ୍ଷଣ କରି ସନ୍ତାନ ସମ୍ଭବା ହୁଅନ୍ତି।

## ଗୁଆ ଖୋଜିଲେ ମାନସିକଧାରୀ ମହିଳା

ମକର ସଂକ୍ରାନ୍ତି ଅବସରରେ ଉଷ୍ମ ପ୍ରସ୍ରବଣ ଅତ୍ରିଠାରେ ଆରମ୍ଭ ହୋଇଛି ପ୍ରସିଦ୍ଧ ଅତ୍ରି ମେଳା ଓ ମକର ମହୋତ୍ସବ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଅତ୍ରି ଉଷ୍ମ ପ୍ରସ୍ରବଣରେ ବୁଡ ପକାଇ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ଦର୍ଶନ କରିଛନ୍ତି। ଏହି ପର୍ବ ଅବସରରେ ବୁଧବାର ଭୋରରୁ ହଟ୍ଟକେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ଭୋର ୩ଟାରୁ ଶ୍ରୀ ହଟ୍ଟକେଶ୍ୱର ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତି ପରେ ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ଲାଗି ଖୋଲିଥିଲା। ପ୍ରାତଃ ୪ଟାରୁ ଅତ୍ରି ଉଷ୍ମ ପ୍ରସ୍ରବଣ ଦହଲରେ(ମାନସିକ କୁଣ୍ଡ) ଶତାଧିକ ମାନସିକଧାରୀ ମହିଳା ପୂଜକଙ୍କଠାରୁ ପାଦୁକ ଗ୍ରହଣ ପରେ ଗୁଆ ପକାଇ ଖୋଜିଥିଲେ, ଯାହାକି ଅତ୍ରିର ଭିନ୍ନ ଏକ ପରମ୍ପରା। ଅପରାହ୍ନରେ ହଟ୍ଟକେଶ୍ୱର ମହାଦେବ ବିଶାଳ ପଟୁଆର ଓ ସଂକୀର୍ତ୍ତନରେ ମନ୍ଦିରରୁ ବାହାରି ଉଷ୍ମ ପ୍ରସ୍ରବଣରେ ପହଞ୍ଚିଥିଲେ। ସେଠାରେ ଆବାଳ ବୃଦ୍ଧବନିତାଙ୍କୁ ଦର୍ଶନ ଦେଇ ମନ୍ଦିରକୁ ଫେରିଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ପୁରୀ ଗଜପତି ମହାରାଜାଙ୍କ ପକ୍ଷରୁ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ପରେ ମକର ଚାଉଳକୁ ଶ୍ରଦ୍ଧାଳୁଙ୍କୁ ବଣ୍ଟା ଯାଇଥିଲା। ସନ୍ଧ୍ୟା ଆଳତି ପରେ ରାତ୍ର ୮ ଟାରେ ଠାକୁର ବେଢା ପରିକ୍ରମା କରିଥିଲେ। ରାତିରେ ବଡସିଂହାର ଗଜ ଭୋଗ ପରେ ଠାକୁରଙ୍କ ପହଡ ପଡିଥିଲା। ହଟ୍ଟକେଶ୍ୱର ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଚାଲୁ ରହିଛି।

# ମକର ସଂକ୍ରାନ୍ତରେ ଗୁଡ଼ିଉଡ଼ା ପ୍ରତିଯୋଗିତା

**ଜଟଣୀ,୧୫।୧(ଡି.ଏନ.ଏ)**

ଜଟଣୀ ବ୍ଲକ ମଦନପୁର ଖେଳପଡ଼ିଆରେ ମକର ସଂକ୍ରାନ୍ତି ଉପଲକ୍ଷେ ବୁଧବାର ଗୁଡିଉଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଜଟଣୀ, ଖୋର୍ଦ୍ଧା, ଭୁବନେଶ୍ୱର ଅଞ୍ଚଳର ୧୬୮ ଜଣ ଭାଗ ନେଇଥିଲେ। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ ଜେନା, ସ୍ଥାନୀୟ ବିଧାୟକଙ୍କ ପୁଅ ମନ୍ମଥ ରାଉତରାୟ, ନବଜ୍ୟୋତି କ୍ଲବର ପୂର୍ବତନ ସମ୍ପାଦକ ବ୍ରଜବନ୍ଧୁ ଛୁଆଳସିଂହ, ଉଲ୍ଲାସ ଚନ୍ଦ୍ର ହରିଚନ୍ଦନ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ସଙ୍ଗଠନର ଚେନ୍ନୁ ଶେଖର ପଟ୍ଟନାୟକ, ସତ୍ୟରଞ୍ଜନ ଜେନା, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।




ଜଟଣୀ ମଦନପୁରରେ ପିଲାମାନେ ଗୁଡିଉଡା ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।

# ହଟ୍ଟକେଶ୍ୱର ମକର ମହୋତ୍ସବ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ, ୧୫।୧ :**

ଜିଲା ପ୍ରଶାସନ ଓ ହଟ୍ଟକେଶ୍ୱର ମକର ମହୋତ୍ସବ କମିଟି ପକ୍ଷରୁ ଉଷ୍ମ ପ୍ରସ୍ରବଣ ଅତ୍ରିରେ ୫ମ ହଟ୍ଟକେଶ୍ୱର ମକର ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡା, ବେଗୁନିଆ ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ମକର ସ୍ମରଣିକା ଉନ୍ମୋଚିତ ହୋଇଛି। ମହୋତ୍ସବର ସନ୍ଧ୍ୟାରେ ନୃତ୍ୟାଳୟ ଭୁବନେଶ୍ୱର, ନୁପୂର ଭୁବନେଶ୍ୱର, ନୃତ୍ୟଶ୍ରୀ ଜଟଣୀ ପକ୍ଷରୁ ଗୋଟିପୁଅ ନୃତ୍ୟ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ଥିଲା ।



ମକର ମହୋତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ ।

## ବୋଲଗଡ଼ରେ ମକର ମିଳନ

**ବୋଲଗଡ,୧୫।୧(ଡି.ଏନ.ଏ.)**

ଉତ୍ତରାୟନର ଅୟାମାରମ୍ଭ ମକରସଂକ୍ରାନ୍ତି ପର୍ବରେ ବୁଧବାର ବୋଲଗଡ ବ୍ଲକର ବଭିନ୍ନ ସ୍ଥାନରେ ମକରଚାଉଳ ଭୋଗ ବଣ୍ଟନ ହୋଇ ଭାଇଚାରା ଭାବ ଦେଖିବାକୁ ମିଳିଥିଲା । ଏହି ପର୍ବରେ ବାଙ୍କୋଇ ତାରେଶ୍ୱରଦେବଙ୍କ ମନ୍ଦିର ଠାରେ ମକର ଚାଉଳ ଭୋଗଲାଗି ହୋଇଥିଲା। ମନ୍ଦିର ପରିସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ମକର ଚାଉଳ ଭୋଗ ପାଇବା ସହିତ ପରସ୍ପରକୁ ଶୁଭେଚ୍ଛା ଜଣାଉଥିବାର ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ଭଳି ବୋଲଗଡ ଠାରେ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ମକର ମିଳନ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବରେ ଉପସ୍ଥିତ କବୟିତ୍ରୀ ଓ କବି ମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

# ତୃତୀୟ ଲିଙ୍ଗ ବ୍ୟକ୍ତିବିଶେଷଙ୍କୁ ଆଇନଗତ ସଚେତନତା

**ଖୋର୍ଦ୍ଧା ଅଫିସ,୧୫।୧:**

ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷଙ୍କୁ ଆଇନଗତ ସଚେତନତା ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ବୁଧବାର ପ୍ରଦାନ କରାଯାଇଛି। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଜଜ ତଥା ତାଲୁକ୍ ଲିଗାଲ ସର୍ଭିସ କମିଟିର ଅଧ୍ୟକ୍ଷ ଦିଲୀପ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟ କରି ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷମାନଙ୍କର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନିୟର ସିଭିଲ ଜଜ୍ ଦିଲୀପ କୁମାର ସାହୁ, ଏସ୍‌ଡିଜେଏମ୍ ସନ୍ଧ୍ୟା ରଥ, ସିଭିଲ ଜଜ୍ ଜୁନିୟର ଡିଭିଜନ ନିଶାକର ସାହୁ, ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ଜ୍ୟୋତିର୍ମୟୀ ଷଡଙ୍ଗୀ, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ପାତ୍ର, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ ପଟ୍ଟନାୟକ, ସିନିୟର ଆଇନଜୀବୀ ସତ୍ୟରଞ୍ଜନ ଲାଲା ଓ ନୃସିଂହନାଥ ମିଶ୍ର, ତାଲୁକ୍ ଲିଗାଲ ସର୍ଭିସ କମିଟି ସମ୍ପାଦକ ବସନ୍ତ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ତୃତୀୟ ଲିଙ୍ଗଙ୍କ ଅଧିକାର ଓ ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଟିପ୍ପଣୀ ଦେଇଥିଲେ। ସାଥୀ ଓ ସଖା ଅନୁଷ୍ଠାନର ଏହି ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

### ମା’କାଳିଜାଈଙ୍କ ପୀଠରେ ମକରମେଳା

# ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

**ବାଲୁଗାଁ,୧୫।୧(ଡି.ଏନ.ଏ.)**

ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା’କାଳିଜାଈଙ୍କ ପୀଠରେ ବୁଧବାର ପାରମ୍ପରିକ ରୀତିରେ ପବିତ୍ର ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଦର୍ଶନ ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା’ଙ୍କ ପୀଠରେ ପହଞ୍ଚିଥିଲେ । ଏହାପରେ ରାଜକୀୟ ପରମ୍ପରାନୁକ୍ରମେ ଢୋଲ, ଭେରୀ, ତୂରୀ, ମହୁରି, କାହାଳୀ ଆଦି ଧ୍ୱନିରେ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଯୁବରାଜ ମାନସିଂହ ମା’ଙ୍କ ପୀଠରେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମକର ଭୋଗ ଲାଗି ହୋଇଥିଲା। ଏହି ଅବସରରେ ଉପସ୍ଥିତ ସହସ୍ରାଧିକ ମତ୍ସ୍ୟଜୀବୀ ମା’ କାଳିଜାଈଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡ଼ଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ। ବିପଦ ଆପଦ ବେଳେ ଚିଲିକା ମଧ୍ୟରେ ମା’ ଏକମାତ୍ର ସାହାଭରସା ବୋଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ବିଶ୍ୱାସ ରହିଛି।

ବୁଧବାର ଭୋରୁ ମା’ଙ୍କ ପୀଠକୁ ବାଲୁଗାଁ, ବଡ଼କୁଳ, ନଙ୍ଗରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା ଓ ବ୍ରହ୍ମଗିରି ଅଞ୍ଚଳରୁ ଡଙ୍ଗା ସାହାଯ୍ୟରେ ହଜାର ହଜାର ସଂଖ୍ୟାରେ ଯାତ୍ରୀଙ୍କ ଆଗମନ ହୋଇଥିଲା । ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ କାଳିଜାଈ ମୋଟର ବୋଟ୍ ଆସୋସିଏଶନ୍, ବଡ଼କୁଳ ପାନ୍ଥନିବାସ ନିକଟରୁ ସରକାରୀ ଓ ଘରୋଇ ଡ଼ଙ୍ଗା ମାଲିକ ସଂଘ ତରଫରୁ ବହୁ ସଂଖ୍ୟାରେ ଡ଼ଙ୍ଗା ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମା’ଙ୍କ ପୀଠରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। କୌଣସି ଅଘଟଣ ଏଡାଇବା ନିମନ୍ତେ ପୁରୀ ଓ ଖୋର୍ଦ୍ଧା ଜିଲା ତରଫରୁ ଅଗ୍ନିଶମ କର୍ମଚାରୀ ସଜାଗ ରହିଥିଲେ। ଓଡ୍ରାଫ ଟିମ୍ ମଧ୍ୟ ଦିନତମାମ ଚିଲିକା ଜଳରାଶିରେ ପଇଁତରା ମାରୁଥିବା ଦେଖାଯାଇଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ, ଅନ୍ୟାନ୍ୟ ସେବା ସହାୟତା ଯୋଗାଇ ଦିଆଯାଇଥିଲା। ସେହିପରି ବାଲୁଗାଁ ନିକଟ ମା’ ମେଘାମ୍ବେରୀ ପୀଠ, ମା’ ନାରାୟଣୀ, ବାଣପୁର ମାଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଈ, ମା’ ତାରିଣୀ, ମା’ ଡ଼ୋମଣୀ, ଘଣ୍ଟଶିଳା ପାଦଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ଐତିହାସିକ ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟ ବାଙ୍କନିଧି ଦେବଙ୍କ ପୀଠରେ ମକରମେଳା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଓ ବାଣପୁର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ନିୟୋଜିତ ହୋଇଥିଲେ।




କାଳିଜାଈ ପୀଠରେ ମକର ମହୋତ୍ସବ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ।

### ମାଣିବନ୍ଧ-ବେଗୁନିଆ ପିଏମ୍‌ଏସ୍‌ୱାଇ କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ବିଭାଗୀୟ ଅଧିକାରୀଙ୍କ ତଦାରଖରେ ଧରାପଡ଼ିଲା

**ବେଗୁନିଆ,୧୫।୧(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ମାଣିବନ୍ଧଠାରୁ ବେଗୁନିଆ ବର୍ଡର(କୋହ୍ଲୁଆପାଟଣା) ଦୈର୍ଘ୍ୟ ୨ କି.ମି. ୫୪୦ ମିଟର ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ନିମ୍ନମାନର ରାସ୍ତା କାର୍ଯ୍ୟ ହୋଇଥିବା ସ୍ୱୀକାର କରିଛନ୍ତି। ଆଉ ଥରେ ରାସ୍ତାର ୧୫୦ମିଟର ସିଲକୋଟ୍ ପକାଇବାକୁ ଠିକାଦାରଙ୍କୁ କହିଥିଲେ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ନିମ୍ନମାନର ହେଉଥିଲେ ହେଁ କେହି ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁ ନ ଥିଲେ। ଏ ନେଇ କୋହ୍ଲୁଆପାଟଣା ବହୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲାପାଳ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଆରଡି)ଙ୍କୁ ଅବଗତ କରାଇଥିଲେ। ଏଥିସହ ଗାଁର ଶହେରୁ ଊର୍ଦ୍ଧ୍ୱ ଲୋକ ଦସ୍ତଖତ ଥାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ୫ଟି ସଚିବଙ୍କ ପାଖରେ ଗତ ସୋମବାର ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ରାସ୍ତାର ମାନ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଅନୀଲ ସେଠୀଙ୍କୁ ଧରିତ୍ରୀ ପକ୍ଷରୁ ପଚରା ଯାଇଥିଲା। ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ତଦାରଖ କରାଯାଇ ଆପଣଙ୍କୁ ସ୍ପଷ୍ଟ ସୂଚନା ଦିଆଯିବ କୁହାଯାଇଥିଲା। ତେବେ ବିଭିନ୍ନ ଦିଗରୁ ଚାପର ବଶବର୍ତ୍ତୀ ସତ୍ତ୍ୱେ ସୋମବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନୀଳମାଧବ ସାହୁ, ଏସ୍‌ଡିଓ ଅନୀଲ ସେଠୀ, ବୋଲଗଡ ଯନ୍ତ୍ରୀ ଉକ୍ତ ରାସ୍ତାର ମାନ ତଦାରଖ କରିଥିଲେ। ରାସ୍ତା ନିର୍ମାଣ କାମ ଖରାପ ହେଉଥିବା ଜାଣି ପାରି ଠିକାଦାରଙ୍କୁ ତାଗିଦ୍ କରିଥିଲେ। ରାସ୍ତାର ନିର୍ମାଣ ହୋଇଥିବା କଲଭର୍ଟରେ ଉଭୟପାର୍ଶ୍ୱରେ ବାଡା ଦିଆଯିବ, ୧୫୦ ମିଟର ପିଚୁ ରାସ୍ତା ଉପରେ ଆଉଥରେ ସିଲକୋଟ୍ ପଡିବ। ଯଦି ତାଗିଦ୍ ପରେ ଠିକାଦାର ଉପଯୁକ୍ତ ରାସ୍ତା ନିର୍ମାଣ କାମ ନ କରନ୍ତି ତେବେ ଆଇନ ଅନୁଯାୟୀ ସେ ଦଣ୍ଡିତ ହେବେ। ଏହାସହ ଅଗାମୀ ୫ ବର୍ଷ ପାଇଁ ରାସ୍ତା ଖରାପ ହେଲେ ଠିକାଦାର ମରାମତି କରିବେ ବୋଲି ଧରିତ୍ରୀକୁ ଏସ୍‌ଡିଓ ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମେରେ ୨ କି.ମି. ୫୪୦ ମିଟର ଦୈର୍ଘ୍ୟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରେ ଅନ୍ତର୍ଭୁକ୍ତ କରାଯାଇ ୧ କୋଟି ୬ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭରୁ ଉପଯୁକ୍ତ ମୋରମ ବାଲି ବିଛା ଗଲା ନାହିଁ କି ପାଣି ସିଞ୍ଚନ କରାଯାଇ ରୋଲିଂ କରାଗଲାନି। ସେହିପରି ରାସ୍ତାର ଉଭୟପାର୍ଶ୍ୱର ଠିକ୍ ନ ଥିବାବେଳେ କଲଭର୍ଟ ନିର୍ମାଣରେ ଆବଶ୍ୟକୀୟ କଞ୍ଚାମାଲ ଦିଆଯାଇନାହିଁ। ମାତ୍ର ମେଟାଲ ତଳ ପାର୍ଶ୍ୱ ଠିକ୍ ନ ଥାଇ ଏବେ ପିଚୁ କାର୍ଯ୍ୟ ଚାଲିଛି। ଫଳରେ କାର୍ଯ୍ୟ ଆରମ୍ଭରୁ ବହୁ ସ୍ଥାନରୁ ପିଚୁ ଉଠିଲାଣି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଥିଲା।

**ଆଉ ଥରେ ୧୫୦ ମିଟର ସିଲ୍‌କୋଟ୍ ପଡ଼ିବ**



ମାଣିବନ୍ଧ-ବେଗୁନିଆ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିମ୍ନମାନର ହୋଇଛି।

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ। -ଜନ୍‌ଶନ

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

ଯାଁଳା,୧୫।୧(ଡି.ଏନ.ଏ.)- ଜଟଣୀ ଥାନା ଯାଁଳା ଫାଣ୍ଡି ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ମା' ବାଟ ଭୁଆସୁଣୀ ମନ୍ଦିର ସାମ୍ନାରେ ବୁଧବାର ବାଇକ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ସୁଦାମ ସାହୁଙ୍କ ପୁଅ ପ୍ରଶାନ୍ତ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ବେଳେ ତାଙ୍କ ବାଇକ୍ (ଓଡିଶା୩ ଡବ୍ଲ୍ୟୁ ୬୨୫୦) ବାଟ ଭୁଆସୁଣୀ ମନ୍ଦିର ପାଖରେ ରାସ୍ତା ପାର ହେଉଥିବା ନରେଶ ବେହେରା (୫୫)ଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଗୁରୁତର ହୋଇଥିଲେ। ଯାଁଳା ପିସିଆର ନରେଶ ଓ ବାଇକ ଚାଳକ ସୁଦାମଙ୍କୁ ଏମ୍‌ସରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ର ପୁରୁଷୋତ୍ତମପୁର। ବାଇକ୍ ଚାଳକ ସୁଦାମ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଛନ୍ତି।

### ୯.୭ ଗ୍ରାମ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୫।୧(ବ୍ୟୁରୋ)-ମଞ୍ଚେଶ୍ୱର ଥାନା ପୋଲିସ ବୁଧବାର କିମ୍ବିରିଆ ବସ୍ତି ନିକଟରୁ ୯.୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଳାଶୁଣୀ ମୁଣ୍ଡା ବସ୍ତିରେ ରହୁଥିବା ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ମୁକେଶ ଚୌଧୁରୀ। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ମୁକେଶଙ୍କ ଏହି ବେଆଇନ କାରବାର ସମ୍ପର୍କରେ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବାକୁ ମଞ୍ଚେଶ୍ୱର ପୋଲିସ ଯୋଜନା କରିଥିଲା। ମାତ୍ର ସେ ବିଭିନ୍ନ ଅଞ୍ଚଳରେ ବାଇକରେ ବୁଲି ବ୍ରାଉନସୁଗାର ବିକ୍ରି କରୁଥିବାରୁ ତାଙ୍କୁ ଧରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ଥିଲା। ବୁଧବାର କିମ୍ବିରିଆ ବସ୍ତି ନିକଟ ଶୌଚାଳୟ ପଛପାର୍ଶ୍ୱରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ଏସ୍‌ଆଇ ଏସ୍.କେ. ଶତପଥୀଙ୍କ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଏକ ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢାଉ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ୨୨/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମୁକେଶଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ରେଳ ଷ୍ଟେଶନରୁ ନାବାଳିକା ଉଦ୍ଧାର

ପୁରୀ ଅଫିସ,୧୫।୧: ପୁରୀ ରେଲୱେ ଷ୍ଟେଶନ ପରିସରରୁ ଆରପିଏଫ ପୋଲିସ ବୁଧବାର ଜଣେ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ଏସଆଇ ପାଣ୍ଡବ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେଶନ ପରିସରରେ ଯାଞ୍ଚ କରୁଥିବାବେଳେ ୮ନମ୍ବର ପ୍ଲାଟଫର୍ମ ନିକଟରେ ଜଣେ ନାବାଳିକା ବସିଥିବା ଦେଖିଥିଲେ। ମହିଳା ଆରପିଏଫଙ୍କ ଜରିଆରେ ତାଙ୍କୁ ପଚରାଉଚୁରାବେଳେ ସେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ପରିଚୟ ଦେଇଥିଲା। ତା'ର ବୟସ ୧୨ବର୍ଷ ବୋଲି କହିଥିଲା। ଗତ ୧୨ତାରିଖରୁ ସେ ଘରୁ କୌଣସି କାରଣକୁ ନେଇ ଚାଲି ଆସିଥିଲେ। କାମ ଅନ୍ୱେଷଣରେ ଦିଲ୍ଲୀ ଯିବା ଲାଗି ମନସ୍ଥ କରି ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବା କହିଥିଲା। ନାବାଳିକା ଜଣକର ମାନସିକ ସ୍ଥିତି ଠିକ୍ ନ ଥିବା ଏବଂ ବାରମ୍ବାର କହୁଥିବା କଥା ପରିବର୍ତ୍ତନ କରୁଥିବା ନେଇ ଜଣାପଡିବା ପରେ ତାର ଉପଯୁକ୍ତ ସୁରକ୍ଷା ଏବଂ ଥଇଥାନ ଲାଗି ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରାଯାଇଛି ବୋଲି ଥାନା ଅଧିକାରୀ ଅନିଲ କୁମାର ସିଂ କହିଛନ୍ତି।

### ଲୁଟ୍ ଉଦ୍ୟମ କରି ମାଡ଼ ଖାଇଲେ ଯୁବକ

ପୁରୀ ଅଫିସ,୧୫।୧ : ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ଫେରାର ହୋଇଯିବାକୁ ଉଦ୍ୟମବେଳେ ଧରାପଡି ନିର୍ଘୁମ ଛେଚା ଖାଇଲେ ଯୁବକ। ସ୍ଥାନୀୟ ଲୋକେ ତାଙ୍କୁ ପୋଲିସକୁ ଜିମା ଦେଇଥିଲେ। କୁମ୍ଭାରପଡା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସେ ବ୍ୟବହୃତ କରୁଥିବା ବାଇକ୍‌କୁ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ସ୍କୁଟିରେ ମା' ପୁଅ ଗୁଣ୍ଡିଚା ମନ୍ଦିର ପଟୁ ମାଟିଆପଡା ଛକ ଆଡକୁ ଯାଉଥିଲେ। ଏହି ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଜଣେ ଯୁବକ ବାଇକ୍‌ରେ ଆସି ସ୍କୁଟିରେ ପଛରେ ବସିଥିବା ମହିଳାଙ୍କ ଭ୍ୟାନିଟି ବ୍ୟାଗକୁ ଝାମ୍ପି ଫେରାର ହୋଇଯାଉଥିବା ବେଳେ ମହିଳା ପାଟି କରିଥିଲେ। ପାଟି ଶୁଣି ଆଗରେ ମନ୍ମଥ ମିଶ୍ର ଓ ତାଙ୍କ ସାଥି ତାଙ୍କୁ କାବୁ କରିନେଇଥିଲେ। ଏହି ସମୟରେ ଲୋକ ରୁଣ୍ଡ ହୋଇ ସମ୍ପୃକ୍ତ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇ ପୋଲିସ ନିକଟକୁ ନେଇଯାଇଥିଲେ।

## ■ ପୋଲିସ ସମ୍ମୁଖରେ ପଗଡ଼ି ଖୋଲି ପଞ୍ଜାବୀ ଯୁବକଙ୍କୁ ମାଡ଼ ଘଟଣା

# ଓଡ଼ିଶା ଛାଡ଼ି ପଳାଇବୁ: ପରବିନ୍ଦର

ଭୁବନେଶ୍ୱର,୧୫।୧(ବ୍ୟୁରୋ)


ପରବିନ୍ଦର

ଆକ୍ରମଣକାରୀଙ୍କୁ ଚିହ୍ନଟ ପାଇଁ ପୋଲିସ ଡାକିଲା। ଏକାଧିକ ପୋଲିସର ଉପସ୍ଥିତିରେ ହିଁ ଅଭିଯୁକ୍ତମାନେ ମୋତେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କଲେ। ମୋ ପଗଡ଼ିକୁ ତଳେ କଚାଡ଼ି ଅସମ୍ମାନିତ କଲେ। ମୋ ଜାତିକୁ ନେଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ନାନା ଆକ୍ଷେପ ମଧ୍ୟ କଲେ। କେହି ମୋତେ ସହାୟତାର ହାତ ବଢ଼ାଇବାକୁ ଆସିଲେନି। ଖୋଦ୍ ପୋଲିସ ଦେଖଣାହାରି ସାଜିଥିଲା। ଲାଗୁଥିଲା ଏଠାରେ ପୋଲିସ-ଅପରାଧୀ ସବୁ ସମାନ। ମୋର ଜାନ୍ ଚାଲିଯାଇଥାନ୍ତା ପଛେ, ମୋ ଜାତିର ଇଜ୍ଜତ ପଗଡ଼ିକୁ ଫିଙ୍ଗି ଯେପରି ଆକ୍ରମଣ କଲେ ତାହା ମୋତେ ଭାରି କଷ୍ଟ ଦେଉଛି। ମୋତେ ବଞ୍ଚିବାକୁ ଇଚ୍ଛା ହେଉନି। ଘଟଣା ପରଠାରୁ ମୁଁ ଓ ମୋ ପରିବାର ଭୟ ଆଶଙ୍କାରେ ରହିଛୁ। ଓଡ଼ିଶା ପୋଲିସ ଉପରେ ମୋର ଭରସା ପାଉନି। ଆବଶ୍ୟକ ପଡ଼ିଲେ ଓଡ଼ିଶା ଛାଡ଼ି ନିଜ ରାଜ୍ୟକୁ ପଳାଇବୁ ବୋଲି ମଙ୍ଗଳବାର ଲକ୍ଷ୍ମୀସାଗର ଥାନାଞ୍ଚଳରେ ଆକ୍ରମଣର ଶିକାର ହୋଇଥିବା ପଞ୍ଜାବର ପରବିନ୍ଦର ପାଲ୍ ସିଂ ଗଣମାଧ୍ୟମକୁ କହିଛନ୍ତି।

ପରବିନ୍ଦରଙ୍କ ଏଭଳି କ୍ଷୋଭ ଓ ଭୟ ଓଡ଼ିଶା ପୋଲିସ ପାଇଁ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ ଆରମ୍ଭରୁ କଡ଼ା ପଦକ୍ଷେପ ନେଇଛି। ମଙ୍ଗଳବାର ରାତିରେ ପୋଲିସ ଲକ୍ଷ୍ମୀସାଗର ଅଞ୍ଚଳର ଦୀପକ ମହାନ୍ତି ଓ ଶଙ୍କର ରାଉତଙ୍କୁ ଗିରଫ କରିଥିବାବେଳେ ବୁଧବାର ଅନ୍ୟତମ ଅଭିଯୁକ୍ତ ଦୀପକ କୁମାର ଜେନାଙ୍କୁ ଗିରଫ କରିଛି। ପରବିନ୍ଦରଙ୍କ ଅଭିଯୋଗକ୍ରମେ ମାମଲା ନଂ.୧୫/୧୦ରେ ୩ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ ଘଟଣା ପରେ ପିସିଆର୍ ଭ୍ୟାନ୍ ଇନ୍‌ଚାର୍ଜ ତଥା ପୂର୍ବତନ ସେନା କର୍ମଚାରୀ ସୁବାସ ଚନ୍ଦ୍ର ରାଉତଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଆଗାମୀ ୩ ଦିନରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାକୁ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବୁଧବାର ସନ୍ଧ୍ୟାରେ ଅତିରିକ୍ତ ପୋଲିସ କମିଶନର ତଥା ଡିସିପି ଅନୁପ କୁମାର ସାହୁ ପରବିନ୍ଦରଙ୍କ ଘରେ ପହଞ୍ଚି ତାଙ୍କଠାରୁ ପଚାରିବୁଝିଥିଲେ। ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କହି ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ମିଳିଥିବା ଶେଷ ରିପୋର୍ଟ ଅନୁସାରେ, କୋର୍ଟରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହା ଶୁଣିବା ପରେ ଆକ୍ରମଣର ଶିକାର ପରବିନ୍ଦର ଓ ପରିବାର ଲୋକେ ଆହୁରି ଭୟଭୀତ ଅବସ୍ଥାରେ ରହିଛନ୍ତି।

ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ପରବିନ୍ଦର ପରିବାର ସହ ରୁହନ୍ତି। ଏଥିସହ ସେ ଉକ୍ତ ଆପାର୍ଟମେଣ୍ଟ ଆସୋସିଏଶନର ଟ୍ରେଜରର ଅଛନ୍ତି। ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତ ଦୀପକ, ଶଙ୍କର ଓ ଅନ୍ୟ ୬ଜଣ ଆପାର୍ଟମେଣ୍ଟ ଆଗରେ କାର୍ ରଖି ଖଟି କରୁଥିଲେ। ପରବିନ୍ଦର ତାଙ୍କ ଝିଅକୁ ସ୍କୁଲରୁ ଆଣି ଫେରୁଥିବାବେଳେ ଅଭିଯୁକ୍ତମାନ ବାଟରୁ କାର୍ ନ ହଟାଇ ତାଙ୍କୁ ଆକ୍ରମଣ କରିଥିଲେ। ପରବିନ୍ଦର ଜୀବନ ବଞ୍ଚାଇବାକୁ ଆପାର୍ଟମେଣ୍ଟ ଭିତରକୁ ଦୌଡ଼ି ପଳାଇ ନଂ.୧୦୦ରେ ପୋଲିସକୁ ଖବର ଦେଇଥିଲେ। ପିସିଆର୍ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପରବିନ୍ଦରଙ୍କୁ ଡାକିଥିବାବେଳେ ସେଠାରେ ଉପସ୍ଥିତ ଅଭିଯୁକ୍ତମାନେ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ।

### ପୋଲିସ କମିଶନର, ସରକାରଙ୍କୁ ଘେରିଲେ ବିରୋଧୀ

ପିସିଆର୍ ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଓ ଏଭଳି ଆଉ କେତେକ ଘଟଣାକୁ ନେଇ କମିଶନରେଟ ପୋଲିସ ଏବଂ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। କଂଗ୍ରେସ କହିଛି, ପୋଲିସର ଖାମଖିଆଲ ମନୋଭାବ ଲାଗି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଚାଲିଛି। ଲୋକେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପଞ୍ଜାବୀ ଯୁବକଙ୍କୁ ଯେପରି ପୋଲିସ ଉପସ୍ଥିତିରେ ଆକ୍ରମଣ କରାଗଲା ସେପରି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଗୃହ ରାଷ୍ଟ୍ରମନ୍ତ୍ରୀ, ପୋଲିସ କମିଶନର, ଡିଜିପି ଓ ଡିସିପି ନୈତିକତାର ସହ ଉତ୍ତରଦାୟିତ୍ୱ ନିଅନ୍ତୁ ବାଲି କଂଗ୍ରେସ ଦାବି କରିଛି। ସେହିପରି ଭାଜପା ପୋଲିସ-ଅପରାଧୀଙ୍କ ସମ୍ପର୍କକୁ ନେଇ ଅଭିଯୋଗ ଉଠାଇଛି। ରାଜଧାନୀରେ ଦକ୍ଷ ବୋଲି କୁହାଯାଉଥିବା କମିଶନରେଟ ପୋଲିସ ଉପସ୍ଥିତିରେ ଏପରି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏହା ପୋଲିସର କି ପ୍ରକାର ମାନସିକତା ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି। ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବିଜେଡି କହିବା ସହ ଭାଜପା ରାଜନୀତି କରୁଛି ବୋଲି ମୁଖପାତ୍ର ସସ୍ମିତପାତ୍ର ଗଣମାଧ୍ୟମକୁ କହିଛନ୍ତି।

### ଅସନ୍ତୋଷ ପ୍ରକାଶ କଲା ଶିରୋମଣୀ ଅକାଳି ଦଳ

ପରବିନ୍ଦରଙ୍କ ଉପରେ ଆକ୍ରମଣକୁ ନେଇ ଶିରୋମଣୀ ଅକାଳି ଦଳ ପକ୍ଷରୁ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦଳର ଜାତୀୟ ମୁଖପାତ୍ର ମଞ୍ଜିନ୍ଦର ଏସ୍ ଶୀର୍ଷା ଟୁଇଟ୍ କରି କ୍ରୋଧ ଓ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ କହିଛନ୍ତି, ପରବିନ୍ଦରଙ୍କ ଉପରେ ହୋଇଥିବା ନିଷ୍ଠୁର ଅକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଯୋଜନାବଦ୍ଧ ଭାବେ ପରବିନ୍ଦରଙ୍କୁ ଆକ୍ରମଣ କରାଯାଇଛି। କାରଣ ଭାଇରାଲ ଭିଡିଓରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏପରି ଘଟିବା ଅତି ନିନ୍ଦନୀୟ ବୋଲି ପ୍ରକାଶ କରିଛନ୍ତି।

### ଓଡ଼ିଶୀ ନୃତ୍ୟ, ଅଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ

ପୁରୁଣା ଭୁବନେଶ୍ୱର, ୧୫। ୧ (ଡି.ଏନ.ଏ.) - ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶୀ ନୃତ୍ୟ। ବିକାଶ ଶୁକ୍ଳା ଓ ସାଥୀଙ୍କ ଦ୍ୱାରା ମଞ୍ଚସ୍ଥ ଶିବ ବନ୍ଦନା 'ଓମ୍ ନମଃ ଶିବାୟ'ରୁ ସନ୍ଧ୍ୟାର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଆମେରୀକାରୁ ଆସିଥିବା ପଲ୍ଲବୀ ଦାସ ମଙ୍ଗଳାଚରଣରେ ଶିବ ବନ୍ଦନା 'ଶିବମ୍ ଧୀ ମୋହି' ପରିବେଷଣ କରିଥିଲେ। ପରେ ପରେ ସେ ବେଣୁଧର ଦାସଙ୍କ ରଚନାରେ ରାଗ ଝିଣଝୋଟି ଓ ତାଳ ଖେମଟା ଉପରେ ପର୍ଯ୍ୟବସିତ ଅଭିନୟ 'କୃଷ୍ଣାନୁରାଗୀ' ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ଦର୍ଶକଙ୍କୁ ପ୍ରଥମେ ମନ୍ତ୍ରମୁଗ୍ଧ କରିଥିଲା ତାଳ ଏକତାଳୀରେ ନିବଦ୍ଧ ସୁରଜ ସାହୁ ଓ ମନୋଜ ପ୍ରଧାନଙ୍କ ଦ୍ୱାରା ପରିବେଷିତ 'ଚକ୍ରବାକ ପଲ୍ଲବୀ'। ପରେ ପରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟ ସଂରଚନାରେ ସେମାନେ 'ଅର୍ଦ୍ଧନାରୀଶ୍ୱର' ପରିବେଷଣ କରିଥିଲେ। ସନ୍ଧ୍ୟାର ଶେଷ ଆକର୍ଷଣ ଥିଲା ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ। ସେମାନଙ୍କ ଦ୍ୱାରା ପ୍ରଥମ ପ୍ରସ୍ତୁତିରେ ରାଗ ଶଙ୍କରାଭରଣ ଓ ତାଳ ଏକତାଳି ଉପରେ ପର୍ଯ୍ୟବସିତ ମଙ୍ଗଳାଚରଣ-ଓମ୍ ନମଃ ଶିବାୟ ପରେ ମଞ୍ଚସ୍ଥ ହୋଇଥିଲା ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ନୃତ୍ୟ ସଂରଚନାରେ ଗତିବିଳାଶ ପଲ୍ଲବୀ। ଶୀତୁଆ ସନ୍ଧ୍ୟାର ଏହି ସାଂସ୍କୃତିକ ଆସରରେ ବହୁ ମାତ୍ରାରେ ଦର୍ଶକ ଉପସ୍ଥିତ ରହି ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟକୁ ଉପଭୋଗ କରିଥିଲେ।

## ■ ନେତାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ରାମେଶ୍ୱରକୁ ହରାଇ ମଳିପଡ଼ା ଚାମ୍ପିୟନ

ନିରାକାରପୁର,୧୫।୧(ଡି.ଏନ୍.ଏ.):



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍ ସଦସ୍ୟ।

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତର ରାମେଶ୍ୱର ଖେଳ ପଡିଆରେ ନେତାଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନେତାଜୀ କ୍ରିକେଟ କ୍ଲବ ରାମେଶ୍ୱରକୁ ହରାଇ ବାଲୁକେଶ୍ୱର କ୍ରିକେଟ କ୍ଲବ୍ ମଳିପଡା ଚାମ୍ପିୟନ ହୋଇଛି। ରାମେଶ୍ୱର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ମୋଟ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ମଳିପଡା ଦଳ ପ୍ରଥମ ୫ ଓଭରରେ ୫ ଉଇକେଟ ହରାଇଥିଲେ ମଧ୍ୟ ମିଡିଲ୍ ଅର୍ଡର ବ୍ୟାଟ୍ସ ମ୍ୟାନ ଏହାର ପିଛା କରି ୧୮.୪ ଓଭରରେ ୧୧୩ ରନ କରି ବିଜୟୀ ହୋଇଥିଲା। ଜ୍ୟୋତିନ୍ଦ୍ର ରଞ୍ଜନ ସାହୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ରାମେଶ୍ୱର ଦଳର ରଞ୍ଜିତ ନାୟକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମନୋଜ ନାୟକ, ନରାଶ ନାୟକ ଓ ରଶ୍ମି ରଞ୍ଜନ ଜଗଦେବ ମ୍ୟାଚ ପରିଚାଳନା କରିଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ସାମାଜିକ କର୍ମୀ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଯୁବ ସଂଗଠକ ରଞ୍ଜିତ ଜଗଦେବ, ରାମେଶ୍ୱର ଗ୍ରାମ କମିଟି ସଭାପତି ନୀଳକଣ୍ଠ ରଥ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଚନ୍ଦ୍ରମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଅପହୃତା ନାବାଳିକା ଉଦ୍ଧାର, ଜେଲ ଗଲେ ଅପହର୍ତ୍ତା

ଭୁବନେଶ୍ୱର,୧୫।୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିବା ସହ ଅପହର୍ତ୍ତା ବାଲୁଗାଁ ଥାନା ଅନ୍ତର୍ଗତ ଶାନ୍ତିନଗର ଅଞ୍ଚଳର ସଞ୍ଜୟ ଜାଲି(୨୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ସଞ୍ଜୟ ସାଲିଆ ସାହି ଅଞ୍ଚଳର ଜଣେ ନାବଳିକାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ବୁଲିଯିବା ବାହାନାରେ ତାଙ୍କୁ ଅପହରଣ କରିନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଡିସେମ୍ବର ୧୫ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୬୨/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ନାବଳିକାଙ୍କୁ ପରିବାର ଲେକାଙ୍କୁ ହସ୍ତାନ୍ତର କରିଥିଲା ଓ ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଶ୍ରୀବତ୍ସ ସ୍ମାରକୀ ଫୁଟବଲ, କିଶୋର କ୍ଲବ ସେମିରେ



ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟର୍ନାମେଣ୍ଟରେ ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ,୧୫।୧(ଡି.ଏନ.ଏ):

ଜଟଣୀ କୁଶମାଟି-ଛଣଘର ଖେଳ ପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟର୍ନାମେଣ୍ଟର ବୁଧବାର ମ୍ୟାଚରେ ଭଦ୍ରକର ୟୁନାଇଟେଡ୍ କ୍ଲବକୁ ୨-୧ ଗୋଲରେ ପରାସ୍ତ କରି ଭୁବନେଶ୍ୱର କିଶୋର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ କିଶୋର କ୍ଲବର ରୋଶନ ଟୁଡୁ ଓ ସଞ୍ଜୀବ ପାନ୍ନା ଗୋଲ କରିଥିଲେ। ୟୁନାଇଟେଡ୍ କ୍ଲବର ସୋହେଲ ଖାନ ଗୋଟିଏ ଗୋଲ କରିଥିଲେ। କିଶୋର କ୍ଲବର ପପୁ ମାଝି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିବ ଶଙ୍କର ପଣ୍ଡା ରେଫ୍ରି ରହିଥିବା ବେଳେ ଆସିଷ୍ଟାଣ୍ଟ ରେଫ୍ରି ସୁଜିତ୍ ପାତ୍ର, ରମେଶ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ସମିତି ସଭ୍ୟ ସୁଶୀଲ କୁମାର ସ୍ୱାଇଁ ଓ ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଫ୍ରେଣ୍ଡ ପାରାଡାଇଜ୍ ସ୍ପୋର୍ଟସ ଆସୋସିଏଶନ୍‌ର ତପନ କୁମାର ନାୟକ, ସୁବାଶିଷ ପରିଡ଼ା, ଚିତ୍ତରଞ୍ଜନ ପ୍ରଧାନ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

### ଦୀପୁନ୍ ମେମୋରିଆଲ ବ୍ରାହ୍ମଣୀ କପ୍ କ୍ରିକେଟ ଉଦ୍‌ଘାଟିତ

ଜଟଣୀ,୧୫।୧(ଡି.ଏନ.ଏ):

ଜଟଣୀ କୁଦିଆରୀ ଖେଳପଡିଆରେ ଦୀପୁନ୍ ମେମୋରିଆଲ୍ ବ୍ରାହ୍ମଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କୁଶମାଟି ଜେସିଏ ଦଳକୁ ୬୯ ରନରେ ପରାସ୍ତକରି କୁଦିଆରୀର ନାଇଟ୍ କ୍ଲବ ବିଜୟୀ ହୋଇଥିଲା। ସନ୍ତୋଷ ବେହେରା ଓ ଇଜାଜ ମହମ୍ମଦ ଅମ୍ପାୟର ଦାୟିତ୍ୱରେ ରହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପାଇଲଟ୍ ମନ୍ମଥ ରାଉତରାୟ, ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କୁଦିଆରୀ କ୍ରିକେଟ୍ କ୍ଲବର ସଭାପତି ସଦାଶିବ ଦାସ, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।


ଅତିଥିଙ୍କ ଗହଣରେ ଖେଳାଳିମାନେ।

### ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ

ଜଟଣୀ,୧୫।୧(ଡି.ଏନ.ଏ):

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଆମରି ସତ୍ୟ ଅନୁଷ୍ଠାନର ଜଟଣୀ ଶାଖା ପକ୍ଷରୁ ସାହିତ୍ୟିକ ପଦ୍ମନାଭ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପ୍ରଫେସର ଡ. ଶରତ ଚନ୍ଦ୍ର ମହାପାତ୍ର, କନ୍ତିଆ କଲେଜର ଅଧକ୍ଷା ସୁକାନ୍ତି ମହାପାତ୍ର, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ଆମରି ସତ୍ୟର ଡ. ପ୍ରମୋଦ ଚନ୍ଦ୍ର ଦାଶ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସାହିତ୍ୟର ଉନ୍ନତିରେ ଫକୀରମୋହନଙ୍କ ଥିବା ପ୍ରମୁଖ ଭୂମିକା ଉପରେ ବିସ୍ତୃତ ଭାବେ ବକ୍ତାମାନେ କହିଥିଲେ। ଜଟଣୀ ସାହିତ୍ୟ ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ, ଅଧ୍ୟାପକ ଶିବ ପ୍ରସାଦ ପାଢୀ, ଶ୍ୟାମସୁନ୍ଦର ତ୍ରିପାଠୀ, ଅଧ୍ୟାପିକା ସୌଦାମିନୀ ବେହେରା ଓ ଅନ୍ୟମାନେ ଫକୀରମୋହନଙ୍କ ଉପର ବକ୍ତବ୍ୟ ରଖିଥିଲେ। ରଶ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିଶୋର ପାଇକରାୟ ସ୍ୱାଗତ ଭାଷଣ ଓ ପ୍ରମୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ■ ଜଟଣୀ ପୌରାଞ୍ଚଳରେ ନାହାନ୍ତି ପରିମଳ ନିରୀକ୍ଷକ

# ମଶା ଦାଉରେ ଲୋକେ ଅସ୍ତବ୍ୟସ୍ତ

ଜଟଣୀ,୧୫।୧(ଡି.ଏନ.ଏ.):


ଡ୍ରେନରେ ଆବର୍ଜନା ଯୋଗୁ ମଶା ବଂଶ ବୃଦ୍ଧି ପାଉଛି।

ମଶାଙ୍କ ପ୍ରାଦୁର୍ଭାବରେ ଜଟଣୀ ପୌରାଞ୍ଚଳ ବାସିନ୍ଦା ଅସ୍ତବ୍ୟସ୍ତ ହୋଇ ପଡିଲେଣି। ଘରେ ବାହାରେ ଚାରିଆଡେ ମଶା। ମଶା ବଂଶ ବୃଦ୍ଧି ନ ହେବା ପାଇଁ ସ୍ଥାନୀୟ ପୌର ପ୍ରଶାସନର ପକ୍ଷରୁ ସେପରି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ପଡୁଥିବା ଆବର୍ଜନା ନିୟମିତ ନ ଉଠିବା ଓ ଡ୍ରେନଗୁଡ଼ିକ ଦୈନିକ ସଫା ହେଉ ନ ଥିବାରୁ ମଶା ବଂଶ ବୃଦ୍ଧିର ଏହା ଅନ୍ୟତମ କାରଣ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ମଶାର ଲାର୍ଭା ମାରିବା ପାଇଁ ନିୟମିତ ବ୍ୟବଧାନରେ ଡ୍ରେନ୍‌ଗୁଡିକରେ ମଶା ମରା ତେଲ ପକାଯାଉନାହିଁ। ଏ ନେଇ ପୂର୍ବତନ କାଉନ୍‌ସିଲର ସୌମେନ୍ଦ୍ର ପଟ୍ଟନାୟକ କୁହନ୍ତି, ବିଭିନ୍ନ ସ୍ଥାନରେ ପଡୁଥିବା ଆବର୍ଜନା ନିୟମିତ ଉଠୁ ନ ଥିବା ବେଳେ ଡ୍ରେନ୍‌ଗୁଡ଼ିକୁ ସଫା କରାଯାଉନାହିଁ। ଫଳରେ ନର୍ଦ୍ଦମା ପାଣି ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ମଶା ବଂଶ ବୃଦ୍ଧି ନ ହେବା ପାଇଁ ଲୋକଙ୍କୁ ମଧ୍ୟ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ କୌଣସି ସଚେତନତା କରାଯାଉନାହିଁ। ଅଳିଆ ଉଠିବା ପରେ ସେଠାରେ ବ୍ଲିଚିଂ ପକାଇବା ସହ ଅତିକମ୍‌ରେ ମାସକୁ ଦୁଇଥର ମଶାମରା ତେଲ ପକାଗଲେ ଏପରି ସମସ୍ୟା ଅନେକାଂଶରେ ଦୂର ହୋଇପାରନ୍ତା ବୋଲି ସେ କହିଛନ୍ତି। ପୂର୍ବତନ ପୌରାଧକ୍ଷ ଗୌରୀପ୍ରସାଦ ସିଂ କୁହନ୍ତି, ୧୯୯୩ରେ ଜର୍ମାନୀ ନିର୍ମିତ ଗୋଟିଏ ମଶାମରା ମେଶିନ ମ୍ୟୁନିସିପାଲିଟି ପକ୍ଷରୁ କିଣା ଯାଇଥିଲା। ଏହି ମେଶିନରୁ ବାହାରୁଥିବା ଧୂଆଁରେ ମଶା ମରିଥାନ୍ତି। ହେଲେ ଏହାକୁ ବ୍ୟବହାର କରାଯାଉନାହିଁ। ଏହାଛଡ଼ା ପରିମଳ ବ୍ୟବସ୍ଥାକୁ ଠିକ୍ ପରିଚାଳନା କରିବା ପାଇଁ ଏଠାରେ ଅଭିଜ୍ଞ କର୍ମଚାରୀଙ୍କ ଅଭାବ ଥିବା ସେ କହିଛନ୍ତି। ଜଣେ ପରିମଳ ନିରୀକ୍ଷକ(ସାନିଟାରୀ ଇନ୍ସପେକ୍ଟର) ଏଠାରେ ରହିବା କଥା। ଏହି ପଦବୀରେ କେହି ନ ଥିବାରୁ କୌଣସି କର୍ମଚାରୀଙ୍କୁ ଏହା ଉପରେ ତାଲିମ ଦେଇ ଦକ୍ଷ କରିବା ଆବଶ୍ୟକତା ରହିଛି। ନଚେତ୍ ଅନ୍ୟତ୍ରରୁ ଅଭିଜ୍ଞ କର୍ମଚାରୀଙ୍କୁ ଡେପୁଟେଶନରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଆଣି ପାରିଲେ ଅନେକାଂଶରେ ସମସ୍ୟା ଦୂର ହୋଇପାରନ୍ତା ବୋଲି ସେ କହିଛନ୍ତି।

### ବୋଲେରୋ ସଂଘର ସଡ଼କ ସୁରକ୍ଷା ସଚେତନତା

ନିରାକାରପୁର,୧୫।୧(ଡି.ଏନ୍.ଏ.):

ମକର ସଂକ୍ରାନ୍ତି ଅବସରରେ ଖୋର୍ଦ୍ଧା ଜିଲା ରାମେଶ୍ୱର ଛକଠାରେ ବୁଧବାର ମହାବୀର ବୋଲେରୋ ସଂଘ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ କର୍ମକର୍ତ୍ତାମାନେ ନୂଆ ଜଗନ୍ନାଥ ସଡ଼କରେ ଯାତାୟାତ କରୁଥିବା ଦୁଇ ଓ ଚାରିଚକିଆ ଯାନ ଚାଳକଙ୍କୁ ଅଟକାଇ ସଚେତନ କରିଥିଲେ। ଯେଉଁମାନେ ହେଲ୍‌ମେଟ୍ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଓ ଚକୋଲେଟ ଦେଉଥିବାବେଳେ ଯେଉଁମାନେ ପିନ୍ଧି ନ ଥିଲେ ସେମାନଙ୍କୁ ଏହା ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ସେହିପରି ଯେଉଁ ଚାରିଚକିଆ ଯାନ ଚାଳକ ସିଟ୍‌ବେଲ୍ଟ ଲଗାଇ ନ ଥିଲେ ସେମାନଙ୍କୁ ଏହା ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ସଂଘର ମାନସ ଦାସ, ପବିତ୍ର ପାଇକରାୟ, ସୁଶାନ୍ତ ପଟ୍ଟନାୟକଙ୍କ ସମେତ ନିରାକାରପୁର ଥାନା ଅଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।



ବୋଲେରୋ ସଂଘର କର୍ମକର୍ତ୍ତାମାନେ ରାସ୍ତାରେ ଲୋକଙ୍କୁ ସଡକ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି।



ଆଲୋକ ନ ଥିବା ଦୀପ ଓ ବୁଝି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
-ସାଇମନ



## ସଂକ୍ଷେପରେ

### ବାପଘରୁ ଫେରିଲେ ପାର୍ବତୀ
## ଲୋକନାଥଙ୍କୁ ଲାଗି ହେଲା ମକର ଚୂଳ

**ପୁରୀ ଅଫିସ, ୧୫।୧:** ଶ୍ରୀଜଗନ୍ନାଥ ମନ୍ଦିରର ନୀତି ସହିତ ଶ୍ରୀଲୋକନାଥ ମନ୍ଦିର ନୀତି ଜଡ଼ିତ ରହିଛି। ପ୍ରସିଦ୍ଧ ମକର ପର୍ବ ଅବସରରେ ଲୋକନାଥ ଶୈବପୀଠରେ ମକର ପର୍ବ ପାଳିତ ହୋଇଛି। ଧନୁ ସଂକ୍ରାନ୍ତି ଦିନ ମା' ପାର୍ବତୀ ବାପଘରକୁ ଯାଇଥିଲେ। ମକର ସଂକ୍ରାନ୍ତିରେ ମହାଦେବଙ୍କ ପାଇଁ ଆଭୂଷଣ ଓ ବ୍ୟଞ୍ଜନ ଧରି ଫେରିଥିଲେ। ଏହି ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଓ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି କରାଯାଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ, କାହାଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ରେଳ ଷ୍ଟେଶନରୁ ନାବାଳିକା ଉଦ୍ଧାର

**ପୁରୀ ଅଫିସ,୧୫।୧:** ପୁରୀ ରେଲୱେ ଷ୍ଟେଶନ ପରିସରରୁ ଆର୍‌ପିଏଫ ପୋଲିସ ବୁଧବାର ଜଣେ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ଏସଆଇ ପାଣ୍ଡବ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେଶନ ପରିସରରେ ଯାଞ୍ଚ କରୁଥିବାବେଳେ ୮ନମ୍ବର ପ୍ଲାଟଫର୍ମ ନିକଟରେ ଜଣେ ନାବାଳିକା ବସିଥିବା ଦେଖିଥିଲେ। ମହିଳା ଆରପିଏଫଙ୍କ ଜରିଆରେ ତାଙ୍କୁ ପଚରାଉଚୁରାବେଳେ ସେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ପରିଚୟ ଦେଇଥିଲା। ତା'ର ବୟସ ୧୨ବର୍ଷ ବୋଲି କହିଥିଲା। ଗତ ୧୨ତାରିଖରୁ ସେ ଘରୁ କୌଣସି କାରଣକୁ ନେଇ ଚାଲି ଆସିଥିଲେ। କାମ ଅନ୍ୱେଷଣରେ ଦିଲ୍ଲୀ ଯିବା ଲାଗି ମନସ୍ଥ କରି ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବା କହିଥିଲା। ନାବାଳିକା ଜଣକର ମାନସିକ ସ୍ଥିତି ଠିକ୍ ନ ଥିବା ଏବଂ ବାରମ୍ବାର କହୁଥିବା କଥା ପରିବର୍ତ୍ତନ କରୁଥିବା ନେଇ ଜଣାପଡିବା ପରେ ତାର ଉପଯୁକ୍ତ ସୁରକ୍ଷା ଏବଂ ଥଇଥାନ ଲାଗି ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରାଯାଇଛି ବୋଲି ଥାନା ଅଧିକାରୀ ଅନିଲ କୁମାର ସିଂ କହିଛନ୍ତି।

## ନୀଳଚକ୍ର ବାନା ପୁସ୍ତକ ଉନ୍ମୋଚିତ

**ପୁରୀ ଅଫିସ,୧୫।୧ :** ପବିତ୍ର ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ରାଣୀସତୀ ଭବନଠାରେ ଆଧାତ୍ମିକ ପତ୍ରିକା ନୀଳଚକ୍ର ବାନାର ପ୍ରଥମ ସଂଖ୍ୟା ବୁଧବାର ଉନ୍ମୋଚିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସଂସ୍କରଣକୁ ଉନ୍ମୋଚନ କରିଥିଲେ। ପତ୍ରିକାର ପ୍ରକାଶକ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର, ଲେଖିକା ଶକୁନ୍ତଳା ବଳିଆରସିଂ, କବି ଶଙ୍କର୍ଷଣ ପରିଡା, ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତି ଗବେଷକ ଡ.ନରେଶ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ମକର ସଂକ୍ରାନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ଜେନା, କନକବାଳା ପଟ୍ଟନାୟକ, ଡ.ବଳରାମ ଦାଶ, ପ୍ରମୋଦ ଦେବୀ, ହରିପ୍ରିୟା ସାହୁ, ଲିଙ୍ଗରାଜ ଦାଶ, ସୁରେଶ ନନ୍ଦ, ମାତୃପ୍ରସାଦ ଶତ୍ରୁଜିତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟ୍ ଉଦ୍ୟମ କରି ମାଡ଼ ଖାଇଲେ ଯୁବକ

**ପୁରୀ ଅଫିସ,୧୫।୧ :** ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ଫେରାର ହୋଇଯିବାକୁ ଉଦ୍ୟମବେଳେ ଧରାପଡି ନିର୍ଘାତ ଛେଚା ଖାଇଲେ ଯୁବକ। ସ୍ଥାନୀୟ ଲୋକେ ତାଙ୍କୁ ପୋଲିସକୁ ଜିମା ଦେଇଥିଲେ। କୁମ୍ଭାରପଡା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ବାଇକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ଏକ ସ୍କୁଟିରେ ମା' ପୁଅ ଗୁଣ୍ଡିଚ ମନ୍ଦିର ପଟୁ ମାଟିଆପଡା ଛକ ଆଡକୁ ଯାଉଥିଲେ। ଏହି ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଜଣେ ଯୁବକ ବାଇକ୍‌ରେ ଆସି ସ୍କୁଟି ପଛରେ ବସିଥିବା ମହିଳାଙ୍କ ଭ୍ୟାନିଟି ବ୍ୟାଗକୁ ଝାମ୍ପି ଫେରାର ହୋଇ ଯାଇଥିଲେ। ମହିଳାଙ୍କ ପାଟି ଶୁଣି ଆଗରେ ମନ୍ମୟ ମିଶ୍ର ଓ ତାଙ୍କ ସାଥି ତାଙ୍କୁ କାବୁ କରିନେଇଥିଲେ।

### ଆଜି ପୁରୀ ଆସୁଛନ୍ତି ମୁଖ୍ୟମନ୍ତ୍ରୀ
# ୭ ପ୍ରକଳ୍ପର କରିବେ ଶିଳାନ୍ୟାସ

**ପୁରୀ ଅଫିସ, ୧୫।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ୭ଟି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୨୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବାହାରି ୧୧ଟା ୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ କାର୍‌ରେ ଆସି ମଧ୍ୟାହ୍ନ ୧୨ଟା ୫ରେ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବେ। ସାଢେ ୧୨ଟାରେ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ପହଞ୍ଚି ୪ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିବେ। ମଧ୍ୟାହ୍ନ ୧୨ଟା ୫୫ରେ ଭୁବନେଶ୍ୱର ଫେରିଯିବେ। ପୁରୀରେ ମୁଖ୍ୟମନ୍ତ୍ରୀଙ୍କର ମୋଟ ୧ ଘଣ୍ଟା ୧୦ ମିନିଟ୍‌ର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟସ୍ଥଳୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ରକୁ ଦେଶର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ଭାବେ ଗଢିବାକୁ ଦୀର୍ଘମିଆଦୀ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ଭିତ୍ତିଭୂମିର ବିକାଶ, କ୍ଷତିଗ୍ରସ୍ତଙ୍କୁ ଥଇଥାନ, ନୂଆ ବହୁଥାକିଆ ରାସ୍ତା, ସେତୁ, ପାର୍କିଂ ଆଦିର ପରିକଳ୍ପନା କରାଯାଇଛି। ପୁରୀର ବିକାଶ ନକ୍ସାରେ ବହୁ ମେଗା ପ୍ରକଳ୍ପ ସ୍ଥାନ ପାଇଛି। ତନ୍ମଧ୍ୟରୁ ଗୁରୁବାର ୭ଟି ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପଗୁଡ଼ିକ ହେଉଛି ଶ୍ରୀସେତୁ, ତୀର୍ଥଯାତ୍ରୀ କେନ୍ଦ୍ର, ବହୁତଳ କାର୍ ପାର୍କିଂ, ମ୍ୟୁନିସିପାଲିଟି ନୂତନ ମାର୍କେଟ କମ୍ପ୍ଲେକ୍ସ, ସ୍ୱର୍ଗଦ୍ୱାରର ପୁନରୁଦ୍ଧାର, ସମୁଦ୍ରକୂଳରେ ଭେଣ୍ଡିଂଜୋନ ଏବଂ ମଧ୍ୟାହ୍ନଭୋଜନ ଓ ଆହାର ଯୋଜନାର କେନ୍ଦ୍ରୀକରଣ ରୋଷଶାଳା।

### ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ




ପ୍ରସ୍ତାବିତ ପ୍ରକଳ୍ପର ମ୍ୟାପ୍।

### ଶ୍ରୀ ସେତୁ

ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲଗ୍ରୀମ ସେଣ୍ଟରକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ଶ୍ରୀସେତୁ ପାଇଁ ୧୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। ଏହି ସେତୁ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଓ ଦାଣ୍ଡିମାଳ ସାହିର ବେସରକାରୀ ଓ ସରକାରୀ ଜମି ମିଶି ୩୭ ଏକର ୯୮୪ ଡେସିମିଲ ଅଧିଗ୍ରହଣ ହେବ। ମୋଟ ଜମି ମଧ୍ୟରୁ ବେସରକାରୀ ଜମି ୩୪ ଏକର ୨୪୬ ଡେସିମିଲ ଥିବାବେଳେ ସରକାରୀ ଜମି ୩ ଏକର ୭୩୮ ଡେସିମିଲ ରହିଛି। ଏଥିମଧ୍ୟରେ ସମଙ୍ଗ ମୌଜାରୁ ସର୍ବାଧିକ ବେସରକାରୀ ଜମି ୧୭ ଏକର ୯୪୭ ଡେସିମିଲ ଜମି ଅଧିଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

### ତୀର୍ଥଯାତ୍ରୀ କେନ୍ଦ୍ର

ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଅବଢା ଯୋଜନାରେ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ପିଲଗ୍ରୀମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏହା ୬ ମହଲା ବିଶିଷ୍ଟ ହେବ। ଏଠାରେ ୧୦୦୦ କାର୍ ପାର୍କିଂ ପାଇଁ ବହୁମୁଖୀ ପାର୍କିଂ ନିର୍ମାଣ ହେବ। ଧ୍ୟାନକେନ୍ଦ୍ର, ବ୍ୟବସାୟିକ ସୁବିଧା ଆଦି କରାଯିବ। ଏଥିପାଇଁ ପ୍ରାୟ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

### ବହୁତଳ କାର୍ ପାର୍କିଂ

ପୁରୁଣା ଜେଲ୍‌ରୋଡ ପରିସରରେ ୪ ମହଲା ବିଶିଷ୍ଟ ବହୁତଳ କାର୍ ପାର୍କିଂ କରାଯିବ। ଏଠାରେ ୫୦୦ କାର୍ ଓ ୫୦୦ ଦୁଇଚକିଆ ଗାଡ଼ି ରହିପାରିବ। ଏଥିସହ ୩୫୦ ଦୋକାନ ଘର କରାଯିବ। ଏଥିପାଇଁ ୯୦ କୋଟି ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

### ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ

ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନୂତନ ଭାବେ ତିଆରି କରାଯିବ। ଏଠାରେ ବେସ୍‌ମେଣ୍ଟ ଏବଂ ଗ୍ରାଉଣ୍ଡ ଫ୍ଲୋର ବାଦ୍ ୩ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ପ୍ରାୟ ୫୦୦ ଦୋକାନ ଘର ରହିବ। ୧୦୦ଟି ଚାରିଚକିଆ ଗାଡ଼ି ରହିବା ଭଳି ପାର୍କିଂ ସୁବିଧା ଉପଲବ୍ଧ ହେବ। ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଏଥିରେ ପ୍ରାୟ ୪୪ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଉପରୋକ୍ତ ୪ଟି ପ୍ରକଳ୍ପ ବ୍ୟତୀତ ସ୍ୱର୍ଗଦ୍ୱାର ପୁନଃ ବିକାଶ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ। ଶବଦାହ ପାଇଁ ଆସୁଥିବା ସମ୍ପର୍କୀୟଙ୍କ ଲାଗି ଏଠାରେ ଅତ୍ୟାଧୁନିକ ସୁବିଧା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ବ୍ୟୟ ବରାଦ ହୋଇଥିବା ଅର୍ଥରେ ୧୮ଟି ଶବଦାହ ପିଣ୍ଡି କରାଯିବ। ସମୁଦ୍ର କୂଳରେ ୮୦୦ ଭେଣ୍ଡିଂଜୋନ (କିଓସ୍କ) କରାଯିବ। ଏଥିପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ସରକାରୀ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଓ ଆହାର ଯୋଜନାର କେନ୍ଦ୍ରୀକରଣ ରୋଷଶାଳାର ମଧ୍ୟ ଶିଳାନ୍ୟାସ ହେବ। ମଙ୍ଗଳାଘାଟଠାରେ ୫୦ ହଜାର ବର୍ଗଫୁଟ ଜାଗାରେ ଏହି ରୋଷଶାଳା ତିଆରି କରାଯିବ। ଏଠାରେ ପ୍ରତ୍ୟହ ୫୦ହଜାର ମିଲ୍ ପ୍ରସ୍ତୁତ କରାଯିବ। ନୂତନ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସର ଶିଳାନ୍ୟାସ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ମାର୍କେଟ କମ୍ପ୍ଲେକ୍ସ ପଡ଼ିଆରେ ପହଞ୍ଚି ଶିଳାନ୍ୟାସ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### କଙ୍ଗାରୁ କୋର୍ଟରେ ରତ୍ନାକରଙ୍କୁ ବାସନ୍ଦ ଘଟଣା
## ୮ସପ୍ତାହ ମଧ୍ୟରେ ଜିଲାପାଳଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ପୁରୀ ଅଫିସ,୧୫।୧**

ପୁରୀ ସଦର ଗୋପୀନାଥପୁର ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ରତ୍ନାକାର ନାୟକଙ୍କ ପରିବାରକୁ କଙ୍ଗାରୁ କୋର୍ଟ ମାଧ୍ୟମରେ ଗ୍ରାମରୁ ବାସନ୍ଦ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହିତ ନେଇଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନଏଚ୍‌ଆର୍‌ସି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜମିଜମାକୁ କେନ୍ଦ୍ରକରି ଗ୍ରାମର କେତେଜଣ ଲୋକ ୨୦୧୯ ନଭେମ୍ବର ୧୭ରେ ଗ୍ରାମରେ କଙ୍ଗାରୁକୋର୍ଟ ବସାଇ ରତ୍ନାକର ଓ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ। ଏ ନେଇ ରତ୍ନାକର ୧୮ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ରତ୍ନାକର ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗ୍ରାମବାସୀ ଥାନାରୁ ମାମଲା ପ୍ରତ୍ୟାହାର ଲାଗି ରତ୍ନାକରଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ସେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ସତ୍ତ୍ୱେ ପୋଲିସର ନିଷ୍କ୍ରିୟତା ଯୋଗୁ ସେ ପୁଣି ଗତ ୬ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।




ହାସ୍ୟ ଅଭିନେତା ନଟିଆ ଓରଫ୍ ସ୍ମୃତିରଞ୍ଜନ ପିଲାଙ୍କ ସହ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଶ୍ରୀକ୍ଷେତ୍ରରେ ଧୁମ୍ ମଚାଇଲେ ନଟିଆ

**ପୁରୀ ଅଫିସ,୧୫।୧**

■ଆକର୍ଷଣ ସାଜିଲେ କଣ୍ଠଶିଳ୍ପୀ
■ମନଛୁଆଁ ଓଡ଼ିଆ ଗୀତରେ ଝୁମିଲେ ଦର୍ଶକ

ପୁରୀ ମାଟିଆପଡାସ୍ଥିତ ନୃସିଂହ ୟୁଥ ଆସୋସିଏନଶନ ୧୭ତମ ବାର୍ଷିକୋତ୍ସବର ଦ୍ୱିତୀୟ ଦିନରେ ଗୁଣ୍ଡିଚା ମନ୍ଦିରଠାରେ ଏକ ଓଲିଉଡ ନାଇଟ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଲିଉଡ୍ ନାଇଟ୍‌ର ମୁଖ୍ୟ ଆକର୍ଷଣ ସାଜିଥିଲେ ଉତ୍କଳ ଗୌରବ କାର୍ଟୁନ ୱାର୍ଲ୍ଡ ନଟିଆ ଅଭିନୟର ପ୍ରଚ୍ଛଟପଟ୍ଟ ନାୟକ ସ୍ମୃତିରଞ୍ଜନ ମହାନ୍ତି। ମଞ୍ଚରେ ଧୁମ୍ ମଚାଇଥିଲେ ନଟିଆ ଓରଫ ସ୍ମୃତିରଞ୍ଜନ। ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ନଟିଆଙ୍କ ଡାଇଲଗ୍ ଶୁଣିବା ଲାଗି ପ୍ରବଳ ଜନସମାଗମ ହୋଇଥିଲା। ତମ କଥା ବାର୍ତ୍ତା ଠିକ୍ ନାହିଁ, ହଇଲେ ନଟିଆ, ଗୁଲି ମାଷ୍ଟର ଝିଅ ପୂଜା ଆସିଲାଣି ଆଦି ଗୋଟିଏ ପରେ ଗୋଟିଏ ଡାଇଲଗ ଦର୍ଶକଙ୍କ ମହଲରେ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଗୁଣ୍ଡିଚା ମନ୍ଦିରରେ ନଟିଆକୁ ଦେଖିବା ଲାଗି ପିଲାଙ୍କ ସୁଅ ଛୁଟିଥିଲା। ସ୍ମୃତି ନଟିଆ, ଗାଣ୍ଡୁ, ନଟିଆର ବାପା ଓ ଗୁଲି ମାଷ୍ଟରଙ୍କ ସ୍ୱରରେ ଡାଇଲଗ କହି ଦର୍ଶକଙ୍କୁ ଧୁମ୍ ହସାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ କିଛି ସମୟ ଲାଗି ନଟିଆକୁ ଦେଖିବା ଲାଗି ଅଟକିଯାଇଥିଲେ। ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ନଟିଆକୁ ଉପଭୋଗ କରିଥିଲେ।

ଏଥିସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର କଣ୍ଠଶିଳ୍ପୀ ଦୀପ୍ତିରେଖା, ସବ୍ୟସାଚୀ, ତାରିକ୍ ଅଜିଜ୍, ଶୁଭଲକ୍ଷ୍ମୀ, ବିଶ୍ୱରୂପା ଓ ସୁଭଦ୍ରା ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ରର ବହୁ ସୁପରହିଟ ଗୀତ ଗାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଶୀତୁଆ ସନ୍ଧ୍ୟାରେ କଣ୍ଠଶିଳ୍ପୀଙ୍କ ମନଛୁଆଁ ଗୀତରେ ଝୁମିଥିଲେ ଦର୍ଶକ। ଆସୋସିଏଶନର ଆବାହକ ପ୍ରଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଭକ୍ତଚରଣ ଦାଶ, ସୁରେନ୍ଦ୍ର ଦାଶ, ବଳରାମ ରେଡ୍ଡୀ, ପ୍ରୀତମ ଜଗଦ୍ଦେବ, ଅରୁଣ କୁମାର ମିଶ୍ର, ପୁଷ୍ପାଞ୍ଜଳି ରଣା, ରାଜେଶ ରଥ, ରାଜେଶ କୁମାର ରଣାଙ୍କ ସମେତ ଶତାଧିକ ପୂର୍ବତନ କାଉନ୍‌ସିଲର୍ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବଟେଶ୍ୱର ମହାଦେବଙ୍କ ପୀଠରେ ମକରମେଳା

**କୋଣାର୍କ,୧୫।୧(ଡି.ଏନ୍.ଏ.)**

କୋଣାର୍କ ନିକଟ ବାଲିଦୋକାନସ୍ଥିତ ବଟେଶ୍ୱର ମହାଦେବଙ୍କ ପୀଠରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ଲାଗି ରହିଥିଲା। ନିକଟସ୍ଥ ଗୋଧନପଡା, ଛଡାସିଂହ, ରଇତିସାହି, ଖନ୍ଦୋଳ ଓ ଗୟଳର ବାକୁରଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇ ମହାଦେବଙ୍କ ସମ୍ମୁଖରେ ସ୍ଥାପନା କରାଯାଇ ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ବିଭିନ୍ନ ନୀତି ପରେ ମହାଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି ପରେ ମନ୍ଦିର ଦଧିନଉତିରେ ନୂତନ ପତାକା ଲଗାଇବା ସହ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ପରେ ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରଙ୍କୁ ମନ୍ଦିର ବେଢାରେ ପରିକ୍ରମା କରାଯାଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମକର ବୁଡ ପକାଇବା ସହିତ ମେଳା ଭ୍ରମଣ କରିଥିଲେ।



ମକରମେଳା ପୀଠରେ ସୁସଜ୍ଜିତ ବିମାନ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଗୋବଂଶ ସୁରକ୍ଷାରେ ଦେଶର ସ୍ୱାର୍ଥ ନିହିତ

**ପୁରୀ ଅଫିସ,୧୫।୧**

ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପୁରୀ ସଦର ଆଳିପଡାସ୍ଥିତ ଗୋବିନ୍ଦ ଗୋଧାମ ପରିସରରେ ମହର୍ଷି ମହେଶ ଯୋଗୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଦଶ ଦିନ ବ୍ୟାପୀ ଚାଲିଥିବା ନାମ ସଂକୀର୍ତ୍ତନ, ଶ୍ରୀରାମ ଚରିତ ପାରାୟଣ, ସୁନ୍ଦରାକାଣ୍ଡ ଏବଂ ଗୋଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଆଳିପଡା ନିକଟସ୍ଥ ଦଶ ଖଣ୍ଡ ଗ୍ରାମର ଶତାଧିକ ମହିଳା, ପୁରୁଷ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଗୋପ୍ରେମୀ, ଗୋଭକ୍ତ ଯୋଗ ଦେଇ ପୂର୍ଣ୍ଣାହୁତି ଦେଇଥିଲେ। ଦଶ ଦିନ ବ୍ୟାପୀ ଦର୍ଶକ, ଶ୍ରଦ୍ଧାଳୁଙ୍କ ସମେତ ଗୋଶାଳାରେ ଥିବା ଗୋରୁ ମଧ୍ୟ ସୁନ୍ଦରାକାଣ୍ଡ, ପାରାୟଣକୁ ଶ୍ରବଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଆୟୋଜିତ ଗୋ ସମ୍ମିଳନୀରେ ସନ୍ଥ ନେବଳ ମଠ ମହନ୍ତ ରାମଚରଣ ଦାସ ମହାରାଜ ବ୍ରଦିନାଥ ଧାମର ପୂଜ୍ୟ ସ୍ୱାମୀ ଜଗଦମ୍ବା ଜୀ ମହାରାଜ, ଓଡ଼ିଶା ସୁରକ୍ଷା ସେନାର ଆବାହକ ଅଭିଷେକ ଯୋଶୀ ଓ ଟ୍ରଷ୍ଟର ପ୍ରତିଷ୍ଠାତା ଏବଂ ଗୋବିନ୍ଦ ଧାମ ଗୋଶାଳାର ପୃଷ୍ଠପୋଷକ ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନା ଓ ବିକାଶ ଉପରେ ଆଲୋକପାତ କରିଥିଲେ। ଗୋବଂଶର ସୁରକ୍ଷାରେ ଦେଶର ସ୍ୱାର୍ଥ ନିହିତ ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଟ୍ରଷ୍ଟର ମୁଖପତ୍ର ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

### ଶ୍ରୀମନ୍ଦିର ହେରିଟେଜ କରିଡର
# ସରିଲା ପ୍ରସ୍ତାବ ଗ୍ରହଣ ଅବଧି

**ପୁରୀ ଅଫିସ,୧୫।୧**

■ଶେଷ ଦିନରେ ୩୩ ପ୍ରସଙ୍ଗ ଦେଲା ଜଗନ୍ନାଥ ସେନା
■ଦେଶ ବାହାରୁ ବି ଆସିଛି ପ୍ରସ୍ତାବ

ପୁରୀ ଶ୍ରୀମନ୍ଦିର ହେରିଟେଜ କରିଡ଼ର। ଏହାର ଚିଠା ଡିଜାଇନ ଗତ ମାସ ୩୦ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଥିଲେ। ଏହି ନକ୍ସାରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନବକଳେବର ରୂପ ଦେଖିବାକୁ ମିଳିଥିଲା। ଏଥିରେ ଥିଲା ଆଖି ଝଲସାଇ ଦେବା ଭଳି ସୌନ୍ଦର୍ଯ୍ୟକରଣର ଚିତ୍ର। ତେବେ ଏହି ନକ୍ସା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ିଥିଲେ । ଯେଉଁମାନେ ଚାହିଁବେ ସେମାନେ ତାଙ୍କ ପ୍ରସ୍ତାବ ଜାନୁୟାରୀ ୧୫ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ପଠାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜନସାଧାରଣଙ୍କ ପ୍ରସ୍ତାବକୁ ତର୍ଜମା କରାଯାଇ ଫେବୃୟାରୀରେ ଏହାର ଚୂଡ଼ାନ୍ତ ଡିଜାଇନ ପ୍ରସ୍ତୁତ କରାଯିବା ଲାଗି ସ୍ଥିର କରାଯାଇଥିବାବେଳେ ମଙ୍ଗଳବାର ଏହାର ଅବଧି ଶେଷ ହୋଇଛି। ଅନ୍ତିମ ଦିବସରେ ପୁରୀର ଶ୍ରୀଜଗନ୍ନାଥ ସେନା ୩୩ଟି ପ୍ରସଙ୍ଗ ନେଇ ଏକ ସମ୍ବଳିତ ପ୍ରସ୍ତାବପତ୍ର ପ୍ରଦାନ କରିଛି। ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସଂକ୍ରାନ୍ତରେ ଅନେକ ଜଗନ୍ନାଥପ୍ରେମୀ ଭକ୍ତ ସେମାନଙ୍କ ମତାମତ ଦେଇଛନ୍ତି । କେବଳ ପୁରୀ କି ଓଡ଼ିଶା ନୁହେଁ ଦେଶ ବାହାରେ ରହୁଥିବା ଲୋକେ ବି ସେମାନଙ୍କ ପ୍ରସ୍ତାବ ରଖିଛନ୍ତି। ବିଶେଷକରି ମଠ, ମନ୍ଦିର ଐତିହ୍ୟର ସୁରକ୍ଷା ନେଇ ଅଧିକ ପ୍ରସ୍ତାବ ଆସିଛି । ତେବେ କେତେସଂଖ୍ୟକ ପ୍ରସ୍ତାବ ସେ ସମ୍ପର୍କରେ ଖୁବ୍‌ଶୀଘ୍ର ସ୍ପଷ୍ଟ କରାଯିବ ବୋଲି ଏହାର ନୋଡାଲ ଅଫିସର ସୁବ୍ରତ କୁମାର ବେହେରା କହିଛନ୍ତି। ବୁଧବାର ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ତାଙ୍କ ପ୍ରସ୍ତାବପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପୁରୀକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସକୁ ଧନ୍ୟବାଦ। ପୁରୀର ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଗୋଶାଳା, ସ୍ୱର୍ଗଦ୍ୱାର, ପାର୍କିଂ, ହୋଟେଲ ଓ ଭୋଜନାଳୟ, ରାତ୍ର ଆଶ୍ରୟସ୍ଥଳୀ, ସଂଗ୍ରହାଳୟ, ଷ୍ଟାଡିୟମ୍, ରଙ୍ଗମଞ୍ଚ, ଲାଇବ୍ରେରି, ବେଳାଭୂମି ଆଦିକୁ ମଧ୍ୟ ବିଶ୍ୱସ୍ତରୀୟ କରାଯିବା ଦରକାର। ଏହିଭଳି ୩୩ଟି ପ୍ରସଙ୍ଗ ଉଲ୍ଲେଖ କରି ଏ ସବୁକୁ ବିଶ୍ୱସ୍ତରୀୟ କରାଗଲେ ପୁରୀ ସାମଗ୍ରିକ ଭାବେ ବିଶ୍ୱସ୍ତରୀୟ ହୋଇପାରିବ ବୋଲି ସେନା ପ୍ରସ୍ତାବ ଦେଇଛି।




ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଉଛି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ -ଜନ୍‌ଶନ

# ୬ ବର୍ଷରେ ୨୭୨୯ ସଡ଼କ ଦୁର୍ଘଟଣା





**ମରଣଯନ୍ତା ପାଲଟିଛି ୩ ରାଜପଥ**

- ଯାଉଛି ଜୀବନ, ନୀରବ ପ୍ରଶାସନ
- ସ୍ଲୋଗାନରେ ସୀମିତ ସଚେତନତା
- ବ୍ଲାକ ସ୍ପଟ୍ ଚିହ୍ନଟ ଦାବି

ପୁରୀ ଅଫିସ, ୧୫।୧:

ବେପରୁଆ ଗାଡ଼ିଚାଳନା, ଦ୍ରୁତ ଗତି, ବାଇକ ଅଥବା ଚାରିଚକିଆ ଯାନ ଚଳାଇବା ବେଳେ ମୋବାଇଲରେ କଥାବାର୍ତ୍ତା ହେବା, ଓଭରଟେକ କରିବା, ହେଲମେଟ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନ କରିବା ଆଦି କାରଣରୁ ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଭାବେ ଏ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ତଥାପି ଏହାର କୌଣସି ପ୍ରଭାବ ପଡୁଥିବା ମନେ ହେଉନାହିଁ।

ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ବିଭିନ୍ନ ଥାନା ଅଞ୍ଚଳରେ ଗତ ୨୦୧୪ ମସିହାରୁ ଡିସେମ୍ବର ୨୦୧୯ ସୁଦ୍ଧା ୨,୭୨୯ଟି ସଡ଼କ ଦୁର୍ଘଟଣା ଘଟିଛି। ତନ୍ମଧ୍ୟରୁ ୨୦୧୪ରେ ୪୬୦, ୨୦୧୫ରେ ୪୯୫, ୨୦୧୬ରେ ୪୩୯, ୨୦୧୭ରେ ୪୫୭, ୨୦୧୮ରେ ୪୪୮ ଏବଂ ୨୦୧୯ରେ ୪୩୦ଟି ଦୁର୍ଘଟଣା ରହିଛି। ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ, ପ୍ରତିବର୍ଷ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ହାରାହାରି ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଉଛନ୍ତି।

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ମହାପ୍ରଭୁଙ୍କ ଦର୍ଶନ ଓ ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଏଣୁ ଦୈନିକ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ର ଆସିବା ସହ କୋଣାର୍କ, ଚିଲିକା, ଚନ୍ଦ୍ରଭାଗା ସମେତ ପୁରୀ ଜିଲାର ଅନ୍ୟ ପର୍ଯ୍ୟଟନସ୍ଥଳୀ ଓ ତୀର୍ଥସ୍ଥାନ ପରିଦର୍ଶନ କରିଥାନ୍ତି। ପୁରୀକୁ ସଂଯୋଗ କରିଛି ପୁରୀ-ଭୁବନେଶ୍ୱର, ପୁରୀ-ସାତପଡ଼ା ଏବଂ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ ଜାତୀୟ ରାଜପଥ। ତେବେ ଏହି ୩ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହି ରାଜପଥରେ ସଡ଼କ ଦୁର୍ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଛି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ଲିଆଖିଆ ପୋଲ ନିକଟରେ ଗତ କିଛି ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ୧୦ରୁ ଅଧିକ ବ୍ୟକ୍ତିଙ୍କ ଜୀବନ ଯାଇଛି। ଓଭରଟେକ ବେଳେ ଭାରସାମ୍ୟ ହରାଇ ଅଥବା ଗଛରେ ପିଟିହୋଇ ଅଧିକାଂଶ ଦୁର୍ଘଟଣା ଘଟିଥିଲା। ସେହିପରି ପୁରୀ-ସାତପଡ଼ା ଜାତୀୟ ରାଜପଥର ଖଡ଼ିପଦା, ଗିରଳ, କପିଳେଶ୍ୱରପୁର ଛକ, ଗୋରୁଆଳ ଛକ ରାସ୍ତା ଅଣଓସାରିଆ ଏବଂ ଅଙ୍କାବଙ୍କା ଯୋଗୁ ଏଠାରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବୀରହରେକୃଷ୍ଣପୁର ଛକ, ମଙ୍ଗଳାଘାଟ ବାଇପାସ୍, ବାଟଗାଁ ଛକ, ଚନ୍ଦନପୁର ବାଇପାସ, ତୁଳସୀ ଚଉରା ଛକ, ସାତଶଙ୍ଖ, ପିପିଲି ବାଇପାସ୍ ପ୍ରଭୃତି ସ୍ଥାନ ମଧ୍ୟ ଦୁର୍ଘଟଣାସ୍ଥଳ ପାଲଟିଛି। ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ଏହି ୩ ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ତେଣୁ ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଦୁର୍ଘଟଣାପ୍ରବଣ ଅଞ୍ଚଳକୁ ବ୍ଲାକ୍‌ସ୍ପଟ୍ ଘୋଷଣା କରାଯିବା ଉଚିତ। ସେହିପରି ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ପର୍ଯ୍ୟଟନ ଋତୁରେ ଏହି ୩ ରାଜପଥରେ ଅନେକ ଦୁର୍ଘଟଣା ଘଟୁଛି। ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ କେବଳ ସ୍ଲୋଗାନରେ ସୀମିତ। ଟ୍ରାଫିକ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ୨୦୧୯ ସେପ୍ଟେମ୍ବର ୧ରୁ ଦେଶରେ ସଂଶୋଧିତ ମୋଟରଯାନ ଆଇନ ଲାଗୁ ହୋଇଛି। ଦୁର୍ଘଟଣାକୁ ରୋକିବା ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ଏହାସତ୍ତ୍ୱେ ଲୋକଙ୍କ ମାନସିକତାରେ ବିଶେଷ ପରିବର୍ତ୍ତନ ଆସିନାହିଁ। ସେହିପରି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି। ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ। ଲୋକେ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ।

## ସଂକ୍ଷେପରେ

### ସାକ୍ଷୀଗୋପାଳଙ୍କୁ ଲାଗିହେଲା ମକର ଚାଉଳ



ସାକ୍ଷୀଗୋପାଳ,୧୫।୧(ଡି.ଏନ୍.ଏ./ସ୍ୱ.ପ୍ର.): ପବିତ୍ର ମକର ସଂକ୍ରାନ୍ତିରେ ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି। ବୁଧବାର ଅପରାହ୍ନରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ମନ୍ଦିରରେ ଦେଖିବାକୁ ମିଳିଥିଲା। ପୌଷ ମାସରେ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ମଙ୍ଗଳବାର ମାସାନ୍ତ ରାତିରେ ମନ୍ଦିରକୁ ଫେରିଥିଲେ। ମହାଲକ୍ଷ୍ମୀ ବାପଘରୁ ଫେରିବା ବେଳେ ସାଙ୍ଗରେ ଆଣିଥିବା ମକର ଭାରରେ ପ୍ରସ୍ତୁତ ମକର ଚାଉଳ ନିର୍ଦ୍ଧାରିତ ସମୟରେ ଭୋଗଲାଗି କରାଯାଇଥିଲା। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ମନ୍ଦିର ବେଢ଼ାରେ ମକର, ଶାକର, ଦଧି ଓ ରୁପାପାତ୍ରରେ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଉତିତ୍ରାସ ଘଣ୍ଟ, କାହାଳୀ ଛାମୁ ଖୁଣ୍ଟିଆଙ୍କ ସହ ପୂଜାପଣ୍ଡା ଓ ପାଳିଆପତ୍ରୀ ସେବକ ବଳି ଆଟିକାରେ ମକର ଚାଉଳ ନେଇ ନବାଙ୍କ ସ୍ଥାନରେ ପ୍ରଦାନ କରିଥିଲେ। ଅପରାହ୍ନରେ ଠାକୁରଙ୍କୁ ମକର ଚାଉଳ ଭୋଗ ନୈବେଦ୍ୟ କରାଯାଇଥିଲା। ନୂଆହାଣ୍ଡିରେ ନୂଆ ଅରୁଆ ଚାଉଳ, ଧନୁମୁଆଁ, ନଡିଆ, ପାଚିଲା କଦଳୀ, କ୍ଷୀର, ଛେନା, ସର, ଭଲଘିଅ, ଚିନି, ଗୁଡ଼, ମହୁ, ଅଦା, କାଜୁ, କର୍ପୂର, ଖଟାକମଳା, ମିଠା କମଳା, ଆଖୁ, ଗୋଲମରିଚ, ଅଳେଇଚ ଗୁଣ୍ଡ ଓ ଫଳମୂଳ ଆଦି ମିଶ୍ରଣରେ ମକର ଚାଉଳ ପ୍ରସ୍ତୁତ କରାଯାଇଥିଲା। ମକର ଚାଉଳ ପ୍ରସ୍ତୁତି ସାମଗ୍ରୀ ବିକ୍ରୟ ପାଇଁ ମନ୍ଦିର ସମ୍ମୁଖରେ ବ୍ୟବସାୟୀମାନେ ପସରା ମେଲାଇଥିଲେ।

### ମକର ଚାଉଳ ପ୍ରତିଯୋଗିତା

ବ୍ରହ୍ମଗିରି,୧୫।୧(ଡି.ଏନ୍.ଏ.): ପବିତ୍ର ମକର ସଂକ୍ରାନ୍ତି ଅବସରରେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ହାସିନୀପୁର ଗ୍ରାମରେ ମକର ଚାଉଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁବତୀଙ୍କୁ ନେଇ ମକର ଚାଉଳ ପ୍ରସ୍ତୁତି ଓ ସ୍ୱାଦ ସମ୍ପର୍କରେ ପ୍ରତିଯୋଗିତା କରାଯାଇଥିଲା। ପରେ ବାବା ବୀରକର୍ଣ୍ଣ ଲିଟିଲଷ୍ଟାର ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆୟୋଜିତ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କୁହୁଡି: ଡଙ୍ଗା ଚଳାଚଳ ବ୍ୟାହତ

ବ୍ରହ୍ମଗିରି,୧୫।୧(ଡି.ଏନ୍.ଏ.): ଘନକୁହୁଡି ଯୋଗୁ ବୁଧବାର ଚିଲିକାରେ ଡଙ୍ଗା ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ଫଳରେ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିଥିଲା। ସୂଚନା ଅନୁଯାୟୀ, ବୁଧବାର ସକାଳୁ କୁହୁଡିରେ ଚିଲିକା ମଧ୍ୟରେ କିଛି ଦେଖାଯାଉ ନ ଥିଲା। ସାତପଡାରୁ ପର୍ଯ୍ୟଟକଙ୍କୁ ନେଇ ଏକ ମୋଟର ଡଙ୍ଗା ଚିଲିକା ବୁଲୁଥିବା ବେଳେ କୁହୁଡି ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଏଷା ବ୍ରହ୍ମପୁର ନିକଟରେ ଥିବା ଏକ ବାଲି ଟାପୁରେ ଡଙ୍ଗାକୁ ଅଟକାଇ ପ୍ରାୟ ଅଧଘଣ୍ଟା ଅପେକ୍ଷା କରି ରହିବା ପରେ ଯାତ୍ରୀଙ୍କୁ ନେଇ ଚିଲିକା ବୁଲାଇଥିଲା।

### ସାମାଜିକ କର୍ମୀଙ୍କ ପରଲୋକ

ଗୋପ,୧୫।୧(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ଗଡ଼ବାଙ୍ଗୋର ଗ୍ରାମର ମୁକ୍ତାମଣି ରାଉତରାୟଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ସେ ଜଣେ ସାମାଜିକ କର୍ମୀ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରପଞ୍ଚ ଉମାକାନ୍ତ ପାଇକରାୟ, କାଳନ୍ଦୀ ବଡ଼ଜେନାଙ୍କ ସମେତ ଶତାଧିକ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ

କଣାସ,୧୫।୧(ସ୍ୱ.ପ୍ର): କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ମସିହା ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଡ଼ମାଟିଆପଡ଼ା ସ୍ଥିତ ମା' ମହିସାଶ୍ୱରୀଙ୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅଭିମନ୍ୟୁ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ର ଯୋଗଦେଇ ନିଜ ନିଜର ସ୍ମୃତି ସାଉଁଟି ଥିଲେ। ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହିତ ସ୍ତୁତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଗୁଣି ଚନ୍ଦ୍ର ସେନାପତି, ବିରଞ୍ଚି ନାୟକ, ତହୁର ମହମ୍ମଦ, କସ୍ତୁରୀ ବଲିୟାରସିଂ, ପ୍ରଭାକର ବଲିୟାରସିଂ, ରମେଶ ବାରିକ ଏବଂ ଜନ୍ମେଜୟ ବାହୀନିପତି ପ୍ରମୁଖ ସହଯୋଗ କରିଥିଲେ।





ସିଏଏକୁ ସମର୍ଥନ ଜଣାଇ ବୁଧବାର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପୁରୀ ବେଳାଭୂମିରେ ପ୍ରସ୍ତୁତ ବାଲୁକା କଳା।

## କବି କସ୍ତୁରୀ ଫାଉଣ୍ଡେଶନର ବାର୍ଷିକୋତ୍ସବ

- 'ହାଡ଼ିବନ୍ଧୁ ପାଢ଼ୀଙ୍କୁ ବିଚାରକ ମଉଡ଼ମଣି ସମ୍ମାନ

କଣାସ,୧୫।୧(ସ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତରେ ଅବସ୍ଥିତ କବିକସ୍ତୁରୀ ଫାଉଣ୍ଡେଶନର ସପ୍ତଦଶତମ ବାର୍ଷିକ ଉତ୍ସବ ବୁଧବାର ବିଜୟ ବିହାରସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନୀଳମଣି ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧିତ ସଭା ଆୟୋଜିତ ହୋଇଥିଲା। ଶିକ୍ଷାବିତ ବାସୁଦେବ ହରିଚନ୍ଦନଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଶୀ, ଶିକ୍ଷାବିତ ବିଜୟ ପ୍ରଧାନ, ବ୍ୟଙ୍ଗକବି କାଶୀନାଥ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଉତ୍ତରକବାଟ, ସତ୍ୟବ୍ରତ ସାହୁ, ସାରଥୀ ଜେନା, ରଶ୍ମିତା ମିଶ୍ର, ଅନାଦି ଶ୍ରୀଚନ୍ଦନ, ନଟବର ବେହେରା ଓ ସାମ୍ବାଦିକ ହେମନ୍ତ ମହାରଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୁରୀ ଜିଲାର ଜଣାଶୁଣା ଗ୍ରାମ୍ୟ ବିବାଦର ବିଚାରକ ହାଡିବନ୍ଧୁ ପାଢ଼ୀଙ୍କର ୩୦ ବର୍ଷ ଧରି ସାମାଜିକ, ଗ୍ରାମ୍ୟ ବିବାଦ, ପାରିବାରିକ ସମସ୍ୟା ସମାଧାନରେ ନିଷ୍ଠା ପାଇଁ 'ବିଚାରକ ମଉଡ଼ମଣି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଗୋପୀନାଥପୁର, କାଦୁଆ, ବଡାଲ, ଦୋଛିଆଁ ପଞ୍ଚାୟତର ୨୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବାସହ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମୀର ସାମନ୍ତରାୟ ,ସୋନାଲି ସାହୁ ,ଆନନ୍ଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଝୁନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ହାଡ଼ିବନ୍ଧୁ ପାଢ଼ୀଙ୍କୁ ସମ୍ମାନିତ କରାଯାଉଛି।

## ନିଷ୍ଠା ଓ ଏକାଗ୍ରତା ସଫଳତା ଆଣେ

ପୁରୀ ଅଫିସ, ୧୫।୧:

ପୁରୀସ୍ଥିତ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ବ୍ରହ୍ମଗିରି ଏ.ଡି. କଲେଜରେ ଜାତୀୟ ଯୁବ ସପ୍ତାହ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷ ନିହାର ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁକାନ୍ତ ମହାନ୍ତି ଯୋଗଦେଇ କହିଥିଲେ, ଯୁବ ସମାଜ ଜାଗ୍ରତ ହେଲେ ଦେଶ ଜାଗ୍ରତ ହେବ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ତଥା ଆଇନଜୀବୀ ରମାକାନ୍ତ ପାତ୍ର ଯୋଗଦେଇ ନିଜ ପ୍ରତିଭାକୁ ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିଭୂତି ଭୂଷଣ କର, ପ୍ରମୋଦ ଦଲାଇ, ବିଶ୍ୱନାଥ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ବ୍ରହ୍ମଗିରି ଏନୱାଇଭି ସଞ୍ଜୁକ୍ତା ମାଝି, ସୋମନାଥ ସାହୁ ଓ ପୁରୀ ସଦରଏନୱାଇଭି ରୋଜାଲିନ୍ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା
## ତାଲିକାରେ ନାଁ ଥାଇ ମିଳୁନି ଘର

ପୁରୀ ଅଫିସ, ୧୫।୧:

ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଅନେକ ସମୟରେ ସାଧାରଣ ମଣିଷ ତା ହକ୍‌ରୁ ବଞ୍ଚିତ ହୋଇଥାଏ। ଏହାର ତାଲିକା ବେଶ୍ ଲମ୍ବା। ଏମିତି ଚକ୍ରାନ୍ତର ଶିକାର ହୋଇଥିବା ଜଣେ ରୋଗୀ ସୋମବାର ପୁରୀ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ହୋଇଥିବା ତାଲିକାରେ ତାଙ୍କ ନାଁ ରହିଥିଲା। ଆଶା ଥିଲା ସେ ଘର ପାଇବେ। କିନ୍ତୁ ଥିଲାବାଲା ଲୋକଙ୍କୁ ଆବାସ ମିଳିଥିବାବେଳେ ସେ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି ଗୋପ ବ୍ଲକ ଛଇତନା ପଞ୍ଚାୟତ ଗଇଁଣ୍ଡଳ ଗାଁର ଫକୀର ବେହେରା (୭୭)। ଫକୀର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ରହିଥିଲା। କିନ୍ତୁ ଦାୟିତ୍ୱରେ ଥିବା ସ୍ଥାନୀୟ ଅଧିକାରୀ ଏବଂ ଜନପ୍ରତିନିଧି ଅର୍ଥ ଓ ପଦବୀ ବଳରେ ତାଙ୍କୁ ବାଦ୍ ଦେଇଛନ୍ତି। ଛଇତନା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କି ଗୋଟିଏ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଯୋଜନା ଥିବାବେଳେ ଜନପ୍ରତିନିଧିଙ୍କ ସମ୍ପର୍କୀୟମାନେ ବି ଏହା ପାଇଛନ୍ତି। ଏହି ଅନିୟମିତତାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଫକୀର ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିମୟୀ ଦାଶ କହିଛନ୍ତି, ଏ ନେଇ ମୋ' ପାଖରେ କୌଣସି ଅଭିଯୋଗ ହୋଇ ନାହିଁ। ସମ୍ପୃକ୍ତ ବ୍ୟକ୍ତି ପ୍ରକୃତରେ ଯୋଗ୍ୟ କି ନୁହଁନ୍ତି ତାହାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।

## ଜେଜେମା', ବାପା ଓ ଅଜାଆଇ ସମ୍ମିଳନୀ

ପୁରୀ ଅଫିସ,୧୫।୧ :

ମଧୁବନଶିଶୁବାଟିକାବିଭାଗସ୍ଥିତସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବୁଧବାର ଜେଜେବାପା ଓ ମା ଏବଂ ଅଜାଆଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବରିଷ୍ଠ ବୁଦ୍ଧିଜୀବୀ ଜଗନ୍ନାଥ ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ଗଠନ ହୋଇଥାଏ। ପ୍ରତ୍ୟେକ ପରିବାରରେ ଜେଜେବାପା ଓ ମା, ଅଜାଆଇ ହେଉଛନ୍ତି ପରିବାରର ମାର୍ଗଦର୍ଶକ। ଏକ ସୁସ୍ଥ, ସମୃଦ୍ଧ ପରିବାର ଗଠନ ଲାଗି ଏମାନଙ୍କ ମାର୍ଗଦର୍ଶନ ନିତାନ୍ତ ଜରୁରୀ। ପ୍ରଧାନାଚାର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମକର ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁ ଭଉଣୀଭାଇମାନେ ଚକୁଳିଆ ପଣ୍ଡା, କନ୍ୟାଭ୍ରୂଣ ହତ୍ୟା, ବିଜୁ କନ୍ୟା ଯୋଜନା ସମ୍ପର୍କରେ ଅଭିନୟ ମାଧ୍ୟମରେ ସଚେତନ କରିଥିଲେ। ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ନମିତାରାଣୀ ମିଶ୍ରଙ୍କ ସମେତ ବାଟିକାର ସମସ୍ତ ଗୁରୁଜୀ, ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁଙ୍କ ସ୍ୱଚ୍ଛତା, ଶୃଙ୍ଖଳା ଉପରେ ଗୁରୁତ୍ୱ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୧୫।୧:

ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ଆନୁକୂଲ୍ୟରେ ଆଞ୍ଚଳିକ କବ୍-ବୁଲ୍‌ବୁଲ୍ ଉତ୍ସବ ପୁରୀର ଲୋକନାଥ ରୋଡ଼ସ୍ଥିତ ସାରସ୍ୱତ ବିଦ୍ୟା ନିକେତନ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୭ତାରିଖରେ ଉଦ୍‌ଯାପନ ହେବ। ଏଥିରେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୫୦ରୁ ଊର୍ଦ୍ଧ୍ୱ କବ୍ ବୁଲ୍‌ବୁଲ (୫ରୁ ୧୦ ବର୍ଷର ଛାତ୍ରୀଛାତ୍ର)ଙ୍କ ସମେତ ୬୦ଜଣ କବ୍ ମାଷ୍ଟର, ଲିଡର ଏବଂ ଅଫିସିଆଲ୍ ଯୋଗଦେଇଛନ୍ତି। ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ଓଡ଼ିଶା ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାହସ, ସେବା ଓ ବିଶ୍ୱ ଭାତୃତ୍ୱ ଭାବ ଜାଗ୍ରତ ହିଁ ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ସମ୍ମାନିତ ଅତିଥି ଭାବେ ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ଏବଂ ମୁଖ୍ୟବକ୍ତା ଭାବେ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ ଯୋଗଦେଇ ଶିଶୁମାନଙ୍କ ସ୍ୱଚ୍ଛତା, ଅନୁଶାସନ, ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କାଉଟ୍‌ସ ଓ ଗାଇଡ୍‌ସର ପୁରୀ ଜିଲା ଉପସଭାପତି ରମେଶ ଚନ୍ଦ୍ର ବଳିୟାରସିଂ, ରମେଶ ଚନ୍ଦ୍ର ପଣ୍ଡା, ରୁପଶ୍ରୀ ଛୋଟରାୟ, ଦେବାଶିଷ ମିଶ୍ର, ମୀନାକ୍ଷୀ ମିଶ୍ର, ବିଦ୍ୟାଧର ମିଶ୍ର ଏବଂ ପୀତାମ୍ବର ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ଅଯୋଗ୍ୟଙ୍କୁ ମିଳିଛି,ଯୋଗ୍ୟ ବଞ୍ଚିତ

ଗୋପ,୧୫।୧(ଡି.ଏନ୍.ଏ.):

ଗୋପ ବ୍ଲକରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଥିବା ଜଣାପଡିଛି। ବ୍ଲକ ପ୍ରଶାସନ ତଦନ୍ତ ସମୟରେ ଅନିୟମିତତା ହୋଇଥିବା ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ବିଡିଓ ଦୀପ୍ତିରାଣୀ ଦାସ ଏହି ଅନିୟମିତତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବ୍ଲକର ଅଧିକାଂଶ ପଞ୍ଚାୟତରେ 'ଥ୍ରୀ-ମ୍ୟାନ୍' କମିଟିଙ୍କ ସୁପାରିସରେ ଏଭଳି ହୋଇଥିବା ଜଣାପଡ଼ିଛି। ଅନିୟମିତତା ସମ୍ପର୍କରେ ଜିଲାପାଳ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ପୂର୍ବେ ଆବାସ ଯୋଜନାରେ ଅନିୟମିତତା ଯୋଗୁ ଜଣେ କନିଷ୍ଠ ଯନ୍ତ୍ରୀ ବହିଷ୍କୃତ ହୋଇଥିବା ବେଳେ ଆଉ ଜଣେ ମହିଳା କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଥିଲେ। ଏ ନେଇ ଭିଜିଲାନ୍ସ ତଦନ୍ତ କରାଯାଇଥିବାବେଳେ ତାହା ଏବେ ନାଳିଫିତା ତଳେ ପଡ଼ିରହିଛି। ଗୋପ ବ୍ଲକ୍, ନାଗପୁର, ବନ୍ତଳୀଗ୍ରାମ, ସୋରଭା, ସୁତନ, ତରକୋର, ଏରବଙ୍ଗ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗ ହସ୍ତଗତ ହେବା ପରେ ବିଡିଓ ତଦନ୍ତ କରିବାକୁ ଯାଇଥିଲେ। ଅଯୋଗ୍ୟ ବ୍ୟକ୍ତି କିଭଳି ଆବାସ ଯୋଜନାରେ ଗୃହ ପାଇଥିବା ଦେଖିଥିଲେ। ଚାଳଘର ଥିବା ବହୁ ବ୍ୟକ୍ତି ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, କେତେକ ପଞ୍ଚାୟତରେ ଅନିୟମିତତା ହୋଇଥିବା ସମ୍ପର୍କରେ ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ।

## ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ବ୍ରାହ୍ମଣଙ୍କ ବିକ୍ଷୋଭ

**ମହାପ୍ରସାଦ ଧରି ଅଭିନବ ଧାରଣା**



ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବ୍ରାହ୍ମଣମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୀ ଅଫିସ,୧୫।୧:

ଶ୍ରୀମନ୍ଦିର ଆନନ୍ଦ ବଜାରରୁ ବ୍ରାହ୍ମଣଙ୍କୁ ବାହାର କରିଦିଆଯିବାକୁ ନେଇ ବ୍ରାହ୍ମଣଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ବୁଧବାର ଆନନ୍ଦ ବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟିର ଆବାହକ ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ବ୍ରାହ୍ମଣମାନେ ଉପବାସ ରହି ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ଦିରରୁ ବ୍ରାହ୍ମଣଙ୍କୁ ଯଦି ପ୍ରଶାସନ ବାହାର କରିଛି ତେବେ ଶ୍ରଦ୍ଧାଳୁମାନେ ଏଥର ମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ବ୍ରାହ୍ମଣ ଭୋଜନ ଦିଅନ୍ତୁ ବୋଲି କହି ମହାପ୍ରସାଦ ଏବଂ ୧୧ ଟଙ୍କା ଧରି ଅଭିନବ ଧାରଣା ଦେଇଥିଲେ। ଆବାହକ ରଥ କହିଛନ୍ତି, ଆନନ୍ଦ ବଜାରରେ ଯେଉଁ ବ୍ରାହ୍ମଣମାନେ ବ୍ରାହ୍ମଣ ଭୋଜନ କରନ୍ତି ସେମାନଙ୍କୁ ଗତ କିଛିଦିନ ତଳେ ମନ୍ଦିର ପ୍ରଶାସନ ପୋଲିସ ଲଗାଇ ବାହାର କରିଦେଇଛି । ମନ୍ଦିରରୁ ସେମାନଙ୍କୁ ତଡ଼ି ଏକପ୍ରକାରର ଅପମାନିତ କରାଯାଇଛି। ସନାତନ ଧର୍ମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମୂଳ ଉତ୍ସ। ଏହାପରେ ବ୍ରାହ୍ମଣ। ମନ୍ଦିରରୁ ବ୍ରାହ୍ମଣଙ୍କୁ କେବେ ଅଲଗା କରିହେବ ନାହିଁ। ଶ୍ରୀମନ୍ଦିରରେ ପ୍ରତ୍ୟହ ଶତାଧିକ ଶ୍ରାଦ୍ଧ କର୍ମ ହୁଏ। ଶହ ଶହ ଶ୍ରଦ୍ଧାଳୁ ଶ୍ରାଦ୍ଧ କର୍ମ କରିବା ସହ ବ୍ରାହ୍ମଣଙ୍କୁ ଭୋଜନ ଦେଇ ଆଶୀର୍ବାଦ ନେଇଥାନ୍ତି। କିନ୍ତୁ ଶୃଙ୍ଖଳା ଆଳରେ ଆନନ୍ଦ ବଜାରରୁ ବ୍ରାହ୍ମଣଙ୍କୁ ବାହାର କରାଯାଇ ହିନ୍ଦୁ ଧର୍ମ ପରମ୍ପରା ପ୍ରତି ଆଘାତ ଦିଆଯାଇଛି। ଫଳରେ ପ୍ରଶାସନ ବିରୋଧରେ ବ୍ରାହ୍ମଣମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଯେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କୁ ଆନନ୍ଦ ବଜାର ଭିତରକୁ ନ ନେଇଛି ସେ ପର୍ଯ୍ୟନ୍ତ ବ୍ରାହ୍ମଣମାନେ ଉପବାସ ରହି ଏଭଳି ଆନ୍ଦୋଳନ ଚଳାଇବେ ବୋଲି ରଥ କହିଛନ୍ତି।